

ଏମ୍‌ଭିଏ ଆସିଲେ ଭିକ ମାଗିବା ନିଶ୍ଚିତ | ୬

# ଓଡ଼ିଶା ଭାସ୍କର

ODISHA BHASKAR ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ତେଲୁଗୁ ଫିଲ୍ମ 'ମଟ୍‌କା'ରେ ବରୁଣଙ୍କ ସହ ସ୍କ୍ରିନ୍ ସେୟାର କରିବେ ନୋରା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୨୬ Vol. 21 No-226 15 NOVEMBER 2024 FRIDAY BHUBANESWAR ଶୁକ୍ରବାର, ୧୫ ନଭେମ୍ବର ୨୦୨୪ ପୃଷ୍ଠା: ୮ ମୂଲ୍ୟ: ୭.୦୦


Ministry of Tribal Affairs
Government of India

## ଜଲ୍-ଜଙ୍ଗଲ-ଜମିନ୍ କା ଦିୟା ନାରା
## ସଦା ରହେ ନିଜ୍ ଧାମ

# ମାତୃଭୂମି ପର୍ ସ୍ୱ-ରାଜ ହୋ,
# ବିର୍ସା କା ପୈଗାମ୍

## ବିଗତ ୧୦ବର୍ଷ ମଧ୍ୟରେ...

ଝ୪୮ ଲକ୍ଷ ଆବାସ, ୧.୫ କୋଟି ଶୌଚାଳୟ ଏବଂ ୯୧ଲକ୍ଷ ଆୟୁଷ୍ମାନ କାର୍ଡ ଦ୍ୱାରା ବନବନ୍ଧୁଙ୍କୁ ମିଳିଲା ଗରିମାପୂର୍ଣ୍ଣ ଜୀବନ

୮୦,୦୦୦ କୋଟି ଟଙ୍କାର ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ ଦ୍ୱାରା ୫ କୋଟି ଲୋକ ଉପକୃତ

ଦେଶର ୪୭୬ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ୧.୩୩ ଲକ୍ଷ ଏସ୍‌ଟି ବର୍ଗର ଛାତ୍ରଛାତ୍ରୀ କରୁଛନ୍ତି ଅଧ୍ୟୟନ

୩୯୦୦ ବନ ଧନ ବିକାଶ କେନ୍ଦ୍ରଗୁଡ଼ିକ ମାଧ୍ୟମରେ ୧୨ ଲକ୍ଷ ଲୋକ ଉଦ୍ୟମିତା ସହ ଯୋଡ଼ି ହୋଇଛନ୍ତି

୨୩ ଲକ୍ଷରୁ ଅଧିକ ଲୋକଙ୍କୁ ମିଳିଛି ଜମି ଅଧିକାର, ୨୦୧୪ରେ ୫୫ଲକ୍ଷ ଏକର ତୁଳନାରେ
୧୯୧ ଲକ୍ଷ ଏକର ଜମି ଟାଇଟଲ ବିତରଣ

ପୂର୍ବରୁ କେବଳ ୧୨ଟି ବନ୍ୟ ଉତ୍ପାଦ ଉପରେ ମିଳୁଥିଲା ଏମ୍‌ଏସ୍‌ପି, ଏବେ ୮୭ ବନ୍ୟ ଉତ୍ପାଦ ଉପରେ ମିଳୁଛି

ସିକଲସେଲ୍ ଏନିମିଆ ନିରାକରଣ ପାଇଁ ୪.୬ କୋଟି ଲୋକଙ୍କର ଯାଞ୍ଚ କରାଗଲା

ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ, ଜନଜାତି ଗୌରବ ଦିବସ ରୂପରେ ଘୋଷଣା

ଜନଜାତି ଶୌର୍ଯ୍ୟ ଓ ବୀରତାକୁ ମିଳିଲା ସମ୍ମାନ,
୧୧ ଜନଜାତି ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ନିର୍ମାଣକୁ ମଞ୍ଜୁରି




# ୧୫ ନଭେମ୍ବର ୨୦୨୪

## ଜନଜାତୀୟ ଗୌରବ ଦିବସ ଉପଲକ୍ଷେ

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ

## ଦ୍ୱାରା ୬,୬୦୦ କୋଟି ଟଙ୍କାର ଯୋଜନାର ଶୁଭାରମ୍ଭ, ଶିଳାନ୍ୟାସ ଓ ଲୋକାର୍ପଣ

**ସମୟ: ସକାଳ ୧୧.୦୦ଟା। ସ୍ଥାନ: ଜମୁଇ,ବିହାର**

## ଆଜିଠାରୁ ଆରମ୍ଭ ହେଉଛି
## ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ
## ୧୫୦ତମ ଜନ୍ମଜୟନ୍ତୀ ବର୍ଷ

#BirsaMunda150
#JanjatiyaGauravDiwas

କାର୍ଯ୍ୟକ୍ରମର ସିଧା ପ୍ରସାରଣ ଡିଡି ନ୍ୟୁଜ୍‌ରେ

@TribalAffairsIn MinistryofTribalAffairs

cbc 43101/13/0012/2425



କଟକ (ଭାସ୍କର ନ୍ୟୁଜ୍): ଜନ୍ମ ଓଡ଼ିଶାରେ ଆଉ ରହୁଛନ୍ତି ଇଟାଲିରେ। କିନ୍ତୁ ଜନ୍ମମାଟିର ମୋହ ଛାଡି ପାରିନାହାନ୍ତି। ନିଜ ସାଙ୍ଗସାଥୀ ତଥା ଯେଉଁଠାରେ ବଢିଥିଲେ ସେହି ପରିବେଶର ଆକର୍ଷଣରେ ଛୁଟି ଆସିଛନ୍ତି ସୁଦୂର ଇଟାଲିରୁ। ନାଁ ତାଙ୍କର ବର୍ଷା। ୨୦୧୨ ମସିହାରେ ଇଟାଲିର ଦମ୍ପତି ଏନରିକୋ ଭୋଲପ ଏବଂ ପାଟ୍ରିଜିଆ ଜରଜୋଟି ତାଙ୍କୁ ବସୁନ୍ଧରାରୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ବର୍ଷା ବର୍ତ୍ତମାନ ଇଟାଲିରେ ଇଟାଲି ସରକାରଙ୍କ ସମାଜସେବା ବିଭାଗରେ ପ୍ରଫେସନାଲ କାଉନସେଲର ଭାବେ କାର୍ଯ୍ୟ କରୁଛନ୍ତି। ବିଶେଷକରି ଛୋଟ ଛୋଟ ପିଲାମାନଙ୍କୁ ମୋବାଇଲ୍ ଏବଂ ଟିଭି ଭଳି ଇଲେକ୍ଟ୍ରୋନିକ ଗ୍ୟାଜେଟ କବଳରୁ ମୁକ୍ତ କରି ନିଜ ଭିତରର ଅନ୍ତର୍ନିହିତ ଗୁଣର ବିକାଶ କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି। ଓଡ଼ିଶା ଆସିବା ଅବସରରେ ସେ ଆଜି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ସାକ୍ଷାତ କରି ନିଜ ପାଠପଢ଼ା, ବୃତି ଏବଂ ଜନ୍ମଭୂମି ପ୍ରତି ତାଙ୍କର ଆକର୍ଷଣ ତଥା କର୍ତ୍ତବ୍ୟ ବିଷୟରେ ଆଲୋଚନା ସମୟରେ ବେଶ ଭାବପ୍ରବଣ ହୋଇଉଠିଥିଲେ। ଇତିମଧ୍ୟରେ ସେ କନ୍ଧମାଳ ମଧ୍ୟ ଯାଇ ବୁଲି ଆସିଛନ୍ତି। ଓଡ଼ିଶା ଆସିଥିବା ବର୍ଷା କୌଣସି ହୋଟେଲରେ ନରହି ବସୁନ୍ଧରାର ଅନ୍ତେବାସୀମାନଙ୍କ ସହ ରହିବାକୁ ଉଚିତ୍ ମଣିଛନ୍ତି।

### ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ 'ସୁରଭି'ରେ ମୁଖ୍ୟମନ୍ତ୍ରୀ

## ବିଦ୍ୟାର୍ଥୀମାନେ ନିଜ ଦକ୍ଷତାର ପରିପ୍ରକାଶ କରନ୍ତୁ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଗୁରୁବାର ୟୁନିଟ-୩ ସ୍ଥିତ କ୍ୟାପିଟାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଶେଷ ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ନୂତନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ବେଳେ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ମଧ୍ୟ କରିଛନ୍ତି। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ସମୁଦାୟ ୬,୭୯୪ଟି ବିଦ୍ୟାଳୟ ନିର୍ମାଣ କରାଯିବ। ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ଏହି ବିଦ୍ୟାଳୟ ଗୁଡିକରେ ମଧ୍ୟ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ। ଏଥିରେ ବିଶେଷ କରି ପିଲାମାନଙ୍କର ଭାଷା ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱ ଆରୋପ କରାଯିବ। ଏହାଦ୍ୱାରା ପିଲାମାନେ ଉଚ୍ଚତର ଶ୍ରେଣୀରେ ସହଜରେ ଶିକ୍ଷା ଗ୍ରହଣ କରିପାରିବେ। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ କରିବା ଦିଗରେ ପଦକ୍ଷେପ ନିଆଯିବ। ଏହି ଯୋଜନାରେ ନୂଆ କ୍ଲାସ ରୁମ୍, ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଟଏଲେଟର



ବ୍ୟବସ୍ଥା, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳ ପଡିଆ, ଡାଇନିଙ୍ଗ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ରାଜ୍ୟର ୩୧୪ଟି ଓଡିଶା ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ୧୭୩ଟି ଆଦର୍ଶ ବିଦ୍ୟାଳୟରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଯୋଜନା ଅଧୀନରେ ବାଳିକା ହଷ୍ଟେଲ ନିମନ୍ତେ କେନ୍ଦ୍ର ସରକାରଙ୍କ ଠାରୁ ଅନୁମୋଦନ ମିଳିସାରିଛି। ଯେଉଁଥିରେ ସମସ୍ତ ଛାତ୍ରୀଙ୍କ ନିମନ୍ତେ ମାଗଣା ରହିବା ଏବଂ ଖାଇବାର ବ୍ୟବସ୍ଥା ରହିଛି। ବାକି ୧୪୧ଟି ବାଳିକା ହଷ୍ଟେଲ ଏବଂ ୩୧୪ଟି ବାଳକ ହଷ୍ଟେଲ କାର୍ଯ୍ୟକ୍ଷମ କରିବା ନିମନ୍ତେ ସରକାରଙ୍କ ତରଫରୁ ସମସ୍ତ ପଦକ୍ଷେପ ନିଆଯାଉଛି। ମୋଟ ୪୫୫ଟି ହଷ୍ଟେଲରେ ଅନ୍ତେବାସୀ ମାନଙ୍କଠାରୁ ମାସିକ ୨୦୦୦ ଟଙ୍କା ଲେଖାଏଁ ଖାଇବା ଖର୍ଚ୍ଚ ଆଦାୟ ନିମନ୍ତେ ପୂର୍ବରୁ ମାର୍ଗଦର୍ଶିକା ଜାରି ହୋଇଥିଲା। କିନ୍ତୁ ଅଭିଭାବକମାନଙ୍କର ଅନୁରୋଧ ରକ୍ଷାକରି ମାସିକ ଖର୍ଚ୍ଚ ସରକାର ବହନ କରିବେ ବୋଲି ନିଷ୍ପତ୍ତି ନିଆଗଲା। ଏଥିପାଇଁ ଛାତ୍ରଛାତ୍ରୀମାନଙ୍କୁ କୌଣସି ଖର୍ଚ୍ଚ ଦେବାପାଇଁ ପଡ଼ିବନାହିଁ। ଏହା ଅଧୀନରେ ସମସ୍ତ ଅନ୍ତେବାସୀ ସମ୍ପୂର୍ଣ୍ଣ ମାଗଣାରେ ହଷ୍ଟେଲ ସୁବିଧା ପାଇବେ। ସମସ୍ତ ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ମୂଳଖର୍ଚ୍ଚ ୬୩.୭୦ କୋଟିକୁ ବାଦ୍ ଦେଇ ସରକାର ବାର୍ଷିକ ୧୮୭.୧୫ କୋଟି ଟଙ୍କା ବହନ କରିବେ। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଦ୍ୟାର୍ଥୀଙ୍କ ଭିତରେ ଅପାର ସମ୍ଭାବନା ଏବଂ ପ୍ରତିଭା ରହିଛି। ସେମାନେ ନିଜ ଭିତର ଲୁକ୍କାୟିତ ଗୁଣାବଳୀ ଏବଂ ଦକ୍ଷତାକୁ ଚିହ୍ନଟ କରନ୍ତୁ। ନୂଆ ନୂଆ ଚିନ୍ତା କରିବା ସହିତ ବଡ଼ ସ୍ୱପ୍ନ ଦେଖିବା ପାଇଁ କେବେ ବି ଦ୍ୱିଧା ପ୍ରକାଶ କରନ୍ତୁ ନାହିଁ। କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ସେମାନେ ପ୍ରତ୍ୟେକ ଲକ୍ଷ୍ୟକୁ ହାସଲ କରିପାରିବେ ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶ ନିର୍ମାଣରେ ବିଦ୍ୟାର୍ଥୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ କହିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ରାଜ୍ୟରେ ବିଦ୍ୟାଳୟ ଶିକ୍ଷାର ବିକାଶ ହେଉଛି। ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ଏହାକୁ ଉପଯୋଗ କରି ପିଲାମାନେ ନିଜର ଭବିଷ୍ୟତ ଗଢନ୍ତୁ। ସେ କହିଥିଲେ ଯେ, ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେବଳ ସରକାର ଉଦ୍ୟମ କଲେ ହେବ ନାହିଁ, ଏଥିରେ ସମସ୍ତଙ୍କର ଯୋଗଦାନ କରିବାର ଆବଶ୍ୟକତା ରହିଛି। ସେ କହିଥିଲେ ଯେ, ସଂଘର୍ଷ ମାଧ୍ୟମରେ ଯେଉଁ ସଫଳତା ଆସେ, ତାହା ଆନନ୍ଦଦାୟକ ଓ ଚିରସ୍ଥାୟୀ। ତେଣୁ ପିଲାମାନେ ସଂଘର୍ଷ କରିବା ପାଇଁ ଆଗ୍ରହୀ ହେବା ଉଚିତ୍ ବୋଲି ସେ କହିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ତୃଣମୂଳ ସ୍ତରରେ ପିଲାମାନଙ୍କ ସୃଜନଶୀଳ ପ୍ରତିଭାର ଯେତେ ଉନ୍ନତି ହେବ, ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଲାଭ କରିବା ସେତେ ସହଜ ହେବ। ସୁରଭି କାର୍ଯ୍ୟକ୍ରମରେ ପିଲାମାନଙ୍କର ଯେଉଁ ପ୍ରତିଭା ଦେଖିବାକୁ ମିଳୁଛି, ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ସେ କହିଥିଲେ। ଏକାମ୍ର ବିଧାୟକ ବାବୁ ସିଂହ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଆଜି ଏଠାରେ ଉପସ୍ଥିତ ରହି, ୨୦୩୬ ପାଇଁ ବିକଶିତ ଓଡିଶା ଗଠନର ଯେଉଁ ଲକ୍ଷ୍ୟ ରହିଛି, ତା'ର ଚାରା ରୋପଣ କରୁଛନ୍ତି। ଆଜିର ପିଲାମାନେ ସମୃଦ୍ଧ ଓଡିଶାର ନେତୃତ୍ୱ ନେବେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଶାଲିନୀ ପଣ୍ଡିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

## ଚୌଦ୍ୱାର 'ପରିବର୍ତ୍ତନ କିଶୋର ନିଶାମୁକ୍ତି କେନ୍ଦ୍ର'ରେ ଶିଶୁ ଦିବସ

କଟକ (ଭାସ୍କର ନ୍ୟୁଜ୍): ଆଜି ଓଡିଶାର ସର୍ବପ୍ରଥମ ନାବାଳକ ନିଶା ସେବନକାରୀଙ୍କ ପାଇଁ ଉଦ୍ଦିଷ୍ଟ କଟକ ଜିଲ୍ଲା ଚୌଦ୍ୱାର ର ନିଶାମୁକ୍ତି ଓ ଥଇଥାନ ଅନୁଷ୍ଠାନ 'ପରିବର୍ତ୍ତନ କେନ୍ଦ୍ର'ରେ ଅନ୍ତେବାସୀ ମାନଙ୍କ ଗ୍ରହଣରେ ଶିଶୁ ଦିବସ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚୌଦ୍ୱାର ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ଡା. ଶକ୍ତିପ୍ରସାଦ ମହାନ୍ତି, ଚୌଦ୍ୱାର ସରସ୍ୱତୀ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ତଥା ପ୍ରବଚକ ବାଣୀ ଭୂଷଣ ମହାନ୍ତି ଓ ଉଦ୍ଧାର ଫାଉଣ୍ଡେସନ ସଙ୍ଗଠନର ଅଧକ୍ଷା ଭାରତୀ ଦାସ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଶିଶୁ ଦିବସ ଉପଲକ୍ଷେ କେନ୍ଦ୍ର ମଧ୍ୟରେ ଥିବା ଅନ୍ତେବାସୀଙ୍କୁ ଶିଶୁ ଦିବସ ପାଳନର ତାତ୍ପର୍ଯ୍ୟ ସେ ବିଷୟରେ ଉପସ୍ଥିତ ଥିବା ଅତିଥିମାନେ ଆଲୋଚନା କରିଥିଲେ। ପୂର୍ବତନ



ରାଷ୍ଟ୍ରପତି ସ୍ୱର୍ଗତ ଜବାହରଲାଲ ନେହେରୁଙ୍କ ଶିଶୁ ମାନଙ୍କ ପ୍ରତି ମମତା ଓ ଡ୍ରେସରେ ଗୋଲାପ ଫୁଲ ଲଗାଇବାର କାରଣ ସେ ବିଷୟରେ ବୁଝାଇଥିଲେ। ଶିଶୁ ଦିବସ ଉପଲକ୍ଷେ କେନ୍ଦ୍ର ମଧ୍ୟରେ ଥିବା ଅନ୍ତେବାସୀ ମାନେ ନୃତ୍ୟ, ସଂଗୀତ, ବକ୍ତୃତା ପତିଯୋଗିତା କରାଯାଇଥିଲା। ସମସ୍ତେ ପିଲାମାନଙ୍କୁ ସମ୍ବର୍ଦ୍ଧନା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶିଶୁମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରଯାଇଥିଲା। ଏହି କାର୍ଯ୍ୟକ୍ରମ କେନ୍ଦ୍ର କର୍ମଚାରୀ ପ୍ରିୟଙ୍କା ଦାସ, ବଦ୍ରିନାରାୟଣ ଅଧିକାରୀ, ସୁବ୍ରତ ଖଟୁଆ ଓ ଉଦ୍ଧାର ଫାଉଣ୍ଡେସନ ସଙ୍ଗଠନର ସମ୍ପାଦକ ଶିବାନନ୍ଦ ବାରିକ, ଉପସଭାପତି ଦିଲୀପ ସାହୁ, କାହ୍ନୁ ସେଠୀ, ସହ ସମ୍ପାଦକ ସରୋଜ ସାହୁ, କୋଷାଧ୍ୟକ୍ଷ କେଦାର ନାଥ ବେହେରା ଓ ସାନ ସୁବୁଦ୍ଧି ରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜଧାନୀରେ କଡ଼ା ହେଲା ରାତି ପାଟ୍ରୋଲିଂ

## ଗଳିକନ୍ଦିରେ ବୁଲିଲା କମିସନରେଟ୍ ପୋଲିସ୍

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କଟକ ଭୁବନେଶ୍ୱର ଦ୍ୱୈତ୍ୟ ନଗରୀରେ କନଭେ ପେଟ୍ରୋଲିଂ। ଅପରାଧୀଙ୍କୁ ସାବାଡ଼ ପାଇଁ ପ୍ରୟାସ ଛକ ବଜାର, ଗଳି କନ୍ଦି, ବସ୍ତି ସବୁଠି ସାଇରନ ବଜାଇ ବୁଲିଲା କମିସନରେଟ ପୋଲିସ। ଅପରାଧୀଙ୍କୁ ଚେକ୍ ଓ ମନରେ ଭୟ ସଞ୍ଚାର ପାଇଁ ନୂତନ ପ୍ରୟାସ। ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଡ଼ିଜି ଆଇଜି ସମ୍ମିଳନୀ ପୂର୍ବରୁ କମିଶନରେଟ ପୋଲିସକୁ ଅପରାଧୀ ଚିନ୍ତା ଘାରିଛି। ଏହି ସମୟରେ ଟ୍ୱିନ୍‌ସିଟିରେ ଯେଭଳି ଅପରାଧୀମାନେ ଆକ୍ଟିଭ ନହେବେ ସେଥିପାଇଁ ଆରମ୍ଭ ହୋଇଛି କନଭେ ପେଟ୍ରୋଲିଂ କରିଛି ପୋଲିସ। ପୋଲିସ କମିଶନର ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପିନାକ ମିଶ୍ରଙ୍କ ସହ ସବୁ ଥାନାର ଏସିପି ଓ ଆଇଆଇସିଙ୍କ ନେଇ ଏହି ପେଟ୍ରୋଲିଂ କରାଯାଇଛି। ଅପରାଧୀଙ୍କୁ ଚେକ୍ ଦେବା ଓ ସେମାନଙ୍କ ମନରେ ଭୟ ସଞ୍ଚାର ପାଇଁ ପ୍ରୟାସ ଆରମ୍ଭ କରିଛି ପୋଲିସ। ଏଜି ଛକଠାରୁ ଏହି ପେଟ୍ରୋଲିଂ ବାହାରି ଥିବାବେଳେ ସହର ସାରା ସାଇରନ୍ ଦେଇ ବୁଲୁଥିଲା ପୋଲିସ। ସାଧାରଣ ଲୋକଙ୍କ ବିଶ୍ୱାସ ଭାଜନ ପାଇଁ କମିସନରେଟ ପୋଲିସର ଏଭଳି ପ୍ରୟାସ ଆରମ୍ଭ କରିଛି। କେବଳ ପେଟ୍ରୋଲିଂ ନୁହେଁ ଭୁବନେଶ୍ୱର ୧୦ଟି ସ୍ଥାନ ଓ କଟକର ୧୯ଟି ସ୍ଥାନରେ ନାକା କରାଯାଇଥିଲା। ରାତିରେ ବୁଲୁଥିବା ଗାଡିଗୁଡିକୁ ଚେକିଂ କରିବା ସହ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିଥିଲା।

### ଧବଳେଶ୍ୱରଙ୍କ ପୀଠରେ ବଡଓଷା

## ଭକ୍ତଙ୍କୁ ହରିହର ବେଶରେ ଦର୍ଶନ ଦେଲେ ବାବା

କଟକ (ଭାସ୍କର ନ୍ୟୁଜ୍): ପଞ୍ଚକର ଚତୁର୍ଥ ଦିବସ ତଥା ବଡ଼ଓଷାରେ ଗୁରୁବାର କଟକ ଜିଲ୍ଲାର ଆଠଗଡ଼ ସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଭକ୍ତଙ୍କୁ ହରିହର ବେଶରେ ଦର୍ଶନ ଦେଇଛନ୍ତି ବାବା ଧବଳେଶ୍ୱର। ଶ୍ରଦ୍ଧାଳୁ ମାନେ ଧାଡିରେ ବ୍ୟାରିକେଡ୍‌ରେ ଆସି ବାବାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଏହି ପବିତ୍ର ଦିବସରେ ଦେବ ଦେବ ମହାଦେବଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହ ମାନସିକ ଶାନ୍ତି ମିଳିଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି। ଆଜି ବ୍ରହ୍ମମୂହୁର୍ତ୍ତ ରାତ୍ର ୩ଟାରୁ ମନ୍ଦିରର ପହଡ ଓ ଦ୍ୱାରଫିଟା ନୀତି ଆରମ୍ଭ ହୋଇଥିଲା। ଏହାପରେ ମଙ୍ଗଳଆଳତୀ ଅନୁଷ୍ଠିତ ହୋଇଥିଲା। ମଙ୍ଗଳଆଳତୀ ପରେ ମଧୁରେ ବାବାଙ୍କ ସ୍ନାନ କରାଯାଇଥିଲା। ସ୍ନାନ ପରେ ଫୁଲ ଓ ଚନ୍ଦନରେ ବାବାଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଏହାପରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଦର୍ଶନ ଆରମ୍ଭ ହୋଇଥିଲା। ପରେ ବାବାଙ୍କୁ ମଙ୍ଗଳଆଳତୀ ଭୋଗ ଖେଚୁଡ଼ି ଭୋଗ, ବାଲଭୋଗ ଲାଗି ହୋଇଥିଲା। ମଧ୍ୟାହ୍ନରେ ବାବାଙ୍କୁ ଅନ୍ନ, ଡାଲମା, କ୍ଷିରୀ, ଖେଚୁଡ଼ି ଭୋଗ ଲାଗି ହୋଇଛି। ସେହିପରି ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ଅନୁଷ୍ଠିତ ହୋଇଛି ଏବଂ ରାତିରେ ବାବାଙ୍କ ଶୟନ ପୂର୍ବରୁ ଦହି ପଖାଳ ବାଟୁଳା ଭୋଗ ଲାଗି ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ଓଡ୍ରାଫ୍, ଅଗ୍ନିଶମ ବିଭାଗର କର୍ମଚାରୀ ମଧ୍ୟ ନିୟୋଜିତ ହୋଇଛନ୍ତି। ଗତକାଲି ବଡସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ବାବା ଧବଳେଶ୍ୱର। ଗତକାଲି ମଧ୍ୟରାତ୍ରରେ ତ୍ରୟୋଦଶୀ ଏବଂ ଚତୁର୍ଦ୍ଦଶୀର ସନ୍ଧିକ୍ଷଣରେ ହରିହର ଭେଟ ଅନୁଷ୍ଠିତ ହେବା ସହ ପରମ୍ପରା ମୁତାବକ ବାବାଙ୍କ ନିକଟରେ ଗଜଭୋଗ ଓ ତରଣ ଲାଗି ହୋଇଥିଲା। ଚାଉଳ ଚୁନା, ଗୁଡ଼, ମୁଗ, ନଡ଼ିଆ କୋରା, ଛେନାରେ ଏହି ଗଜମଣ୍ଡା ପ୍ରସ୍ତୁତ ହୋଇଥାଏ।

### ଘୋଷଣା ହେଲା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

## ୩ ପ୍ରତିଭାଙ୍କୁ ମୋହନ ସ୍ୱାମୀ ଗୋସ୍ୱାମୀ ପୁରସ୍କାର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଗୁରୁବାର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରିଛନ୍ତି ଉଚ୍ଚଶିକ୍ଷା, ଯୁବ ଓ କ୍ରୀଡ଼ା ବ୍ୟାପାର ଏବଂ ଓଡ଼ିଆ ଭାଷା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ୨୦୨୦ ମସିହା ପାଇଁ ବିଶିଷ୍ଟ ଲେଖକ ତଥା ନାଟ୍ୟକାର ଅନନ୍ତ ମହାପାତ୍ର ଜୀବନବ୍ୟାପୀ ସାଧନା ପାଇଁ ପାଇବେ ମୋହନସ୍ୱାମୀ ଗୋସ୍ୱାମୀ ପୁରସ୍କାର। ସେହିପରି ୨୦୨୧ ପାଇଁ ବିଶିଷ୍ଟ ଚିତ୍ର ଉତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ରଙ୍କୁ ମୋହନସ୍ୱାମୀ ଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯିବାକୁ ଥିବାବେଳେ ୨୦୨୨ ପାଇଁ ବିଶିଷ୍ଟ ହାସ୍ୟ ଅଭିନେତା ଜୟରାମ ସାମଲଙ୍କୁ ମୋହନସ୍ୱାମୀ ଗୋସ୍ୱାମୀ ପୁରସ୍କାର ପ୍ରଦାନ କରାଯିବ। ଅନ୍ୟପକ୍ଷରେ ୨୦୨୦ ମସିହା ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ବିଶ୍ୱନାଥ ପଟ୍ଟନାୟକଙ୍କ ଫିଲ୍ମ ସହିଦ୍ ରଘୁ ସର୍ଦ୍ଦାରକୁ ମନୋନିତ କରାଯାଇଛି। ସେହିପରି ୨୦୨୧ ଅନୁପମ ପଟ୍ଟନାୟକଙ୍କ 'ପ୍ରତୀକ୍ଷା' ଏବଂ ଅତୀଶ କୁମାର ରାଉତଙ୍କ 'ଡାଲ୍‌ଚିନି'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମନୋନିତ କରାଯାଇଛି। ଅନୁରୂପ ଭାବେ ୨୦୨୨ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ଦମନ' ମନୋନିତ ହୋଇଛି।

## ଧାନ ସଂଗ୍ରହକୁ ଉତ୍ସବ ଆକାରରେ ପାଳନ କରିବେ ରାଜ୍ୟ ସରକାର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଧାନ ସଂଗ୍ରହକୁ ଉତ୍ସବ ଆକାରରେ ପାଳନ କରିବେ ରାଜ୍ୟ ସରକାର । ପ୍ରତି ଜିଲ୍ଲାରେ ଚାଷୀ ସମାବେଶ କରାଯିବ। ଆସନ୍ତା ୮ ତାରିଖରେ ବରଗଡ଼ ସୋହେଲାରୁ ଚାଷୀ ସମାବେଶ ଜରିଆରେ ଏହି ଉତ୍ସବ ଆରମ୍ଭ କରାଯିବ । ପରବର୍ତ୍ତୀ ସମୟରେ ରାଜ୍ୟର ପ୍ରତି ଜିଲ୍ଲାରେ ଚାଷୀ ସମାବେଶ ଜରିଆରେ ଉତ୍ସବ ପାଳନ ହେବ। ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀ ଓ ଅଧିକାରୀ ଏହି ସମାବେଶରେ ଯୋଗ ଦେବେ। ଚଳିତ ବର୍ଷ ୧୭ ଲକ୍ଷରୁ ଅଧିକ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକୃତ କରିଛନ୍ତି। ବରଗଡ଼ ଜିଲ୍ଲାରୁ ୨୦ ତାରିଖରୁ ଧାନ କିଣା ଆରମ୍ଭ ହେବ। ୮ ଡିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବରଗଡ଼ର ସୋହେଲା ବଡ଼ ଚାଷୀ ସମାବେଶ କରାଯିବ। ୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏକଜୁଟ ହେବେ। ୮ ତାରିଖରୁ ଇନପୁଟ ସବସିଡ଼ି ମିଳିବା କାର୍ଯ୍ୟକ୍ରମ ସେହି ସୋହେଲାରୁ ଆରମ୍ଭ ହେବ। ୪୮ ଘଣ୍ଟାରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ। ଚାଷୀମାନେ ଦ୍ୱନ୍ଦ୍ୱରେ ନ ରୁହନ୍ତୁ ଆମ ସ୍ପଷ୍ଟ କରି ଦେଉଛୁ ଯେଉଁମାନେ ୨୦ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଧାନ ଦେଇଥିବେ ସେମାନେ ୮ ତାରିଖରେ ୮୦୦ ଟଙ୍କା ଲେଖାଏଁ ଇନପୁଟ ସବସିଡ୍ ପାଇବେ। ଅଳ୍ପ ଦିନ ଚାଷୀମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ୧୫ ତାରିଖରୁ ପର୍ଯ୍ୟାୟ କ୍ରମେ ମିଳିବାକୁ ଥିବା ଟୋକେନର ଅବଧି ଗୋଟେ ମାସ ରହିବ। ଜିଲ୍ଲାପାଳ ମାନଙ୍କୁ ପାୱାର ଦିଆଯାଇଛି ସେମାନେ ଆଉ ୭ ଦିନ ବଢ଼େଇ ପାରିବେ। କଟନୀ ଛଟନି ସମ୍ପୂର୍ଣ୍ଣ ବନ୍ଦ ହେବ। ସୀମାବର୍ତ୍ତୀ ଜିଲ୍ଲା ଗୁଡିକରେ ଚେକିଂ କଡାକଡ଼ି କରାଯିବ। ସିସିଟିଭି ଲଗାଯିବ ସହ ପେଟ୍ରୋଲିଂ କରାଯିବ। ବାହାର ଗାଡି ଯେମିତି ପ୍ରବେଶ କରିବ ନାହିଁ ସବୁ ଗାଡ଼ି ଚେକିଂ କରାଯିବ। ପୂର୍ବରୁ ସେହି ସୋହେଲାରେ ବିଜେଡି ସରକାର ୧୦୦ ଟଙ୍କା ବୋନସ୍ ଦେବାକୁ କହି ଦେଲେନାହିଁ। କିନ୍ତୁ ଆମ ସରକାର ୮୦୦ ଟଙ୍କା ଅଧିକ ଦେବାକୁ ଯାଉଛନ୍ତି। ଏହା ହେଉଛି ବିଜେଡି ଆଉ ବିଜେପି ସରକାର ମଧ୍ୟରେ ଫରକ। ଏହି ୮୦୦ ଟଙ୍କା ଦ୍ୱାରା ଚାଷୀ ପରିବାରର ଅର୍ଥନୀତି ବଢିବ। ଗୋଟେ ଏକର ପିଛା ହାରାହାରି ୧୦ ହଜାର ଟଙ୍କା ଅଧିକ ପାଇବେ।

## ବୀଣାଭାରତୀ ବିଦ୍ୟାମନ୍ଦିରରେ ବାର୍ଷିକ ବିଜ୍ଞାନ ମେଳା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଉପକଣ୍ଠସ୍ଥ ଭରତପୁର ଥାନା ଅନ୍ତର୍ଗତ ଦୁର୍ଗାମାଧବ ନଗର (ଶ୍ୟାମପୁର ମୌଜା) ଭରତପୁରସ୍ଥିତ ବୀଣାଭାରତୀ ବିଦ୍ୟାମନ୍ଦିରର ବାର୍ଷିକ ବିଜ୍ଞାନ ମେଳା ଶନିବାର




ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦ୍‌ଘାଟନୀ ଉତ୍ସବରେ ସଭାପତି ଇଂ ସୁବାସ ଚନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗ ଦେଇ ତାଙ୍କର ସାରଗର୍ଭକ ଅଭିଭାଷଣରେ ଆଜିର ଜୀବନରେ ବଞ୍ଚିବା ପାଇଁ ବିଜ୍ଞାନ ଆବଶ୍ୟକତା ସମ୍ପର୍କରେ ବିଷଦ ଭାବେ ଆଲୋଚନା କରି ବିଦ୍ୟାମନ୍ଦିରର କୁନି କୁନି ବୈଜ୍ଞାନିକ ତଥା ଗୁରୁମାଗୁରୁଜୀମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ଭୁବନେଶ୍ୱର ଶାଖା ପରିଚାଳକ ଶ୍ରୀ ଶ୍ରୀ ବିଶ୍ୱେଶ ଚୈତନ୍ୟ ଯୋଗଦେଇ ବିଜ୍ଞାନ ପ୍ରାଚ୍ୟ ସଂସ୍କୃତିରୁ ସୃଷ୍ଟି ଯାହାର ପ୍ରମାଣ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ କଟାମୁଣ୍ଡ ରୋପଣ ଯାହା ଆଜିର ପ୍ଲାଷ୍ଟିକ ସର୍ଜରୀ ବୋଲି ତାଙ୍କ ସାରଗର୍ଭକ ଅଭିଭାଷଣରେ ଅଭିବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ତଥା ବିଚାରକ ଭାବେ ୟୁନିଟ୍-୮ ସରକାରୀ ବାଳକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନରେଶକାନ୍ତି ଦାସ ଏବଂ ଟାଇମ୍ ଗୁରୁକୁଳର ବିଜ୍ଞାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମୁଦୁଲି ଯୋଗ ଦେଇ ବିଜ୍ଞାନ ମେଳାରେ ପ୍ରଦର୍ଶିତ ୧୮୪ଟି ପ୍ରକଳ୍ପ ବୁଲି ମୂଲ୍ୟାଙ୍କନ କରିଥିଲେ। ଏହି ବିଜ୍ଞାନ ପ୍ରକଳ୍ପଗୁଡିକ ବିଦ୍ୟାମନ୍ଦିରର ବିଜ୍ଞାନ ଶିକ୍ଷକ ମିଥୁନ ଦାସ, ଯଦୁନାଥ ବଳିୟାରସିଂହ, ଆଲୋକ କୁମାର ଦାଶ, ଧନେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ମେଳାର ଉଦ୍‌ଯାପନ ଉତ୍ସବରେ ବିଦ୍ୟାଳୟର ଉପସଭାପତି ସ୍ୱରୂପଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ଇସ୍ରୋର ଅବସରପ୍ରାପ୍ତ ମହାକାଶ ବିଜ୍ଞାନୀ ତଥା ସାହିତ୍ୟିକ ଡଃ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କୁନିକୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ମହାକାଶ ସଂସ୍ଥା ଇସ୍ରୋର ଇତିହାସ, ତାଙ୍କର ସୁନ୍ଦର ଅଭିଜ୍ଞତା ଏବଂ ବାଲ୍ୟକାଳର ସଂଘର୍ଷମୟ କାହାଣୀ ବର୍ଣ୍ଣନା କରିଥିଲେ। ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ହରିବନ୍ଧୁ ସାମନ୍ତରାୟ ସମସ୍ତ କାର୍ଯ୍ୟ ତଦାରଖ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ହରିଶ୍ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଆଚାର୍ଯ୍ୟା ଦୀପ୍ତିମୟୀ ହରିଚନ୍ଦନ ଧନ୍ୟବାଦ ଅର୍ପଣ ଏବଂ ପ୍ରତଃ ଅଧିବେଶନର ମୁଖ୍ୟ ବିଜୟଲକ୍ଷ୍ମୀ ମଙ୍ଗରାଜଙ୍କ ଶାନ୍ତିପାଠ ପରେ ସଭାସାଙ୍ଗ ହୋଇଥିଲା।

## ସୁନା ଚେନ୍ ଲୁଟେରାଙ୍କ ପାଇଁ ଚାଲିଗଲା ଜୀବନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ସୁନା ଚେନ ଲୁଟେରାଙ୍କ ପାଇଁ ଚାଲିଗଲା ଜୀବନ। ଗତ ସୋମବାର ଭୁବନେଶ୍ୱରରୁ ହରିରାଜପୁର ସୋମନାଥ ମନ୍ଦିର ଦର୍ଶନ ପାଇଁ ଯାଉଥିଲେ ଦମ୍ପତି। ହଠାତ କଳା ପଲସର ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଆସି ସୁନା ଚେନ ଝାମ୍ପି ନେବା ପାଇଁ ଉଦ୍ୟମ କରିଥିଲେ। ମୋଟା ଚେନ୍ କାରଣରୁ ଚେନ୍ ନେଇପାରିନଥିଲେ ଲୁଟେରା। ସ୍ୱାମୀ ବାଇକ ଚଲାଉଥିବା ବେଳେ ସ୍ତ୍ରୀ ପଛରେ ବସିଥିଲେ। ଲୁଟ୍ ନକରିପାରି ପୁନର୍ବାର ଲୁଟ୍ ପାଇଁ ଗୋଡ଼ାଇ ଆକ୍ରମଣ କରିଥିଲେ। ଲୁଟ୍‌ରୁ ସୁନା ଚେନ୍ ସିନା ବଞ୍ଚିଗଲା ହେଲେ ଆକ୍ରମଣ ପରେ ମୁଣ୍ଡରେ ଆଘାତ ପାଇଥିଲେ ସ୍ତ୍ରୀ ବିଷ୍ଣୁ। ୩ଦିନ ଧରି ଜୀବନ ସହିତ ସଂଗ୍ରାମ ପରେ ଆଜି ତାଙ୍କର ମୃତ୍ୟୁ ହୋଇଛି।

## ଜନଜାତୀୟ ଗୌରବ ଦିବସ ପାଇଁ ଭବ୍ୟ ଆୟୋଜନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆୟୋଜିତ ହେବାକୁ ଯାଉଛି ରାଜ୍ୟସ୍ତରୀୟ ଜନ ଜାତୀୟ ଗୌରବ ଦିବସ। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଭାସୀ ମାଧ୍ୟମରେ ଯୋଗ ଦେଇ ସଭାକୁ ସମ୍ବୋଧିତ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଏହି ରାଜ୍ୟସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ସମାରୋହ ପାଳନ କରାଯିବ। କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଭେଙ୍କଟେଶ ଯୋଶୀ, କେନ୍ଦ୍ର ଶକ୍ତି, ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାଏକ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଉପସ୍ଥିତ ରହିବେ। ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହେବ। ଏଥିସହିତ ରାଜ୍ୟର ୨୭ଟି ଜିଲ୍ଲାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଳନ ଅବସରରେ ମନ୍ତ୍ରୀଗଣ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିବୃନ୍ଦ ଯୋଗ ଦେବେ। ସୁନ୍ଦରଗଡ ଜିଲ୍ଲାରେ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେବାକୁ କାର୍ଯ୍ୟକ୍ରମ ଥିବା ବେଳେ କଳାହାଣ୍ଡିରେ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ଢେଙ୍କାନାଳରେ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, କଟକରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମାଲକାନାଗିରିରେ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ଗଞ୍ଜାମରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମୟୂରଭଞ୍ଜରେ ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, କଳାହାଣ୍ଡିରେ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଯାଜପୁରରେ ମନ୍ତ୍ରୀ ପ୍ରଦିପ ବଳସାମନ୍ତ, ବାଲେଶ୍ୱରରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ସ୍ଥାନୀୟ ସାଂସଦ ଓ ବିଧାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ଭରତପୁର ଥାନାରେ ପୋଲିସ ଆର୍ମି ବିବାଦ ମାମଲା

## କମିଶନଙ୍କ ଶୁଣାଣି ଆରମ୍ଭ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭରତପୁର ଥାନାରେ ପୋଲିସ ଆର୍ମି ବିବାଦ ମାମଲା। ଆଜିଠୁ ନ୍ୟାୟିକ କମିସନଙ୍କ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଛି। ୧୯ ତାରିଖରେ ଭରତପୁର ଥାନା ଏବଂ ପଥରଗାଡ଼ିଆ ଛକ ଅନୁଧ୍ୟାନ କରିବେ ତଦନ୍ତ କମିସନ। ସେପଟେ ପୀଡିତାର ବାପା କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟା ଶିଥିଳ ପଡିଯାଇଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଏସଓପିରୁ ସ୍ପଷ୍ଟ ହୋଇଛି ଯେ, ପୋଲିସ ଏସଓପି ମାନିନାହିଁ। ସେଥିପାଇଁ ପୋଲିସ ବିରୋଧରେ ଡିଜିପି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଆଜି କମିସନଙ୍କ ପକ୍ଷରୁ ୧୬ଜଣଙ୍କୁ ହାଜର ପାଇଁ ନୋଟିସ ହୋଇଥିଲା। ଅଭିଯୋଗ ଏବଂ ପ୍ରତିଅଭିଯୋଗର ସତ୍ୟପାଠ ଆଦାନ ପ୍ରଦାନ ହେବା ସହ ଆସନ୍ତା ୩୦ତାରିଖରେ ସତ୍ୟପାଠର ଜବାବ ରଖିବା ପାଇଁ ଧାର୍ଯ୍ୟ କରାଯାଇଛି।

## ପୂର୍ବ ସରକାର ସମୟରେ ହୋଇଥିବା ସମବାୟ ଦୁର୍ନୀତିର ହେବ ତଦନ୍ତ: ସମବାୟ ମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ସମବାୟ ବିଭାଗରେ ପୂର୍ବ ସରକାର ସମୟରେ ହୋଇଥିବା ଦୁର୍ନୀତିର ହେବ ତଦନ୍ତ। ପ୍ରମାଣ ହେଲେ, ଦୋଷୀକୁ ଦଣ୍ଡ ଦିଆଯିବ। ସମବାୟ ବିଭାଗର ରିଫର୍ମ କରାଯାଉଛି। ଯେଉଁମାନେ ଦୁର୍ନୀତି କରିଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ। ଦୋଷୀ ଧରା ହେଲେ ତାଙ୍କୁ ଦଣ୍ଡ ଦିଆଯିବ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ବିଜେଡ଼ି ଶାସନରେ ଦୁର୍ନୀତିର ଗନ୍ତାଘର ସାଜିଥିଲା ସମବାୟ ବିଭାଗ। ବିଜେଡ଼ି ଅମଳରେ ସମବାୟ ସଂସ୍ଥାକୁ ରୁଗଣ କରି ଦିଆଯାଇଥିଲା। ସାମୁହିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ସମବାୟ ସଂସ୍ଥାର ଅପବ୍ୟବହାର କରି ଅଜସ୍ର ଟଙ୍କା ଚଳୁ କରିଛନ୍ତି ତତ୍କାଳୀନ ବିଜେଡ଼ି ସରକାରର ନେତା ଓ ମନ୍ତ୍ରୀ। କୋପରେସନକୁ କରପସନରେ ପରିଣତ କରିଥିଲା ବିଜେଡ଼ି ସରକାର। ନୂଆ ସରକାର ସମବାୟ ବିଭାଗକୁ ସ୍ୱଚ୍ଛ କରିବେ। ଚାଷୀଙ୍କ ପାଇଁ, ଚାଷୀଙ୍କ ଦ୍ୱାରା ସମବାୟ ସଂସ୍ଥା ପରିଚାଳିତ ହେବ। କମ୍ବଳ ଯାକ ବାଳ, ସବୁ ସଫା କରିବାକୁ ସମୟ ଲାଗିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି।

## ଐତିହାସିକ କଟକ ବାଲିଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

କଟକ (ଭାସ୍କର ନ୍ୟୁଜ୍): ଐତିହାସିକ ବାଲିଯାତ୍ରା କଟକ ଉତ୍ସବ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଚିଛି। ଶୁକ୍ରବାର ସନ୍ଧ୍ୟା ୫ଘଟିକା ୩୦ମିନିଟ୍ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବାଲିଯାତ୍ରା ଉତ୍ସବକୁ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିବେ। ଏହି ଉପଲକ୍ଷେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ ବାଲିଯାତ୍ରା ପଡିଆରେ ଗଣମାଧ୍ୟମ ପ୍ରତିନଧିମାନଙ୍କୁ ସମ୍ବୋଧିତ କରି ସୂଚନା ଦେଇଛନ୍ତି। ଏଥିସହ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରଦୂତ ଏବଂ ହାଇକମିଶନର ତଥା ଅନ୍ୟାନ୍ୟ ଅତିଥି ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି। ବିଶ୍ୱର ଏହି ସବୁ ରାଷ୍ଟ୍ର ଗୁଡିକ ମଧ୍ୟରେ ରହିଛି ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ, ଲାଓ ପିଡିଆର, ଭୁଟାନ,ସିଙ୍ଗାପୁର, ନେପାଳ, ମାଲେସିଆ, ଇଣ୍ଡୋନେସିଆ, ନାଉରୁ, ସୋଲୋମନ ଆଇଲାଣ୍ଡ, ନ୍ୟୁଜିଲାଣ୍ଡ, ଭିଜି, ଟିମୋର ଲେସେ ଏବଂ ବୃଣେଇ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଚଳିତଥର ବାଲିଯାତ୍ରାର ଉପର ପଡିଆ ଓ ତଳ ପଡିଆକୁ



ମିଶାଇ ୨୫୦୦ରୁ ଅଧିକ ଛୋଟ ବଡ ଷ୍ଟଲ ସ୍ଥାନ ପାଇଛି। ସେଥିମଧ୍ୟରୁ ଓରମାସରେ ରହିଛି ୫୦୦ ଷ୍ଟଲ। ବିଶେଷ କରି ମହିଳା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ ଓ ବିପଣନ ନିମନ୍ତେ ଓରମାସରେ ପ୍ରାଧାନ୍ୟ ଦିଆଯାଇଛି। ଓରମାସ୍‌ରେ ପିଠା ମହୋତ୍ସବ, ମାଟି ପାତ୍ର ତିଆରି ଏବଂ ତନ୍ତ ବୁଣା ଆଦି ମଧ୍ୟ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା କରାଯାଇଛି। ତେବେ ଚଳିତଥର ୭ଟି ଅନ୍ତର୍ଜାତୀୟ ଷ୍ଟଲ ମଧ୍ୟ ସ୍ଥାନ ପାଇଛି। ବାଲିଯାତ୍ରାରେ ଭିଡକୁ ନିୟନ୍ତ୍ରଣ କରିବା ନିମନ୍ତେ ଚଳିତଥର ତଳ ପଡିଆରେ ୩ଟି ମୁଖ୍ୟ ପ୍ରବେଶ ଦ୍ୱାର ଏବଂ ଗୋଟିଏ ଜରୁରୀକାଳୀନ ପ୍ରବେଶ /ପ୍ରସ୍ଥାନ ଦ୍ୱାର ଖୋଲାଯିବା ସହ ପଡିଆ ମଧ୍ୟରେ ଗମନାଗମନ ନିମନ୍ତେ ୪ଟି ରାସ୍ତା କରାଯାଇଛି। ଏଥିସହ ରାସ୍ତା କଡରେ ଉଠାଦୋକାନୀମାନଙ୍କୁ ବ୍ୟବସାୟ କରିବା ନିମନ୍ତେ ବାରଣ କରାଯାଇଛି। ଧୂଳି ନିୟନ୍ତ୍ରଣ କରିବା ନିମନ୍ତେ ରାସାୟନିକ ମିଶ୍ରଣ ସ୍ପ୍ରେ କରାଯାଉଛି। ମନୋରଞ୍ଜନ ନିମନ୍ତେ ବଲିଉଡ୍ ନାଇଟ୍ ସହ ଲେଜର ଶୋ, ଡ୍ରୋନ୍ ଶୋ, କାଇଟ୍ ଫେଷ୍ଟିଭାଲ ଆଦି ବ୍ୟବସ୍ଥା କରାଯାଇଛି। ପଡିଆର ପରିମଳ ପ୍ରତି ବିଶେଷ ଧ୍ୟାନ ଦିଆଯିବା ସହ ୩୮୫ଟି ଶୌଚାଳୟ ବ୍ୟବସ୍ଥା କରାଯାଇଛି। ବୟସ୍କ ଏବଂ ଭିନ୍ନକ୍ଷମମାନଙ୍କ ନିମନ୍ତେ ଇ-ରିକ୍ସା ବ୍ୟବସ୍ଥା କରାଯାଇଛି। ପଡିଆ ମଧ୍ୟରେ ବିଭିନ୍ନ ସ୍ଥାନରେ ସ୍ୱଚ୍ଛ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା କରାଯାଇଛି। ନଦୀ କୂଳରେ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ମଧ୍ୟ ସଜାଗ ରହିଛି। ପ୍ରଥମ ସଂଧ୍ୟାରେ ଗଣକବି ବୈଷ୍ଣବ ପାଣି ମଂଚରେ ବାଲି, ଇଣ୍ଡୋନେସିଆ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ପଦ୍ମଶ୍ରୀ ଅନୁପ ଜଲୋଟାଙ୍କ ଭଜନ ସନ୍ଧ୍ୟା ମଧ୍ୟ ଉଦ୍‌ଘାଟନୀ ଉତ୍ସବର ଅନ୍ୟତମ ଆକର୍ଷଣ ରହିଛି। ଅନ୍ୟପକ୍ଷରେ ଅକ୍ଷୟ ମହାନ୍ତି ମଞ୍ଚରେ ପଙ୍କଜ ଜାଲ ଓ ତାଙ୍କ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ।

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar





୧୦୦ ଶିଳ୍ପପତିଙ୍କ ତାଲିକାରେ ମୁକେଶ ଅମ୍ବାନୀ | ୬





ରଣଜୀ ଟ୍ରଫିରେ ଶାମିଙ୍କ ଦମ୍ଦାର ପ୍ରଦର୍ଶନ | ୭



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୨୬ Vol. 21 No-226 15 NOVEMBER 2024 FRIDAY BHUBANESWAR ଶୁକ୍ରବାର, ୧୫ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସମବାୟ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ

# ଚାଷୀଙ୍କ ସହ ଖେଳିଲେ କାର୍ଯ୍ୟାନୁଷ୍ଠାନ



**ଗରିବ, ନିଷ୍ପେସିତଙ୍କ ଭରସା ସମବାୟ ଅନୁଷ୍ଠାନ**

**୫୦ ଲକ୍ଷ ଚାଷୀ ପରିବାର ସମବାୟ ଆନ୍ଦୋଳନରେ ଜଡ଼ିତ**

**ନିୟମ ଅନୁଯାୟୀ ଧାନ ସଂଗ୍ରହ କରିବାକୁ ପରାମର୍ଶ**

ଭୁବନେଶ୍ୱର,୧୪।୧୧(ଭାସ୍କର ନ୍ୟୁଜ): ଚାଷୀଙ୍କ ସ୍ୱାର୍ଥରେ ବାଧାଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି ଏକ ଚେତାବନୀ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବନେଶ୍ୱର ସ୍ଥିତ ସମବାୟ ଭବନ ପରିସରରେ ୭୧ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନର ଉଦ୍‌ଘାଟନ ଅବସରରେ ଏହା କହିଛନ୍ତି। ସୂଚନାଯୋଗ୍ୟ ଯେ ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ସମବାୟ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଉପସ୍ଥିତ ବିଭିନ୍ନ ସମବାୟ ୟୁନିୟନର ସଦସ୍ୟ, ସମବାୟବିତ୍‌ମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାର ୨୬୦୦ରୁ ଅଧିକ ପ୍ରାଥମିକ ସମବାୟ ସଂସ୍ଥା ସରକାର ଓ ଚାଷୀଙ୍କ ମଧ୍ୟରେ ସେତୁ ସଦୃଶ କାମ କରୁଛନ୍ତି। ଫସଲ ଋଣ, ଫସଲ ବୀମା, ସାର, ବିହନ, କୀଟନାଶକ ଇତ୍ୟାଦି ସେମାନଙ୍କ ମାଧ୍ୟମରେ ଚାଷୀଙ୍କ ପାଖକୁ ଯାଇଥାଏ। ତେଣୁ ଏହି ସବୁ ସଂସ୍ଥା ଗୁଡିକୁ ସଶକ୍ତ କରିବାର ଆବଶ୍ୟକତା ରହିଛି। ଏହି ସବୁ ଅନୁଷ୍ଠାନ ଗୁଡିକ ହେଉଛି ସମାଜର ତଳ ସ୍ତରରେ ରହିଥିବା ଗରିବ ଓ ନିଷ୍ପେସିତଙ୍କ ଆଶା ଓ ଭରସା। ଆଜି ଓଡିଶାର ପ୍ରାୟ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପରିବାର ସମବାୟ ଆନ୍ଦୋଳନ ସହ ଅଙ୍ଗାଙ୍ଗୀଭାବେ ଜଡିତ। ସେମାନ ସମସ୍ତେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ଅନୁଷ୍ଠାନମାନଙ୍କ ଉପରେ ନିର୍ଭରଶୀଳ। ମୁଖ୍ୟତଃ ଚାଷୀ, କାରିଗର, ହସ୍ତଶିଳ୍ପୀ, ବୁଣାକାର, ମତ୍ସ୍ୟଜୀବୀ, ଦୁଗ୍ଧ ଉତ୍ପାଦକ ପ୍ରଭୃତି ପ୍ରାଥମିକ ଅର୍ଥନୀତି ସହ ଜଡିତ ସମସ୍ତ ନାଗରିକ ଏହି ସମବାୟ ଆନ୍ଦୋଳନରେ ସାମିଲ ଅଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମବାୟ ଅନୁଷ୍ଠାନର ସୁଦୂର ପ୍ରସାରୀ ଭୂମିକାକୁ ଉପଲବ୍ଧ କରି ଉତ୍କଳ ଗୌରବ ମଧୁସୂଦନ ଦାସ ପ୍ରଥମେ ଆମ ଓଡିଶାରେ ସମବାୟର ମୂଳଦୁଆ ପକାଇଥିଲେ। ୧୮୯୮ ମସିହାରେ କଟକ ଠାରେ ଏକ ସମବାୟ ଷ୍ଟୋର ପ୍ରତିଷ୍ଠା ହୋଇଥିଲା ଏବଂ ପରେ ୧୯୦୪ ମସିହାରେ ସମବାୟ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ପ୍ରଥମ ଆଇନ୍ ପ୍ରଣୟନ ହେଲା। କଟକ ଜିଲ୍ଲା ବାଙ୍କୀରେ ସମବାୟ ଅନୁଷ୍ଠାନର ବିଧିବଦ୍ଧ ଭାବେ ଗଠନ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଆଉ ସପ୍ତାହେ ପରେ ଧାନ କିଣା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ସମବାୟ ବିଭାଗ ଉପରେ ନ୍ୟସ୍ତ। ଚଳିତ ବର୍ଷ ବିଭାଗ ଅଧୀନରେ ଥିବା ପ୍ରାଥମିକ କୃଷି ସମବାୟ ସମିତି ଏବଂ ବୃହତ୍ତ ଆଦିବାସୀ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଟଙ୍କାଏ ବଢ଼ିଲା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ

ଭୁବନେଶ୍ୱର,୧୪।୧୧(ଭାସ୍କର ନ୍ୟୁଜ): ଗୁରୁବାର ରାଜ୍ୟ ସରକାର ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନ ଖର୍ଚ୍ଚ ପ୍ରତି ପିଲାପିଛା ୧ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ୫୦ ହଜାରରୁ ଅଧିକ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୪୩ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବେ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ବଜାର ଦରବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ବୃଦ୍ଧି କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

### ଶିମିଳିପାଳ ଆସିଲା ବାଘୁଣୀ ଗଙ୍ଗା

ବାରିପଦା,୧୪।୧୧(ଭାସ୍କର ନ୍ୟୁଜ): ଗତ ଅକ୍ଟୋବର ୨୮ ତାରିଖରେ ଶିମିଳିପାଳ ଅଭୟାରଣ୍ୟକୁ ଆସିଥିଲା ବାଘୁଣୀ ଯମୁନା। ଏହାର ଠିକ୍ ୧୭ ଦିନ ପରେ ଗୁରୁବାର ଶିମିଳିପାଳକୁ ଆସିଛି ବାଘୁଣୀ ଗଙ୍ଗା। ମହାରାଷ୍ଟ୍ରର ତଡ଼ବା ଅଭୟାରଣ୍ୟରୁ ଏହାକୁ ଶିମିଳିପାଳ ଅଣାଯାଇଛି। ଏ ନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ତାକୁ ଏନକ୍ଲୋଜରକୁ ନିଆଯିବ ବୋଲି ସୂଚନା ଦିଆଯାଇଛି।

## ଡୋମିନିକାର ସର୍ବୋଚ୍ଚ ସମ୍ମାନ

# ପାଇବେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ,୧୪।୧୧: ଡୋମିନିକାର ସର୍ବୋଚ୍ଚ ସମ୍ମାନ ପାଇବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଗୁରୁବାର କାରବୀୟ ଆଇଲାଣ୍ଡ ପକ୍ଷରୁ ଦେଶର ସର୍ବୋଚ୍ଚ ସମ୍ମାନ 'ଦି ଡୋମିନିକା ଆୱାର୍ଡ ଅଫ ଅନର' ଘୋଷଣା କରାଯାଇଛି। କୋଭିଡ-୧୯ ସମୟରେ ଭାରତ ପକ୍ଷରୁ ଡୋମିନିକାକୁ ୭୦ ହଜାର କୋଭିଡ ଟିକା ପଠାଯାଇଥିଲା। ଏହି ଅବଦାନକୁ ସମ୍ମାନ ଜଣାଇ ଡୋମିନିକା ଏହାର ସର୍ବୋଚ୍ଚ ସମ୍ମାନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମ ଘୋଷଣା କରିଛି। ଚଳିତମାସ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଗୁଆନାର ଜର୍ଜ ଟାଉନରେ ଅନୁଷ୍ଠିତ ହେବାକୁ ଯାଉଛି ଭାରତ-କ୍ୟାରିକମ୍ ଶିଖର ସମ୍ମିଳନୀ। ଏହି ସମ୍ମିଳନୀରେ ଡୋମିନିକା ରାଷ୍ଟ୍ରପତି ସିଲ୍‌ଭାନୀ ବର୍ଟୋନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରିବେ। ପ୍ରକାଶଥାଉକି ୨୦୨୧ ଫେବୃଆରୀ ମାସରେ କୋଭିଡ ମହାମାରୀ ସମୟରେ ଭାରତ ୭୦ହଜାର ଆଷ୍ଟ୍ରଜେନେକା କୋଭିଡ ଟିକା ଡୋମିନିକାକୁ ପଠାଇଥିଲା। ଏହି ଟିକାରେ ଡୋମିନିକା ନିଜ ଦେଶର ନାଗରିକଙ୍କ ଜୀବନ ବଞ୍ଚାଇବା ସହ ଏହାର ପଡ଼ୋଶୀ ଦେଶକୁ ମଧ୍ୟ ସାହାଯ୍ୟ କରିଥିଲା। ଏହା ଭାରତର ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କୃତଜ୍ଞତା ସ୍ୱରୂପ ପ୍ରଦାନ କରାଯାଉଛି। ଡୋମିନିକା ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ତାଙ୍କ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା, ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ପ୍ରତି ମଧ୍ୟ ସମ୍ମାନ। ପ୍ରଧାନମନ୍ତ୍ରୀ ● ପୃଷ୍ଠା ୫ ଦେଖନ୍ତୁ

# ଫେବୃଆରୀ ୨୧ରୁ ମାଟ୍ରିକ ପରୀକ୍ଷା

କଟକ,୧୪।୧୧(ଭାସ୍କର ନ୍ୟୁଜ): ଆସନ୍ତା ଫେବୃଆରୀ ମାସ ୨୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ପରୀକ୍ଷା। ଏ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ପରୀକ୍ଷା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଥମ ଦିନ ଅର୍ଥାତ୍ ୨୧ ତାରିଖରେ ପ୍ରଥମ ଭାଷା ଓଡ଼ିଆ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ୨୪ ତାରିଖରେ ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ୨୭ ତାରିଖରେ ଗଣିତ ପରୀକ୍ଷା ଅନୁଷ୍ଠିତ ହେବ। ମାର୍ଚ୍ଚ ୧ ତାରିଖରେ ● ପୃଷ୍ଠା ୫ ଦେଖନ୍ତୁ

**ପରୀକ୍ଷା ସୂଚୀ**

| ତାରିଖ | ବିଷୟ |
|---|---|
| ଫେବୃଆରୀ ୨୧ | ଓଡ଼ିଆ (ପ୍ରଥମ ଭାଷା) |
| ଫେବୃଆରୀ ୨୪ | ଇଂରାଜୀ (ଦ୍ୱିତୀୟ ଭାଷା) |
| ଫେବୃଆରୀ ୨୭ | ଗଣିତ |
| ମାର୍ଚ୍ଚ ୦୧ | ବିଜ୍ଞାନ |
| ମାର୍ଚ୍ଚ ୦୩ | ସାମାଜିକ ବିଜ୍ଞାନ |
| ମାର୍ଚ୍ଚ ୦୬ | ହିନ୍ଦୀ/ସଂସ୍କୃତ (ତୃତୀୟ ଭାଷା) |






"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



# ରତୁଚକ୍ରରେ ଅନିୟମିତତା

## ଦୁର୍ବିସହ ହେଉଛି ଜନଜୀବନ

ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ ଯୋଗୁଁ ବର୍ତ୍ତମାନ ଭାରତ ସମେତ ବିଭିନ୍ନ ଦେଶରେ ପାଣିପାଗରେ ବଡ଼ଧରଣର ଓଲଟପାଲଟ ଦେଖିବାକୁ ମିଳୁଛି। ଏହା ଫଳରେ ପ୍ରକୃତିର ପ୍ରକୋପ ବୃଦ୍ଧି ପାଇବା ସଂଗେସଂଗେ ଜନସାଧାରଣଙ୍କ ଜୀବନ ଦୁର୍ବିସହ ହୋଇପଡୁଛି। ଚଳିତ ବର୍ଷର ପ୍ରଥମ ୯ ମାସ ମଧ୍ୟରୁ ଆଠ ମାସରୁ ଅଧିକ ସମୟ ଧରି ଭାରତ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି, ଯଦ୍ଦ୍ୱାରା ୩୨୦୦ ଲୋକ ଲୋକ ଅକାଳରେ ପ୍ରାଣ ହରାଇଛନ୍ତି। ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଏ ବର୍ଷ ପାଣିପାଗର ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି। ଦିନ ବେଳା ଟାଣ ଖରା ସାଂଗକୁ ରାତ୍ରିର ତାପମାତ୍ରା ମଧ୍ୟ ସ୍ୱାଭାବିକ ଠାରୁ ୪ ରୁ ପାଞ୍ଚ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହୁଛି। ଚଳିତ ବର୍ଷ ଲଘୁଚାପଜନିତ ବର୍ଷା ଓ ବାତ୍ୟା ଯୋଗୁଁ ଉପକୂଳବର୍ତ୍ତୀ ଜିଲ୍ଲାର କେତେକ ଅଞ୍ଚଳରେ ଫସଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ସାମଗ୍ରିକ ଭାବରେ ରାଜ୍ୟରେ ୪୧ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ଖୁବ୍ କମ୍ ବର୍ଷା ହୋଇଥିବାରୁ ଉତ୍ତାପ କମିବାର ନାମଗନ୍ଧ ଧରୁନାହିଁ। ବ୍ୟାପକ ଅଞ୍ଚଳରେ ମାଟି ଶୁଖିଲା ପଡି, ବିଲ ଫାଟି ଆଁ କରିଛି। ପାଣିପାଗର ଏଭଳି ପରିବର୍ତ୍ତନ ଯୋଗୁଁ ରବି ଚାଷ ଗୁରୁତର ଭାବରେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। ବିଶେଷକରି ଶୀତଦିନିଆ ପରିବା ଓ ଫୁଲ ଚାଷ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇପାରେ ବୋଲି କୃଷି ବିଜ୍ଞାନୀମାନେ ଆଗୁଆ ସତର୍କ କରାଇଦେଲେଣି। ଏପରିକି ଯେତିକି ଫସଲ ଅମଳ ହେବ, ତାହା ମଧ୍ୟ ଖୁବ୍ ନିମ୍ନମାନର ହେବ ବୋଲି କୁହାଯାଉଛି। ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇଲେ, ଦରବୃଦ୍ଧିର ମାଡ ଲୋକଙ୍କୁ ସହିବାକୁ ପଡିବ। ଜଳବାୟୁ ପରିବର୍ତ୍ତନର ସିଧାସଳଖ ପ୍ରଭାବ ଡାଲି ଜାତୀୟ ଶସ୍ୟ, ଆଳୁ, ପିଆଜ ଓ ଫୁଲ ଚାଷ ଉପରେ ପଡିବ। ଏଥିସହିତ ଫସଲରେ ରୋଗପୋକର ପ୍ରାଦୁର୍ଭାବ ଦେଖିବାକୁ ମିଳିବ। ହରଡ, ମୁଗ ଓ ବିରି ଛୁଇଁରେ ଦାନା ଭଲ ହେବ ନାହିଁ ଏବଂ ଯାହା ବା ହେବ, ସେଥିରେ ଫିମ୍ପି ଲାଗିବା ସହ ନାନା ପ୍ରକାର ରୋଗପୋକ ଦେଖାଦେବ। ବର୍ତ୍ତମାନ ସମୟରେ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡିରେ ତାପମାତ୍ରା ୧୨ ରୁ ୧୩ ଡିଗ୍ରୀ ସେଲସିୟସ୍ ରହିବାର କଥା, ମାତ୍ର ଏବେ ସେଠାରେ ୧୬ ରୁ ୧୭ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଅନୁଭୂତ ହେଉଛି। ଆମ ଦେଶରେ ଜଳବାୟୁ ପରିବର୍ତ୍ତନର କ୍ଷତିକାରକ ଦିଗ ସଂପର୍କରେ ବିଜ୍ଞାନ ଓ ପରିବେଶ କେନ୍ଦ୍ର ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ ଚଳିତ ବର୍ଷର ପ୍ରଥମ ୯ ମାସ ମଧ୍ୟରେ ଦେଶରେ ପ୍ରାୟ ୩୦ ଲକ୍ଷ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଗତବର୍ଷ ଏହି ସମୟ ଭିତରେ ପ୍ରାୟ ୨୦ ଲକ୍ଷ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବାବେଳେ ଏ ବର୍ଷ କ୍ଷତି ପରିମାଣ ବୃଦ୍ଧି ପାଇଛି। ପ୍ରବଳ ଖରା, ପ୍ରବଳ ବର୍ଷା, ଶୀତ ଲହରୀ, ବନ୍ୟା, ବାତ୍ୟା, ଭୂସ୍ଖଳନ, ବଜ୍ରପାତ ଭଳି ବିପର୍ଯ୍ୟୟ ଚଳିତ ବର୍ଷ ଅଧିକ କ୍ଷତି ଘଟାଇଛି। ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ପ୍ରତିକୂଳ ପାଗ ଯୋଗୁଁ ମଧ୍ୟପ୍ରଦେଶ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଏବଂ ଏହି ରାଜ୍ୟରେ ୩୫୩ ଜଣ ଲୋକ ପ୍ରାଣ ହରାଇଛନ୍ତି। ମାତ୍ର ମୃତ୍ୟୁ ସଂଖ୍ୟା ଦୃଷ୍ଟିରୁ କେରଳ ସର୍ବାଗ୍ରେ ରହିବା ସହିତ ଏହି ରାଜ୍ୟରେ ୫୫୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ସେହିଭଳି ଆନ୍ଧ୍ରପ୍ରଦେଶରେ ସବୁଠାରୁ ଅଧିକ ଅର୍ଥାତ୍ ୮୬ ହଜାର ଘର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଭାଙ୍ଗିରୁଜି ଯାଇଛି। ଚଳିତ ବର୍ଷର ଜାନୁଆରୀ ଓ ଫେବ୍ରୁଆରୀ ସବୁଠାରୁ ଶୁଷ୍କ ଓ ଉତ୍ତପ୍ତ ମାସ ରୂପେ ପରିଗଣିତ ହୋଇଛି। ଗତ ୧୯୦୧ ମସିହା ପରଠାରୁ ଏଭଳି ଭୟାନକ ଚିତ୍ର କେବେ ଦେଖିବାକୁ ମିଳିନଥିଲା। ରତୁଚକ୍ରର ଏଭଳି ଅନିୟମିତତା ଏବଂ ପ୍ରକୃତିର ପ୍ରକୋପ ରୋକିବା ଯଦିବା ମଣିଷର ସାଧ ବାହାରେ, ତଥାପି ସରକାରୀ ଓ ବେସରକାରୀ ସ୍ତରରେ ସତର୍କତା ଓ ସାବଧାନତା ଅବଲମ୍ବନ ଏ କ୍ଷେତ୍ରରେ ଅଧିକ ଜରୁରି ମନେହେଉଛି।

# କାର୍ତ୍ତିକ ପୂର୍ଣ୍ଣିମା ଓ ଉତ୍କଳର ନୌବାଣିଜ୍ୟ- ଏକ ଅତୀତ ଆକଳନ



ଉମାଶଙ୍କର ପ୍ରସାଦ

ଭାରତୀୟ ସାଂସ୍କୃତିକ ପଟ୍ଟଭୂମିରେ ଓଡିଶାର ବୈଶିଷ୍ଟ୍ୟ ସବୁ ସମୟରେ ସ୍ୱୀକୃତ। ସଭ୍ୟତାର ଆରମ୍ଭରୁ କଳା ସ୍ଥାପତ୍ୟ ଓ ସାମ୍ରାଜ୍ୟବାଦର ଚିତ୍ରପଟ୍ଟରେ ସାହସୀ ଉତ୍କଳୀୟମାନଙ୍କର ସାଂସ୍କୃତିକ ବୈଚିତ୍ର୍ୟତା ମଧ୍ୟରେ ସୃଜନଶୀଳତାର ପ୍ରାଣୋଚ୍ଛ୍ୱାସ ସେମାନଙ୍କର କାର୍ଯ୍ୟଧାରା ଓ ସାଧନାରେ ପ୍ରତିଫଳିତ ହୋଇଥାଏ। ପ୍ରାଚୀନ କାଳରୁ ମଧ୍ୟଯୁଗୀୟ କାଳ ପର୍ଯ୍ୟନ୍ତ ଓଡିଶାର ସମୁଦ୍ର ଉପକୂଳ ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କର ପ୍ରବେଶ ପଥ ଭାବେ ରହିଥିଲା। ଏହାର ସାଂସ୍କୃତିକ ଓ ବାଣିଜ୍ୟିକ ଧାରାର ପ୍ରଭାବ ଏବେ ମଧ୍ୟ ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡିକର ପରମ୍ପରା, ସ୍ଥାନର ନାମ, ସାହିତ୍ୟ ଏବଂ ସ୍ଥାପତ୍ୟରେ ପରିଲକ୍ଷିତ ହୁଏ। ଅତୀତରେ ବଙ୍ଗୋପସାଗରକୁ 'କଳିଙ୍ଗ ସମୁଦ୍ର' ବୋଲି କୁହାଯାଉଥିଲା। ବଙ୍ଗୋପସାଗରରେ ଥିବା ସମସ୍ତ ଦ୍ୱୀପପୁଞ୍ଜଗୁଡିକ 'କଳିଙ୍ଗ ଦେଶୁ' ନାମରେ ଜଣାଯାଉଥିଲା ବୋଲି 'ଆର୍ଯ୍ୟ ମଞ୍ଜୁଶ୍ରୀ' ମୂଳକଳ୍ପରେ ଉଲ୍ଲେଖ ଅଛି। ଏକଦା ପ୍ରାଚୀନ କଳିଙ୍ଗର ସୁଦୀର୍ଘ ସାମୁଦ୍ରିକ ବେଳାଭୂମିରେ ଶହ ଶହ ପୋତାଶ୍ରୟ ଏବଂ ବନ୍ଦର ଥିଲା। ଏହାର ଅଧିବାସୀମାନେ ନୌବାଣିଜ୍ୟରେ ବିଶେଷ ପାରଦର୍ଶିତା ଦେଖାଇ ପାରିଥିଲେ। ନୌବାଣିଜ୍ୟ ମାଧ୍ୟମରେ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ଉପରେ ଆଧିପତ୍ୟ ଜାହିର କରିପାରିଥିଲେ। ସମୁଦ୍ର ଆରପାଖରେ ଥିବା ବିଭିନ୍ନ ରାଷ୍ଟ୍ରମାନଙ୍କରେ ବେପାର ବଣିଜ କରି ସେମାନେ ସେଠାରେ ବସତି ସ୍ଥାପନ କରିଥିଲେ। ବିଶିଷ୍ଟ ଐତିହାସିକ ହଣ୍ଟରଙ୍କ 'ଓଡିଶା ଇତିହାସ' ପୁସ୍ତକର ପ୍ରଥମ ଖଣ୍ଡରୁ ଜଣାପଡେ ଯେ ଓଡିଶାରେ ସୁବର୍ଣ୍ଣରେଖା, ଛନୁଆ, ବାଲେଶ୍ୱର, ଲଇଛଣପୁର, ଚୂଡାମଣି, ଧାମର. ଫଲ୍ସପଏଣ୍ଟ, ପୁରୀ ଓ ଗୋପାଳପୁର ନାମରେ ନଅ ଗୋଟି ବନ୍ଦର କାର୍ଯ୍ୟକାରୀ ହେଉଥିଲା। ପ୍ରାଚୀନ ଚେଲିତାଲୋ ଓ ଚରିତ୍ରପୁର ବନ୍ଦର ବାଲେଶ୍ୱରର ଚାନ୍ଦବାଲି ଓ ଚାନ୍ଦିପୁର ବୋଲି ଅନୁମାନ କରାଯାଏ। ପ୍ରଥମ ଶତାବ୍ଦୀରେ ପ୍ଲିନି ତାଙ୍କ 'ନେଚୁରାଲ ହିଷ୍ଟ୍ରି' ବହିରେ ଲେଖିଛନ୍ତି ଯେ ଏହି ବନ୍ଦରମାନଙ୍କରୁ ସାଧବପୁଅମାନେ ସିଂହଳ, ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଓ ବର୍ମା ଇତ୍ୟାଦି ଦେଶରେ ବାଣିଜ୍ୟ କରି ଓଡିଶାର ଗୌରବକୁ ବଢାଇଥିଲେ। ସେତେବେଳେ କାର୍ତ୍ତିକ ପୂର୍ଣ୍ଣିମା ଦିନ ସାଧବପୁଅମାନେ ପ୍ରତ୍ୟୁଷରୁ ସ୍ନାନ କରି ବୋଇତରେ ଗଙ୍ଗାମାତାଙ୍କୁ ପାନ ଏବଂ ଗୁଆ ସମର୍ପଣ ପୂର୍ବକ ପୂଜା କରୁଥିଲେ। ଏହି ସାଧବ ଶବ୍ଦଟି ସଂସ୍କୃତ ଶବ୍ଦ 'ସାର୍ଥବାହ' ରୁ ଉତ୍ପତ୍ତି ହୋଇଛି। ସେଦିନର ସାଧବମାନେ ବିତ୍ତଶାଳୀ ଓ ଅଦମ୍ୟ ସାହସୀ ଥିଲେ। ବ୍ୟକ୍ତିଗତ ପ୍ରଚେଷ୍ଟା ଓ ସାମୁହିକ ଉଦ୍ୟମ ଜରିଆରେ ସେମାନେ ଆନ୍ତଃ ଓ ବର୍ହିଃ ବାଣିଜ୍ୟ କରୁଥିଲେ। ଏହି ସାଧବମାନଙ୍କ ବିଷୟରେ ଅନେକ କିମ୍ବଦନ୍ତୀ ଓ ଦୁଃସାହସିକ କାହାଣୀ ରହିଛି। ରାଜାମାନେ ମଧ୍ୟ ସମୟ ସମୟରେ ସେହି ସାଧବମାନଙ୍କ ବାଣିଜ୍ୟରେ ସଂପୃକ୍ତ ଥିଲେ। ରପ୍ତାନୀ ଦ୍ରବ୍ୟ ସବୁ ସଂଗ୍ରହ କରିବା ପରେ ସେମାନେ କାର୍ତ୍ତିକ ଅମାବାସ୍ୟା ଦିନ ଲକ୍ଷ୍ମୀପୂଜା କରୁଥିଲେ। ତା'ପରେ ସେମାନେ ଜାହାଜରେ ସେଗୁଡିକ ବୋଝେଇ କରି କାର୍ତ୍ତିକ ପୂର୍ଣ୍ଣିମା ଦିନ ଜଳଯାତ୍ରାରେ ବାହାରୁଥିଲେ। ସେ ଦିନର ବୋଇତ ଯାତ୍ରା ମହାଆଡମ୍ବରରେ ବନ୍ଧୁ ବାନ୍ଧବ, ମାଝି ସୌଦାଗରଙ୍କ ଜ୍ଞାତି ଭୋଜନ ପରେ, ମା'ମଙ୍ଗଳାଙ୍କ ପୂଜା ଅର୍ଚ୍ଚନା, ସାଧବ ସୀମନ୍ତିନୀମାନଙ୍କ ବନ୍ଦାପନା, ହୁଳହୁଳି ନାଦରେ ଧୂପ ଦୀପରେ ବିଦାୟ ଦେଇ ଅଖାଳ ଉଡାଇ ସମୁଦ୍ରର ନୀଳଜଳରେ ଭାସି ଯାଉଥିଲା। ଷୋଡଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଶାସନ କ୍ଷେତ୍ରରେ ଅସ୍ଥିରାବସ୍ଥା, ଅତ୍ୟାଚାର, ରାଜ୍ୟ ମଧରେ ଜୀବନ ଯାତ୍ରାର ଅଚଳ ଅବସ୍ଥା, ଲୁଣ୍ଠନ , ରାହାଜାନୀ ସହିତ ସାଗର ମଧରେ ସାଗର ଦସ୍ୟୁମାନଙ୍କର ଆକ୍ରମଣରେ ଓଡିଆ ସାଧବର ବଣିଜ ତରୀ ପୂର୍ବବତ୍ ସାଗରର ନୀଳ ଜଳରାଶିରେ ଆଗେଇ ପାରିଲା ନାହିଁ। ଦସ୍ୟୁ ମରହଟ୍ଟାବର୍ଗୀମାନଙ୍କ ଆକ୍ରମଣ ଭୟରେ କଳିଙ୍ଗର ସାଧବପୁଅମାନେ ବୋଇତରେ ବେପାର କରିବା ପାଇଁ ଆଉ ଲାଭଦାୟକ ମନେ କଲେନାହିଁ। ପରବର୍ତ୍ତୀ ସମୟରେ ଇଷ୍ଟଇଣ୍ଡିଆ କମ୍ପାନୀର ବାଣିଜ୍ୟପୋତ କଳିଙ୍ଗ ସାଧବ ପୁଅମାନଙ୍କର ବାଣିଜ୍ୟକ ଅଧିକାରକୁ ଅପହରଣ କରି ନେଲେ ଫଳରେ ବୋଇତ ସାହାଯ୍ୟରେ ବଣିଜ କରିବା କଳିଙ୍ଗରୁ ଲୋପ ପାଇଲା। କିନ୍ତୁ ଆଜି ମଧ ପ୍ରାଚୀନ କଳିଙ୍ଗର ସେଦିନର ନୌବାଣିଜ୍ୟର ସ୍ମାରକୀ ବହନ କରି ଆଜିବି ଓଡିଶାର ପୁରପଲ୍ଲୀରେ ବିଭିନ୍ନ ପ୍ରକାର ପର୍ବପର୍ବାଣି ପାଳନ କରାଯାଉଛି। କାର୍ତ୍ତିକ ପୂର୍ଣ୍ଣମୀରେ ହେଉଥିବା ବାଲିଯାତ୍ରା ଓ ବୋଇତ ବନ୍ଦାଣ, ଭାଦ୍ରବ ମାସରେ ପାଳିତ ଖୁଦୁରୁକୁଣୀ ଓଷା ପୂର୍ବ ଗୌରବ ଓ ପରମ୍ପରାକୁ ମନେ ପକାଇଦିଏ। ପ୍ରାଚୀନ କାଳର ସେହି ଅଲିଭା ସ୍ମୃତି ଓ ପରମ୍ପରାକୁ ମନେପକାଇ ଆଜିବି ଓଡିଶାର ଲୋକମାନେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ପ୍ରାତଃ କାଳରେ କଦଳୀ ବାହୁଙ୍ଗା କିମ୍ବା ସୋଲରେ ତିଆରି ଛୋଟ ଛୋଟ ଡଙ୍ଗା ନେଇ ନଈ ପୁଷ୍କରିଣୀରେ ଭସାଇଥାନ୍ତି। ସେହି ସମୟରେ ସେମାନେ କହିଥାନ୍ତି "ଆକା ମାଭୈଃ, ପାନ ଗୁଆ ଥୋଇ,- ପାନ ଗୁଆ ତୋର, ମାସକ ଧର୍ମ ମୋର"। କଟକ ଗଡଗଡିଆଘାଟ ଆଜିବି ସେହି ସ୍ମୃତିକୁ ଉଦ୍‌ଜୀବିତ ରଖି ସାତଦିନ କାଳ 'ବାଲିଯାତ୍ରା' ମହୋତ୍ସବ ପାଳନ କରୁଛି। ପାରାଦ୍ୱୀପ ବନ୍ଦରରେ ଏହି କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଯଦିଓ ଓଡିଶାର ନୌବାଣିଜ୍ୟ କଥା କହିଲେ ଆଜି ଯେମିତି ସ୍ୱପ୍ନ ଭଳି ଲାଗୁଛି। 'ସାଧବ ପୁଅ' ବୁଢୀମା କାହାଣୀର ସାଧବ ପୁଅ ହୋଇ ରହିଯାଇଛି। ତଥାପି ଏହି ଦିନର ଆଗମନରେ ସେହି ସାଧବ ପୁଅମାନଙ୍କ ଅତୀତ ଗାଥା ସମସ୍ତଙ୍କ ମନରେ ଏକ ପୂର୍ବ ସ୍ମୃତିକୁ ମନେପକାଇ ଦେଉଛି। ଅତୀତର ଗୌରବ ପ୍ରତ୍ୟେକ ଜାତିର ପ୍ରେରଣାର ଉତ୍ସ। ଓଡିଆ ଜାତି ତାର ସେହି ପୂର୍ବ ଗୌରବକୁ ଫେରାଇ ଆଣି ଏହି ନୌବାଣିଜ୍ୟ ମାଧ୍ୟମରେ ଅର୍ଥନୈତିକ ସ୍ୱଚ୍ଛଳତା ଆଣିବା ପାଇଁ ଆଗୁସାର ହେବା ନିତ୍ୟାନ୍ତ ଜରୁରୀ। କବି ମାୟାଧର ମାନସିଂହ ତାଙ୍କର 'ବୋଇତ ବନ୍ଦାଣ' କବିତାରେ ଗାଇ ଉଠିଛନ୍ତି " ଜୟଗୋ ବୋଇତ ରାଣୀ ସଲିଳ-ସୁନ୍ଦରୀ- ଆମ୍ଭ ଲାଗି ଆଣଧନ କାହୁଁ ଗର୍ଭେ ଭରି"

ଖୋର୍ଦ୍ଧା (୬୩୭୦୬ ୭୫୫୬୨)

# ବୈଚାରିକ ପ୍ରଭେଦ: ଗାନ୍ଧୀ ଓ ନେହରୁଙ୍କ ଭିତରେ



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

ସମଗ୍ର ବିଶ୍ୱ ଭୁଲ ବାଟରେ ଗଲେ ବି ମୁଁ ସେଥିରେ ବିଚଳିତ ହେବିନାହିଁ। ପତଙ୍ଗମାନେ ପ୍ରଜ୍ୱଳିତ ଅଗ୍ନିଶିଖା ଚାରିପଟେ ନାଚି ନାଚି ସେଥିରେ ଝାସ ଦେଇ ମୃତ୍ୟୁବରଣ କରିବା ବାଟରେ ଭାରତ ଯାଇପାରେ। କିନ୍ତୁ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଭାରତକୁ ଓ ଭାରତ ମାଧ୍ୟମରେ ସମଗ୍ର ବିଶ୍ୱକୁ ରକ୍ଷା କରିବା ଲାଗି ଚେଷ୍ଟା କରିବା ହେଉଛି ମୋର ପରମ କର୍ତ୍ତବ୍ୟ। ମୋ କଥାର ସାରମର୍ମ ହେଉଛି ଯେ ମଣିଷ ନିଜର ଆବଶ୍ୟକତା ମେଣ୍ଟାଇବା ଲାଗି ସ୍ୱାବଲମ୍ବୀ ହୋଇ ସେଥିରେ ସନ୍ତୁଷ୍ଟ ରହିବା ଆବଶ୍ୟକ। ଯଦି ନିଜ ଉପରେ ଏହି ନିୟନ୍ତ୍ରଣ ନରୁହେ ତା'ହେଲେ ମଣିଷ ନିଜକୁ ରକ୍ଷା କରିପାରିବ ନାହିଁ। ବିନ୍ଦୁବିନ୍ଦୁ ଜଳର ସମ୍ମିଶ୍ରଣରେ ସିନ୍ଧୁ ହେବା ପରି ବ୍ୟକ୍ତିମାନଙ୍କୁ ନେଇ ବିଶ୍ୱ। ଏହା ମୋର କିଛି ନୂଆକଥା ନୁହେଁ- ଏହା ହେଉଛି ସର୍ବଜନବିଦିତ ସତ୍ୟ"- ୧୯୪୫ ଅକ୍ଟୋବର ୫ ତାରିଖରେ ମହାରାଷ୍ଟ୍ରର ପୁଣେରୁ ପଣ୍ଡିତ ଜବାହରଲାଲ ନେହରୁଙ୍କୁ ଜାତିର ଜନକ ମହାତ୍ମା ଗାନ୍ଧୀ ଲେଖିଥିବା ଏକ ଗୁରୁତ୍ୱପୂର୍ଣ୍ଣ ଚିଠିର ଏହା ହେଉଛି ଅଂଶ ବିଶେଷ।

ମହାତ୍ମା ଗାନ୍ଧୀ ଓ ପଣ୍ଡିତ ନେହରୁଙ୍କ ମଧ୍ୟରେ କେତେକ ପ୍ରସଙ୍ଗରେ ମତ ପାର୍ଥକ୍ୟ ରହୁଥିଲା। ଏହି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଗାନ୍ଧୀଜୀ ନେହରୁଙ୍କ ପାଖକୁ ଏକ ପତ୍ର ଲେଖିଥିଲେ। ତେବେ ଏହି ପତ୍ର ଇଂରାଜୀରେ କି ହିନ୍ଦୀରେ ଲେଖିବେ ସେଥିଘେନି ଗାନ୍ଧୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ଏବଂ ଶେଷରେ ସେ ନିଷ୍ପତ୍ତି ନେଇଥିଲେ ନେହରୁଙ୍କ ପାଖକୁ ଇଂରାଜୀ ପରିବର୍ତ୍ତେ ହିନ୍ଦୁସ୍ଥାନୀରେ ଚିଠି ଲେଖିବାକୁ। ଉଭୟଙ୍କ ମଧ୍ୟରେ ଥିବା ଦୃଷ୍ଟିକୋଣ ସଂକ୍ରାନ୍ତରେ ଏହି ଚିଠିରେ ଗାନ୍ଧୀଜୀ ଲେଖିଥିଲେ, "ଯଦି ପ୍ରଭେଦ ମୌଳିକ, ତେବେ ଲୋକେ ତାହା ଜାଣିବା ଉଚିତ୍ ବୋଲି ମୁଁ ମନେ କରୁଛି। ସେମାନଙ୍କୁ ଅନ୍ଧାରରେ ରଖିବା ସ୍ୱରାଜ୍ୟ ପାଇଁ ହାନିକାରକ... ମୋର ସମସ୍ତ ଅନୁଭୂତି ମୋ ବିଶ୍ୱାସର ସତ୍ୟତାକୁ ସୁଦୃଢ଼ କରିଛି। ତେଣୁ ଏକାକୀ ପଡ଼ିଗଲେ ବି ମୁଁ ବିବ୍ରତ ହେବିନାହିଁ। କାରଣ କେବଳ ମୋ ସତ୍ୟର ସାକ୍ଷୀ ହିଁ ମୁଁ ନିଜେ।"

ସ୍ୱାଧୀନତା ପ୍ରାପ୍ତିର ଅଳ୍ପ କିଛିମାସ ପୂର୍ବରୁ ନିଜ ବିଚାରକୁ ଦୋହରାଇ ନେହରୁଙ୍କୁ ଗାନ୍ଧୀ ଏହି ପତ୍ରରେ ଲେଖିଥିଲେ, "ମୋର ହୃଦ୍‌ବୋଧ ହୋଇଛି ଯେ ଯଦି ଭାରତ ପ୍ରକୃତ ସ୍ୱାଧୀନତା ହାସଲ କରେ ଓ ଭାରତ ମାଧ୍ୟମରେ ବିଶ୍ୱ ବି, ତେବେ ଆଜି ହେଉ କି କାଲି ଏକଥା ମାନିବାକୁ ପଡ଼ିବଯେ ଲୋକମାନଙ୍କୁ ସହରମାନଙ୍କରେ ନୁହେଁ ଗ୍ରାମମାନଙ୍କରେ, ପ୍ରାସାଦମାନଙ୍କରେ ନୁହେଁ କୁଟୀରରେ ହିଁ ରହିବାକୁ ପଡ଼ିବ। ସହର ଓ ପ୍ରାସାଦମାନଙ୍କରେ କୋଟି କୋଟି ଲୋକ କଦାପି ନିଜ ନିଜ ଭିତରେ ଶାନ୍ତିରେ ରହିପାରିବେ ନାହିଁ। ଏଭଳି ଅବସ୍ଥାରେ ହିଂସା ଓ ମିଥ୍ୟାର ଆଶ୍ରୟ ନେବା ଛଡ଼ା ସେମାନଙ୍କ ନିକଟରେ ଅନ୍ୟବାଟ ନଥିବ। ସତ୍ୟ ଓ ଅହିଂସାକୁ ଛାଡ଼ିଦେଲେ ମାନବ ସମାଜର ଧ୍ୱଂସ ଛଡ଼ା ଅନ୍ୟବାଟ ନାହିଁ ବୋଲି ମୋର ମତ। ଆମେ ସତ୍ୟ ଓ ଅହିଂସାକୁ ଉପଲବ୍ଧି କରିପାରିବା ଗ୍ରାମ୍ୟ ଜୀବନର ସରଳତା ଭିତରେ ଓ ଚରଖାରେ ଏବଂ ଚରଖା ଯାହାସବୁ ସୂଚାଏ ସେଥିରେ ଏହି ସରଳତା ମିଳିପାରିବ।"

ଗାନ୍ଧୀଜୀଙ୍କୁ କେହି କେହି ବିଜ୍ଞାନ ବିରୋଧୀ ବୋଲି କହିଥାନ୍ତି। ତେବେ ନୀତି ବିହୀନ ରାଜନୀତି, ଚରିତ୍ର ବିହୀନ ଶିକ୍ଷା, ନୈତିକତା ବିହୀନ ବାଣିଜ୍ୟ ବ୍ୟବସାୟ, ମାନବିକତା ବିହୀନ ବିଜ୍ଞାନ, ଶ୍ରମ ବିହୀନ ସମ୍ପଦ, ତ୍ୟାଗ ବିହୀନ ଉପାସନା ଓ ବିବେକ ବିହୀନ ବିଳାସକୁ ଗାନ୍ଧୀଜୀ ସାଙ୍ଘାତିକ ପାପ ବୋଲି କହୁଥିଲେ। ବିଜ୍ଞାନ ସଂପର୍କରେ ତାଙ୍କ ଦୃଷ୍ଟଭଙ୍ଗୀ ଓ ଗ୍ରାମ ସ୍ୱରାଜ ପ୍ରସଙ୍ଗରେ ନେହରୁଙ୍କୁ ଗାନ୍ଧୀଜୀ ଏହି ଚିଠିରେ ଲେଖିଥିଲେ, "ଆଧୁନିକ ବିଜ୍ଞାନର ମୁଁ ଯେତେବେଳେ ପ୍ରଶଂସା କରେ ସେତେବେଳେ ମନେ କରେ ଯେ ପୁରୁଣା ସତ୍ୟଟି ନୂଆ ଜ୍ଞାନଲୋକରେ ଆଲୋକିତ ହେଉଛି, ଏପରି ହେବା ବି ଉଚିତ୍... ଏବେର ଗ୍ରାମ୍ୟ ଜୀବନକୁ ମୁଁ ମୋ ଆଦର୍ଶ ଭାବେ ଗ୍ରହଣ କରିଛି ବୋଲି ତୁମେ ଭାବ ନାହିଁ। ମୋର ଆଦର୍ଶ ଗ୍ରାମ ଏବେ ବି ମୋ ମାନସପଟରେ ରହିଛି। ପ୍ରତି ଲୋକର ଗୋଟିଏ ନିଜର ସ୍ୱପ୍ନ ରାଜ୍ୟ ଥାଏ। ମୋ ପରିକଳ୍ପନାର ଆଦର୍ଶ ଗ୍ରାମରେ ବୁଦ୍ଧିମାନ ଲୋକେ ହିଁ ରହିବେ। ଅନ୍ଧକାର ଓ ଆବର୍ଜନାରେ ପଶୁମାନଙ୍କ ପରି ସେମାନେ ରହିବେ ନାହିଁ। ସେଠି ନାରୀ ଓ ପୁରୁଷମାନଙ୍କର ସ୍ୱାଧୀନ ଜୀବିକା ଥିବ ଓ ସେମାନେ ବିଶ୍ୱର ଯେକୌଣସି ଶକ୍ତିର ମୁକାବିଲା କରିବାକୁ ପ୍ରସ୍ତୁତ ଥିବେ। ଆଦର୍ଶ ଗାଁରେ ହଇଜା, ବସନ୍ତ, ମହାମାରୀ ଆଦି ନଥିବ- ଏଠି କେହି ଆଳସ୍ୟ କିମ୍ବା ବିଳାସରେ ନଥିବେ। ପ୍ରତ୍ୟେକ ନିଜର ଶକ୍ତି ଅନୁଯାୟୀ ଶାରୀରିକ ଶ୍ରମ କରୁଥିବେ।"

**ଗାନ୍ଧୀ ବିଚାର**

ଗ୍ରାମ ସ୍ୱରାଜ ପ୍ରସଙ୍ଗରେ ତାଙ୍କ ଦୃଷ୍ଟିକୋଣ ସହ ନେହରୁଙ୍କର ଭିନ୍ନ ମତ ଥିବା ଦୃଷ୍ଟିରୁ ଏଥିଲାଗି ଖୋଲା ଆଲୋଚନା ଲାଗି ଇଚ୍ଛା ପ୍ରକାଶ କରି ଏହି ଚିଠିରେ ଗାନ୍ଧୀ ଲେଖିଛନ୍ତି, "ଭାରତର ସ୍ୱାଧୀନତା ପାଇଁ ଆମେ ବଞ୍ଚିଛେ ଏବଂ ଏଥିଲାଗି ହସିହସି ଜୀବନ ଦେବାକୁ ପ୍ରସ୍ତୁତ ଅଛେ। ଜଗତର ପ୍ରଶଂସା ଆମର ଲୋଡ଼ା ନାହିଁ। ପ୍ରଶଂସା କି ନିନ୍ଦା ଆମ ପାଇଁ ଅପ୍ରାସଙ୍ଗିକ। ସେବା କାର୍ଯ୍ୟରେ ପ୍ରଶଂସାର ସ୍ଥାନ ନାହିଁ। ଭାରତର ସେବା କରିବାକୁ ମୁଁ ୧୨୫ ବର୍ଷର ପରମାୟୁ ଚାହେଁ। ତଥାପି ମୁଁ ସ୍ୱୀକାର କରିବି ଯେ ଏବେ ମୁଁ ଜଣେ ବୁଢ଼ାଲୋକ।"

ସେତେବେଳକୁ ଗାନ୍ଧୀଜୀଙ୍କ ବୟସ ୭୬ବର୍ଷ। ଜବାହରଲାଲ ଆହ୍ଲାବାଦ୍‌ର ଆନନ୍ଦ ଭବନରୁ ଏହି ଚିଠିର ଉତ୍ତର ଦେଇ ବାପୁ ଯେଉଁ ପ୍ରସଙ୍ଗ କଂଗ୍ରେସ ସଂଗଠନରେ ଖୋଲା ଆଲୋଚନା କରିବାକୁ ଚାହୁଁଛନ୍ତି ତାହାକୁ ଏଡ଼ାଇ ଦେଇ ଲେଖିଲେ, "ବିସ୍ତୃତ ଭାବରେ ଆପଣଙ୍କ ଚିଠିର ଉତ୍ତର ଦେବାକୁ ଚେଷ୍ଟା କରିବି। କିନ୍ତୁ ଏବେ ମୋର ଏତେ କାର୍ଯ୍ୟ ବ୍ୟସ୍ତତା ଅଛି ଯେ ସେଥିରେ ବିଳମ୍ବ ଘଟିପାରେ। ସେଥିଲାଗି କ୍ଷମା ଚାହୁଁଛି। ଏଠାକୁ ମୁଁ ମାତ୍ର ଦେଢ଼ଦିନ ଲାଗି ଆସିଛି। ଆପଣ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି ତାହା ଉପରେ ଆମେ ଅନୌପଚାରିକ ଭାବେ ଆଲୋଚନା କଲେ ଭଲ ହୁଅନ୍ତା। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କହିପାରୁ ନାହିଁ ଏହା କେବେ ସମ୍ଭବ... ଗ୍ରାମ୍ୟ ଜୀବନରେ ସତ୍ୟ ଓ ଅହିଂସା ପ୍ରତିଫଳିତ ହେବ ବୋଲି ଆପଣଙ୍କ କଥା ମୁଁ ବୁଝିପାରେ ନାହିଁ। ବୌଦ୍ଧିକ ଓ ସାଂସ୍କୃତିକ ଦୃଷ୍ଟିରୁ ସାଧାରଣତଃ ଗାଁ ପଛୁଆ ଥାଏ। ଏହି ପଛୁଆ ବାତାବରଣରେ ପ୍ରଗତି ସମ୍ଭବ ନୁହେଁ। ବୋଧହୁଏ ସଂକୀର୍ଣ୍ଣମନା ଲୋକମାନେ ଅଧିକ ମିଥ୍ୟାବାଦୀ ଓ ହିଂସାପରାୟଣ... ଭାରତ ବୈଷୟିକ ଦୃଷ୍ଟିରୁ ଏକ ଉନ୍ନତ ଦେଶ ନହେବା ଯାଏ ଏହାର ପ୍ରକୃତ ସ୍ୱାଧୀନତା ସମ୍ଭବପର ହେବ ବୋଲି ମୁଁ ଭାବୁନାହିଁ।"

ଗାନ୍ଧୀଜୀଙ୍କ 'ହିନ୍ଦ୍ ସ୍ୱରାଜ' ବହିଟି ତାଙ୍କୁ ଅବାସ୍ତବ ଲାଗେ ବୋଲି ଦର୍ଶାଇ ନେହରୁ ଲେଖିଛନ୍ତି, "ପରବର୍ତ୍ତୀ ସମୟରେ ଆପଣଙ୍କର ସେହି ପୁରୁଣା ମତଗୁଡ଼ିକ ଢେର ବଦଳିଥିବା ଓ ଅନେକ ଆଧୁନିକ କଥାକୁ ଆପଣ ଗ୍ରହଣ କରିଥିବା ମୁଁ ଲକ୍ଷ୍ୟ କରିଛି। ତେବେ ଆପଣଙ୍କ ମନରେ ସେହି ପୁରୁଣା ଚିତ୍ର ଏବେବି ଅକ୍ଷୁର୍ଣ୍ଣ ରହିଥିବା କଥା ଆପଣଙ୍କ ଚିଠିରୁ ପଢ଼ି ବିସ୍ମିତ ହେଲି।" ସହରୀ ସଭ୍ୟତା ପ୍ରସଙ୍ଗରେ ନେହରୁ ତାଙ୍କ ଉତ୍ତରରେ ଗାନ୍ଧୀଜୀଙ୍କୁ ଲେଖିଛନ୍ତି, "ଅଗଣିତ ସାଧାରଣ ଜନତାଙ୍କ ଲାଗି ରାଜପ୍ରାସାଦର ପ୍ରଶ୍ନ ଉଠୁନାହିଁ। କିନ୍ତୁ କୋଟିକୋଟି ଲୋକଙ୍କର ସଂସ୍କୃତି ସଂପନ୍ନ ଜୀବନଧାରଣ ଲାଗି ଆଧୁନିକ ଧରଣର ବାସଗୃହ ଯେ କାହିଁକି ମିଳିବ ନାହିଁ ତା'ର କାରଣ ମୁଁ ବୁଝିପାରୁ ନାହିଁ। ଅବଶ୍ୟ ଏହା ଦୁଃଖର ବିଷୟ ଯେ ବହୁ ସହର ଅତିମାତ୍ରାରେ ବଢ଼ି ଚାଲିବା ଫଳରେ ବିଭିନ୍ନ ପ୍ରକାରର ଖରାପ ପ୍ରବୃତ୍ତି ଦେଖିବାକୁ ମିଳୁଛି। ସହରର ମାତ୍ରାଧିକ ବୃଦ୍ଧିକୁ ରୋକି ଗ୍ରାମମାନଙ୍କୁ ବିକଶିତ କରିବାକୁ ପଡ଼ିବ। ଏହାଫଳରେ ଗ୍ରାମ୍ୟ ଜୀବନ ଉପରେ ସହରୀ ସଂସ୍କୃତିର ପ୍ରଭାବ ପଡ଼ିବ।"

ବ୍ୟକ୍ତି ଜୀବନର ବିକାଶ ପାଇଁ ଗାନ୍ଧୀଜୀ ଯେଉଁ ଏକାଦଶ ବ୍ରତର ମାର୍ଗ ଦର୍ଶନ ଦେଇଯାଇଛନ୍ତି ତାହା କାର୍ଯ୍ୟକାରୀ କରାଯାଇଥିଲେ ଭାରତ କେବେ ଠାରୁ ବିଶ୍ୱଗୁରୁ ହୋଇସାରନ୍ତାଣି। ବିନ୍ଦୁବିନ୍ଦୁ ଜଳ ମିଶି ସିନ୍ଧୁ ହେବା ପରି ବ୍ୟକ୍ତି ଜୀବନର ସମ୍ମିଶ୍ରଣରେ ରାଷ୍ଟ୍ର ଜୀବନ ଗଠିତ ହୁଏ। ବ୍ୟକ୍ତି ଜୀବନ କଳୁଷିତ ହେଲେ ତାହାର ସାମୂହିକ କୁପ୍ରଭାବ ରାଷ୍ଟ୍ର ଜୀବନରେ ଅନୁଭୂତ ହୁଏ। ସେହିଭଳି ରାଷ୍ଟ୍ରୀୟ ଜୀବନକୁ ସମୃଦ୍ଧ କରିବା ପାଇଁ ଗାନ୍ଧୀଜୀ ନୀତି ବିହୀନ ରାଜନୀତି, ଚରିତ୍ର ବିହୀନ ଶିକ୍ଷା ଭଳି ଯେଉଁ ୭ଟି ସାଙ୍ଘାତିକ ପାପ ଠାରୁ ଦୂରେଇ ରହିବାକୁ କହିଥିଲେ ସେଗୁଡ଼ିକୁ ସ୍ୱାଧୀନୋତ୍ତର ଭାରତବର୍ଷରେ ଆପଣାଇ ନେବା ଫଳରେ ଆମେ ଏବେ ସମସ୍ୟା ସାଗରରେ ଉବୁଟୁବୁ ହେଉଛୁ। ଯେଉଁ ଭାରତ ବିଶ୍ୱକୁ ସତ୍ୟ ଓ ଅହିଂସାର ଗୁରୁମନ୍ତ୍ର ଶୁଣାଉଥିଲା ସେଠାରେ ଆଜି ହିଂସା, ମିଥ୍ୟାଚାର ଓ ଦୁର୍ନୀତି ଆଦି ବ୍ୟାପିବାରେ ଲାଗିଛି। ଆମ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଗଣଦୁର୍ନୀତି ଗ୍ରାସ କରି ଚାଲିଛି। ଗାନ୍ଧୀଙ୍କ ପ୍ରଦର୍ଶିତ ରଚନାତ୍ମକ କାର୍ଯ୍ୟକ୍ରମଗୁଡ଼ିକୁ ପାଶୋରୀ ଦେଇ ସରକାର ଦିଶାହୀନ ଭାବେ ଚାଲିଛନ୍ତି। ଗ୍ରାମ ସ୍ୱରାଜର ଠିକଣା ଅନୁପାଳନ ହେଉଥିଲେ ଲୋକେ ଅନୁଭବ କରୁଥାନ୍ତେ ପ୍ରତି ଗାଁରେ ଗୋଟିଏ ଗୋଟିଏ ରିପବ୍ଲିକ୍‌କୁ। ଏଥିସହ ଲୋକେ କହୁଥାନ୍ତେ, "ଆମ ଗାଁରେ ଆମେ ସରକାର- ଦିଲ୍ଲୀରେ ଆମ ସରକାର।" ବେକାରୀ, ବେରୋଜଗାରୀ, ଦରଦାମ ବୃଦ୍ଧି, ଅପରାଧ, ଦାରିଦ୍ର୍ୟ, ହିଂସା, ନିଶା ଆଦି କର୍କଟ ବ୍ୟାଧି ଭଳି ଆମ ସାମାଜିକ, ରାଜନୈତିକ, ଆର୍ଥିକ, ସାଂସ୍କୃତିକ ଓ ନୈତିକ ବ୍ୟବସ୍ଥାକୁ ତିଳତିଳ କରି ଗ୍ରାସ କରୁଥିବା ବେଳେ ବ୍ୟାଧିର ମୂଳ ଉପଚାର ନକରି କେବଳ ଯନ୍ତ୍ରଣା ଲାଘବ ପାଇଁ 'ପେନ୍‌କିଲର୍' ଦେଇ 'ଚଲ୍‌ତିକା ନାମ୍ ଗାଡ଼ି' ରୀତିରେ ସରକାରୀ ବ୍ୟବସ୍ଥା ଚାଲିଛି।

ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଗାନ୍ଧୀଜୀଙ୍କ ପଟ୍ଟଶିଷ୍ୟମାନେ କ୍ଷମତା ନିଶାରେ ମତୁଆଲା ହୋଇ ଗାନ୍ଧୀ ବାଟରୁ ହୁଡ଼ିବା ଫଳରେ ଦେଶକୁ ବହୁତ ମୂଲ୍ୟ ଦେବାକୁ ପଡ଼ିଛି। ବସ୍ତୁତଃ ଗାନ୍ଧୀଙ୍କୁ ହତ୍ୟା କରାଯିବା ବେଳକୁ ସେ ଅନ୍ତର୍ବେଦନାରେ କିଛିମାସ ଧରି ଛଟପଟ ହେଉଥିଲେ। ପ୍ରଗତିର ଯିଏ ଯେତେ ରଙ୍ଗୀନ ବିଜ୍ଞାପନ ଛାପିଲେ ବି ଏକଥା ସ୍ପଷ୍ଟ ଯେ ୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତର ୮୦ କୋଟି ୧୦ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ଓ ଗହମ ବାଣ୍ଟିବାକୁ ପଡୁଛି। ଅନ୍ନଦାତା କୃଷକ ଅଭାବ ଅନାଟନରେ ପଡ଼ି ଆତ୍ମହତ୍ୟା କରୁଥିବା ବେଳେ ବିଭିନ୍ନ ମାଗଣା ଯୋଜନା ଓ ବ୍ୟାପକ ରିହାତି ବ୍ୟବସ୍ଥା ଆମ ଆର୍ଥିକ ପ୍ରଗତି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଛି। ଦେଶର ଋଣବୋଝ ୨୦୦ଲକ୍ଷ କୋଟି ଟଙ୍କା ଆଡକୁ ମୁହାଁଇଥିବା ବେଳେ ବୈଦେଶିକ ଋଣବୋଝ ଓ ବାଣିଜ୍ୟିକ ନିଅଣ୍ଟ ଆମ ଉପରେ ଲଦି ହୋଇଯାଉଛି। ଦେଶ ସ୍ୱାଧୀନ ହେବା ବେଳକୁ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ସହ ସମାନ ଥିବା ବେଳେ ୭୮ବର୍ଷର ସ୍ୱାଧୀନତାରେ ଗୋଟିଏ ଆମେରିକୀୟ ଡଲାରର ମୂଲ୍ୟ ୮୫ ଟଙ୍କା ପାଖାପାଖି ହେଲାଣି। ବିଶ୍ୱ ଶାନ୍ତି ସୂଚକାଙ୍କରେ ଓ କ୍ଷୁଧା ସୂଚକାଙ୍କରେ ଆମର ସ୍ଥାନ ଢେର ପଛରେ। ଅବଶ୍ୟ ଏହି ୭୭ବର୍ଷ ଭିତରେ ଅନେକ କୋଠାବାଡ଼ି, ରାସ୍ତାଘାଟ, କଳକାରଖାନା, ସ୍କୁଲ, କଲେଜ୍, ଡାକ୍ତରଖାନା ଆଦି ଗଢ଼ି ଉଠିଛି। ଗାଡ଼ି ମୋଟର ସଂଖ୍ୟା ବି ବଢ଼ିଛି। ଏଥିସହ ତାଳଦେଇ ବଢ଼ିଛି ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ଅସାମଞ୍ଜସ୍ୟତା। ଆମ ଦେଶରେ ନିରକ୍ଷରତା କମିବା ସହିତ ପାଠୁଆ ଲୋକଙ୍କ ସଂଖ୍ୟା ବଢ଼ିଛି। ଦେଶ ଉପରେ ୫ କୋଟିରୁ ଅଧିକ ମାମଲାର ଚାପ ଆଇନ୍ ଅଦାଲତରେ ଗଡୁଥିବା ବେଳେ ସେଥିରୁ ୩ କୋଟିରୁ ଅଧିକ ଅପରାଧୀକ ମାମଲା। ମହିଳା ଓ ଶିଶୁମାନଙ୍କ ପ୍ରତି ବଢ଼ି ଚାଲୁଥିବା ଅପରାଧ ଯୋଗୁ ଆମେ ସମସ୍ତେ ଲଜ୍ଜିତ।

ଆମ ଦେଶରେ ସୃଷ୍ଟି ହୋଇଥିବା ବୈଜ୍ଞାନିକ, ଇଞ୍ଜିନିୟର, ଡାକ୍ତର ଇତ୍ୟାଦି ବିଦେଶରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ଏହା ସତ୍ତ୍ୱେ ବି ଗ୍ରାମର ବିକାଶକୁ ଉପେକ୍ଷା କରାଯିବା ସହ କୃଷି ଓ ଗ୍ରାମ୍ୟ ଶିଳ୍ପକୁ ହାଲୁକା ଭାବେ ନିଆଯିବା ଫଳରେ ପୁଞ୍ଜିପତିମାନଙ୍କର କାୟା ବଢ଼ି ଚାଲିଛି। ଏଭଳି ପରିସ୍ଥିତିରେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଭୋଟ ବେପାରୀ ଓ ଭୋଟ ଭିକାରିମାନେ ଗଣ ଦୁର୍ନୀତିକରଣରେ କିଭଳି ପରିଣତ କରିଛନ୍ତି ତାହାର ସଦ୍ୟତମ ଉଦାହରଣ ଦେଖାଗଲା ୨୦୨୪ରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ବେଳେ ଦୈନିକ ଜବତ ହେଉଥିବା ହାରାହାରି ୧୦୦ କୋଟି ଟଙ୍କାର ନଗଦ କଳା ଅର୍ଥ ଓ ନିଶା ସାମଗ୍ରୀରୁ। ନିଶା ପ୍ରସାରଣ ଯୋଗୁ ହିଂସା, ଅପରାଧ, ଅନଗ୍ରସରତା ଆଦି ବଢ଼ିବା ସଙ୍ଗେ ସଙ୍ଗେ ସରକାରଙ୍କ ଜନମଙ୍ଗଳକାରୀ ଯୋଜନାରୁ ଯେତେ ସୁଫଳ ମିଳିବା କଥା ତାହା ମିଳିପାରୁ ନାହିଁ। ଏ ପରିପ୍ରେକ୍ଷୀରେ ତ୍ରୁଟି ସଂଶୋଧନ କରି ସମୟୋପଯୋଗୀ ପରିବର୍ତ୍ତନ ସହ ଗାନ୍ଧୀଜୀଙ୍କ ପ୍ରଦର୍ଶିତ ସ୍ୱଦେଶୀ, ସ୍ୱାବଲମ୍ବନ, ସ୍ୱାଭିମାନ ଓ ଗ୍ରାମ ସ୍ୱରାଜକୁ ଆପଣାଇ ନୂଆ ଭାରତର ନକ୍ସା ନଆଙ୍କିଲେ ଆମେ ବି ପତଙ୍ଗ ଭଳି ଅଗ୍ନିକୁଣ୍ଡରେ ଝାସ ଦେବା ସାର ହେବ। ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବା ବେଳେ ଆମେ ବର୍ତ୍ତମାନର ସମୟକୁ ଅମୃତକାଳ କହୁଛୁ। ତେବେ ଏହି ଅମୃତ କାଳରେ ବହୁଥିବା ବିଷର ବନ୍ୟାକୁ ନିୟନ୍ତ୍ରଣ କରାନଗଲେ ତାହା ଆମ ବ୍ୟବସ୍ଥାକୁ ଅଧିକ କ୍ଷତି ପହଞ୍ଚାଇବ। ଅଧିକ କିଛି କରୁ ବା ନକରୁ ସ୍ୱାଧୀନତା ସଂଗ୍ରାମର ଘୋଷିତ ପ୍ରତିଶ୍ରୁତିଗୁଡ଼ିକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ବ୍ୟକ୍ତି ଓ ରାଷ୍ଟ୍ର ସଂକଳ୍ପବଦ୍ଧ ଉଦ୍ୟମ କଲେ ବହୁ ସମସ୍ୟାର ସହଜ ଓ ସରଳ ସମାଧାନ ହୋଇପାରିବ। ଏ ପରିପ୍ରେକ୍ଷୀରେ ନେହରୁଙ୍କୁ ଗାନ୍ଧୀ ୧୯୪୫ରେ ଲେଖିଥିବା ଉପରୋକ୍ତ ଚିଠି ଆଜିର ଦିନରେ ବି ବେଶ୍ ପ୍ରାସଙ୍ଗିକତା ବହନ କରେ।

# ରାସ ପୂର୍ଣ୍ଣିମାର ମହତ୍ତ୍ୱ



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଜଡ଼ିତ । ବାର ମାସ ଭିତରେ କାର୍ତ୍ତିକ ମାସକୁ ଧାର୍ମିକ ମାସ ବୋଲି କୁହାଯାଏ। ଅନ୍ୟପଟରେ ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣିମାକୁ 'ବୋଇତ ବନ୍ଦାଣ' ଦିବସ ଭାବରେ ପାଳନ କରାଯାଏ ଆଉ ସବୁ ଜଳାଶୟ ଡଙ୍ଗାରେ ପୂରିଉଠେ। ଉତ୍କଳର ପ୍ରାଚୀନ ଇତିହାସ ଓ ଖ୍ରୀଷ୍ଟପୂର୍ବୀୟ କାଳରେ ଓଡ଼ିଶାରେ ନୌବାଣିଜ୍ୟ ଦୃଷ୍ଟିକୋଣରୁ ଏହି ପର୍ବର ବୈଶିଷ୍ଟ୍ୟ ରହିଛି । ଏହି ପର୍ବରେ ଦୁର୍ଗାଙ୍କ ଶାରଦୀୟ ବନ୍ଦନା ପରେ ପରେ ଚନ୍ଦ୍ର ଏବଂ କାଳୀଙ୍କ ଆରାଧନା କରାଯାଏ । ଓଡ଼ିଶାର ପୁରପଲ୍ଲୀରେ ଦେବ ସେନାପତି ଚିର କୁମାର କାର୍ତ୍ତିକେୟଙ୍କ ଆରାଧନା ଏହି ମାସରେ ସମ୍ପାଦିତ ହୁଏ । କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ ସ୍ୱାଧୀ ପତ୍ନୀ ତୁଳସୀଙ୍କ ପାତିବ୍ରତ୍ୟ ବଳରେ ବଳିୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁ ଚେଷ୍ଟା ସତ୍ତ୍ୱେ ଜଳନ୍ଧର...... କୌଣସି ଅନିଷ୍ଟ କରିପାରି ନଥିଲେ । ଶୁକ୍ଳ ଏକାଦଶୀ ତିଥିଠାରୁ ଶ୍ରୀକୃଷ୍ଣଙ୍କ ଶରତ ରାସ ଯାତ୍ରା ଆରମ୍ଭ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ରାସ ଉତ୍ସବ ଉଦ୍‌ଯାପନ ହୋଇଥାଏ। ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ପଡ଼େ ଭୀଷ୍ମ ପଞ୍ଚକ। ଏହାର ଅନ୍ୟ ନାମ ବକ ପଞ୍ଚକ । କୁହାଯାଏ ଯେ, ପଞ୍ଚକ ପାଞ୍ଚ ଦିନ ଯାକ ବଗ ମଧ ମାଛ ଖାଇନଥାଏ । ଚତୁର୍ମାସ୍ୟ ବ୍ରତ ସମାପ୍ତ ହେଉଥିବା ଯୋଗୁଁ ଏହାକୁ ଚତୁର୍ମାସ୍ୟ ପଞ୍ଚକ ବୋଲି ମଧ କୁହାଯାଇଥାଏ । ଚତୁର୍ଦ୍ଦଶୀ ଦିନ ଶିବ ଉତ୍‌ଥାନ ଯାତ୍ରା ଓ ବଡ଼ ଓଷା ଅନୁଷ୍ଠିତ ହୋଇଥାଏ। ବିଷ୍ଣୁ ପୁରାଣ ଅନୁସାରେ, କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥିରେ ଭଗବାନ ବିଷ୍ଣୁ ତାଙ୍କର ଦଶ ଅବତାରର ପ୍ରଥମ ଅବତାର ଧାରଣ କରିଥିଲେ । ଜଳ ପ୍ରଳୟ ସମୟରେ ସାରା ପୃଥିବୀ ଜଳମଗ୍ନ ହୋଇଯାଇଥିଲା। ସେତେବେଳେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାରରେ ସମସ୍ତଙ୍କୁ ରକ୍ଷା କରିଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଧାରଣ କରିବା ଯୋଗୁଁ ବୈଷ୍ଣବ ମତରେ ଏହି ପୂର୍ଣ୍ଣିମାର ବିଶେଷ ମହତ୍ତ୍ୱ ରହିଛି।

ଆକାଶଦୀପ ପ୍ରତିଷ୍ଠା କାର୍ତ୍ତିକ କୃତ୍ୟର ଆଉ ଏକ ଅବଦାନ । କାର୍ତ୍ତିକ ମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ । ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ପ୍ରଜ୍ୱଳନ ବିଧି ପ୍ରଚଳିତ । ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପରେ ପ୍ରତି ସନ୍ଧ୍ୟାରେ ଆକାଶଦୀପ ରଖାଯାଉଥାଏ । ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବାର ବିଧି ପ୍ରଚଳିତ । ସେଦିନ ପ୍ରତ୍ୟୁଷରୁ ଆବାଳ- ବୃଦ୍ଧା- ବନିତା ନଦୀ ବା ପୁଷ୍କରିଣୀରେ ବୁଡ ପକାଇ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ସେସବୁ ଭସାଇ ଦିଅନ୍ତି । ଏହି ସମୟରେ ଗାନ କରନ୍ତି 'ଆ କା ମା ବୈ, ପାନ ଗୁଆ ଥୋଇ ପାନ ଗୁଆ ତୋର, ମାସକ ଧରମ ମୋର।' ବିଶ୍ୱାସ ରହିଛି ଯେ ଏହିଦିନ ପ୍ରତ୍ୟୁଷରୁ ସ୍ନାନପୂର୍ବକ ଦେବଦର୍ଶନ କଲେ ସମସ୍ତ ପ୍ରକାର ପାପ ନାଶ ହୋଇଥାଏ । ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ- ଏଇ ଚାରିମାସ ହେଉଛି ସୂର୍ଯ୍ୟଙ୍କର ଅୟନାନ୍ତ କାଳ। ଏହି ଅୟନାନ୍ତ ଦିବସମାନଙ୍କରେ ସୌରଦେବଙ୍କ ଉପାସନା କରାଯାଏ । ପୌରାଣିକ ଅନୁଧ୍ୟାନରୁ ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ। ଏହି ଅବସରରେ ଓଡ଼ିଶାର ନରନାରୀ ଜଳରେ ସ୍ୱଦେଶ ସଂସ୍କୃତିର ପ୍ରତୀକ ଉପାସନା ସାମଗ୍ରୀ ତାମ୍ବୁଳ, ଅକ୍ଷତ ଓ ତିଳ ନିକ୍ଷେପ ପୂର୍ବକ ପ୍ରତିଦାନ ସ୍ୱରୂପ ଦେବତାଙ୍କଠାରୁ ପୁଣ୍ୟ କାମନା କରିଥାନ୍ତି । ଏହି ପୂର୍ଣ୍ଣିମା ଅବକାଶରେ ପ୍ରାଚୀନ ଉତ୍କଳର ରାଜଧାନୀ କଟକନଗରୀ ଉପକଣ୍ଠସ୍ଥ ବାରବାଟୀ ଦୁର୍ଗ ନିକଟବର୍ତ୍ତୀ ପଡ଼ିଆରେ ବାଲିଯାତ୍ରା ଅନୁଷ୍ଠିତ ହୁଏ । ଏହା ଓଡ଼ିଶାର ଏକ ପ୍ରଧାନ ଉତ୍ସବ। ଉତ୍କଳର ବିଲୁପ୍ତ ନୌପରମ୍ପରା ସହିତ ଏହାର ସଂପୃକ୍ତି ରହିଛି । କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ଦିବସ ନାମରେ ମଧ ଖ୍ୟାତ । ପୌରାଣିକ ମତେ ପରମପିତା ବ୍ରହ୍ମା ଦେବର୍ଷି ନାରଦଙ୍କୁ କାର୍ତ୍ତିକ ମାସର ମାହାତ୍ମ୍ୟ ବୁଝାଇ କହୁଛନ୍ତି – ମାସମାନଙ୍କ ମଧ୍ୟରେ କାର୍ତ୍ତିକ, ଦେବତାମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ଏବଂ ତୀର୍ଥମାନଙ୍କ ମଧ୍ୟରେ ନାରାୟଣ ତୀର୍ଥ ବଦରିକାଶ୍ରମ ଶ୍ରେଷ୍ଠ । ଏ ତିନି କଳିଯୁଗରେ ଅତ୍ୟନ୍ତ ଦୁର୍ଲଭ " ନା କାର୍ତ୍ତିକ ସମୋ ମାସୋ ନ କୃତେନ ସମଂ ଯୁଗମ୍ ନ ବେଦ ସଦୃଶଂ ଶାସ୍ତ୍ରଂ ନ ତୀର୍ଥଂ ଗଙ୍ଗାୟା ସମମ୍।" ଅର୍ଥାତ୍ କାର୍ତ୍ତିକ ପରି ମାସ ନାହିଁ, ସତ୍ୟଯୁଗ ପରି ଯୁଗ ନାହିଁ, ବେଦସଦୃଶ ଶାସ୍ତ୍ର ନାହିଁ ଏବଂ ଗଙ୍ଗା ପରି ତୀର୍ଥ ନାହିଁ । କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କର ଅତିପ୍ରିୟ ମାସ । ତନ୍ମଧ୍ୟରୁ ଶେଷ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପବିତ୍ର ଦିବସ । ଏହି ପାଞ୍ଚଦିନକୁ ଭୀଷ୍ମ ପଞ୍ଚକ, ବକ ପଞ୍ଚକ, ମହାପଞ୍ଚକ ଇତ୍ୟାଦି କୁହାଯାଏ । ଛାଡ଼ଖାଇ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ।

ଛାଡ଼ଖାଇ, ଓଡ଼ିଶାରେ ପାଳିତ ଏକ ସାମାଜିକ ଚଳଣି । ଲୋକମାନେ ମାସେ କାଳ ଆମିଷ ଖାଦ୍ୟରୁ ନିବୃତ୍ତ ରହି କାର୍ତ୍ତିକ ମାସ ଶେଷରେ ଆମିଷ ଭକ୍ଷଣ କରିବାକୁ ପସନ୍ଦ କରନ୍ତି । ଛାଡ଼ଖାଇ ଶବ୍ଦଟି, 'ଛାଡ଼' ଓ 'ଖାଇ' ଦୁଇଟି ଶବ୍ଦର ସନ୍ଧିରୁ ବିକଶିତ। ଛାଡ଼ ଅର୍ଥ ସମୟର ଅନ୍ତରାଳ ଓ ଖାଇ ଅର୍ଥ ଖାଇବା। ଅର୍ଥାତ, କିଛି ସମୟ ଅନ୍ତରାଳ ପରେ ଖାଇବା । କିଛି ତଥ୍ୟ ଅନୁଯାୟୀ ଓଡ଼ିଆ ସାଧବ ପୁଅମାନେ ନୌବାଣିଜ୍ୟ କରିବା ପାଇଁ, କେଉଟମାନେ ସମୁଦ୍ରକୁ ମାଛ ମାରିବା ପାଇଁ ଏହି ସମୟରେ ଯାତ୍ରାରମ୍ଭ କରୁଥିଲେ । ସେମାନଙ୍କୁ ମେଲାଣି ଦେବାପାଇଁ ଆୟୋଜନ କରାଯାଉଥିବା ଭୋଜିରେ ଆମିଷ ରହୁଥିଲା । ଛାଡ଼ଖାଇ ଏହିପରି ଭାବରେ ଆରମ୍ଭ ହୋଇଥାଇପାରେ । ବର୍ଷର ଏହି ସମୟରେ ମାଛମାନେ ସମୁଦ୍ର ତଟ ପାଖକୁ ଆସନ୍ତି, ତେଣୁ ମାଛ ଅମଳ ମଧ ଭଲ ହୋଇଥାଏ । କିଛି ମତରେ, ଛାଡ଼ଖାଇ ଠାରୁ ଶୀତ ରତୁର ଆରମ୍ଭ ହୋଇଥାଏ। ଶୀତ ଦିନରେ କୁକୁଡ଼ା ଓ ଛେଳି ମାଂସରେ ସ୍ନେହସାର ଓ ଆର୍ଦ୍ରତାର ଅନୁପାତ ଭଲ ରହୁଥିବାରୁ, ଶୀତ ଦିନ ମାଂସ ଖାଇବା ଭଲ ।

ଛାଡଖାଇର ମାନେ କ'ଣ ଆମିଷ ଖାଇବା, ନା ଆଉ କିଛି... । ଲୋକଙ୍କ ବିଶ୍ୱାସ ରହିଛି ଯେ, କାର୍ତ୍ତିକ ମାସ ଏକ ପବିତ୍ର ମାସ। ଏହି ମାସରେ ସେବା ଧର୍ମ କଲେ ପୁଣ୍ୟ ମିଳେ। ସେଥିପାଇଁ କାର୍ତ୍ତିକ ବ୍ରତ ପାଳନ କରୁଥିବା ଲୋକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଆମିଷ ଖାଆନ୍ତି ନାହିଁ। ଏହି ଧର୍ମ ମାସରେ ଘରେ ଆମିଷ ହୁଏ ନାହିଁ। କେହି କେହି କେବଳ ପଞ୍ଚୁକ ପାଞ୍ଚ ଦିନ ମାନନ୍ତି। ତେବେ ଛାଡଖାଇ ନେଇ ଅନେକ ମତ ରହିଛି । ଲୋକଙ୍କ ବିଶ୍ୱାସ ରହିଛି ଯେ, କାର୍ତ୍ତିକ ମାସ ଏକ ପବିତ୍ର ମାସ। ଏହି ମାସରେ ସେବା ଧର୍ମ କଲେ ପୁଣ୍ୟ ମିଳେ। ତା' ପରଦିନ କିନ୍ତୁ ପ୍ରାୟ ସମସ୍ତଙ୍କ ଘରେ ଆମିଷ ହୁଏ। ଛାଡଖାଇ ବାହାନାରେ ହଜାର ହଜାର ନିରୀହ ଜୀବଙ୍କୁ ମାଂସ ପାଇଁ ହତ୍ୟା କରାଯାଏ। କିନ୍ତୁ ପ୍ରକୃତରେ ଛାଡଖାଇର ଅର୍ଥ କ'ଣ ଆମିଷ ଭକ୍ଷଣ, ନା ଆଉ କିଛି .......। କାର୍ତ୍ତିକ ମାସରେ ହବିଷ କରୁଥିବା ହବିଷିଆଳିମାନେ ମାସ ସାରା ଦିନକୁ ମାତ୍ର ଗୋଟିଏ ଥର ଖାଇ ହବିଷ କରିଥାଆନ୍ତି। କାର୍ତ୍ତିକ ପୂର୍ଣ୍ଣମୀ ପରଦିନକୁ ଛାଡଖାଇ ଭାବରେ ପାଳନ କରନ୍ତି। ସେହିଦିନ ସେମାନେ ସମ୍ପୂର୍ଣ୍ଣ ଭାବରେ ଆହାର ଛାଡି ନିର୍ଜଳା ଉପବାସ କରିଥାଆନ୍ତି, ଯାହାକୁ ଛାଡଖାଇ କୁହାଯାଏ। ଯେହେତୁ ଖାଇବା ଛାଡି ଦିଆଯାଏ, ସେଥିପାଇଁ ଏହାକୁ ଛାଡଖାଇ କୁହାଯାଏ । ଆମେ କିନ୍ତୁ ଛାଡଖାଇକୁ ଅଲଗା ଅର୍ଥରେ ନେଇଥାଉ, ସେହି ପବିତ୍ର ଦିନରେ ଗୋଟେ ନିରୀହ ଜୀବକୁ କଲବଲ କରି ତା'ର ବିନା ଇଚ୍ଛାରେ ତାକୁ ମାରି, ତା'ର ଭୟ ଆଉ ରାଗରେ ଜର୍ଜରିତ ଶରୀରକୁ ଉଦରସ୍ଥ କରି ଏକ ପ୍ରକାର ପାପ କରୁଅଛେ । ଅନ୍ୟ ଅର୍ଥରେ ଦେଖିଲେ 'ଉପବାସ' ଦୁଇଟି ଶବ୍ଦ, 'ଉପ + ବାସ'ରୁ ସୃଷ୍ଟି । 'ଉପ' ଅର୍ଥ - ସହଯୋଗ, 'ବାସ' କହିଲେ - ସଦାଚାର । ସହଯୋଗ ପୂର୍ବକ ସଦାଚାର ଭାବରେ ଦିନଟିକୁ ପାଳନ କରିବାକୁ ଉପବାସ କୁହାଯାଏ । ଆମେ କ'ଣ ଏଭଳି ଏକ ବାସ୍ତବତାକୁ ବୁଝି ପାରିଛେ କି ? ଛାଡ଼ଖାଇ ଏହିପରି ଭାବରେ ଆରମ୍ଭ ହୋଇଥାଇପାରେ ବୋଲି ଅନେକ ଲୋକମତ ରହିଛି.. କିନ୍ତୁ ମହାଜନ ଯେନ ଗତସ୍ୟ ପନ୍ଥା... ।




ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ୍ ପକ୍ଷରୁ ଶିଶୁ ଦିବସ ଅବସରରେ ଅଷ୍ଟମ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଯୋଗ ଦେଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ପବିତ୍ର ଶିଶୁ ଦିବସ ଉପଲକ୍ଷେ ପିଙ୍ଗଳାକ୍ଷୀ ପବ୍ଲିକ୍ ଅର୍ଗାନାଇଜେସନ୍ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଷ୍ଟମ ପ୍ରତିଭା ଅନ୍ୱେଷଣ ଚଳିତ ବର୍ଷର ପୁରସ୍କାର ବିତରଣ ସମାରୋହ ଉଦ୍‌ଯାପିତ ହୋଇଯାଇଛି । ୧୦ ତାରିଖ ଠାରୁ ପ୍ରତିବର୍ଷ ଭଳି ଅଷ୍ଟମ ଜିଲ୍ଲାସ୍ତରୀୟ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗୀତା, ଚିତ୍ରାଙ୍କନ, ଓଡ଼ିଆ ଏବଂ ଇଂରାଜୀ ବକ୍ତୃତା ବିଭାଗରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ୨୬ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ତହସିଲଦାର ନିମାପଡ଼ା ବସନ୍ତ କୁମାର ହାତୀ, ପୋଲିସ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ବିଡ଼ିଓ ଡ଼ଃ ଅଭିଜିତ୍ ଷଡ଼ଙ୍ଗୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କ୍ଷମାନିଧି ସେଠୀ, ଗୋବିନ୍ଦ ଚନ୍ଦ୍ର ନାୟକ, ଡ଼ଃ ପ୍ରଭାକର ତ୍ରିପାଠୀ, ପିପିଡ଼ବ୍ଲ୍ୟୁଓର ମୁଖ୍ୟ ଗଗନ ବିହାରୀ ଦାସ, ଉପ-ସଭାପତି ପଦ୍ମଲୋଚନ ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ ୨୬ ଜଣ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣ ପତ୍ର ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜନ୍ମେଜୟ ସ୍ୱାଇଁ, ପ୍ରଜ୍ଞା ପରମିତା ପରିଡ଼ା, ମୌସୁମୀ ରାୟ ସିଂ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ ।

## ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ଅଂଚଳରେ ମାତିଛନ୍ତି ଡ଼କାୟତ । ବିଭିନ୍ନ ଲୋକଙ୍କ ଘରେ ପଶି ଡ଼କାୟତି କରୁଥିବା ବେଳେ ଲୋକମାନେ ଆତଙ୍କିତ ହୋଇପଡ଼ୁଛନ୍ତି । ଏହି ଥାନା ଅଂଚଳରେ ଡ଼କାୟତମାନେ ଗତ ରାତ୍ରରେ ଘରେ ପଶି କଳାକନା ବୁଲାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ ମଧ ଖବର ଲେଖା ହେବା ପର୍ଯ୍ୟନ୍ତ ଚୋରଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ । ମିଳିଥିବା ସୂଚନା ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତ୍ରରେ ବଳଙ୍ଗା ଥାନା ନିକଟସ୍ଥ ବାଲିଘାଇ ଛକରେ ରହୁଥିବା ଲକ୍ଷ୍ମୀଧର ବେହେରା ଥାନାରେ ଅଭିଯୋଗ କରିଛନ୍ତି, ବୁଧବାର ରାତିରେ ଲକ୍ଷ୍ମୀଧର ଓ ତାଙ୍କର ପତ୍ନୀ ଦାଣ୍ଡଘରେ ଶୋଇଥିବା ବେଳେ ବିଳମ୍ବିତ ରାତ୍ରରେ କୌଣସି ଡ଼କାୟତ ଘର ପଛପଟ କବାଟ ତାଲା କାଟି ଘରେ ପଶି ଗଡ଼ରେଜ ଆଲମିରା ଭିତରେ ଥିବା ନଗଦ ୫୦ ହଜାର ଟଙ୍କା, ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଚୋରୀ କରି ନେଇଛନ୍ତି । ସକାଳୁ ଲକ୍ଷ୍ମୀଧର ଏହା ଦେଖିପାରି ବଳଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଛି ।

## ବାଲିଯାତ୍ରା ପାଇଁ ଚଳଚଞ୍ଚଳ ପାରାଦୀପ

# ମହୋତ୍ସବକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ପାରାଦୀପ (ଭାସ୍କର ନ୍ୟୁଜ୍) : ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ମହୋତ୍ସବ-୨୦୨୪ ଗୁରୁବାର ସନ୍ଧ୍ୟାରେ ପାରାଦୀପ ସମୁଦ୍ର ବେଳାଭୂମି ସଂଲଗ୍ନ ବିଜୁ ମୈଦାନ ପଡିଆରେ ମହା ସମାରୋହରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି ମହୋତ୍ସବକୁ ଉଦଘାଟନ କରିଛନ୍ତି । ହେଲିକାପ୍ଟରରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଅବତରଣ କରିବା ପରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସାଂସଦ ବିଭୁ ପ୍ରସାଦ ତରାଇଙ୍କ ସହ ଏକ ବିରାଟ ଶୋଭାଯାତ୍ରାରେ ଯାଇ ବାଜପାୟୀ ପାର୍କ ଠାରେ ଥିବା ଅଟଳ ବିହାରୀ ବାଜପାୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହାପରେ ଶୋଭାଯାତ୍ରା ବାଲିଯାତ୍ରା ପଡିଆ ସଭା ମଞ୍ଚ ପାଖରେ ପହଞ୍ଚିଥିଲା । ଜଗତସିଂହପୁର ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଅଧକ୍ଷ ଜେ.ସୋନାଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିବା ବେଳେ ଜଗତସିଂହପୁର ସାଂସଦ ଡ଼ଃ.ବିଭୁ ପ୍ରସାଦ ତରାଇ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ବିଧାୟକ ଡ଼ଃ.ରମାକାନ୍ତ ଭୋଇ, ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, କେନ୍ଦ୍ରାଞ୍ଚଳ ପୋଲିସ ଡିଆଇଜି ଚରଣ ସିଂହ ମିନା, ଜଗତସିଂହପୁର ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ, ଜଗତସିଂହପୁର ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟ ଉପରେ ଆଲୋକପାତ କରିଥିଲେ କ୍ଷ ଏହି ସମସ୍ତ କାର୍ଯ୍ୟକ୍ରମକୁ ବାଲିଯାତ୍ରା କମିଟି ର ଉପାଧକ୍ଷ ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ ସମ୍ପାଦକ ତଥା ପାରାଦୀପ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ କମିଟି ସଭ୍ୟ ମାନେ ସକ୍ରିୟ ସହଯୋଗ କରିଥିଲେ । ଚଳିତ ମହୋତ୍ସବରେ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଷ୍ଟଲ ନିର୍ମାଣ କରଯାଇଥିବା ବେଳେ ଏଥିରେ ଓରମାସ ପଲିଶ୍ରୀ ମେଳା, ବିଭିନ୍ନ ହସ୍ତତନ୍ତ, ମନୋହରି, ଘର ଉପକରଣ ସାମଗ୍ରୀ ସାଙ୍ଗକୁ ଓ ସ୍ୱାଦିଷ୍ଟ ଖାଦ୍ୟ ଷ୍ଟଲ ମାନ ନିର୍ମାଣ କରାଯାଇଛି । ସେହିପରି ପାରାଦୀପ ବନ୍ଦର ପ୍ରାଧିକରଣ, ଇଫକୋ, ଆଇଓସିଏଲ ପାରାଦୀପ ରିଫାଇନେରୀ, ଏଏମଏନଏସ ପ୍ରମୁଖଙ୍କ ସମେତ ବିଭିନ୍ନ ଶିକ୍ଷ ଅନୁଷ୍ଠାନର ମଡେଲ ଷ୍ଟଲ ମାନ ଖୋଲାଯାଇଛି । ସେହିପରି ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ବାଲିଯାତ୍ରା କମିଟି ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ୧୪ ତାରିଖ ଉଦଘାଟନୀ ସନ୍ଧ୍ୟାରେ ଓଡ଼ିଶାର ପ୍ରସିଦ୍ଧ କଣ୍ଠ ଶିଳ୍ପୀ ମନ୍ତୁ ଛୁରିଆ ମନଛୁଆଁ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ୧୫ ତାରିଖ ଶୁକ୍ରବାର ସନ୍ଧ୍ୟାରେ କଣ୍ଠ ଶିଳ୍ପୀ ଦିପ୍ତୀରେଖା, ୧୬ ତାରିଖରେ ସ୍ୱୟଂ ପାଢ଼ୀ, ୧୭ ରେ ସତ୍ୟଜିତ ପ୍ରଧାନ ଓ ସାଇସଂଗ୍ରାମ, ୧୮ରେ ସାରେ ଗାମା ମ୍ୟୁଜିକାଲ ନାଇଟ, ୧୯ ରେ ଅସୀମା ପଣ୍ଡା, ୨୦ରେ ଅଭିଜିତ ମଜୁମଦାର ଏବଂ ନଭେମ୍ବର ୨୧ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ବଲିଉଡର ପ୍ରସିଦ୍ଧ କଣ୍ଠ ଶିଳ୍ପୀ ସୋନୁ ନିଗମ ସଂଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଆଠଦିନ ବ୍ୟାପି ମହୋତ୍ସବରେ ବିପୁଳ ଜଣସମାବେଶକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୩ ପ୍ଲାଟୁନ ପୋଲିସ ଫୋର୍ସ ଓ ୫୫ ଜଣ ପୋଲିସ ଅଧିକାରୀ ନିୟୋଜିତ କରାଯାଇଥିବା ଜଣାପଡିଛି ।

## ବିଭିନ୍ନ ସ୍ଥାନରେ ଶିଶୁଦିବସ

### କେନ୍ଦ୍ରାପଡା ପବ୍ଲିକ ସ୍କୁଲ




କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସ୍କୁଲର ପ୍ରତିଷ୍ଠାତା ପ୍ରଫେସର ଅଜୟ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମଦିବସକୁ ଶିଶୁଦିବସ ଭାବେ ପାଳନ କରାଯାଉଥିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏଥିସହିତ ଚାଚା ନେହେରୁ କିପରି ଶିଶୁମାନଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ ତାହା ଶ୍ରୀ ରାଉତ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ଅଧକ୍ଷ ସରୋଜକାନ୍ତ ନାୟକ, ଶିକ୍ଷୟିତ୍ରୀ କଳ୍ପନା ନାୟକ, ଜଗନ୍ନାଥ ନାୟକ ଓ ତୁଳସୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ପ୍ରଫେସର ସ୍ମୃତିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ୍) : କୁଡୁମୁଲୁଗୁମ୍ମା ନିକଟସ୍ଥ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ଅଭିନବ ଢ଼ଙ୍ଗରେ ଶିଶୁ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ମହେଶ ପ୍ରସାଦ ପତି ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମାଜସେବୀ ଭଗବାନ ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବ୍ରଜ ନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ ଓ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷ ମହେଶ୍ୱର ସାହୁ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀ ମାନେ ନିଜ ଘରେ ତିଆରି ହୋଇଥିବା ବିଭିନ୍ନ ପ୍ରକାରର ସୁଆଦିଆ ବ୍ୟଞ୍ଜନକୁ ଆଜିର 'ଖାଦ୍ୟ ଉତ୍ସବ'ରେ ପରସିବା ସହ ସଠିକ ଦର ତାଲିକା ଉଲ୍ଲେଖ କରିଥିଲେ । ପାଖାପାଖି ୩୦ ଗୋଟି ଷ୍ଟଲ୍‌ରେ ଓଡ଼ିଆ ମାନଙ୍କ ପାରମ୍ପରିକ ପିଠା ପଣା ଯଥା ମାଣ୍ଡିଆ ତିଆରି ଲଡୁ, ମୁଗ ପିଠା, ଆରିସା, କାକରା, ଚନ୍ଦ୍ରକାନ୍ତି, ଫଳରସ,କଷ୍ଟାର୍ଡ ତଥା ବିନା ପିଆଜ ରସୁଣ ରେ ତିଆରି ବିରିଆନୀ ଭଳି, ଭଳିକି ଭଳି ଖାଦ୍ୟ ପଦାର୍ଥ ମାନ ପରସି ସ୍ୱଳ୍ପ ଅର୍ଥ ଉପାର୍ଜନ କରିଥିଲେ । ଖାଦ୍ୟ ପ୍ରଦର୍ଶନୀ ସରିବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ପିଲାମାନଙ୍କୁ ନୂତନ ସ୍କୁଲ ୟୁନିଫର୍ମ ବଣ୍ଟନ ସହ ଆଜିର ଖାଦ୍ୟ ପ୍ରଦର୍ଶନୀ ରେ କୃତିତ୍ୱ ଅର୍ଜନ କରିଥିଲା ପ୍ରତିଯୋଗି ମାନଙ୍କୁ ଆଗାମୀ ଦିନରେ ପୁରସ୍କୃତ କରାଯିବ ବୋଲି ପ୍ରିନ୍ସପାଲ ଶ୍ରୀ ସାହୁ ସୁଚନା ଦେଇଥିଲେ । ଶେଷରେ ଓଏଭି ଶିକ୍ଷକ ପପୁ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଶିଶୁ ଦିବସ କୁ ଏକ ଅଭିନବ ଢ଼ଙ୍ଗରେ ପାଳନ ହୋଇଥିବାରୁ ଖାସକରି ଛାତ୍ରଛାତ୍ରୀ ମାନେ ବହୁତ ଖୁସି ଜାହିର କରିଛନ୍ତି ।

### ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ



ବୋଲଗଡ (ଭାସ୍କର ନ୍ୟୁଜ୍) : ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ମେଧାବୀ ବିଦ୍ୟାର୍ଥୀମାନଙ୍କୁ ସମ୍ମାନିତ କରିବା ପାଇଁ ଶିଶୁଦିବସ ପାଳନ ଅବସରରେ ଶିକ୍ଷକ ବିଭୂପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରଯାଇଥିଲା । ଉକ୍ତ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ । ପ୍ରାକ୍ତନ ବୋଲଗଡ ମଣ୍ଡଳ ସଂଯୋଜକ ପଦ୍ମଚରଣ ବେହେରା ମୁଖ୍ୟ ଅତିଥି, ଚନ୍ଦ୍ରଶେଖରପୁର ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ପଞ୍ଚୁ ଭାଟିମିଲ୍ଲ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା ଅଧକ୍ଷା ବିନୋଦିନୀ ଦଉ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଶିକ୍ଷକ ବିଶ୍ୱଜିତ ସରୋଜ କୁମାର ସ୍ୱାଗତ ଭାଷଣ ଏବଂ ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପରୋକ୍ତ ଉଚ୍ଚ ବିଦ୍ୟାଳୟର ୨୦୨୪ ମେଟ୍ରିକ ପରୀକ୍ଷାରେ ୧ମ ସ୍ଥାନ ଅଧିକାର କରିଥିବା ଗଙ୍ଗାଧର ଭୋଇ ସମେତ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀ ମାନଙ୍କୁ ୨୦୦୮ମେଟ୍ରିକ ବ୍ୟାଚ ତରଫରୁ ୬୦୦୦ ଟଙ୍କା ଅର୍ଥରାଶି ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ୨୦୨୩- ୨୪ ଶିକ୍ଷାବର୍ଷରେ ୧ମ ସ୍ଥାନ ହାସଲ କରିଥିବା ୧ମ ରୁ ୧୦ମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କୁ ଉଭୟ ବିଶିଷ୍ଟ କୃଷକ ନେତା ସନାତନ ନାୟକ ସ୍ମୃତି ପରିଷଦ , ସମ୍ପୁର ଓ ସ୍ମାର୍ଟ ସେବା ଏଜୁକେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ , ନାଟୁଣୀ ତରଫରୁ ଅଭିନନ୍ଦନିକା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଶିଶୁ ଦିବସ ଅବସରରେ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ ନମିତା ସାହୁ ବକ୍ତୃତା, ସ୍ମିତାସିନ୍ଧୁ ମହାପାତ୍ର ଓ ଦିପ୍ତୀରଂଜନ ଦାସ କଣ୍ଠସଂଗୀତ, ସୌଦାମିନୀ ସୁବୁଦ୍ଧି ଓ ଅଂଶୁମାନ ଧଳ ଏକକନୃତ୍ୟ,ଶୁଭଶ୍ରୀ ଧଳ ଓ ସୌଦାମିନୀ ପରିଡା ଦଳୀୟ ନୃତ୍ୟର ବିଚାରକ ରୂପେ ୧ମ, ୨ୟ ଓ ୩ୟ ପ୍ରତିଯୋଗୀ ଚୟନ କରିବା ପରେ ସେମାନଙ୍କୁ ମୁଖ୍ୟ ଅତିଥି ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଶୈବାଳିକା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ଓ ସ୍ନେହଲତା ପାଇକରାୟ, ସମ୍ବିତ୍ କେଦାର କର ଓ ଶିବ ପ୍ରଧାନ ସହଯୋଗ କରିଥିଲେ ।

### ଭଣ୍ଡାରିପୋଖରୀ ଉଚ୍ଚବିଦ୍ୟାଳୟ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ରେ ସଭାପତିତ୍ୱ ଶିଶୁ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଳା ପ୍ରଦାନ କରି ପ୍ରଦୀପ ପ୍ରଜ୍ୱୋଳନ କରି ଶିଶୁ ଉତ୍ସବ ଟିକୁ ଉଦ୍ ଘାଟନ କରି ଥିଲେ । ଛାତ୍ର ଛାତ୍ରୀ ମାନେ ଚାଚା ନେହେରୁଙ୍କ ଉପରେ ବକ୍ତବ୍ୟ ରଖିଥିଲେ । ଶିକ୍ଷୟିତ୍ରୀ ତପୋଜା ସାହୁ, ବିଷ୍ଣୁପ୍ରିୟା ଯେନା, ରୂପାଲି ଅପରାଜିତା ପଟ୍ଟନାୟକ, ବର୍ଷା ରାଣୀ ପଲକ, ଉର୍ମିଳା ନାୟକ, ମହାମାୟା ମହାପାତ୍ର ପ୍ରମୁଖ ନେହେରୁଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ ଓ ଛାତ୍ର ଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ଶିଶୁ ମାନେ ହିଁ ସମାଜର ସମ୍ପତ୍ତି, ସେମାନଙ୍କର ଦାୟିତ୍ୱ ଆମ ସମସ୍ତଙ୍କ ର ବୋଲି କହିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାମାନ କରାଯାଇ ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ମାନସ କୁମାର ସାହୁ, ଗଙ୍ଗାଧର ଦଳେଇ, ନରେନ୍ଦ୍ର କୁମାର ନାୟକ, ଚନ୍ଦ୍ର ଶେଖର ମହାପାତ୍ର, ମନ୍ଦୋଦରୀ ସାହୁ, ଜ୍ୟୋସ୍ନା ରାଣୀ ସାହୁ, ସୁଜାତା ଦାଶ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତା ମାନ କରିଥିଲେ । ସଭା ଆରମ୍ଭରୁ ଛାତ୍ର ଛାତ୍ରୀ ମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ପରିଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ପ୍ରଦାନ କରାଯାଇଥିଲା ।

## ମର୍ମନ୍ତୁଦ ଦୁର୍ଘଟଣା, ଥାନାରେ ଅଭିଯୋଗ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବଡ଼ଓଷା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ଭିଡ଼ ଥିବା ସମୟରେ ଅସ୍ତରଙ୍ଗରୁ ହୀରାଦେଇପୁର ମୁଖ୍ୟରାସ୍ତାର ସନ୍ଧ୍ୟା ସମୟରେ କ୍ଷୀର ଗାଡି ଏକ ପିକଅପ ଭ୍ୟାନ ସାଇକେଲ ଆରୋହୀ କୁ ଧକ୍କା ଦେଇଥିଲା । ସୂଚନା ମୁତାବକ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ପାଟଳଦା ଗ୍ରାମର ପ୍ରସନ୍ନ ବାରିକ (୬୦)ସନ୍ଧ୍ୟା ୬ଟା ୩୦ମିନିଟ ସମୟରେ ବଜାରରୁ ଘରକୁ ଫେରୁଥିବା ବେଳେ ଅନ୍ୟ ପାର୍ଶ୍ୱରୁ ହୀରାଦେଇପୁର ରୁ ଅସ୍ତରଙ୍ଗ ଅଭିମୁଖେ ଆସୁଥିବା ଏକ କ୍ଷୀର ଗାଡି ଟାଟା ଏସି ପିକଅପ ଭ୍ୟାନ (ଓଡି ୦୨ବି ଏମ୍ ୬୦୧୪)ସିଧା ଧକ୍କା ଦେଇଥିଲା । ଗାଡିର ବେଗ ଅଧିକ ଥିବାରୁ ଦୁର୍ଘଟଣାରେ ପାଟଳଦା ଗ୍ରାମର ପ୍ରଶ୍ନନ ବାରିକ ଗୁରୁତର ଥିବା ବେଳେ ସ୍ଥାନୀୟ ଲୋକ ଉଦ୍ଧାର କରି ନିକଟସ୍ଥ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିଲେ । ଗୁରୁତର ପ୍ରଶନ୍ନ ବାରିକଙ୍କ ମୁଣ୍ଡ, ନାକ ଓ ଗୋଡ଼ରେ ଶକ୍ତ ଆଘାତ ଲାଗିଛି । ଅନ୍ୟ ପଟେ ପିକଅପ ଭ୍ୟାନ ମଦ୍ୟପ ଚାଳକ ଘଟଣା ସ୍ଥଳରୁ ଖସିଯିବାକୁ ଚେଷ୍ଟା କରିଥିବା ବେଳେ ସ୍ଥାନୀୟ ଲୋକ ମଦ୍ୟପ ଚାଳକକୁ ଧରି ପୁଲିସ ଜିମା ଦେଇଛନ୍ତି । ଘଟଣା ସ୍ଥଳରେ ଅସ୍ତରଙ୍ଗ ପୁଲିସ ପହଂଚି ପିକଅପ ଭ୍ୟାନକୁ ଥାନାରେ ଅଟକ ରଖିବା ସହ ଚାଳକକୁ ମଧ ଅଟକ ରଖିଛି । ଗୁରୁତର ଥିବା ପ୍ରସନ୍ନ ବାରିକଙ୍କ ଭାଇ ଅନନ୍ତ ବାରିକ ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟ ପଟେ ଗୁରୁତର ପ୍ରଶ୍ନନ ବାରିକଙ୍କ ଅବସ୍ଥା ସଂକଟାପର୍ଣ୍ଣ ଥିବାରୁ ଅନ୍ୟ ମେଡିକାଲ ସ୍ଥାନାନ୍ତର କରାଯାଇଛି ।

## ଚନ୍ଦ୍ରଭାଗା ବୋଇତ ବନ୍ଦାଣ ସ୍ଥଗିତ

କୋଣାର୍କ (ଭାସ୍କର ନ୍ୟୁଜ୍) : ଚନ୍ଦ୍ରଭାଗା ବୋଇତ ବନ୍ଦାଣ ଉତ୍ସବକୁ ସ୍ଥଗିତ ରଖାଯାଇଛି । ଚନ୍ଦ୍ରଭାଗା ବଜାର କମିଟି ସଭାପତି ଭାସ୍କର ବେହେରାଙ୍କ ଅକାଳ ବିୟୋଗରେ ଏହି ଉତ୍ସବ ଏଥର ବନ୍ଦ ରଖିବା ନେଇ ଚନ୍ଦ୍ରଭାଗା ବଜାର କମିଟି ,ଚନ୍ଦ୍ରଭାଗା ଫଟୋଗ୍ରାଫର ଆସୋସିଏସନ ନିଷ୍ପତି ନେଇଥିଲା । ବିଧି ରକ୍ଷା ନିମନ୍ତେ ଗୁରୁବାର ସଂଧାରେ ବେଳାଭୂମିରେ ପୂଜାର୍ଚ୍ଚନା କରାଯାଇଥିଲା । ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଓ ସାଂସ୍କୃତିକ ପରମ୍ପରାକୁ ମନେରଖିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଭଳି ଆସନ୍ତା ବର୍ଷ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହେବ ବୋଲି କମିଟି ସଭାପତି ଅଜୟ ବେହେରା,ସମ୍ପାଦକ ବାନାମ୍ବର ବେହେରା, କୋଷାଧକ୍ଷ ମାନସ ସ୍ୱାଇଁ, ସୁରେନ୍ଦ୍ର ବାରିକ, ରାମକୃଷ୍ଣ ମହାନ୍ତି, ପ୍ରତାପ ରାଉତ ପ୍ରମୁଖ ପ୍ରକାଶ କରିଛନ୍ତି ।

## କେବେ ଖୋଲିବ ବିଧାୟକଙ୍କ ଅଭିଯୋଗ ବାକ୍ସ !




ନିଆଳି (ଭାସ୍କର ନ୍ୟୁଜ): ନିଆଳି ନିର୍ବାଚନ ମଣ୍ଡଳୀର ନୂତନ ବିଧାୟକ ଛବି ମଲ୍ଲିକଙ୍କ ନିର୍ଦ୍ଦେଶ ପାଣିର ଗାର ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଥିବା ବେଳେ କଥା ଓ କର୍ମ ଭିତରେ ତାରତମ୍ୟ ରହୁନଥିବା ଦେଖିବାକୁ ମିଳିଛି । ଏହାର ଜ୍ୱଳନ୍ତ ଉଦାହରଣ ବିଧାୟକ ଛବି ମଲ୍ଲିକଙ୍କ କାର୍ଯ୍ୟକଳାପ ୬ ମାସ ପୁରିଥିଲେ ମଧ ବ୍ଲକ୍ ପରିସରରେ ସାଧାରଣ ଲୋକଙ୍କ ସମସ୍ୟା ଓ ବିଭିନ୍ନ ବିଭାଗରେ ଦୁର୍ନୀତି ଓ ଅନ୍ୟାନ୍ୟ କାମରୁ ବଞ୍ଚିତ ହେଉଥିବା ଲୋକମାନଙ୍କ ସମସ୍ୟାକୁ ଦୂର କରିବା ନିମନ୍ତେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ବାକ୍ସ ରଖା ଯାଇଛି କିନ୍ତୁ ଏହି ବାକ୍ସ ୩ ମାସ ହେବ ଖୋଲା ହୋଇନାହିଁ । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ୩ ମାସ ହୋଇଗଲା ବାକ୍ସ ଖୋଲା ହେଉନାହିଁ । ଲୋକଙ୍କ ସମସ୍ୟା ଗୁଡିକ କିଭଳି ହେବ ସମାଧାନ । ଯାହା ଫଳରେ ବିଧାୟକଙ୍କୁ ଅଞ୍ଚଳବାସୀଙ୍କ ପ୍ରଶ୍ନ ୩ ମାସ ତଳେ ଥରୁଟିଏ ଖୋଲାଯାଇ ଯେଉଁ ଅଭିଯୋଗ ହୋଇଥିଲା ତାହା ସାଧାରଣ ଲୋକଙ୍କ ଅଗୋଚରରେ । ଏନେଇ ୫ ଜଣ ଅଭିଯୋଗକାରୀ ନିଜ ନାମ ଗୋପନ ରଖି କହିଛନ୍ତି ପ୍ରଶାସନଙ୍କ କଥା ଠାରୁ ବିଧାୟକଙ୍କ କଥା ଆହୁରି ପାଣିର ଗାର । ବିଧାୟକ ପ୍ରତ୍ୟେକ ସଭାସମିତିରେ ନିଜର ଡିଣ୍ଡିମ ପିଟୁଥିବା ବେଳେ ବାକ୍ସ ଘଟଣା ବିଧାୟକଙ୍କ ମୁଖା ଖୋଲି ଦେଇଛି ।

## ସାମ୍ବାଦିକଙ୍କ ପିତୃ ବିୟୋଗ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟରତ ସାମ୍ବାଦିକ ବିପିନି ବିହାରୀ ଦାଶଙ୍କ ପିତା ଲକ୍ଷ୍ମୀଧର ଦାଶଙ୍କ ୯୦ବର୍ଷ ବୟସରେ ପରଲୋକ ହୋଇଯାଇଛି । କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ପୀଡିତ ଥିବା ବେଳେ ବୁଧବାର ରାତ୍ର ୧୧ଘ ୧୦ମିନିଟ ସମୟରେ ସେ ତାଙ୍କର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଇଁଗୁଆଁ ପଂଚାୟତ ଓସ୍ତପୁର ସ୍ଥିତ ବାସଭବନ ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଲକ୍ଷ୍ମୀଧର ଦାଶ ସମଗ୍ର ଅଂଚଳରେ ଜଣେ ନିଷ୍ପାପର, ପରୋପକାରୀ, ଅମାୟିକ, ସରଳ, ନିଷ୍କପଟ, ଧର୍ମପରାୟଣ ବ୍ୟକ୍ତି ରୂପେ ବେଶ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗ ଖବର ମିଳିବା ପରେ ଆତ୍ମୀୟ ସ୍ୱଜନଙ୍କ ସମେତ ଅଂଚଳର ଅନେକ ମାନ୍ୟଗଣ୍ୟ ଓ ଶୁଭେଚ୍ଛୁ ମାନେ ତାଙ୍କର ବାସଭବନରେ ପହଂଚି ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ପରେ ପୁରୀ ସ୍ୱର୍ଗଦ୍ୱାର ରେ ଜ୍ୟେଷ୍ଠ ପୁତ୍ର ବିପିନି ବିହାରୀ ଦାଶ ମୁଖାଗ୍ନି ଦେଇ ଶେଷ କୃତ୍ୟ ସମ୍ପର୍ଣ୍ଣ କରିଥିଲେ । ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସତ୍କାର ବେଳେ ସାନପୁଅ ତପନ କୁମାର ଦାସ, ଜ୍ୱାଇଁ ଈଶ୍ୱର ବେହେରା, ହୃଷିକେଶ ମଠିଆ,ଭଣଜା ଶିବ ବେହେରା, ଅଭିନନ୍ଦନ ସୁବୁଦ୍ଧି, ପୁତୁରା ପୀତବାସ ଦାସ,ନାତି ନାନୁ, ସାନୁ, ଚୁଲୁ,କାଳିଆ ପ୍ରମୁଖ ବହୁ ବନ୍ଧୁବାନ୍ଧବ ଯୋଗ ଦେଇ ଶେଷ ଦର୍ଶନ କରିଥିଲେ । ଦୁଃଖଦ ଘଟଣା ପରେ ସାରା ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ରକ୍ତଦାନ ଶିବିର : ୪୦ୟୁନିଟ୍ ରକ୍ତ ସଂଗ୍ରହ




ଭାପୁର (ଭାସ୍କର ନ୍ୟୁଜ୍) : ଭାପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ଡ଼ଃ ପ୍ରଦିପ କୁମାର ପାଇକରାୟଙ୍କ ତତ୍ତ୍ୱାବଧାନରେ ରକ୍ତ ଦାନ ଶିବିର ଆୟୋଜିତ ହୋଇଯାଇଛି ।ଏଥିରେ ସମୁଦାୟ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଆଜି ସକାଳ ୧୦ଘଟିକା ସମୟରେ ଭାପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଓଡ଼ିଶା ଗୋଷ୍ଠି ସହାୟିକା, ସି ଆର ପି ସି ଏମ୍ ସଂଘ, ଭାପୁରର ମିଳିତ ଆନୁକୁଲ୍ୟରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ସାମ୍ବାଦିକ ଗିତିକାନ୍ତ ପଣ୍ଡା, ମନୋଜ କିଶୋର ସାହୁ, ଡ଼ଃ ପ୍ରଦିପ କୁମାର ପାଇକରାୟ, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାଶଙ୍କ ସମେତ ଡାକ୍ତରଖାନା କର୍ମଚାରି ଙ୍କ ସମେତ ୪୦ ଜଣ ହିତାଧିକାରୀ ରକ୍ତଦାନ କରିଥିଲେ । ଏଥିରେ ଭାପୁର ଡାକ୍ତର ପ୍ରଦିପ କୁମାର ପାଇକରାୟ, ଡ଼ଃ ଲଳିତ ମୋହନ ଟୁଡୁ, କାଉନସେଲର ଅଜୟ କୁମାର ପଟ୍ଟନାୟକ, ନୟାଗଡ଼ ରକ୍ତ କେନ୍ଦ୍ରରୁ ପ୍ରକାଶ କୁମାର ପାଣିଗ୍ରାହି, ଦେବାଶିଷ ରାଉତ, ରଞ୍ଜିତା ସାଥୁଆ, ଦିପ୍ତିରାଣୀ ପ୍ରଧାନ, ସ୍ୱର୍ଣ୍ଣମୟୀ ଦଳେଇ ଏବଂ ପଞ୍ଚୁ ଦଳେଇଙ୍କ ସମେତ ସମସ୍ତ କର୍ମଚାରୀ ଓ ସି ଆର ପି ସଂଘର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ । ଭାପୁର ବିଡ଼ିଓ ଦାୟିତ୍ୱରେ ସରୋଜ କୁମାର ନାୟକ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡ଼ଃ ବିଶ୍ୱନାଥ ସାହୁ, ଦାମ ସାରେ ଏବଂ ଓଏଲଏମ ରେଣୁବାଳା ସାହୁ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ଡ଼ଃ ପ୍ରଦିପ କୁମାର ପାଇକରାୟଙ୍କ ଏଭଳି ପ୍ରୟାସକୁ ସାଧାରଣରେ ପ୍ରସଂଶା କରାଯାଇଥିଲା ।

## ଗୀତା ଜାଗରଣ ପରିଷଦର ଚତୁର୍ଥ ସନ୍ଧ୍ୟା



ଯାଜପୁର (ଭାସ୍କର ନ୍ୟୁଜ୍): ଯାଜପୁରର ପବିତ୍ର ବୈତରଣୀ ନଦୀକୂଳସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଗୀତା ଜାଗରଣ ପରିଷଦ ପକ୍ଷରୁ ସପ୍ତଦିବସ ବ୍ୟାପୀ ଭାଗବତ କଥାମୃତ ଆଲୋଚନାର ଚତୁର୍ଥ ସଂଧ୍ୟା ସଭାପତି ଆଇନଜୀବୀ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଯାଜପୁର ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଉପ ସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ । ସାଧାରଣ ସଂପାଦକ ଭାସ୍କର ଚନ୍ଦ୍ର ମହାନ୍ତି ମଂଚାସିନ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ । ଉଦଘାଟକ ଶ୍ରୀ ନାୟକ କାର୍ତ୍ତିକ ମଙ୍ଗସର ମହାତ୍ମ୍ୟ ଓ ଭାଗବତର ସ୍ୱକ୍ଷ୍ମ ତତ୍ତ୍ୱ ସଂବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଯାଜପୁର ଟାଉନଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ଯୋଗ ଦେଇ ସୃଷ୍ଟିର ରହସ୍ୟ ଏବଂ ଶ୍ରୀକୃଷ୍ଣଙ୍କ ଚରିତ ଓ ତାଙ୍କୁ ଲାଭ କରିବା ପାଇଁ ଆଧ୍ୟାତ୍ମିକ ମାର୍ଗ ଅନୁସରଣ ପୂର୍ବକ କାର୍ତ୍ତିକ ମାସରେ ରାଇଦାମୋଦରଙ୍କର ପୂଜା କରି ସଂସାର ମଧ୍ୟରୁ ମୋକ୍ଷ ଲାଭର ପଥ ଉନ୍ମୁକ୍ତ ହୁଏ ବୋଲି କହିଥିଲେ । ବିଶିଷ୍ଟ ପ୍ରବଚକ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ଶ୍ରୀମଦ ଭାଗବତର ବିଶିଷ୍ଟ ତତ୍ତ୍ୱକୁ ଆଲୋଚନା କରିଥିଲେ ।ପ୍ରବଚକ ଅଧିକାରୀ ନବ କିଶୋର ଦାସ କୃଷ୍ଣସୁଦାମାଙ୍କର ଉପାଖ୍ୟାନ ଅତି ସୁନ୍ଦର ଭାବରେ ପ୍ରବଚନ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଉତ୍ସବ ପ୍ରାରମ୍ଭରେ ଓମ ସାଇ କଳା ନିକେତନପକ୍ଷରୁ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ନୃତ୍ୟ ଶିଳ୍ପୀ ଅର୍ଚ୍ଚନା ମିଶ୍ର ସ୍ୱାଗତ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ । ସାଂସ୍କୃତିକ ସଂପାଦକ ଗୁଣମଣି ପାଣିଗ୍ରାହୀ,ସହ ସଂପାଦକ ବୃନ୍ଦାବନ ମିଶ୍ର,କାଂଚନବାଳା ତ୍ରିପାଠୀ, ଧନଞ୍ଜୟ ପୃଷ୍ଟି, ପାଗୁ ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ସମେଇଗୁଡ଼ା ହତ୍ୟାକାଣ୍ଡ ଘଟଣା

# ୩ ଗିରଫ, ମାରଣାସ୍ତ୍ର ଜବତ



ଆସିକା (ଭାସ୍କର ନ୍ୟୁଜ୍) : ସମେଇଗୁଡ଼ା ଭାଇ ଭାଉଜ ହତ୍ୟା କାଣ୍ଡ ଘଟଣାର ୨୪ ଘଣ୍ଟା ନ ପୁରୁଣା ପୋଲିସକୁ ମିଳିଛି ଏହି ସଫଳତା । ହତ୍ୟାରେ ବ୍ୟବହୃତ ବଡ଼ ଖଣ୍ଡା, ବିଷ ବୋତଲ ଓ ଏକ ମୋଟର ସାଇକେଲକୁ ଜବତ କରାଯାଇଛି । ଏନେଇ ଆସିକା ଥାନାରେ ଉପଖଣ୍ଡ ପୋଲିସ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ବୁଧବାର ସକାଳ ସମୟରେ ସମେଇଗୁଡ଼ା ଗ୍ରାମର ରାଜୁ ପାତ୍ର ଓ ତାଙ୍କ ସ୍ତ୍ରୀ ଚାଷ କାମ କରୁଥିବା ବେଳେ ପୂର୍ବ ପ୍ରସ୍ତୁତି ପ୍ରକାରରେ ମୃତ ରାଜୁର ଭାଇ ଭୋବିନି ପାତ୍ର, ସ୍ତ୍ରୀ ରଂଜିତା ପାତ୍ର, ପୁଅ ପୁପୁନି ତିନିହେ ମିଶି ଏହି ହତ୍ୟା କାଣ୍ଡ ଘଟାଇଥିଲେ । ବିବାଦୀୟ ଜମିକୁ କେନ୍ଦ୍ର କରି ଏହି ହତ୍ୟା କାଣ୍ଡ ଘଟିଥିବା କୁହାଯାଉଛି । ପ୍ରଥମେ ପପୁନ ବଡ଼ ବାପା ରାଜୁ କୁ ନିର୍ଘୁମ ମାଡ଼ ମରାଯାଇଥିଲା । ସେ ତଳେ ପଡିବାରୁ ତାକୁ ବେକକୁ କାଟିଦେଇଥିଲେ । ଘଟଣା ସ୍ଥଳରେ ରାଜୁର ମୃତ୍ୟୁ ହୋଇଥିବା ବେଳେ ପାଖରେ ଦେଖୁଥିବା ତାଙ୍କ ସ୍ତ୍ରୀ ଲକ୍ଷ୍ମୀ । ହତ୍ୟା ଘଟଣାର ପ୍ରଘଟ କରିଦେବା ଭୟରେ ସମସ୍ତେ ମିଶି ମାଡ଼ ମାରି ତଳେ ପକାଇ କୀଟନାଶକ ଔଷଧ ପିଆଇ ଦେଇଥିଲେ । ଲକ୍ଷ୍ମୀ ଗୁରୁତର ହୋଇ ପଡ଼ିଥିବା ବେଳେ ପ୍ରଥମେ ଆସିକା ମେଡିକାଲ ଏବଂ ତାପରେ ବ୍ରହ୍ମପୁର ବଡ଼ ମେଡିକାଲ ରେ ମୃତ୍ୟୁ ହୋଇଥିଲା । ପୋଲିସ ଘଟଣା ସ୍ଥଳରେ ପହଂଚି ଛାନ ଭିନ କରିବା ପରେ ପ୍ରଥମେ ମୃତର ସାନ ଭାଇ ବୁବୁନି ଏବଂ ତାଙ୍କ ସ୍ତ୍ରୀ ରଂଜିତାକୁ ପୋଲିସ ଅଟକ ରଖିଥିଲା । ଫେରାର ଥିବା ମୃତର ପୁତୁରା ପାପୁନକୁ ବଡ଼ଗଡ଼ ଥାନା ଇଲାକାର ଏକଲପୁର ଠାରୁ ଗିରଫ କରି ସମୁଦାୟ ତିନି ଜଣକୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯଇଅଛି । ପୋଲିସ ଏହି ଘଟଣା ସ୍ଥଳକୁ ଆସାମୀ ମାନଙ୍କୁ ନେଇ ସ୍କ୍ରିନ ରିକରେସନ କରାଯାଇଥିଲା । ଆସିକା ଥାନା କେସ ନମ୍ବର ୭୩୮/୨୪ ରେ ହତ୍ୟା ମାମଲା ରୁଜୁ କରାଯାଇ ତିନି ଆସାମୀ କୋର୍ଟ ଚାଲାଣ କରାଯାଇଛି ।

## ଭଞ୍ଜପୁର ଜଗଦ୍ଧାତ୍ରୀମେଳାର ଦ୍ୱିତୀୟ ସନ୍ଧ୍ୟା

ବାରିପଦା (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଅନୁଷ୍ଠିତ ଜଗଦ୍ଧାତ୍ରୀ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ନାଚ ଗୀତରେ ଝୁମିଲେ ଦର୍ଶକ ଓ ପ୍ରଥମେ ବେତନଟୀର କେ ବି ଉଚ୍ଚ ବିଦ୍ୟାଳୟର କଳାକାର ମାନେ ପରିବେଷଣ କରିଥିବା ଝୁମର ଓ ଲୋକନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା ଓ ପରେ ପରେ ଭିଜନ ଇଣ୍ଟରନେଶନାଲ ଓ ମୁଦ୍ରା କଳା ଏକାଡେମୀର ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତାକର୍ଷକ ହୋଇଥିଲା । ଶାନ୍ତି ଆର୍ଟ୍ସ ଓ ଡ୍ୟାନ୍ସ ଦଳ ତାଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ଝିଲିରାଣୀ ଓ ସାଥିଙ୍କ ଝୁମରରେ ଝୁମିଲେ ଦର୍ଶକ ଓ ସମସ୍ତ ଦଳକୁ କମିଟି ତରଫରୁ ସାଂସ୍କୃତିକ ସମ୍ପାଦକ ପ୍ରିତମ ପଣ୍ଡା ଅଂଶ ଗ୍ରହଣ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଅଭିଲିପ୍ସା ଦାସ ମଞ୍ଚ ପରିଚାଳନା କରିଥିଲେ । ସୋମନାଥ ସିଂହ ଓ ଆଲୋକ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଆସନ୍ତା କାଲି ପ୍ରଥମେ ଭଜନ ସନ୍ଧ୍ୟା ଓ ପରେ ପରେ ମୟୁରଭଞ୍ଜ ଝୁମର ମେଲଡି କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ମାନସ ମହାନ୍ତି ଜଣାଇଛନ୍ତି ।





ବ୍ରଜରାଜନଗର, (ଭାସ୍କର ନ୍ୟୁଜ): ଶୁକ୍ରବାର ହେବାକୁ ଥିବା ଗୁରୁନାନକ ଜୟନ୍ତୀ ପାଇଁ ବ୍ରଜରାଜନଗର ଗୁରୁଦ୍ୱାରା କମିଟି ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ । ଏହି ଗୁରୁନାନକ ଜୟନ୍ତୀ ତିନି ଦିନ ଧରି ଚାଲିବ ବୋଲି ଗୁରୁଦ୍ୱାରା କମିଟି ସମ୍ପାଦକ ନିର୍ମଳ ସିଂହ ଚାୱଲା ସୂଚନା ଦେଇଛନ୍ତି । ଏହି ଶୋଭାଯାତ୍ରା ଗୁରୁଦ୍ୱାରା ଠାରୁ ବାହାରି ବ୍ରଜରାଜନଗର ଥାନା, ଗୁରୁନାନକ ଛକ, ରେଳଷ୍ଟେସନ ଦେଇ ମୁଖ୍ୟ ସହର ଚାନ୍ଦନୀ ଚୈକ ହୋଇ ଗୁରୁ ଦ୍ୱାରାକୁ ପହଞ୍ଚି ଥିଲେ । ଗୁରୁଦ୍ୱାରା ଠାରୁ ବାହାରିବା ପରେ ବହୁ ସଂଖ୍ୟକ ପଞ୍ଜାବୀ ମହିଳାମାନେ ଧଳା ସାଲୁଆର ଓ ନାରଙ୍ଗୀ ଓଢ଼ଣା ପିନ୍ଧି ରାସ୍ତା ଓଳାଉ ଥିଲେ । ପାଣି ଟାଙ୍କି ଦ୍ୱାରା ପାଣି ପକାଇ ରାସ୍ତା ଧୋଇବା ପରେ ଶୋଭାଯାତ୍ରା ବାହାରି ଥିଲା । ଗୁରୁ ନାନକ ଛକରେ ଗୁରୁ ନାନକ ସେବା ଦଳ ପକ୍ଷରୁ ଜଳ ପାନ ବ୍ୟବସ୍ଥା କରାଯାଇଥିଲା । ଗୁରୁ ନାନକ ସେବା ଦଳ ସଭାପତି ସୁଖଦେବ ସିଂହ, ସମ୍ପାଦକ ରମି ସିଂହ, କୋଷାଧ୍ୟକ୍ଷ ରାଜା ସାଲୁଜା, ପରମିନ୍ଦର ସିଂହ, ସୁରେନ୍ଦ୍ର ସିଂହ, ଅବତାର ସିଂହ, ସଂଜୟ ଲମ୍ବା, ସୁଖବନ୍ତ ସିଂହ, ଗୁର ବିନ୍ଦର ସିଂହ, ବିରେନ୍ଦ୍ର ସିଂହ, ଏମ୍ଡି ଜୋହର, ପ୍ରଦୀପ ସିଂହ ଗୁରୁଦ୍ୱାର ପ୍ରବନ୍ଧକ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଦାଦନ ଯାଇ ଦୁର୍ଘଟଣାର ଶିକାର କୃଷ୍ଣ

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନାଗିରି ଜିଲ୍ଲା ମାଥିଲି ବ୍ଲକ ଚାଉଳମେନ୍ଦି ଗ୍ରାମର ଯୁବ ଶ୍ରମିକ କୃଷ୍ଣଚନ୍ଦ୍ର ନାଲି ଦାଦନ ଖଟିବାକୁ ଯାଇ ଦୁର୍ଘଟଣାର ଶିକାର ହୋଇଛନ୍ତି । ଏବେ ତାଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ସେ ତେଲେଙ୍ଗାନା ରାଜ୍ୟ ନିଜାମାବାଦ କାମ କରିବାକୁ ଯାଇଥିଲେ । ସେଠାରେ ଗୋଟିଏ ସ୍କୁଲ ଛାତ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ । ତେବେ ସେ ଛାତରେ କାମ କରୁଥିବା ବେଳେ ଛାତରୁ ଅଚାନକ ଖସି ପାଖରେ ଥିବା ବିଦ୍ୟୁତତାର ଉପରେ ପଡ଼ିଯାଇଥିଲେ । ବିଦ୍ୟୁତ ଆଘାତରେ ତାଙ୍କର ଡାହାଣ ହାତ ଓ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ତୁରନ୍ତ ନିଜାମୁଦିନ ମେଡିକାଲକୁ ନିଆଯାଇଥିଲେ ମଧ୍ଯ ହାତ ଓ ଗୋଡ଼ରେ ଘା ହୋଇଯିବାରୁ ସଠିକ



ଚିକସା ହୋଇ ପାରିନଥିଲା । ପରେ ତାଙ୍କୁ ମାଥିଲି ଡାକ୍ତରଖାନାରେ ଚିକସା ପାଇଁ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସା ପରେ ଏବେ ସେ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ସର୍ଜରୀ ୟୁନିଟ-୧ ପୁରୁଷ ବିଭାଗ ବେଡ୍ ନମ୍ବର-୬୯ରେ ଚିକିତ୍ସିତ ହେଉଛନ୍ତି । କୃଷ୍ଣଙ୍କ ହାତ ଓ ଗୋଡ଼ ଏବେ ଅକାମୀ ହୋଇଯାଇଛି । ଅର୍ଥ ଅଭାବରୁ ସେ ବଡ଼ ଡାକ୍ତରଖାନାକୁ ଯାଇପାରୁ ନାହାନ୍ତି । ସେ ଘରର ଜଣେ ମାତ୍ର ରୋଜଗାରିଆ ହୋଇଥିବାରୁ ଏବେ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି । ଏପଟେ ଚିକିତ୍ସା ପାଇଁ ଅର୍ଥ ଯୋଗାଡ କରିବେ ନା ଦୁଇ ମୁଠା ଦାନା ପାଇଁ କାହା ନିକଟରେ ହାତ ପତେଇବେ- ବୁଝିପାରୁନାହାନ୍ତି ପାରିବାର ଲୋକେ । ଏହି ଶ୍ରମିକଙ୍କୁ ଉତ୍ତମ ଚିକିତ୍ସା ନିମନ୍ତେ ମାଥିଲି ବ୍ଲକର ସମାଜସେବୀ ଶ୍ରୁତିରଞ୍ଜନ- ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି । ପ୍ରଶାସନ ତରଫରୁ କୃଷ୍ଣଙ୍କୁ ସହଯୋଗର ହାତ ବଢ଼ାଇଲେ ସେ ପୁଣି ନିଜର ଗୋଡରେ ଛିଡା ହୋଇ ରୋଜଗାର କରିପାରିବ ବୋଲି କୁହାଯାଇଛି ।

# ଅସ୍ତରଙ୍ଗର ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଶିଶୁ ଦିବସର ଅର୍ଥ ହେଉଛି ପିଲାଙ୍କ ପାଇଁ ଦିନଟିଏ । ପିଲାମାନେ ଦେଶର ବାସ୍ତବିକ ସମ୍ପତ୍ତି ଅଟନ୍ତି । ତେଣୁ ସେମାନଙ୍କୁ ଦେଶର ଭବିଷ୍ୟତ ବୋଲି କୁହାଯାଏ । ପିଲାମାନେ ହେଉଛନ୍ତି ବୃକ୍ଷର କଢ଼ ସଦୃଶ । ସେମାନଙ୍କର ସଠିକ୍ ଯତ୍ନ ଓ ଉଚିତ ଲାଳନପାଳନ କଲେ ହିଁ ଏକ ସୁନ୍ଦର ଫୁଲ ଭାବେ ଫୁଟି ଜଗତର ହିତସାଧନ କରିଥାଆନ୍ତି । ନିଜ ରାଷ୍ଟ୍ର ପ୍ରତି ନିଜର କର୍ତ୍ତବ୍ୟକୁ ସଠିକ ଭାବେ ବୁଝି ଦେଶକୁ ଉନ୍ନତିର ପଥରେ ଆଗେଇନେବା ହିଁ ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ । ଏହାକୁ ନଜରରେ ରଖି ଆମ ଦେଶରେ ପ୍ରତିବର୍ଷ ୧୪ ନଭେମ୍ବର ଦିନଟିକୁ ଶିଶୁ ଦିବସ ରୂପେ ପାଳନ କରାଯାଇଥାଏ । ୧୪ ନଭେମ୍ବର ସ୍ୱତନ୍ତ୍ର ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ପଣ୍ଡିତ ଜବାହର ଲାଲ ନେହେରୁଙ୍କ ଜନ୍ମଦିନ । ପଣ୍ଡିତ ନେହେରୁ ଗୋଲାପ ଫୁଲ ଏବଂ ପିଲାମାନଙ୍କୁ ଖୁବ ପସନ୍ଦ କରୁଥିଲେ । ତେଣୁ ସେ ନିଜ ଜନ୍ମଦିବସକୁ 'ଶିଶୁ ଦିବସ' ଭାବେ ସର୍ବଦା ପାଳନ ହେଉ ବୋଲି ତାଙ୍କର ଇଚ୍ଛା ଥିଲା । ତାଙ୍କୁ ପିଲା ଖୁବ ପ୍ରିୟ ଥିବାରୁ ସେ ଅଧିକାଂଶ ସମୟ ପିଲାମାନଙ୍କ ସହ ଅତିବାହିତ କରିବାକୁ ପସନ୍ଦ କରୁଥିଲେ । ଏପରି ରାସ୍ତାରେ ମଧ୍ୟ ପିଲାଙ୍କୁ ଦେଖିଲେ ସେ ନିଜ ଗାଡ଼ି ଅଟକାଇ ସେମାନଙ୍କ ସହ କଥା ହେବାକୁ ଲାଗୁଥିଲେ । ଶିଶୁ ଦିବସ ପାଳନ କରିବାର ଅନ୍ୟ ଏକ ପ୍ରୟୋଜନ ହେଉଛି, ପିଲାମାନେ ଦେଶର ଭବିଷ୍ୟତ, ତାଙ୍କର ଶିକ୍ଷାଦିକ୍ଷା, ଲାଳନପାଳନ, ପ୍ରଗତି ଓ ବିକାଶ ଆଦି ଉପରେ ବିଶେଷ ଧ୍ୟାନ ଦେବା ମଧ୍ୟ ଆବଶ୍ୟକ ଅଟେ । ପିଲାମାନଙ୍କୁ କୌଣସି ସ୍ତରରେ ମଧ୍ୟ ଅବହେଳିତ କରିବା ଉଚିତ ନୁହେଁ । ଏହି ସମସ୍ତ ଉଦ୍ଦେଶ୍ୟର ପୂରଣ ପାଇଁ ଶିଶୁ ଦିବସ ପାଳନ କରାଯାଇଥାଏ । ପଣ୍ଡିତ ନେହେରୁଙ୍କ ମତରେ ପିଲାମାନଙ୍କ ହୃଦୟ ଖୁବ କୋମଳ, ପ୍ରତ୍ୟେକ ଛୋଟ କଥା ମଧ୍ୟ ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ । ସେମାନଙ୍କ ବର୍ତ୍ତମାନ ଦେଶର ଆଗାମୀ ଭବିଷ୍ୟତ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ । ତେଣୁ ତାଙ୍କର କାର୍ଯ୍ୟକଳାପ, ତାଙ୍କୁ ପ୍ରଦାନ କରାଯାଉଥିବା ଜ୍ଞାନ ଓ ସଂସ୍କାର ଉପରେ ବିଶେଷ ଭାବରେ ଧ୍ୟାନ ଦେବା ଆବଶ୍ୟକ ଅଟେ । ପିଲାମାନଙ୍କ ମାନସିକ ଓ ଶାରିରୀକ ଉନ୍ନତି ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ । ସେମାନଙ୍କୁ ଉଚିତ ଶିକ୍ଷା, ସଂସ୍କାର, ପୋଷଣ ମିଳିବା ନିତ୍ୟାନ୍ତ ଆବଶ୍ୟକ । କାରଣ ତାଙ୍କର ଉନ୍ନତିରେ ହିଁ ଦେଶର ଉନ୍ନତି ନିର୍ଭର କରିଥାଏ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ତତସହିତ ଅସ୍ତରଙ୍ଗ ସରସ୍ୱତୀ ଶିଶୁମନ୍ଦିର, ଆଳଙ୍ଗପୁର ସ୍ଥିତ ସରସ୍ୱତୀ ବିଦ୍ୟାସାଗର, ନଗର ପଞ୍ଚାୟତ ସ୍ଥିତ ହାପି ଟ୍ୟୁଟୋରିଆଲରେ ଶିଶୁ ଦିବସ ବେଶ ଧୂମ୍‌ଧାମ୍‌ରେ ପାଳନ ପାଇଁ ଆୟୋଜନ କରାଯାଇଥିଲା । ଏଥିରେ ପିଲାମାନଙ୍କର ସଙ୍ଗୀତ, ନୃତ୍ୟ, ପ୍ରବନ୍ଧ, କବିତା ଭଳି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । କୃତି ଛାତ୍ରଛାତୀଙ୍କୁ ପୁରସ୍କୃତ ମଧ୍ୟ କରାଯାଇଛି ।

# ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

ଖପ୍ରାଖୋଲ, (ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ୍ ଧଣ୍ଡାମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଧଣ୍ଡାମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାତ୍ର, ପ୍ରଶିକ୍ଷକ ବନମାଳୀ ସାହୁ ଯୋଗଦେଇ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ତିନିଦିନ ଧରି ଚାଲିଥିବା ପ୍ରଶିକ୍ଷଣରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଶିକ୍ଷା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ସାଙ୍ଗକୁ ବିଦ୍ୟାଳୟର ସୁପରିଚାଳନା ପାଇଁ ତାଲିମ ଦିଆଯାଇଥିଲା । ତାଲିମ ଶିବିରରେ ତୋଫାନ ସ୍ୱାଇଁ, ସୁଶାନ୍ତ ଭୋଇ, ସନତ ମେହେର ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ । ଶେଷରେ ସୁଶୀଲ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁ ଦିବସ ପାଳନ ସହ ପୋଷାକ ବଣ୍ଟନ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁଙ୍କ ୧୩୫ତମ ଜନ୍ମ ଦିବସ । ୧୮୮୯ ମସିହା ଆଜିର ଦିନରେ ତାଙ୍କର ଜନ୍ମ ହୋଇଥିଲା । ସେ ବିଶ୍ୱାସ କରୁଥିଲେ ଯେ ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ସମସ୍ତ ପିଲାଙ୍କୁ ଭଲ ପାଉଥିବାରୁ ପିଲାମାନେ ତାଙ୍କୁ ସ୍ନେହରେ ଚାଚା ନେହେରୁ ବୋଲି ସମ୍ବର୍ଦ୍ଧନା କରୁଥିଲେ । ସେଥିପାଇଁ ତାଙ୍କ ଜନ୍ମଦିନକୁ ଶିଶୁ ଦିବସ ରୂପେ ଆଜି ଯାଏଁ ପାଳନ ହୋଇଆସୁଛି । ଏହି କ୍ଷେତ୍ରରେ ଆଜି ଭାଲୁଯୋଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମହାଆଡମ୍ବର ସହକାରେ ଶିଶୁ ଦିବସ ପାଳନ କରାଯାଇଛି । ଏଥି ସହ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ମଧ୍ୟ କରାଯାଇଥିଲା । ଅତିଥିମାନଙ୍କ ଦ୍ୱାରା ଚାଚା ନେହେରୁଙ୍କ ଫଟୋଚିତ୍ର ଆଗରେ ଧୂପ ଦୀପ ଦେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଦିବସ ଉପଲକ୍ଷେ ବିଦ୍ୟାଳୟ ପରିଚାଳନା ସଭାପତି ବଂଶୀ ଧର କୁଲେସିକା, ୱାର୍ଡସଭ୍ୟ ସୁରେଶ କୁଲେସିକା, ମା' ମଙ୍ଗଳା ସ୍ୱଂୟ ସହାୟକ ଗୋଷ୍ଠୀର ସମ୍ପାଦକ ମାନସୀ ରାଣୀ ଜେନା ପ୍ରଭୃତି ମଞ୍ଚାସିନ ଥାଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ପୋଷାକ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ମାନସ କୁମାର ପାଢ଼ୀ, ଉତ୍ତମ କୁମାର ଖମାରୀ, କୃଷ୍ଣ ହିକକା ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାନନ୍ଦିଆ ସହଯୋଗ କରିଥିଲେ ।

## କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ବୈଠକ

# ଗୃହୀତ ହେଲା ଉନ୍ନୟନମୂଳକ ପ୍ରସ୍ତାବ

କୋଦଳା, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା କୋଦଳା ଏନ୍ଏସିର ପରିଷଦ ବୈଠକ ଗୁରୁବାର ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧକ୍ଷ ରଞ୍ଜିତା ସେଠୀଙ୍କ ସହ ବହୁ କାଉନସିଲରମାନେ ଉପସ୍ଥିତ ଥିଲେ । ତେବେ ବୈଠକରେ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀମାନଙ୍କୁ ଯୋଗ ଦେବା ପାଇଁ ଏନ୍ଏସି ଚିଠି କରିଥିଲେ ମଧ୍ୟ ବହୁ ଅଧିକାରୀ ଉପସ୍ଥିତ ନଥିବାରୁ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇପାରି ନଥିଲା । ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ ଓ ଏନ୍ଏସିର କର୍ମଚାରୀମାନେ ହାତ ଗଣତି ଭାବେ ଉପସ୍ଥିତ ଥିଲେ । ଏପରିକି ଏନ୍ଏସି ଯନ୍ତ୍ରୀ ବି ଉପସ୍ଥିତ ରହିଲେ ନାହିଁ । ସମନ୍ୱିତ ଶିଶୁ ବିକାଶ ବିଭାଗ, ରାସ୍ତା ଓ କୋଠାବାଡ଼ି, ରାଜସ୍ୱ, ସ୍ୱାସ୍ଥ୍ୟ ବିଭାଗ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀମାନେ ଯୋଗଦେଇ ନଥିବାରୁ ଅସନ୍ତୋଷ ଦେଖା ଦେଇଥିଲା । ଅପରପକ୍ଷେ ଏନ୍ଏସିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ କରି ବୈଠକରେ



♦ ବିଭିନ୍ନ ବିଭାଗର ଅଧିକାରୀ ଅନୁପସ୍ଥିତ

କାଉନସିଲରମାନେ ତଦନ୍ତ ଦାବି କରିଛନ୍ତି । ଏନ୍ଏସିର ୭ ଓ ୧୧ ନମ୍ବର କାଉନସିଲର ଉନ୍ନତିକରଣ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ କରି ଅଧକ୍ଷଙ୍କୁ ପ୍ରଶ୍ନ କରିଥିବା ବେଳେ ତୁରନ୍ତ ତଦନ୍ତ କରାଯିବାକୁ ଦାବି କରିଛନ୍ତି । କିଛି ସମୟ ଧରି ଦୁର୍ନୀତି ପ୍ରସଙ୍ଗରେ ବୈଠକରେ ହୋ ହାଲ୍ଲା ଦେଖିବାକୁ ମିଳିଥିଲା । ଭତ୍ତା ପାଇଁ ବହୁ ବୃଦ୍ଧ ବୃଦ୍ଧା, ବିଧବା ଆବେଦନ କରିଥିଲେ ମଧ୍ୟ ପାଇ ପାରୁ ନଥିବାରୁ ବିଭିନ୍ନ ୱାର୍ଡର କାଉନସିଲରମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଭେଣ୍ଡିଂ ଜୋନ୍, କଲ୍ୟାଣ ମଣ୍ଡପ, ପୋଖରୀ ସୌନ୍ଦର୍ଯ୍ୟକରଣ, ରାସ୍ତା, ଶୌଚାଳୟ, ଡ୍ରେନ, ବିଦ୍ୟାଳୟ ପାଚେରୀ ନିର୍ମାଣ, ବସ୍‌ଷ୍ଟପ ନିର୍ମାଣ, ଖେଳ ପଡିଆ ନିର୍ମାଣ ଶୀତଳଭଣ୍ଡାର ପ୍ରତିଷ୍ଠା ଆଦି ଦାବି ଉପସ୍ଥାପନ ହୋଇଥିଲା । ଏ ସମସ୍ତ ଦାବିଗୁଡ଼ିକ ପ୍ରତି ଅନୁଧାନ କରି ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଥିଲେ ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ ।

# ଡିଆର୍ଏମ୍ ସେକ୍ସନ ପରିଦର୍ଶନ

କୋରାପୁଟ, (ଭାସ୍କର ନ୍ୟୁଜ): ପୂର୍ବତଟ ରେଳ ବିଭାଗର ୱାଲଟିୟର ଡିଭିଜନର ଡିଆର୍ଏମ୍ ସୌରଭ ପ୍ରସାଦ କୋରାପୁଟ -ଜଗଦଲପୁର ସେକ୍ସନ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାମଗୁଡିକର ତଦାରଖ କରିଛନ୍ତି । ରେଳପଥ ଦୌହରୀକରଣ, ସୁରକ୍ଷା ଓ ଆନୁଷଙ୍ଗିକ ଭିତ୍ତିଭୂମି କାମର ତଦାରଖ କରିଥିଲେ । ଏହାସହ ଡିମିଲି ଓ ଦନ୍ତେୱାଡା ଷ୍ଟେସନରେ ଫୁଟ୍ ଓଭର ବ୍ରିଜ୍, ପାରିପାର୍ଶ୍ୱିକ ଅଞ୍ଚଳ, ଷ୍ଟେସନ କୋଠାର ଉନ୍ନତି ଏବଂ ସୁରକ୍ଷା ଦିଗ ଯାଞ୍ଚ କରିଥିଲେ । ଷ୍ଟାଫ କ୍ୱାର୍ଟର୍ସ, ମାଲ ପରିବହନ ଓ ଭିତ୍ତିଭୂମି କାମ ମଧ୍ୟ ଯାଞ୍ଚ କରିଥିଲେ । କେକେ ୧୦୩ର ଲେବେଲ୍ କ୍ରସିଂ କାମ ବି ତଦାରଖ କରିଥିଲେ । ଯେଉଁ ସ୍ଥାନରେ ଲେବେଲ କ୍ରସିଂ ହେବ ସେଠାରେ ରୋଡ ଓଭର ବ୍ରିଜ (ଆର୍ଓବି) କରାଯିବ ବୋଲି ଡିଆର୍ଏମ୍‌ଙ୍କ ସହ ଆସିଥିବା ବୈଷୟିକ ଟିମ୍ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ଜାତୀୟ ରାଜପଥ ପ୍ରାଧିକରଣ, ସ୍ଥାନୀୟ ପ୍ରଶାସନ ସହ ଆଲୋଚନ କରି ଏହାକୁ କାର୍ଯ୍ୟକାରୀ କରିବାକୁ ଡିଆର୍ଏମ୍ ନିର୍ଦ୍ଦେଶ ଦେଇଥିଲେ । ତେବେ ବର୍ତ୍ତମାନ ଚାଲିଥିବା କାମଗୁଡିକର ଯାଞ୍ଚ କରି ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ଏହି ଗସ୍ତ ବେଳେ ଯାତ୍ରୀମାନଙ୍କ ସୁବିଧା ଏବଂ ଭିତ୍ତିଭୂମି ବୃଦ୍ଧି ପାଇଁ ଉଭୟ ସୁରକ୍ଷା ପାଳନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ଡିଆର୍ଏମ୍ କର୍ମଚାରୀଙ୍କ କ୍ୱାର୍ଟର୍ସଗୁଡିକ ବୁଲି ସେମାନଙ୍କ ଅଭିଯୋଗ ଏବଂ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ । ଷ୍ଟେସନ ଗୁଡକରେ ଯାଞ୍ଚ ସମୟରେ ଡିଆର୍ଏମ୍ ସୌରଭ ପ୍ରସାଦ ଏକ ବିସ୍ତୃତ ସୁରକ୍ଷା ଅଡିଟ୍ କରିଥିଲେ । ଏହି ଯାଞ୍ଚ ଏକ ବିଭାଗରେ ଏକ ସୁରକ୍ଷା ରଣନୀତି, ବିଭିନ୍ନ ସୁବିଧା ଏବଂ ଭିତ୍ତିଭୂମି ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କୁହାଯାଇଛି । ଷ୍ଟେସନଗୁଡକରେ ଅତ୍ୟାଧୁନିକ ଭିତ୍ତିଭୁମି, ଭିନ୍ନକ୍ଷମ, ମହିଳା, ବୃଦ୍ଧବୃଦ୍ଧାଙ୍କୁ ଦୃଷ୍ଟିରେ ରଖି ଆନୁଷଙ୍ଗିକ ସୁବିଧା ଓ ସୁଯୋଗ କରାଯିବ ବୋଲି କହିଛନ୍ତି ଡିଆର୍ଏମ୍ ।

## ତମସା ମାଇନର କେନାଲରେ ପାଣି

# ଛାଡ଼ିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ତମସା ମାଇନର କେନାଲରେ ପାଣି ଛାଡିବା ଲାଗି ୧୬ ପଞ୍ଚାୟତବାସୀ ବୁଧବାର ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି । ଏଥିରେ ଉଲ୍ଲେଖ ରହିଛି, ଗତ ୩ ବର୍ଷ ପୂର୍ବେ କେନାଲ ମରାମତି ଲାଗି ପାଣି ବନ୍ଦ କରାଯିବ ବୋଲି ୧୬ ପଞ୍ଚାୟତ ଲୋକଙ୍କୁ ଜଣାଇଲା ପରେ ଏହାର ମରାମତି ହୋଇଥିଲା । ୩ ବର୍ଷ ଭିତରେ କାର୍ଯ୍ୟ ଶେଷ ହେବ ବୋଲି ଜଣାଇଥିଲେ । ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ସୁଦ୍ଧା କାର୍ଯ୍ୟ ଶେଷ ହୋଇନାହିଁ । ୫ ମାସ ପୂର୍ବେ ଲିଖିତ ବାବେ ଜଣାଇବାରୁ ଆସନ୍ତା ୨ ମାସ ମଧ୍ୟରେ ଏହା କାର୍ଯ୍ୟ ଶେଷ ହୋଇ ପାଣି ଛଡାଯିବ ବୋଲି ପ୍ରତିଶୃତି ଦେଇଥିଲେ । କିନ୍ତୁ ତାହା ହୋଇପାରିଲା ନାହିଁ । ଫଳରେ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ୧୬ ପଞ୍ଚାୟତ ଚାଷୀଙ୍କ ଚାଷ କାମ ବନ୍ଦ ହୋଇଯାଇଛି । ଚଳିତ ବର୍ଷ ଚାଷ କରିବାକୁ ସୁବିଧା ହେବ ବୋଲି ଆଶା ବାନ୍ଧି ବସିଥିବା ବେଳେ ତାହା ମଧ୍ୟ ହୋଇପାରିଲା ନାହିଁ । ତେଣୁ ଏହି କେନାଲକୁ ତୁରନ୍ତ ମରାମତି କରି ଆସନ୍ତା ରବି ଋତୁ ପାଇଁ ପାଣି ଯୋଗାଇବା ବ୍ୟବସ୍ଥା କରିବାକୁ ଚାଷୀ ଦାବି କରିଛନ୍ତି । ଏହାର ସମାଧାନ କରା ନଗଲେ ୧୬ ପଞ୍ଚାୟତ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କୃଷକ ସଂଗଠନ ସଭାପତି ଏରା ପଡିଆମି, ଜିଲ୍ଲା ପରିଷଦ ଜୋନ୍ ୨ ସଦସ୍ୟ ମୁକା ମାଡକାମି, ଗୋରାଖଣ୍ଟା ସରପଞ୍ଚ ପଦିଏ କବାସୀ, ଶିଖପାଲ୍ଲୀ ସରପଞ୍ଚ ବିଜୟ କବାସୀ, ଚିତ୍ରାଙ୍ଗପାଲ୍ଲୀ ସରପଞ୍ଚ କୋଶଲ୍ୟା କବାସୀଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀ ଉପସ୍ଥିତ ଥିଲେ ।

# ଶିଶୁ ଦିବସ ପାଳିତ

କୋଷାଗୁମୁଡା, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀ ଶ୍ରୀ ବିଦ୍ୟା ମନ୍ଦିର ଓ ଡ୍ରିମ ଇଣ୍ଡିଆ ପବ୍ଲିକ ସ୍କୁଲ ଠାରେ ଗୁରୁବାର ଶିଶୁ ଦିବସ ତଥା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ୧୩୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଟିଜିଟି ଆର୍ଟ ଶିକ୍ଷକ ବେଣୁଧର ଭତରା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅନ୍ୟାନ୍ୟ ସହ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶିଶୁ ଦିବସ ପାଳନର ମହତ୍ୱ ଉପରେ ପ୍ରାଞ୍ଜଳ ଭାବେ ନିଜ ନିଜ ଅବିଭାଷଣ ରଖିଥିଲେ । ସ୍ୱାଧୀନ



ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ୧୪ ନଭେମ୍ବର ୧୮୮୯ମସିହାରେ ଉତ୍ତରପ୍ରଦେଶର ପ୍ରୟାଗରାଜ ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ଓ ଭାରତ ସ୍ୱାଧୀନ ହେବା ପରେ ୧୯୪୭ମସିହା ଅଗଷ୍ଟ ୧୫ତାରିଖରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ହୃଦୟଙ୍ଗମ କରିଥିଲେ କି ଆଜିର ଶିଶୁ କାଲିର ଭବିଷ୍ୟତ । ତେଣୁ ଦେଶର ଶିଶୁମାନଙ୍କୁ ସେ ଅତ୍ୟଧିକ ସ୍ନେହ କରିବା ସହ ଶିଶୁମାନଙ୍କ ଯତ୍ନ ନେବାକୁ ସମସ୍ତଙ୍କୁ ପରାମର୍ଶ ଦେଉଥିଲେ । ଏପରିକି ସେ ପ୍ରଧାନମନ୍ତ୍ରୀ ହେବା ପରେ ନିଜ ଜନ୍ମଦିନକୁ ଶିଶୁଙ୍କ ପାଇଁ ଉତ୍ସର୍ଗୀକୃତ କରି ଶିଶୁ ଦିବସ ଭାବେ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ସେବେଠୁ ନେହେରୁଙ୍କ ଜନ୍ମଦିନକୁ ଲୋକେ ଶିଶୁ ଦିବସ ଭାବେ ପାଳନ କରିଆସୁଛନ୍ତି । ଶିଶୁର ପିତାମାତା ଠାରୁ ଆରମ୍ଭ କରି ଅଙ୍ଗନୱାଡ଼ି କର୍ମୀ, ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଓ କଲେଜର ଅଧାପକ/ଅଧାପିକା ସମସ୍ତେ ଶିଶୁର ଭବିଷ୍ୟତ ଗଢିବାରେ ନିୟୋଜିତ ରହିଛନ୍ତି । ଶିଶୁ ଯଦି ସେମାନଙ୍କ ପରାମର୍ଶ ମାନି ଆଗକୁ ଆଗକୁ ବଢ଼ିବ ତେବେ ନିଶ୍ଚୟ ଶିଶୁର ଭବିଷ୍ୟତ ଉଜ୍ଜଳ ହେବା ସହିତ ଆଗାମୀ ଦିନରେ ଦେଶର କର୍ଣ୍ଣଧାର ହୋଇ ଦେଶର ସେବା କରିବ ବୋଲି ସେ ସାଧାରଣ ଜନତାଙ୍କୁ ସଚେତନ କରୁଥିଲେ ।

# ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା




ଖପ୍ରାଖୋଲ, (ଭାସ୍କର ନ୍ୟୁଜ): ସ୍ଥାନୀୟ ପଞ୍ଚାୟତ ସମିତିସଭା ଗୃହଠାରେ ଉଦ୍ୟାନ କୃଷି ବିଭାଗ ତରଫରୁ ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ପାଟଣାଗଡ ଅତିରିକ୍ତ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ପ୍ରମୋଦ ସେଠୀ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ପାଟଣାଗଡ ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସହକାରୀ କୃଷି ଅଧିକାରି ସୁମନ୍ତ କୁମାର ଖମାରି, ବେଲପଡା ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପାଟଣାଗଡ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅବିନାଶ ଦାସ, ଉଦ୍ୟାନ କୃଷି ଇଞ୍ଜିନିୟର ଦୀପକ କୁମାର ଗୁପ୍ତା, ଚାଷୀ ନେତା ଅମିୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଦୈନନ୍ଦିନ ଆବଶ୍ୟକ ପଡୁଥିବା ବିଭିନ୍ନ ପନିପରିବା ଚାଷ, ବିଶେଷ କରି ଆଳୁ ଚାଷ ଉପରେ ଆଲୋଚନା କରିଥିବା ବେଳେ ସରକାରଙ୍କ ସହାୟତା ପାଇ ଚାଷୀ ଚାଷ କରି ଲାଭବାନ ହୋଇପାରିବେ ବୋଲି କହିଥିଲେ । କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଶେଷଦେବ ମାଝୀ, ପାଣ୍ଡବ ବରିହା, ଲଙ୍କେଶ୍ୱର ବରିହା ସମେତ ବ୍ଲକର ଶତାଧିକ ଉଦ୍ୟାନ କୃଷି ଚାଷୀ ଉପସ୍ଥିତ ଥିବା ବେଳେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନିତା ବରୁଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପରବ ମହୋତ୍ସବର ମଞ୍ଚ ପରିଚାଳନା ଓ ପ୍ରଦର୍ଶନୀ ସବ୍‌କମିଟି ବୈଠକ

କୋରାପୁଟ, (ଭାସ୍କର ନ୍ୟୁଜ): ଜିଲ୍ଲା ପରିଷଦ ସମ୍ମିଳନୀ ଗୃହଠାରେ ରାଜ୍ୟସ୍ତରୀୟ ଲୋକ ମହୋତ୍ସବ ପରବ-୨୦୨୪ ସୁପରିଚାଳନା ପାଇଁ ମଞ୍ଚ ପରିଚାଳନା ଓ ପ୍ରଦର୍ଶନୀ ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏବଂ ପରବ ମଞ୍ଚ ପରିଚାଳନା ଓ ପ୍ରଦର୍ଶନୀ ସବ୍‌କମିଟି ସଭାପତି ଦେବାଶିଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓରମାସ ଉପକାର୍ଯ୍ୟ ନିର୍ବାହୀ ଅଧିକାରୀ ରୋସନ କୁମାର କାର୍ତ୍ତିକ ଯୋଗଦେଇ ପୂର୍ବ ବର୍ଷର ବିବରଣୀ ପ୍ରଦାନ କରିଥିଲେ । ଗତବର୍ଷ ୩୨୦ଟି ଷ୍ଟଲ ଖୋଲା ଯାଇଥିବା ବେଳେ ଚଳିତ ବର୍ଷ ୩୫୦ଟି ଷ୍ଟଲ୍ ଖୋଲାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ସ୍ଥାନୀୟ କଳାକାରମାନଙ୍କ ଚଳିତ ବର୍ଷ ମୁଖ୍ୟ ଉତ୍ସବରେ ଉଦ୍‌ଘୋଷକ ଭାବେ ଚୟନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ବୈଠକରେ ନିଆଯାଇଥିବା ସମସ୍ତ ନିଷ୍ପତ୍ତିକୁ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ ଭି.କୀର୍ତ୍ତିଭାସନଙ୍କୁ ଅବଗତ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଡିଓ ଦେବାଶିଷ ଗୌଡ, ଉପନିର୍ଦ୍ଦେଶକ ସୂର୍ଯ୍ୟାକାନ୍ତ ବେହେରା, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଦୃତିକୃଷ୍ଣ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରିତୀସୁଧା ଜେନା, ଡେପୁଟି କଲେକ୍ଟର ଦେବେନ୍ଦ୍ର କୁମାର ରାଉତ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶ ଭୁଷଣ ଶତପଥୀ ସମେତ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ । ସେହିପରି ସ୍ମରଣିକା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ସଂସ୍କୃତି, ପରମ୍ପରା, ଐତିହ୍ୟ ସାମିଲ କରି ଓଡିଆ, ଇଂରାଜୀ ଓ ହିନ୍ଦୀଭାଷାର ଲେଖାକୁ ସ୍ମରଣିକାରେ ସ୍ଥାନ ଦେବାକୁ ନିଷ୍ପତ୍ତି ହୋଇଛି । ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭ୍ୟ ଡ. ପ୍ରୀତିଧାର ସାମଲ, ରବି ଶତପଥି, ବିଜୟ ପ୍ରଧାନ, ଜଳଧର ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମୁଖ ଭାଗ ନେଇଥିଲେ ।

## ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ଡିସେମ୍ବର ୧୦ରୁ ମଣ୍ଡିରେ ଧାନ କିଣା

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ଖରିଫ ୨୦୨୪ -୨୫ ବର୍ଷ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଲ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ଼ାଃ ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା, ଅତିରିକ୍ତ ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ ଓ କେସିସିବି ଅଧକ୍ଷ କାନନ ବିହାରୀ ପହି ଉପସ୍ଥିତ ଥିଲେ । ଆସନ୍ତା ମାସ ଡିସେମ୍ବର ୧୦ ତାରିଖରୁ ପର୍ଯ୍ୟାୟକ୍ରମେ ୫୯୬୭୩ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ୯୦ ଗୋଟି ମଣ୍ଡି ମାଧ୍ୟମରେ ୧୫୬୮୪୨୬ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା, ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକ ବୃନ୍ଦ ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ, ମଣ୍ଡିରେ ବିଜୁଳି, ଭିତ୍ତିଭୂମି, ଆଶ୍ରୟ ସ୍ଥଳ, ଟୋକନ୍ ସମୟ ସୀମା, ସମସ୍ତ ବ୍ଲକରେ ଓଜନ ମେସିନର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଚଳିତ ବର୍ଷ ଏଫ୍ଏକ୍ୟୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ୨୩୦୦/- ଟଙ୍କା ଏବଂ ଗ୍ରେଡ-ଏ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ୨୩୨୦/- ଟଙ୍କା ରଖାଯାଇଛି । ଏହାବାଦ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ସମେତ ୮୦୦ ଟଙ୍କାର ଅତିରିକ୍ତ ଇନ୍‌ପୁଟ୍ ଆସିଷ୍ଟାନ୍ସ ମଧ୍ୟ ଦିଆଯିବ । ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରାଯିବ । ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନଯାଞ୍ଚ ତଥ୍ୟ ଓ କୃଷକଙ୍କ ନାମ ଉଲ୍ଲେଖ ରହିବ । ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯିବ ଏବଂ ସମସ୍ତ ମଣ୍ଡି ମାନଙ୍କରେ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ । ଅସାଧୁ ବ୍ୟକ୍ତି ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ ହସ୍ତକ୍ଷେପ ନକରନ୍ତି ଏଥିପ୍ରତି ଧ୍ୟାନ ଦେବାକୁ ବିଧାୟକ ପାଟଣା ଶ୍ରୀ ନାୟକ ପରାମର୍ଶ ଦେଇଥିଲା ବେଳେ ବିଧାୟକ ଘଷିପୁରା ଶ୍ରୀ ପାତ୍ର ମଣ୍ଡିରେ ସଂଗ୍ରହ ହେବାକୁ ଥିବା ଧାନକୁ ସୁରକ୍ଷିତ ଭାବେ ରଖିବାକୁ ଆବଶ୍ୟକୀୟ ପଲିଥିନ ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ): ପବିତ୍ର କାର୍ତ୍ତିକ ମାସ ଅବସରରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳରେ ଚବିଶ ପ୍ରହର ନାମଯଜ୍ଞ, ଦିପ ଯଜ୍ଞ ଗାଁ ଗାଁରେ ଅନୁଷ୍ଠିତ ହେଉଛି । ଭାବମୟ ଆଧାତ୍ମିକ ପରିବେଶ, ହରିନାମ ସଂକ୍ରୀର୍ତ୍ତନରେ ନାମ ମଣ୍ଡପରେ ଶହଶହ ଭକ୍ତ ରୁଣ୍ଡ ହୋଇ ପ୍ରଭୁ ପୂଜନ କରୁଥିବା ଦେଖିବାକୁ ମିଳୁଛି । ସନ୍ଧ୍ୟା ଆଳତୀ ସମୟରେ ୧୦୮ ଦୀପ ଲଗାଇ ପ୍ରଭୁଙ୍କ ଚରଣରେ ଭକ୍ତ ସମର୍ପିତ ହେଉଛନ୍ତି ଓ ଅନ୍ୟ କିଛି ଅଞ୍ଚଳରେ ହରିହାଟ କରି ପ୍ରଭୁଙ୍କୁ ସୁମରନ୍ତି । ପୁରୁଷୋତ୍ତମପୁର ସ୍ଥିତ ଚାଙ୍ଗୁଡ଼ିଆପଦର ସାହିରେ ହରିହାଟ ସମସ୍ତଙ୍କୁ ଆକର୍ଷିତ କରିଛି । ଏହି ଅବସରର ସୁନାଥର ଗ୍ରାମରେ ବିଜେପି ଘୁମୁସର ଜିଲ୍ଲା ସାଧରଣ ସମ୍ପାଦକ ଅନିଲ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସକ୍ରିୟ ସଂଗଠକ ତଥା ଯୁବ ନେତା ସୀତାରାମ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଅଞ୍ଚଳର ସମସ୍ତ ସରପଞ୍ଚ, ସମିତିସଭ୍ୟଙ୍କୁ ଗ୍ରାମବାସୀ ଭବ୍ୟ ସମ୍ବର୍ଦ୍ଧନା କରି ପାଛୋଟି ନେଇଥିଲେ । ଅନୁଷ୍ଠାନ କମିଟିର ଭିମ ନାହାକ, ସୁଦାମ ନାହାକ, ନରସିଂହ ଚରଣ ବସ୍ତିଆ, ପ୍ରଶାନ୍ତ ବସନ୍ତିଆ, ବିଦ୍ୟାଧର ନାହାକ, ଦାଶରଥି ନାହାକ, ନାରାୟଣ ନାହାକ, କବିରାଜ ନାହାକଙ୍କ ସହ ଗ୍ରାମବାସୀ ଉପସ୍ଥିତ ରହି ପଞ୍ଚାୟତର ଉନ୍ନତି ପାଇଁ ଆଲୋଚନା କରିଥିଲେ ।

# ମେଡିକାଲ ଭିତରେ ଭାସୁଛି ଶୌଚାଳୟର ମଇଳା ପାଣି



## ସ୍ୱାସ୍ଥ୍ୟ ସେବାରେ ସନ୍ତୁଳିତ ରୋଗୀ ଓ ସମ୍ପର୍କୀୟ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଅସ୍ୱାସ୍ଥ୍ୟକର ପରିବେଶ ଏବଂ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାରେ ସନ୍ତୁଳି ହେଉଛନ୍ତି ରୋଗୀ ଓ ସେମାନଙ୍କ ପରିବାର । ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ । ଦୀର୍ଘ ବର୍ଷରୁ ବିଭିନ୍ନ ସମସ୍ୟା ଭିତରେ ରହିଥିବା ଏହି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଜି ବି ଅବ୍ୟବସ୍ଥାରୁ ବାହାରି ପାରିନି । ଲୋକମାନଙ୍କ ଉତ୍ତମ ସେବା ଲକ୍ଷ୍ୟରେ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରଟି ଗତ କିଛି ଦିନ ହେଲା ଦ୍ୱିତୀୟ ଫାଟକ ନିକଟରେ ଶୌଚାଳୟରୁ ନିର୍ଗତ ମଇଳା ପାଣି ମେଡିକାଲ ମୁଖ୍ୟରାସ୍ତା ଦେଇ ଫାଟକ ପ୍ରବେଶ ଦ୍ୱାରରେ ମଇଳା ପାଣି ଭାସୁଛି । ଏହି ଆବର୍ଜନା ଶୌଚାଳୟ ନିର୍ଗତ ପାଣି ଓ ପରିସ୍ରା ରାସ୍ତାରେ ଭାସିବା ସହ ଫାଟକ ସାମ୍ନାରେ ଜମି ରହୁଥିବାରୁ ଏକ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଯାହା ଉଭୟ ରୋଗୀ ଓ ସମ୍ପର୍କୀୟ ପାଇଁ ସଂକ୍ରମଣର ଭୟ ସୃଷ୍ଟି କରିଛି । ତଥାପି ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ । ସୂଚନା ମୁତାବକ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦ୍ୱିତୀୟ ଫାଟକ ଦୀର୍ଘ ଦିନ ହେବ ବନ୍ଦ ଥିବାବେଳେ ଛୋଟ ଫାଟକ ଦେଇ ରୋଗୀ ଯାତାୟାତ କରୁଛନ୍ତି । କିନ୍ତୁ ଫାଟକ ନିକଟବର୍ତ୍ତି ରହିଥିବା ଶୌଚାଳୟର ନିର୍ଗତ ମଇଳା ପାଣି ଯଥା ପରିସ୍ରା ସିଧାସଳଖ ଫାଟକ ରାସ୍ତା ଦେଇ ଫାଟକ ସାମ୍ନାରେ ଜମା ହେଉଛି । ସବୁଠୁ ବଡ଼ କଥା ହେଲା ସଂକ୍ରମଣ ଭୟ । କାରଣ ଏହି ରାସ୍ତା ଦେଇ ପ୍ରସୂତିମାନେ ଶୌଚ ପାଇଁ ଯାଉଛନ୍ତି । ସେମାନେ ଯଦି ଅନ୍ୟ ରୋଗୀମାନଙ୍କ ଶୌଚ ପାଣି ଦେଇ ଯାତାୟାତ କରିବେ ତେବେ ସେମାନଙ୍କୁ ଅନ୍ୟ କିଛି ରୋଗ ସଂକ୍ରମଣ କରିପାରେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# କବି ଅଶ୍ୱିନୀ ମିଶ୍ର ପାଇବେ ଚଳିତ ବର୍ଷର 'ଶ୍ରୀବଳଦେବ ସମ୍ମାନ'



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଓଡ଼ିଶାର ଜଣେ ବିଶିଷ୍ଟ ସାରସ୍ୱତ ସାଧକଙ୍କୁ ପ୍ରଦାନ କରାଯାଉଥିବା ପୁରସ୍କାର 'ଶ୍ରୀବଳଦେବ ସମ୍ମାନ' ଚଳିତ ବର୍ଷ ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଂପାଦକ ଅଶ୍ୱିନୀ ମିଶ୍ରଙ୍କୁ ପ୍ରଦାନ କରାଯିବ । ଏହି ପୁରସ୍କାର ସ୍ୱରୂପ ତାଙ୍କୁ ଏକୋଇଶି ହଜାର ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ । ଏହା ପୂର୍ବରୁ ଏହି ସମ୍ମାନ ଗାଳ୍ପିକ ପଦ୍ମଜ ପାଲ, କବି ପ୍ରସନ୍ନ ମିଶ୍ର, ନାଟ୍ୟକାର ବିଜୟ ମିଶ୍ର, ପ୍ରାବନ୍ଧିକ ନିତ୍ୟାନନ୍ଦ ଶତପଥୀ, ଗାଳ୍ପିକ ଦେବ୍ରାଜ ଲେଙ୍କା, କବି ଗୋପାଳକୃଷ୍ଣ ରଥ, ପ୍ରାବନ୍ଧିକ କୃଷ୍ଣ ଭୂୟାଁ, ଗାଳ୍ପିକ ରବି ସ୍ୱାଇଁ, ପ୍ରାବନ୍ଧିକ ଧନେଶ୍ୱର ମହାପାତ୍ର, କଥାକାର ବିଜୟ ନାୟକ ପ୍ରଭୃତି ଦିଗଜ୍ ସାହିତ୍ୟିକଙ୍କୁ ପ୍ରଦାନ କରାଯାଇ ଆସିଛି । ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଅନ୍ୟ ପୁରସ୍କାର ମଧ୍ୟରେ ଗାଳ୍ପିକ ସ୍ୱର୍ଗତ ଅଦ୍ୱୈତ ମହାନ୍ତିଙ୍କ ସ୍ମୃତିରେ ପ୍ରବର୍ତ୍ତିତ ଅଦ୍ୱୈତ କଥା ପୁରସ୍କାର ପାଇବେ ଗାଳ୍ପିକା ସ୍ୱାଗତିକା ସ୍ୱାଇଁ, ବିଶିଷ୍ଟ କବି ଦୀପକ ମିଶ୍ରଙ୍କ ସ୍ମୃତିରେ ପ୍ରବର୍ତ୍ତିତ 'ଦୀପକ ମିଶ୍ର କବିତା ପୁରସ୍କାର' ପାଇବେ କବି ଚିତ୍ତରଞ୍ଜନ ନାୟକ, ବ୍ରହ୍ମାନନ୍ଦ ଅନୁବାଦ ପୁରସ୍କାର ପାଇବେ ବିଶିଷ୍ଟ ଅନୁବାଦକ ପ୍ରଫେସର ତପନ ପଣ୍ଡା, ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଡ. ଅସୀତ ମହାନ୍ତି ପାଇବେ ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସ୍ମୃତିରେ ପ୍ରବର୍ତ୍ତିତ ଆର୍ତ୍ତବଲ୍ଲଭ ଗବେଷଣା ପୁରସ୍କାର । ଏହି ସବୁ ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ପାଞ୍ଚ ହଜାର ମୁଦ୍ରା ସହ ମାନପତ୍ର ପ୍ରଦାନ କରାଯିବ । ଏତଦ୍ ବ୍ୟତିତ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ସାରସ୍ୱତ ସାଧକଙ୍କୁ 'ତୁଳସୀ ସମ୍ମାନ' ପ୍ରଦାନ କରାଯିବା କ୍ରମରେ ବର୍ଷିୟାନ ସାରସ୍ୱତ ସାଧକ, ବିଶିଷ୍ଟ ସର୍ବୋଦୟ ନେତା, ଚିନ୍ତକ କୃଷ୍ଣ ସିଂହଙ୍କୁ 'ତୁଳସୀ ସମ୍ମାନ' ପ୍ରଦାନ କରାଯିବ ବୋଲି ପରିଷଦର କାର୍ଯ୍ୟକାରିଣୀ ବୈଠକରେ ନିର୍ଣ୍ଣୟ ନିଆଯାଇଛି । ଏହି ବୈଠକରେ ପରିଷଦର ସଭାପତି ଡ. ଅପର୍ଣ୍ଣା ମହାନ୍ତି, ଗାଳ୍ପିକ ଅତୁଲ ବଳ, କବି ମଧୁସୂଦନ ଦାସ, ଭୁବନମୋହନ ଜେନା, ନବଜ୍ୟୋତି ରାୟ, ପ୍ରଦୀପ ନାୟକ, ପ୍ରମୋଦ ମଲ୍ଲିକ, ଡ. ପ୍ରକାଶ କୁମାର ପରିଡା, ମାତୃଦତ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସାହିତ୍ୟ ପରିଷଦର ଆସନ୍ତା ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିଙ୍କ କରକମଳରେ ଏହି ପୁରସ୍କାର ବିତରଣ ହେବ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ସଂପାଦକ ସରୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

# ସରସ୍ୱତୀ ଶିଶୁମନ୍ଦିରର ପ୍ରତିଷ୍ଠା ଦିବସ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁଆଁରପୁର ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ୨୯ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ରମାନାଥ ପରିଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି କାକଟପୁର ସଂକୁଳ ପ୍ରମୁଖ ତଥା ଶିକ୍ଷାବିତି ସୁରେନ୍ଦ୍ର କୁମାର ମାଣିକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ବିଦ୍ୟାଳୟ ସମ୍ପାଦକ ବିଜୟ କୁମାର ଭଟ୍ଟ, ଶିକ୍ଷକ ସଂଘ ସଭାପତି ବିପିନି ବିହାରୀ ମହାନ୍ତି, ବିଦ୍ୟାଳୟ କାର୍ଯ୍ୟକାରୀ ପ୍ରଧାନଆଚାର୍ଯ୍ୟ ଶ୍ରୀମତୀ ଗୀତାଞ୍ଜଳି ମହାନ୍ତି ପ୍ରମୁଖ ଯୋଗଦେଇ ପିଲାମାନେ ହେଉଛନ୍ତି ଈଶ୍ୱରଙ୍କ ଅବତାର ଏବଂ ସେମାନଙ୍କ ଠାରେ ଅସରନ୍ତି ଅନ୍ତର୍ନିହିତ ପ୍ରତିଭା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ସେମାନଙ୍କୁ ଉଚିତ ମାର୍ଗରେ ପରିଚାଳିତ କରିବା ଏବଂ ସୁନାଗରିକ ଭାବେ ଗଢି ତୋଳିବାରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ବିଦ୍ୟାଳୟ କାର୍ଯ୍ୟକାରୀ ପ୍ରଧାନ ଆଚାର୍ଯ୍ୟ ଗୀତାଞ୍ଜଳି ମହାନ୍ତି ଏହି ସଭାରେ ପୌରୋହିତ୍ୟ କରି ଶିକ୍ଷାକ୍ଷେତ୍ରରେ ସରସ୍ୱତୀ ଶିଶୁ ମନ୍ଦିର ଅବଦାନ ଅତୁଳନୀୟ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଗୁରୁଜୀ ଦିବାକର ପ୍ରଧାନ ବିଦ୍ୟାଳୟ ଇତିହାସ ବିବରଣୀ ପଠନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୁରୁଜୀ ପ୍ରଦୀପ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ଗୁରୁଜୀ, ଗୁରୁମା ଓ ପରିଚାଳନା ସମିତିର ସମସ୍ତ ସଭ୍ୟ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା ସହଯୋଗ କରିଥିଲେ ।

# ତେନ୍ତୁଲିଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନାହିଁ



ମାଲକାନାଗିରି, (ଭାସ୍କର ନ୍ୟୁଜ): ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନାହିଁ । ଏଭଳି ସ୍ଥିତିରେ ଅଙ୍ଗନବାଡ଼ି କର୍ମୀ ଜଣଙ୍କ ନିଜ ଘରେ କୋମଳ ମତି ଶିଶୁଙ୍କୁ ବସାଇ ପ୍ରାକ୍ ଶିକ୍ଷା ପ୍ରଦାନ କରୁଛନ୍ତି । ଠିକାଦାର କୋଠା କାମ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଚାଲି ଯାଇଥିବାରୁ ଏଭଳି ସମସ୍ୟା ଦେଖିବାକୁ ମିଳିଛି । ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଅଧୀନସ୍ଥ ପାପର ମେଟଲ ପଞ୍ଚାୟତର ତେନ୍ତୁଲିଗୁଡ଼ା ଗ୍ରାମରେ । ସୂଚନା ଅନୁଯାୟୀ, ଏହି ଗାଁରେ ୧୦ ବର୍ଷ ତଳେ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ ହୋଇଥିଲା । କିନ୍ତୁ କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ଗାଁର କୋମଳମତି ଶିଶୁମାନଙ୍କୁ ନିଜ ଘରେ ବସାଇ ପଢ଼ାଉଛନ୍ତି ଅଙ୍ଗନବାଡ଼ି କର୍ମୀ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ୨ ବର୍ଷ ତଳେ ଅଙ୍ଗନବାଡ଼ି କେନ୍ଦ୍ରର ନୂତନ କୋଠା କାମ ଆରମ୍ଭ ହୋଇଥିଲା । କିନ୍ତୁ ଠିକାଦାର ଜଣଙ୍କ କୋଠା କାମ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଚାଲି ଯାଇଥିବାରୁ ପୂର୍ବ ଭଳି ଅଙ୍ଗନବାଡ଼ି କର୍ମୀ ଶିଶୁମାନଙ୍କୁ ନିଜ ଚାଳଛପର ଘରେ ବସାଇ ପଢ଼ାଉଛନ୍ତି । ଅଙ୍ଗନବାଡ଼ି କୋଠା କାମ ସଂପୂର୍ଣ୍ଣ ହେଉନଥିଲେ ମଧ୍ୟ ବ୍ଲକ ପ୍ରଶାସନ କିମ୍ବା ଆଇସିଡିଏସ୍ ବିଭାଗ ଏ ଦିଗରେ ଦୃଷ୍ଟି ଦେଉନି । ଅନ୍ୟପଟେ ବର୍ଷାଦିନେ ଚାଳଛପର ଘରେ ପଢ଼ିବା ସମୟରେ ଶିଶୁମାନେ ହଇରାଣ ହେଉଛନ୍ତି । ଅଙ୍ଗନବାଡି କର୍ମୀ ଓ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗାଁର କିଛି ଯୁବକ ଠିକାଦାରଙ୍କ ଠାରୁ ଏହି କାମ ଠିକାରେ ନେଇଥିଲେ । କିନ୍ତୁ ସମ୍ପୃକ୍ତ ଠିକାଦାର ଟଙ୍କା ନ ଦେବାରୁ କାମ ଅଧାରୁ ବନ୍ଦ ହୋଇଯାଇଛି । ସମସ୍ୟା ନେଇ ବହୁବାର ବ୍ଲକ ପ୍ରଶାସନ ଓ ଚିତ୍ରକୋଣ୍ଡା ସିଡିପିଓଙ୍କ ନିକଟରେ ଅଭିଯୋଗ କରାଯିବା ପରେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ଏ ଦିଗରେ ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳ ରେ ଦାବି ହୋଇଛି ।

## ସ୍ଲରି ପାଇପ୍ ଫାଟି ଧାନ ଫସଲ ନଷ୍ଟ ଘଟଣା

# ପାଇପ ଲାଇନରେ ପରିବହନ ବନ୍ଦ କରିବାକୁ ନିର୍ଦ୍ଦେଶ



କେନ୍ଦୁଝର,(ଭାସ୍କର ନ୍ୟୁଜ): ଝୁମ୍ପୁରା ବ୍ଲକ ନୟାଗଡ ପଂଚାୟତ ଖଜୁରୀଡିହି ଗ୍ରାମରେ ଗତ ୯ ତାରିଖ ଦିନ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ କମ୍ପାନୀର ସ୍ଲରି ପାଇପ ଲାଇନ ହଠାତ୍ ଫାଟି ଯିବାରୁ ଏକର ଏକର ଧାନ ଫସଲ ନଷ୍ଟ ହୋଇଥିଲା । ଏହି ଘଟଣାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟର ସହକାରୀ ପରିବେଶ ବିଜ୍ଞାନୀ ଇପ୍‌ସୀ ଗିରି ଘଟଣା ସ୍ଥଳ ପରିଦର୍ଶନ କରି ଆଂଚଳିକ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ତଦନ୍ତ ରିପୋର୍ଟ ଆଧାରରେ ସ୍ଲରି ପାଇପ ଲାଇନରେ ଲୁହାପଥର ଗୁଣ୍ଡ ବନ୍ଦ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ ଅଧିକାରୀ ଆର୍ସେଲର ମିତ୍ତଲ ନିପନ ଷ୍ଟିଲର ସିଇଓଙ୍କୁ ଆଦେଶ ଦେଇଛନ୍ତି । କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ସୁରକ୍ଷା ଯାଂଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ମାଟି ତଳେ ଯାଇଥିବା ସ୍ଲରି ପାଇପ ଲାଇନ ହଠାତ୍ ଫାଟିଯିବାରୁ ପାଣି ମିଶ୍ରିତ ଲୁହା ଗୁଣ୍ଡ ଧାନ ଚାଷ ବିଲରେ ପଡିବାରୁ ଏକର ଏକର ଚାଷ ଜମି ନଷ୍ଟ ହୋଇଛି । ଏହି ଚାଷ ଜମିକୁ ପୁଣି ଚାଷ ଉପଯୋଗୀ କରିବା ପାଇଁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି । ତୁରନ୍ତ ଚାଷ ଜମିରୁ ଲୁହାଗୁଣ୍ଡ ମିଶ୍ରିତ ଜଳ ନକାଢିଲେ ଜଳ ଏବଂ ବାୟୁ ପ୍ରଦୂଷଣ ହେବ । ତୁରନ୍ତ ମୃର୍ତ୍ତିକାର ପୂର୍ବାବସ୍ଥା ଫେରାଇ ଆଣିବାକୁ କମ୍ପାନୀକୁ କୁହାଯାଇଛି । ସ୍ଲରି ପାଇପ ଫାଟିବା ପରେ ୪୦ ଫୁଟ ଉଚ୍ଚକୁ ପାଣି ମିଶ୍ରିତ ଲୁହାପଥର ଗୁଣ୍ଡ ଉଡି ଆଖପାଖ ବିଲରେ ବ୍ୟାପକ ପାଚିଲା ଧାନ ନଷ୍ଟ ହୋଇଥିଲା । ୩ ଜଣ ଚାଷୀଙ୍କର ୨ ଏକର ରୁ ଅଧିକ ଧାନ ଫସଲ ଉପରେ ଲୁହାଗୁଣ୍ଡ ଏବଂ କାଦୁଅ ଆସ୍ତରଣ ଜମି ରହିଥିଲା । ଘଟଣା ପରେ ଚମ୍ପୁଆ ଉପ ଜିଲ୍ଲାପାଳ, ଝୁମ୍ପୁରା ତହସିଲଦାର, ମଲଦା ରାଜସ୍ୱ ନୀରିକ୍ଷକ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବିଜ୍ଞାନୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ସୁନା,କାରୋ,ବୈତରଣୀ ବଂଚାଓ ସମିତିର ସଂଯୋଜକ ଅଶୋକ ଠକ୍କର ଙ୍କ ସମେତ ବହୁ ସଦସ୍ୟ ଘଟଣାସ୍ଥଳକୁ ଯାଇ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । କମ୍ପାନୀ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲୋକଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଏହି ସଂଗଠନ ଦାବୀ କରିଛି ।

# ପିଉାଟୋଲି ସୁରଳ ରୋଡ ଜନସାଧାରଣଙ୍କ ପାଇଁ ଅସୁରକ୍ଷିତ

ଚିକିଟି, (ଭାସ୍କର ନ୍ୟୁଜ): ଗୋଳନ୍ଥରା ଥାନା ଅଧିନସ୍ଥ ପିଉାଟୋଲି ରୋଡ ଜନସାଧାରଣଙ୍କ ନିମନ୍ତେ ଅସୁରକ୍ଷିତ ହୋଇ ପଡିଛି । ଏହି ରାସ୍ତାରେ ଦିନ ଦ୍ୱିପ୍ରହରରେ ଡକାୟତମାନେ କାହାର ନା କାହାର ପିଛା କରିବାକୁ ପଛାନ୍ତି ନାହି । ଗତ କିଛିଦିନ ତଳେ ବ୍ରହ୍ମପୁର ସ୍ଥିତ ଗୋଟିଏ ଔଷଧ ବିତରକ ଡିଲରଙ୍କୁ ମଧ୍ୟାହ୍ନ ସମୟରେ ବେକରେ ଛୁରୀ ଦେଖାଇ ଲୁଟିଥିବା ମଧ୍ୟ ଅଭିଯୋଗ ହୋଇଛି । ଆହୁରି ମଧ୍ୟ ସନ୍ଧ୍ୟା ବେଳେ କିଛି ଯୁବକ ସ୍ପିଡ ବାଇକ ଧରି ଆସୁଥିବା ବାଇକ ଆରୋହୀଙ୍କ ପିଛା କରୁଥିବା କଥା ମଧ୍ୟ ପଦାକୁ ଆସୁଛି । ବିଳମ୍ବିତ ରାତିରେ ଲୁଟେରାମାନେ କୌଣସି ନା କୌଣସି ବାହାନା କରି ରେଳବାଇର ଫାଟକ ନିକଟରେ ରହି ଲୋକଙ୍କ ପିଛା କରୁଥିବା ମଧ୍ୟ ଶୁଣିବାକୁ ମିଳୁଛି । ଏହି ରାସ୍ତାଟି ସର୍ପିଳ ଆକୃତି ହୋଇଥିବାବେଳେ ଯାତ୍ରୀମାନେ ଅତି ସାବଧାନତାର ସହ ଯିବା ଆସିବା କରିଥାନ୍ତି । ସେଥିପାଇଁ ଡକାୟତମାନଙ୍କୁ ବେଶ୍ ସୁବିଧା ହେଉଥିବା ଅନେକ ଶିକାର ହୋଇଥିବା ବାଇକ ଆରୋହୀ ପ୍ରକାଶ କରୁଥିବା ଶୁଣିବାକୁ ମିଳୁଛି । ସାଧାରଣତଃ ରେଳଫାଟକ ନିକଟରୁ ରାମଚନ୍ଦ୍ର ପଲି ପର୍ଯ୍ୟନ୍ତ ସବୁବେଳେ ବିପଦ ରହୁଥିବା ବେଳେ ବେଳେ ପିଉାଟୋଲି ଛକ ପର୍ଯ୍ୟନ୍ତ ଲୋକଙ୍କୁ ପିଛା କରାଯାଉଥିବା ମଧ୍ୟ କେତେକ ବାଇକ ଚାଳକ ପ୍ରକାଶ କରୁଛନ୍ତି । ଭୁବନେଶ୍ୱର ଠାରୁ ଚିକିଟି ଆସିବା ମେମୋ ଟ୍ରେନ ସବୁବେଳେ ସୁରଳରୋଡରେ ରାତି ପ୍ରାୟ ଏଗାରଟା ବେଳେ ସୁରଳ ରୋଡରେ ଓହ୍ଲାଉଥିବା ବ୍ୟକ୍ତି ମାନେ ଅତି ଭୟଭୀତ ହୋଇ ଆସୁଥିବା ଦେଖିବାକୁ ମିଳିଛି । ସେଭଳି ଚିକିଟୀରୁ ବ୍ରହ୍ମପୁର ଯିବା ଆସିବା ରାସ୍ତାଟି ଜଙ୍ଗଲ ମଧ୍ୟ ଦେଇ ଗତିକରୁଥିବା ବେଳେ ଜନସାଧାରଣ ବନ୍ୟଜନ୍ତୁ ଭୟରେ ଯିବା ଆସିବା ନକରି ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଏଠାରେ ଏଭଳି ଅବସ୍ଥା ଶୁଣି ଲୋକେ ଏକୁଟିଆ ଆସିବାକୁ ଉଚିତ ମନେକରନ୍ତି ନାହିଁ । ଏଣୁ ପ୍ରଶାସନ ଯଦି ଏଥି ପ୍ରତି ଧ୍ୟାନ ନଦିଅନ୍ତି ତେବେ ସାଧାରଣ ଲୋକ ଆଗାମୀ ଦିନରେ ଲୁଟ୍‌ର ଶିକାର ହୋଇ ସର୍ବସ୍ୱାନ୍ତ ହୋଇ ପଡିବେ ଏବଂ ଅନେକ ଲୋକଙ୍କ ଜୀବନ ମଧ୍ୟ ଜୀବ ବୋଲି ବୁଦ୍ଧିଜୀବୀ ମହଲରେ ଚିନ୍ତା ଘାରିଛି ।

# ବାଲିତୁଠରେ ନିଖିଳ ଭାରତ ସମବାୟ ସପ୍ତାହ



ଏରସମା, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ବାଲିତୁଠ ସେବା ସମବାୟ ସମିତି ତରଫରୁ ୭୧ ତମ ନିଖିଳ ଭାରତ ସମବାୟ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଆୟୋଜିତ କାର୍ଯ୍ୟକ୍ରମରେ ବାଲିତୁଠ ସେବା ସମବାୟ ସମିତିର ସଭାପତି ହରିହର ଲିଙ୍ଗରାଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିତୁଠ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ସମିତିର ସଭାପତି ବିଭୁ ରଞ୍ଜନ ସାମନ୍ତରାୟ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମିତିର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ପରିଜା, ସମିତିର ଉପ ସଭାନେତ୍ରୀ ଅନୁଛାୟା ଦାସ, ସମିତିର ସଭ୍ୟ ଅନୁଜ ରାୟ, ମାନଗୋବିନ୍ଦ ଦାସ, ନାରାୟଣ ପାତ୍ର, ଜ୍ୟୋତି ପ୍ରକାଶ ମହାନ୍ତି, କିଶୋର ଚନ୍ଦ୍ର ସାମନ୍ତରାୟ, ପ୍ରଦୀପ୍ତ ରାଉତ, ଅମୂଲ୍ୟ ଦାସ, ବିନ୍ଧୁ ମହାନ୍ତି, ସଲିଳା ରାଉତ, ସମିତିର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ସହ ସମ୍ପାଦକ ନବଘନ ମଲ୍ଲ, ସମିତିର ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ନିଖିଳ ଭାରତ ସମବାୟ ସପ୍ତାହରେ ଯୋଗଦେଇ ଥିଲେ । ସମିତିର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ସପ୍ତାହେ ବ୍ୟାପି ଚାଲିବ । ଏହି କାର୍ଯ୍ୟକ୍ରମକୁ କର୍ମଚାରୀ ବାଦଲ ମହାପାତ୍ର, ଚିନ୍ମୟ ସ୍ୱାଇଁ ଓ ମଙ୍ଗୁଳି ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ପଏଦା ସେବା ସମବାୟ ସମିତି ଓ ଗଡହରିଶପୁର ସେବା ସମବାୟ ସମିତି ତରଫରୁ ସମିତିର ସଭାପତି, ସମିତିର ସମ୍ପାଦକ, ସମିତିର ସଭ୍ୟ / ସଭ୍ୟା, ଚାଷୀ ଓ କର୍ମଚାରୀମାନେ ଯୋଗଦେଇ ୭୧ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କରିଥିଲେ ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୂମିପୂଜନ

ଶୁଳିଆପଦା,(ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ୍‌ର ବାଘଡ଼ା ଠାରେ ଜିଲ୍ଲାସ୍ତରୀୟ ଉପସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରୀୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ଗୋଷ୍ଠୀ ଜନ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୂମିପୂଜନ ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡିଶା ଡ ମୁକେଶ ମହାଲିଙ୍ଗଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଗୃହ ଓ ନଗର ଉନ୍ନୟନ ସାଧାରଣ ଅଭିଯୋଗ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ପରିବେଶ ଓ ଜଳ ବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଇଂ. ଗଣେଶ ରାମ ଖୁଣ୍ଟିଆ, ସାଂସଦ ଶ୍ରୀମତୀ ମମତା ମହାନ୍ତ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ଉଦଳା ବିଧାୟକ ଭାସ୍କର ମଢେଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ରାଇରଙ୍ଗପୁର ବିଦାୟକ କୋଲେନ ନାଏକ ପ୍ରମୁଖ ଯୋଗଦେଇ ଯୋଗ ଦେଇଥିବା ବେଳେ ସମସ୍ତ ସରକାରୀ କର୍ମଚାରୀ, ଲାଇନ୍ ଡିପା ଡିପାର୍ଟମେଣ୍ଟ କର୍ମଚାରୀ ଓ ପଞ୍ଚାୟତ ସ୍ତରୀୟ ସମସ୍ତ ଲୋକପ୍ରତିନିଧି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧୩ କୋଟି ୫୪ ଲକ୍ଷ ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ୪କୋଟି ୯୮ ଲକ୍ଷ ଟଙ୍କା ପ୍ରକଳ୍ପର ଶୁଭ ଉଦଘାଟନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପାରମ୍ପରିକ ବାଦ୍ୟ ଓ ଆଦିବାସୀ ନୃତ୍ୟ ଦ୍ୱାରା ସ୍ୱାଗତ କରାଯାଇଥିଲା । ଉକ୍ତ ପ୍ରକଳ୍ପ ୯ କାର୍ଯ୍ୟକାରୀ ହେଲେ ଗ୍ରାମାଞ୍ଚଳର ଗରିବ ଲୋକ କିପରି ଉନ୍ନତ ମାନର ସେବା ପାଇପାରିବେ ସେନେଇ ସରକାର ତତ୍ପରତା ପ୍ରକାଶ କରିଛନ୍ତି ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମହିଳିଙ୍ଗ ।

# ବଡ଼ଓଷାରେ ଅସ୍ତରଙ୍ଗ ଅଞ୍ଚଳର ଶୈବପୀଠ ଚଳଚଞ୍ଚଳ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁଣ୍ୟ ମାସ କାର୍ତ୍ତିକ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ବଡ଼ଓଷା ପାଳିତ ହୋଇଥାଏ । ଏନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳ ବିଭିନ୍ନ ଶୈବ ପୀଠରେ ଭକ୍ତଙ୍କ ଗହଳି । କେଉଁ ଆଦିମ କାଳରୁ ଦେବଦେବ ମହାଦେବଙ୍କ ଏହି ମହାନ ପର୍ବ ପାଳିତ ହୋଇଆସୁଛି । ଧର୍ମ ମାସ କାର୍ତ୍ତିକର ମହାପଞ୍ଚକରେ ହବିଷ୍ୟାଳି ଙ୍କ ବିଷ୍ଣୁ ପୂଜନ ଓ ବଡ଼ଓଷାରେ ମହାଦେବଙ୍କ ଉପାସନାରେ ବିଭୋର ଭକ୍ତ । ଉତ୍କଳୀୟ ପରମ୍ପରାରେ ବଡ଼ଓଷାର ସ୍ୱତନ୍ତ୍ର ମହତ୍ୱ ରହିଛି । ଏହି ବଡ଼ଓଷା ପାଇଁ ଅସ୍ତରଙ୍ଗ ଅଂଚଳ ଦେବୀ ନଦୀ ପଠାରେ ବଣ ଜଙ୍ଗଲ ଘେରା ମଧ୍ୟରେ କେଉଁ ଆବାହନ କାଳରୁ ବାବା ଧବଳେଶ୍ୱର ପୀଠରେ ଜାକଜମକରେ ପାଳିତ ହୋଇ ଆସୁଅଛି । ଚଳିତ ବର୍ଷ ଏହି ପୀଠରେ ବଡ଼ଓଷାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଛି । ହରିବୋଲ ହୁଳହୁଳି ରେ ପ୍ରକମ୍ପିତ ହୋଇଥିଲା ସାରା ପରିବେଶ । ବାବା ଧବଳେଶ୍ୱର ଙ୍କୁ ଦର୍ଶନ କରିବାକୁ ଭକ୍ତ ମନରେ ଆବେଗ ରହିଛି । ବର୍ଷକୁ ଥରେ ମାତ୍ର ବଡ଼ଓଷା ରେ ବଡ଼ ସିଂହାର ବେଶରେ ଦର୍ଶନ ଦିଅନ୍ତି ବାବା ଧବଳେଶ୍ୱର । ପବିତ୍ର ତ୍ରୟୋଦଶୀ ରାତିରେ ବଡ଼ଓଷା ପାଇଁ ପ୍ରସ୍ତୁତ ଆରମ୍ଭ ହୁଏ । ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀର ସନ୍ଧି ସମୟରେ ପ୍ରଭୁଙ୍କ ବଡ଼ଓଷା ନୀତି ସମ୍ପନ୍ନ ହୁଏ । ବାବା ଧବଳେଶ୍ୱରଙ୍କୁ ଲାଗି ହୁଏ ଗଜଭୋଗ । ଗୁରୁବାର ରାତିରେ ଉଜାଗର ରହି ଶୁକ୍ରବାର ସକାଳୁ ବାବାଙ୍କ ଦୁର୍ଲଭ ବେଶକୁ ଦର୍ଶନ କରିବେ ଶ୍ରଦ୍ଧାଳୁ ।

# ରାଶିଫଳ

ଶୁକ୍ରବାର, ୧୫ ନଭେମ୍ବର ୨୦୨୪



**ମେଷ:** ଆଜି ଶୁଭ ଦିନ ହେବ । ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ । ଚାକିରିରେ ପଦୋନ୍ନତିର ସମ୍ଭାବନା । ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି ।



**ବୃଷ:** ଆଜି ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି ।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ । ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।



**ସିଂହ:** ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ ।



**କନ୍ୟା:** ଆଜି ଶୁଭ ଫଳପ୍ରଦ ଦିନ ହେବ । ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ପରିବାରରେ ଖୁସିର ପରିବେଶ ରହିବ ।



**ତୁଳା:** ଆଜି ମିଶ୍ରିତ ଦିନ ହେବ । ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ।



**ବିଛା:** ଆଜି କ୍ୟାରିୟର ବିଷୟରେ ଚିନ୍ତିତ ହେବେ । କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ । ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ ।



**ଧନୁ:** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ ।



**ମକର:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟର ଦୃଢ଼ ଆର୍ଥିକ ଲାଭ ଅଛି । ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଓ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।



**କୁମ୍ଭ:** ଆଜି ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ପରିବାର ସହିତ ସମୟ ଭଲ ବ୍ୟବହାର ହେବ ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି ।



ଜ୍ୟୋତିଷ ଶ୍ରୀ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ମସେ ଖରା ପୁଣି ଥରେ ସ୍ୱର୍ଣ୍ଣ ପଦକ ହାତେଇବାରେ ସଫଳ ହୋଇଛନ୍ତି। ରାଜ୍ୟସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତାରେ ଲଗାତାର ତୃତୀୟଥର ପାଇଁ ସ୍ୱର୍ଣ୍ଣ ପଦକ ଜିତି ମସେ ଖରା ମାଲକାନଗିରି ଜିଲ୍ଲା ତଥା ନିଜ ଜନ୍ମ ମାଟି ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ କେଉଁଝର ଜିଲ୍ଲା ଠାରେ ହେଉଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତାରେ ବାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ମସେ ଖରା ମାଲକାନଗିରି ପକ୍ଷରୁ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ମସେ ସଟପୁଟ ଥ୍ରୋରେ ସ୍ୱର୍ଣ୍ଣ ଓ ଡିସକସ ଥ୍ରୋରେ କାଂସ୍ୟ ପଦକ ଜିତିବାର ସୌଭାଗ୍ୟ ହାସଲ କରିଛନ୍ତି । ଏହା ପୂର୍ବରୁ ଗତ ୨୦୨୨/୨୩ ପ୍ରତିଯୋଗିତାରେ ଡିସକସ ଥ୍ରୋରେ ସ୍ୱର୍ଣ୍ଣ ୨୦୨୩/୨୪ରେ ସଟପୁଟ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲାର ଟେକ ରଖିଥିଲେ।ମସେ ଖରାଙ୍କ ବାପା କମୁଲୁ ଖରା ଓ ମା ଦେଇ ଖରା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳର ରାଲେଗଡା ପଞ୍ଚାୟତ କାଣ୍ଡଗୁଡା ଗ୍ରାମର ବାସିନ୍ଦା। ବାଲିମେଲା ବିଦ୍ୟାଳୟରେ ପାଠ ପଢିବା ସମୟରେ ମସେଙ୍କ ଖେଳ ପ୍ରତିଭାକୁ ଚିହ୍ନି ପାରିଥିଲେ ବିଦ୍ୟାଳୟର ଖେଳ ଶିକ୍ଷକ ଭାଗିରଥି ସାହୁ। ମୋର ସଫଳତା ପଛରେ ଅନେକ ଲୋକଙ୍କ ଆଶିର୍ବାଦ ରହିଛି। ଖେଳ ଶିକ୍ଷକ , ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ , ଭାରପ୍ରାପ୍ତ ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା , ପ୍ରଧାନ ଶିକ୍ଷୟିତ୍ରୀ ସୁଶିଳା ହିଆଲ ଏବଂ ବିଶେଷ କରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ ପ୍ରମୁଖଙ୍କ ପ୍ରେରଣାରେ ପ୍ରେରିତ ହୋଇ ସେ ଆଜି ନିଜକୁ ସଫଳତାର ଶୀର୍ଷରେ ପହଞ୍ଚାଇ ପାରିଛନ୍ତି ବୋଲି କହିଛନ୍ତି ମସେ ଖରା। ମସେଙ୍କ ସଫଳତା ପାଇଁ ସମସ୍ତେ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।



# ଘରେ କଳା କନା ବୁଲେଇଲେ ଚୋର



**ଉମରକୋଟ(ଭାସ୍କର ନ୍ୟୁଜ):** ଘରେ କେହି ନଥିବାର ସୁଯୋଗ ନେଇ କଳା କନା ବୁଲେଇଲେ ଦୁର୍ବୃତ୍ତ। ସୁନା ଗହଣା ସହ ଲାପଟପ୍ ଚୋରି କରି ଫେରାର ଅଛନ୍ତି ଚୋର। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ୫ ନଂ ୱାର୍ଡ ରେ। ଏହି ୱାର୍ଡ ରେ ରହୁଥିବା ବିବେକ ନାୟକ (୩୦)ଙ୍କ ଘରେ ହୋଇଛି ଚୋରି । ମିଳିଥିବା ସୂଚନା ଅନୁସାରେ ଚଳିତ ମାସ ୮ ତାରିଖ ଦିନ ବିବେକଙ୍କ ଘରର ସମସ୍ତ ସଦସ୍ୟ ଘରେ ତାଲା ପକାଇ ଉମରକୋଟ ଠାରୁ ବାହାରକୁ ଯାଇଥିଲେ।୧୨ ତାରିଖ ଦିନ ସକାଳ ୯:୩୦ ମିନିଟ ସମୟରେ ଘରେ ପହଞ୍ଚି ଦେଖିଲା ବେଳକୁ ଘରର ତାଲା ଭାଙ୍ଗି ତଳେ ପଡିଛି। ଘର ଭିତରେ ପଶି ଦେଖିଲା ବେଳକୁ ଘରେ ଥିବା ତିନିଟି ଆଲମାରୀର ତାଲା ଭଙ୍ଗାଯାଇଛି। ଆଲମାରୀ ଭିତରେ ଥିବା ୧୨୦ ଗ୍ରାମର ତିନୋଟି ନେକଲେସ,ଆଠ ଯୋଡି ସୁନା କାନର, ଗୋଟିଏ ସୁନା ମୁଦି,ଚାରି ଗୋଟି ରୂପା ପାଉଜି, ଗୋଟିଏ ମଙ୍ଗଳସୂତ୍ର ଓ ଛଅ ଖଣ୍ଡ ସୁନା ଚୁଡି ସହ ଅନେକ ଅଳଙ୍କାର ଗୁଡ଼ିକ ଚୋରି କରି ନେଇଯାଇଥିଲେ। ଚୋରି ହୋଇଥିବା ସୁନା ପାଖାପାଖି ୧୨ତୁଲା ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୯ ଲକ୍ଷ ରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି !ଏନେଇ ବିବେକ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତି କରି ପୋଲିସ ଘଟଣାକୁ ଗୁରୁତର ସହ ନେଇ ସାଇନ୍ଟିଫିକ ଟିମ୍ ଓ ଅନୁସନ୍ଧାନି କୁକୁର ସାହାଯ୍ୟରେ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ସନ୍ଦେହରେ ୪ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ତପନ କୁମାର ପତି କହିଛନ୍ତି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହୁମାଛି ଆତଙ୍କ

## ମହୁଫେଣା ହଟାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଗତ କିଛିଦିନ ହେଲା ମହୁମାଛି ଆତଙ୍କ ଦେଖାଦେଇଛି। ମହୁମାଛି ଆକ୍ରମଣରେ କିଛି ଲୋକ ଆହତ ହେବା ସହିତ ରୋଗୀ ଓ ସମ୍ପର୍କୀୟ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଭୟଭୀତ ହୋଇପଡ଼ିଛନ୍ତି। ହସ୍ପିଟାଲ ର କାନ୍ଥ , ଝରକା ତାଜାରେ ଥିବା ପ୍ରାୟ ୪୦ ରୁ ଉର୍ଦ୍ଧ୍ୱ ମହୁମାଛି ବସାକୁ ହଟାଇବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବନ ବିଭାଗକୁ ଚିଠି କରାଯାଇଛି। ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ସାତ ମହଲା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ କାନ୍ଥ, ଝରକା ତାଜାରେ ବହୁ ସଂଖ୍ୟାରେ



ମହୁମାଛି ଫେଣା ରହିଛି। ସେହିପରି ମହୁମାଛିମାନେ ଏଣେ ତେଣେ ବୁଲୁଥିବାର ଦେଖି ଲୋକେ ମେଡିକାଲକୁ ଆସିବାକୁ ଡରୁଛନ୍ତି। ଅନେକ ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମହୁମାଛି ଆକ୍ରମଣର ଶିକାର ହେଉଛନ୍ତି। ବିଶେଷ କରି ହସ୍ପିଟାଲର ୨,୩, ୪, ୫, ୬ ତାଲାର କାନ୍ଥ, ପାଣି ପାଇପ ଓ ଝରକା ତାଜା ତଳେ ବଡ଼ ବଡ଼ ମହୁଫେଣା ବସା ବାନ୍ଧିଛନ୍ତି। ଏତେ ଉଚ୍ଚରେ ଚଢିକି ହସ୍ପିଟାଲ କର୍ମଚାରୀ କିମ୍ବା ସାଧାରଣ ଲୋକ ମହୁମାଛି ବସା ଭାଙ୍ଗିବା ସମ୍ଭବପର ନୁହଁ, ତେଣୁ ହସ୍ପିଟାଲ ପରିସରରୁ ଏହି ମହୁମାଛି ବସାଗୁଡିକୁ ହଟାଇବା ପାଇଁ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିଠି ପଠାଯାଇଛି। ମହୁମାଛି ହସ୍ପିଟାଲ ଭିତରକୁ ଯେପରି ପ୍ରବେଶ ନକରିବେ ସେଥିପାଇଁ ସବୁବେଳେ କାଚ ଝରକା ଗୁଡିକୁ ବନ୍ଦ ରଖାଯାଉଛି, ଖୁବ ଶୀଘ୍ର ହସ୍ପିଟାଲ ପରିସରରୁ ମହୁମାଛିଙ୍କୁ ହଟାଯିବ, ଏଥି ପାଇଁ କିଏ ଭୟଭୀତ ହେବାର ନାହିଁ ବୋଲି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବ୍ରଜବନ୍ଧୁ ଦାଶ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର

ଉମରକୋଟ(ଭାସ୍କର ନ୍ୟୁଜ): ଝୁଲି ଥିବା ବିଦ୍ୟୁତ ତାରକୁ ଉପରକୁ ଟେକିବା ସମୟରେ ଆଘାତରେ ଜଣେ ଜଣ ଗୁରୁତର ହୋଇଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକରେ। ଗୁରୁତର ଯୁବକ ଜଣକ ହେଲେ ସଦର ବ୍ଲକ ବରିଗାଁ ପଞ୍ଚାୟତ ମେଣ୍ଡରା ଗ୍ରାମର



ବୈଦ୍ୟନାଥ ସାନ୍ତା (୧୯)। ମିଳିଥିବା ସୂଚନା ଅନୁସାରେ ବୈଦ୍ୟନାଥଙ୍କ ଘର ଉପରେ ଯାଇଥିବା ବିଦ୍ୟୁତ ତାର ଝୁଲି ପଡିଥିଲା। ବୈଦ୍ୟନାଥ ସେହି ଝୁଲି ପଡ଼ିଥିବା ତାରକୁ ଟାଇଟ କରୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ଗୁରୁତର ଅବସ୍ଥାରେ ବୈଦ୍ୟନାଥଙ୍କୁ ପରିବାର ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ବୈଦ୍ୟନାଥ ଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା।

# କୋରମ ଅଭାବରୁ ବ୍ରଜରାଜନଗର ପୌରପରିଷଦ ବୈଠକ ବାତିଲ

ବ୍ରଜରାଜନଗର(ଭାସ୍କର ନ୍ୟୁଜ): ବ୍ରଜରାଜନଗର ପୌରପରିଷଦ ପକ୍ଷରୁ ବୁଧବାର ଦିନ ପୌରପରିଷଦ ବୈଠକ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା ଓ ବୈଠକ ପୂର୍ବାହ୍ନ ୧୧ଟାରେ ହେବ ବୋଲି ପୂର୍ବରୁ ସମସ୍ତ କାଉନସିଲରଙ୍କୁ ଅବଗତ କରାଯାଇଥିଲା। ହେଲେ କୋରମ ଅଭାବରୁ ବୈଠକ ବାତିଲ ହୋଇଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ବ୍ରଜରାଜନଗର ୨୩ କାଉନସିଲରଙ୍କ ମଧ୍ୟରୁ ଆଜିର ବୈଠକରେ ୬ଜଣ କାଉନସିଲର ଉପସ୍ଥିତ ଥିଲେ । ଏଥିରେ ୪ଜଣ ବିଜେଡି ଓ ୨ଜଣ ବିଜେପି କାଉନସିଲର ଥିଲେ ଓ ଅପରପକ୍ଷେ କୋରମ ପାଇଁ ୮ଜଣ କାଉନସିଲରଙ୍କ ଉପସ୍ଥିତ ଆବଶ୍ୟକ ଥିଲା । ଏହା ପୂର୍ବରୁ ନଗରପାଳ ଯେତେଥର ବୈଠକ ଡାକିଛନ୍ତି ବହୁଥର କୋରମ ଅଭାବରୁ ବୈଠକ ବାତିଲ ହୋଇଛି ଓ ବୁଧବାର ନଗରପାଳ ଜାଣିବାକୁ ପାଇଥିଲେ କି କାଉନସିଲର ମାନେ ଉପସ୍ଥିତ ରହିବେ ନାହିଁ । ଏହି ବିଷୟରେ ନଗରପାଳ ଯାଜ୍ଞସେନୀ ଓରାମ ଉପନଗରପାଳ କୃଷ୍ଣ ଗୋପାଳ ସିତାନୀଙ୍କ ସହ ବୈଠକ ବିଷୟରେ ଆଲୋଚନା କରିନଥିଲେ । ବୈଠକର କିଛି ସମୟ ପୂର୍ବରୁ ନଗରପାଳ ଯାଜ୍ଞସେନୀ ଓରାମ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ସେ ଆଜିର ବୈଠକରେ ଅନୁପସ୍ଥିତ ରହିବେ ବୋଲି ସୂଚନା ଦେଇଥିଲେ । ଅନ୍ୟପକ୍ଷରେ ଉପନଗରପାଳ କୃଷ୍ଣ ଗୋପାଳ ସିତନୀଙ୍କ ସହ ବୈଠକରେ ବିଜେଡିର ୧୬ ବିଜେଡି କାଉନସିଲର ଓ ଜଣେ ବହୁଜନ ସମାଜବାଦୀପାର୍ଟିର କାଉନସିଲର ଅନୁପସ୍ଥିତ ଥିଲେ । ଉପନଗରପାଳ ଗୋପାଳ ସିତାନୀ ଓ ଅନ୍ୟ କେତେକ କାଉନସିଲରଙ୍କୁ ଏନେଇ ଯୋଗାଯୋଗ କରିବାରୁ ନିଜ ବ୍ୟକ୍ତଗତ କାର୍ଯ୍ୟପାଇଁ ସେମାନେ ବାହାରେ ଥିବା ସୂଚନା ଦେଇଛନ୍ତି । ତେବେ ବାରମ୍ବାର ଏତେ ଜଣ କାଉନସିଲର ଯୋଗ ନଦେବା ନଗରପାଳଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବାର କିଛି ଗୋଟେ ପ୍ରସ୍ତୁତି ଚାଲିଥିବା ଚର୍ଚ୍ଚା ହେଉଛି । ଏହି ବିଷୟରେ ଅଧିକ ସୂଚନା ପାଇଁ ନଗରପାଳଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ନଗରପାଳ ଯାଜ୍ଞସେନୀ ଓରାମ ଫୋନ ଗ୍ରହଣ କରିନଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନଥିଲା । ବାରମ୍ବାର ଏହିପରି ବ୍ରଜରାଜନଗର ପୌରପରିଷଦ ବୈଠକ ବାତିଲ ହେଉଥିବାରୁ ନଗରପାଳ ଇସ୍ତଫା ଦିଅନ୍ତୁ ବୋଲି ଜନସାଧାରଣରେ ଚର୍ଚ୍ଚା ବଢିବାରେ ଲାଗିଛି ।

# ସମାଜସେବୀଙ୍କ ଗୋସେବା



ସଇଁତଲା(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକର ସମାଜସେବୀ ମଦନ ଲାଲ ଅଗ୍ରୱାଲଙ୍କ ଗୋସେବା ପାଇଁ ବଢୁଥିବା ଆଗ୍ରହକୁ ବେଶ ଲୋକେ ପ୍ରଶଂସା କରିଛନ୍ତି । କାର୍ତ୍ତିକ ମାସ ଏକାଦଶୀ ତିଥିରେ ଶ୍ରୀ ରାମ ଗୋସେବା ସଦନ କୁ ସପରିବାର ଯାଇ ଗୋମାତାଙ୍କ ସେବା କରିବା ସହ ଗୋଟିଏ ଗାଇଦାନ କରିଥିଲେ । ତାଙ୍କର ସମାଜସେବା ପାଇଁ ସେ ବହୁ ଜାଗା ରେ ସମ୍ମାନିତ ମଧ୍ୟ ହୋଇଛନ୍ତି । ସମାଜସେବାକୁ ସେ ନିଜ ବ୍ରତ ଭାବରେ ମାନି ନେଇଥିବା ବେଳେ ତାଙ୍କ ଦୁଇ ପୁଅ ମଧ୍ୟ ତାହାଙ୍କୁ ସହଯୋଗ କରୁଛନ୍ତି । ଏହି ଗୋସେବା କାର୍ଯ୍ୟକ୍ରମରେ ତାଙ୍କ ଧର୍ମପତ୍ନୀ କାନ୍ତା ଅଗ୍ରୱାଲ, ତାଙ୍କ ଦୁଇ ପୁଅ ଗୋପାଳ ଅଗ୍ରୱାଲ, ମହେଶ ଅଗ୍ରୱାଲ, ତାଙ୍କ ଦୁଇ ବୋହୁ ଖୁସବୁ ଅଗ୍ରୱାଲ, ଜ୍ୟୋତି ଅଗ୍ରୱାଲ ଓ ତାଙ୍କ ନାତି ନାତୁଣୀ ଉପସ୍ଥିତ ଥିଲେ ।

# ନବାକାଂକ୍ଷା କାର୍ଯ୍ୟକ୍ରମରେ ବଲାଙ୍ଗୀରର ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ବରଗଡ(ଭାସ୍କର ନ୍ୟୁଜ): ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ ଏବଂ କ୍ରୀଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିକାଶ ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ୍, ବରଗଡ଼ର ମିଳିତ ଆନୁକୂଲ୍ୟରେ ୧୦ ନଭେମ୍ବର ୨୦୨୪ (ରବିବାର)ରେ ବଲାଙ୍ଗୀର ଜିଲ୍ଲାର ନଟରାଜ ପ୍ୟାଲେସ୍ଠାରେ କ୍ରୀଷ୍ଣା ବିକାଶ, ବରଗଡ଼ର 'ନବାକାଂକ୍ଷା' - କ୍ୟାରିୟର୍ କାଉନ୍ସେଲିଂ ତଥା ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସ୍କୁଲ୍ ଲିଡର୍ ପୁରସ୍କାରରେ ସମ୍ମାନିତ କରିବା କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହୋଇଯାଇଛି। ତା' ସହିତ ବଲାଙ୍ଗୀର ଜିଲ୍ଲାର ସମାଜସେବୀ ସଂସ୍ଥା - ମାହେଶ୍ୱରୀ ଫାଉଣ୍ଡେସନ୍, ବିଂ ହ୍ୟୁମାନ୍ ଫାଉଣ୍ଡେସନ୍, ନାରୀ ଶକ୍ତି ଫାଉଣ୍ଡେସନ୍ ଏବଂ ଶିକ୍ଷା, ନୃତ୍ୟ, କଳା ଓ ସଂସ୍କୃତି ସହ ଜଡ଼ିତ ଅନେକ ସୁନାମଧନ୍ୟ ବ୍ୟକ୍ତିତ୍ୱ - ଶ୍ରୀ ଘାସିରାମ ମିଶ୍ର ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପାର ଅଧ୍ୟକ୍ଷ ଶ୍ରୀ କ୍ଷମାନିଧି ଝାଙ୍କରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାର ଶିକ୍ଷାବିତ୍, କଳା ଓ ସଂସ୍କୃତି ତଥା ଫୁଟ୍‌ବଲ୍ ଖେଳାଳୀ ଭାବରେ ଜଣାଶୁଣା ବ୍ୟକ୍ତି ଶ୍ରୀକର ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାର ୩୦ଟି ଉଚ୍ଚ ମାଧ୍ୟମିକ ସ୍କୁଲ୍ ତଥା ସିବିଏସ୍ଇ ସ୍କୁଲ୍‌ର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମଟି



ଦୁଇଟି ଅଧିବେଶନରେ ହୋଇଥିଲା। ପ୍ରଥମ ଅଧିବେଶନରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶ୍ରୀ ଶିଶିର ପ୍ରସାଦ ରାଉଳଙ୍କ ତତ୍ତ୍ୱାବଧାନରେ ଏକ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ କ୍ରୀଷ୍ଣା ବିକାଶ ଗ୍ରୁପ୍ ଓ ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ଚେୟାର୍‌ମେନ୍ ଶ୍ରୀ ଡି.ମୂରଲୀ କ୍ରୀଷ୍ଣା, କ୍ରୀଷ୍ଣା ବିକାଶର ପୂର୍ବବର୍ଷର ଉଚ୍ଚ କୃତୀତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାବିତ୍‌ଙ୍କ ଉପସ୍ଥିତିରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଚେୟାର୍‌ମେନ୍ କ୍ୟାରିୟର୍ କାଉନ୍ସେଲିଂ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ସହିତ ନିଜର ଭବିଷ୍ୟତକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନେ କିପରି ପାଠ ପଢ଼ିବେ, ତାଙ୍କ ସଙ୍କଳ୍ପିତ ସ୍ୱପ୍ନ କିପରି ଭାବରେ ସିଦ୍ଧିଲାଭ ହେବା ସହ ଛାତ୍ରଛାତ୍ରୀମାନଙ୍କ କିପରି ସର୍ବାଙ୍ଗୀନ ଉନ୍ନତି ଏବଂ ଚରିତ୍ର ଗଠନ ସାଧିତ ହୋଇପାରିବ, ସେ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା ଅତିଥି ପରିଚୟ ତଥା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଶ୍ରୀ ଚିତରନ ପତି ବିକାଶ ଆବାସିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଡେମିକ୍ସ ଏବଂ କୋକରିକୁଲାର୍ ଏକ୍ଟିଭିଟିଜ୍‌ରେ ଗତ ୩ ବର୍ଷର ଉଚ୍ଚମାନର ଫଳାଫଳର ବିବରଣୀ ପ୍ରଦାନ କରି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପଶ୍ଚିମ ଓଡ଼ିଶାର କ୍ୟାରିୟର୍ ଗଢ଼ିବାର ଏକ ଉଚ୍ଚତମ ବାତାବରଣ ମହଜୁଦ୍ ଅଛି ବୋଲି ମତପ୍ରଦାନ କରି ଉତ୍ସାହିତ କରିଥିଲେ। କ୍ରୀଷ୍ଣା ବିକାଶ, ବରଗଡ଼ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରି ଜେଇଇ, ନିଟ୍, ସିୟୁଇଟି, ଦଶମ, ଦ୍ୱାଦଶ ବୋର୍ଡ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ବଲାଙ୍ଗୀର ଜିଲ୍ଲାର ଛାତ୍ରଛାତ୍ରୀ ଏବଂ କ୍ରୀଷ୍ଣା ବିକାଶ, ବରଗଡ଼ରୁ ନିଟ୍ (ୟୁଜି) ରେ ଉତ୍ତୀର୍ଣ୍ଣ ହୋଇ ଭୀମଭୋଇ ମେଡିକାଲ୍ କଲେଜ, ବଲାଙ୍ଗୀରରେ ଅଧ୍ୟୟନରତ ମୋଟ୍ ୨୧ଜଣ ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଯୋଗଦାନ କରିଥିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଆୟୋଜିତ କ୍ୱିଜ୍ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା ପ୍ରଥମ ସ୍ଥାନ, ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟ, ଲୋଇସିଂହା ଦ୍ୱିତୀୟ ସ୍ଥାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭଏଁସା ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁରୂପ ଭାବରେ ଏଥିରେ ନୃତ୍ୟ ପରିବେଷଣ କରିଥିବା କ୍ରୀଷ୍ଣା ବିକାଶ ବରଗଡ଼, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା ଓ ଭଏଁସା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ସିବିଏସ୍ଇ ସ୍କୁଲ୍‌ର ଅଧ୍ୟକ୍ଷ, ଓଡ଼ିଆ ମାଧ୍ୟମିକ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଏବଂ ସ୍ମୃତିଫଳକ ପ୍ରଦାନ କରି ସ୍କୁଲ୍ ଲିଡର୍ ଏୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଥିଲା। ବଲାଙ୍ଗୀର ଜିଲ୍ଲାର ଉପସ୍ଥିତ ସାମ୍ବାଦିକମାନଙ୍କୁ ଉପଢୌକନ ତଥା ସ୍ମୃତିଫଳକ ଦେଇ ସମ୍ମାନୀତ କରାଯାଇଥିଲା। ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ ଏବଂ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଏହି ଅଭିନବ ପ୍ରୟାସକୁ ବଲାଙ୍ଗୀରରେ ଅନୁଷ୍ଠିତ ହୋଇଥିବା ନବାକାଂକ୍ଷା କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଉଚ୍ଚପ୍ରଶଂସା କରି ଆଗାମୀ ବର୍ଷମାନଙ୍କରେ ଏହି କାର୍ଯ୍ୟକ୍ରମକୁ ଜାରି ରଖିବା ପାଇଁ ମତପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଷ୍ଣା ବିକାଶ ଛାତ୍ରୀ ଗ୍ଲୋରିଆ ପଟେଲ, ଆଦ୍ୟାଶା ସାହୁ, ଶଗୁନ ପଣ୍ଡା, ଅକ୍ଷରା ରାନୀ, ସୁଶ୍ରୀ ରିୟା ଦାଶ ଓ ହେମାକ୍ଷୀ ମିଶ୍ର ମଂଚ ପରିଚାଳନା କରିଥିଲେ। ପରିଶେଷରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ନାରାୟଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ

## ପିଲାଙ୍କ ସ୍ୱାସ୍ଥ୍ୟ ସହ ଖେଳ

ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଯୋଜନା ମାଧ୍ୟମରେ ଗର୍ଭବତୀ, ସ୍ତନ୍ୟପାନ କରାଉଥିବା ମା' ଏବଂ ଛୋଟ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ପାଇଁ ଛତୁଆ ଯୋଗାଣ ହେଉଛି। ହେଲେ ଏହି ଛତୁଆ ଯୋଗାଣ କରୁଥିବା ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିମ୍ନମାନର ଛତୁଆ ଯୋଗାଉଥିବା ସ୍ପଷ୍ଟ ହୋଇଛି। ଏନେଇ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ନିତ୍ୟାନନ୍ଦ ବାରିକ ରାଜ୍ୟର ବିଭିନ୍ନ ଜିଲ୍ଲାପାଳଙ୍କୁ ଚିଠି କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବଲାଙ୍ଗୀର ଜିଲ୍ଲାର ଛଅଟି ସ୍ୱୟଂ ସହାୟକ ଗୋଷ୍ଠୀ ରହିଥିବା ଜଣାପଡ଼ିଛି। ବଲାଙ୍ଗୀର ଜିଲ୍ଲାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତି ସହ ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ବଣ୍ଟନ କରୁଥିଲେ। ହେଲେ ଜିଲ୍ଲାର ବିଭିନ୍ନ ବ୍ଲକରେ ବଣ୍ଟନ ହେଉଥିବା ଏହି ପୁଷ୍ଟିକର ଖାଦ୍ୟ ଖାଇବା ତ ଦୂରର କଥା, ପାଟିରେ ପୂରାଇବା ମଧ୍ୟ କଷ୍ଟକର ବୋଲି ପୂର୍ବରୁ ଅଭିଯୋଗ ବିଭାଗୀୟ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ସୂଚନାନୁସାରେ, ଗତ ୧୫ତାରିଖ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ଶ୍ରୀ ବାରିକ ରାଜ୍ୟର ବିଭିନ୍ନ ଜିଲ୍ଲାପାଳଙ୍କ ଛଅଟି ସ୍ୱୟଂ ସହାୟକ ଗୋଷ୍ଠୀ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ରିପୋର୍ଟ ପ୍ରଦାନ ତାରିଖ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ହୋଇଆସୁଥିଲା। ଯାହାକି ବିଭାଗୀୟ



ଅତିରିକ୍ତ ସଚିବଙ୍କ ଚିଠି ପରେ ସ୍ପଷ୍ଟ ହୋଇଛି। ଜିଲ୍ଲାର ଆଗଲପୁର ବ୍ଲକର ମା' ଜନକଲ୍ୟାଣ ଏସଏଚଜି, ମହାଲକ୍ଷ୍ମୀ ଏସଏଚଜି, ଦେଓଗାଁ ବ୍ଲକ ର ମା' ଦୁର୍ଗା ଏସଏଚଜି, ପାଟଣାଗଡ ବ୍ଲକର ମା ସନ୍ତୋଷୀ ଏସଏଚଜି, ସଇଁତଲା ବ୍ଲକ ର ନାରୀଶକ୍ତି ମସଲା ଉଦ୍ୟୋଗ ଓ ଶ୍ରୀ ଶ୍ରୀ ଲକ୍ଷ୍ମୀ ମା ଏସଏଚଜି ଅଞ୍ଚଳର ଛତୁଆ ଯୋଗାଣରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ନିମ୍ନମାନର ହୋଇଥିବା ଉଦ୍ଦେଶ୍ୟରେ ଏ ସଂକ୍ରାନ୍ତରେ ଚିଠି କରିଛନ୍ତି। ଏଥିସହ ଜିଲ୍ଲାର ବିଭିନ୍ନ ଏସଏଚଜି ଦ୍ୱାରା ବଣ୍ଟନ ଛତୁଆର ଟେଷ୍ଟି ରିପୋର୍ଟ ସମେତ ନିମ୍ନମାନର ଛତୁଆ ଯୋଗାଉଥିବା ଏସଏଚଜି ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଚିଠି ଅନୁସାରେ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ବ୍ଲକର ମୋଟ୍ ସମସ୍ତ ଏଚଆରରୁ ସଂଗୃହୀତ ନମୁନାର ମାନ ପରୀକ୍ଷା କରାଯାଇଥିଲା। ରିପୋର୍ଟ ଅନୁଯାୟୀ ଛଅଟି ଏସଏଚଜିର ଛତୁଆ ନିମ୍ନ ମାନର ହୋଇଥିବା ଜଣାପଡ଼ିଛି। ରିପୋର୍ଟ ଆଧାରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ୩୧ ଅକ୍ଟୋବର ସୁଦ୍ଧା ରିପୋର୍ଟ ଦେବାକୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗରୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଇତିମଧ୍ୟରେ ରିପୋର୍ଟ ପ୍ରଦାନ ତାରିଖ ବିତି ସରିଥିବାବେଳେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇନଥିବା ଜଣାପଡ଼ିଛି। ଛୁଆମାନଙ୍କ ଜୀବନ ସହିତ ଖେଳିବା ପାଇଁ କିଏ ଅଧିକାର ଏମାନଙ୍କୁ ଦେଲା ତାହା ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ପାଲଟିଛି । ଏହା ଉପରେ ଭିଜିଲାନ୍ସ ତଦନ୍ତ କରି ନିମ୍ନମାନର ଛତୁଆ ପ୍ରସ୍ତୁତ କରୁଥିବା ସଂସ୍ଥାମାନଙ୍କୁ ତୁରନ୍ତ ବନ୍ଦ କରାଯାଉ ବୋଲି ଜନସାଧାରଣ ଦାବି କରିଛନ୍ତି ।

# ଜଳିଗଲା ୧ ଏକରରୁ ଉର୍ଦ୍ଧ୍ୱ ଅମଳ ଧାନ



କୋଷାଗୁମୁଡା (ଭାସ୍କର ନ୍ୟୁଜ): ଚାଷୀ ସଦାବେଳେ କଷ୍ଟ ସହ୍ୟ କରି ଧାନ ଅମଳ କରିଥାଏ । ଧାନ ଅମଳ କଲା ପରେ ବି ସେ ଯନ୍ତ୍ରଣା ପାଇଥାଏ । ବର୍ତ୍ତମାନ ଧାନ ଅମଳର ସମୟ। ସମସ୍ତ ଚାଷୀ ଧାନ କାଟି ନିଜ ଜମିରେ ଧାନ ଗଦା କରି ସାଇତିରେ ରଖୁଛନ୍ତି । ଠିକ ସେମିତି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଟେମେରା ପଞ୍ଚାୟତର ମୀରମିଣ୍ଡା ଗ୍ରାମର ଚାଷୀ ଭୀମ ବିନ୍ଧାଣି ପିତା ଗୋବିନ୍ଦ ବିନ୍ଧାଣି ନିଜ ୧ ଏକର ରୁ ଉର୍ଦ୍ଧ୍ୱ ଅମଳ ଧାନକୁ ନିଜ ଚାଷ ଜମିରେ ଗଦା କରି ରଖିଥିଲେ । ଦୁର୍ଭାଗ୍ୟବଶତଃ ତାଙ୍କର ଗଦା ରହିଥିବା ଧାନ ଜଳି ପାଉଁଶ ହୋଇଯାଇଛି । ବୁଧବାର ବିଳମ୍ବିତ ରାତ୍ରରେ କେହି ଜଣେ ଦୁର୍ବୃତ୍ତ ଧାନ ଗଦାରେ ନିଆ ଲଗେଇ ଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଆଜି ସକାଳ ୭ ଘଣ୍ଟା ସମୟରେ ଗ୍ରାମର କିଛି ଯୁବକ ମଣିଙ୍ଗ ୱାକ କରିବା ସମୟରେ ନିଆଁ ଲାଗିଥିବା ଦେଖି ଭୀମ ବିନ୍ଧାଣିକୁ ଜଣେଇ ଥିଲେ। ତତ ପରେ ପରିବାର ଲୋକେ ଅଗ୍ନିଶମ ବିଭାଗକୁ ଜଣେଇବା ପରେ ଅଗ୍ନିଶମ ବାହିନୀ ପହଂଚି ନିଆକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ଦୁର୍ଭାଗ୍ୟ ବଶତଃ ସେଇ ସମୟରେ ଧାନ ଗଦା ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇ ଯାଇଥିଲା । ବର୍ତମାନ ଭୀମ ବିନ୍ଧାଣିଙ୍କ ପରିବାର ଚଳିବେ କେମିତି ଧାର କରଜ କରିଥିବା ପଇସା ସୁଝିବେ କେମିତି ସେ ନେଇ ଦୁଃଖରେ ଭାଙ୍ଗି ପଡିଛନ୍ତି। ପ୍ରଶାସନ ପକ୍ଷରୁ କିଛି ସଯୋଗ ର ହାତ ବଢ଼େଇଲେ ହୁଏ ତ ଗରିବ ଚାଷୀ କରିଥିବା ଋଣ ସୁଝି ପରିବା ନେଇ ବୁଦ୍ଧିଜୀବୀ ଦାବି କରୁଛନ୍ତି ।

# ମକା-ଧାନ ଶୁଖାଇବାକୁ ଚାଷୀଙ୍କ ପାଇଁ ବରଦାନ ସାଜିଛି ଭାରତମାଳା ରାସ୍ତା

ଉମରକୋଟ(ଭାସ୍କର ନ୍ୟୁଜ): ନିର୍ମାଣଧୀନ ଭାରତମାଳା ରାସ୍ତା ରାୟପୁରରୁ ବିଶାଖାପାଟଣାକୁ ସଂଯୋଗ କରୁଛି। ନବରଙ୍ଗପୁର ଜିଲ୍ଲାର ୧୨୪ କିଲୋମିଟର ରାସ୍ତାରୁ ପ୍ରାୟ ଶତକଡା ଅଶୀ ଭାଗ କାମ ସରି ଗଲାଣି। କଳା ମଚ ମଚ ରାସ୍ତା ର ଦୃଶ୍ୟ କିନ୍ତୁ ଟିକେ ରଙ୍ଗୀନ ହୋଇ ଯାଇଛି। ହଳଦିଆ ନାଲି ରଙ୍ଗରେ କିଛି ଅଲଗା ଦେଖା ଯାଉଛି। ଚାଷୀଙ୍କ ପାଇଁ ବରଦାନ ସାଜିଛି ଭାରତମାଳା ରାସ୍ତା। ମକା ଧାନ ଶୁଖାଇବାକୁ ସ୍ଥାନର ଅଭାବ ଥିବା ଯୋଗୁଁ ଚାଷୀ ଭାରତମାଳା ରାସ୍ତାକୁ ବିକଳ୍ପ ଭାବେ ମକା ଓ ଧାନ ଶୁଖାଇବାକୁ ବ୍ୟବହାର କରୁଛନ୍ତି। ଭାରତମାଳା ରାସ୍ତା ବ୍ୟବହାର ନ ହେବା ପର୍ଯ୍ୟନ୍ତ ଚାଷୀଙ୍କ ମକା ଓ ଧାନ ଶୁଖାଇବା ରେ ସାହାଯ୍ୟ ହେବ। ଉମରକୋଟ ଅଞ୍ଚଳରେ ୧୨୦୪୭ ହେକ୍ଟର ଜମିରେ ଧାନ ଓ ୮୧୫୦ହଜାର ହେକ୍ଟର ଜମିରେ ମକା ଚାଷ ହୁଏ। ମକା ଓ ଧାନ ଉତ୍ପାଦନ ପରେ ଖରାରେ ଶୁଖାଇବାକୁ ପଡେ। ଯାହାଦ୍ୱାରା ସଂରକ୍ଷିତ କରି ରଖିବା ପାଇଁ ଏବଂ ଉଚିତ ମୂଲ୍ୟରେ ବିକ୍ରି କରିବା ପାଇଁ। କିନ୍ତୁ ଖରା ରେ ଶୁଖାଇବା ପାଇଁ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣରେ ପିଣ୍ଡି ନାହିଁ। ଏଣୁ ଭାରତମାଳା ରାସ୍ତା ଚାଷୀଙ୍କ ଶୁଖାଇବା କାର୍ଯ୍ୟରେ ବ୍ୟବହାର ହେଉଛି।ରାସ୍ତା ନିର୍ମାଣାଧୀନ ଥିବା ଯୋଗୁଁ ଗାଡି ମୋଟର କମ ଯିବା ଆସିବା କରୁଛି ପ୍ରଶସ୍ତ ରାସ୍ତା ରେ ବହୁତ ଜାଗା ଅଛି। କଳା ପିଚୁ ଯୋଗୁଁ ମାଟି ତୁଳନାରେ ଅଧିକ ଗରମ ରହୁଛି ଚଟାଣ। ଯାହା



ଫଳରେ ମକା ଧାନ ମାତ୍ର ଦୁଇରୁ ତିନି ଦିନରେ ଶୁଖି ସଂରକ୍ଷଣ ଓ ବିକ୍ରି ପାଇଁ ପ୍ରସ୍ତୁତ ହୋଇ ଯାଉଛି । ଚାଷୀ ପବିତ୍ର ସାନ୍ତା ଓ ବିକାଶ ବାଲା କହିଛନ୍ତି ।ଚାଷୀ ମାନଙ୍କ କହିବାନୁଯାୟୀ ମକା ଓ ଧାନ ଶୁଖାଇବା ପାଇଁ ପାରମ୍ପରିକ ପଦ୍ଧତି ରେ ଖୋଳା ପ୍ରସ୍ତୁତ କରିବାକୁ ପଡେ। ଯାହା ବ୍ୟୟସାପେକ୍ଷ, ସମୟ ଅଧିକ ଖର୍ଚ୍ଚ ହୁଏ ମାଟି ଉପରେ ଖୋଳା ଥିବା ଯୋଗୁଁ ଧାନ ମକା ଶୁଖିବା ପାଇଁ ଅଧିକ ଦିନ ସମୟ ଲାଗେ। କିନ୍ତୁ କଂକ୍ରିଟରେ ତିଆରି ଖୋଳାରେ ପରିବହନ ଖର୍ଚ୍ଚକୁ ବାଦ ଦେଲେ ଅନ୍ୟ କୌଣସି ଖର୍ଚ୍ଚ ନାହିଁ। କିନ୍ତୁ ଜିଲ୍ଲାରେ ପ୍ରତି ପଂଚାୟତରେ ପ୍ରଶାସନ ତରଫରୁ ଗୋଟିଏ ଲେଖାଏଁ ପିଣ୍ଡି ରହିଛି ଯାହାକି ପର୍ଯ୍ୟାପ୍ତ ନୁହେଁ। ଏଣୁ ଚାଷୀ ଭାରତମାଳାକୁ ବିକଳ୍ପ ଭାବେ ବାଛିଛନ୍ତି। ଏହିଠାରୁ ପରିବହନ ମଧ୍ୟ ସୁବିଧା ହେଉଛି, ରାସ୍ତାରେ ଶୁଖା ହେବା ପରେ ଗାଡି ସେହିଠାରେ ଲାଗୁଛି ଏବଂ ପରିବହନ ହେଉଛି ଯାହାଫଳରେ ଚାଷୀଙ୍କୁ ଉଚିତ ମୂଲ୍ୟ ମିଳୁଛି। ଭାରତମାଳା ରାସ୍ତା ସମ୍ପୂର୍ଣ୍ଣ ହେବା ପରେ ଗାଡି ଚାଲିଲେ କିନ୍ତୁ ଚାଷୀ ଏହି ସୁବିଧା ଆଉ ପାଇବେ ନାହିଁ ବୋଲି ଚାଷୀମାନେ କହିଛନ୍ତି।



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ସଂଗ୍ରାମୀ ଗ୍ରାମ ଚମ୍ପାଇଲୋ ଠାରେ ବୁଧବାର ସଂଧ୍ୟାରେ ଶିକ୍ଷାବିତ୍ ଅଇଁଠୁ ରଣଜିତସିଂହଙ୍କ ଅଧକ୍ଷତା ଅନୁଷ୍ଠିତ ସଭାରେ 'ମହିୟସୀର ମହାଯାତ୍ରା' ସ୍ମରଣିକା ଉନ୍ମୋଚିତ ହୋଇଯାଇଛି । ଏହାକୁ ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଗବେଷକ ଗଣେଶ୍ୱର ସ୍ୱାଇଁ, ବ୍ଲକ ଅଧକ୍ଷଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ଖୋର୍ଦ୍ଧା ଜିଲା ସମବାୟ ବ୍ୟାଙ୍କ ଡାଇରେକ୍ଟର ପବିତ୍ର ମୋହନ ମାଝୀ, ବ୍ଲକ ଶିକ୍ଷକ ସଂଘ ସଭାପତି ସୈଲ୍ୟନ ପଟ୍ଟନାୟକ, ଶିକ୍ଷାବିତ୍ ନିରଞ୍ଜନ ପାଇକରାୟ, ଓଷ୍ଠା ଜିଲ୍ଲା ସମ୍ପାଦକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ନ୍ୟାୟବିତ୍ ପ୍ରମୋଦ ପ୍ରତାପସିଂହ ପ୍ରମୁଖ ମଞ୍ଚାସିନ ହୋଇ ସ୍ମରଣିକାକୁ ଉନ୍ମୋଚନ କରିଥିଲେ । ଗ୍ରାମ ଝିଅ, ବୋହୁ ତଥା ଗ୍ରାମ ଶିକ୍ଷୟତ୍ରୀଙ୍କ ବିୟୋଗ ପରେ ତାଙ୍କ ଜୀବନୀ ନେଇ ଏହି ସ୍ମରଣିକା ପ୍ରକାଶ ପାଇଛି । ଏହାକୁ ଶିକ୍ଷାବିତ୍ ମନୋଜ ଗୁମାନସିଂହ ଓ ସାମ୍ବାଦିକ ଦୀପକ ପାହଡ଼ସିଂହଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଏହି ସଭାରେ ବୋଲଗଡ ବ୍ଲକର ଶତାଧିକ ଶିକ୍ଷକ , ଶିକ୍ଷୟତ୍ରୀଙ୍କ ସହ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ସ୍ୱର୍ଗତ ଶିକ୍ଷୟତ୍ରୀଙ୍କ ପାଇଁ ସ୍ମୃତିଚାରଣ କରିଥିଲେ । ପରିଶେଷରେ ରୋଜି ଗୁମାନସିଂହ ଧନ୍ୟବାଦ ଅର୍ପଣ କରିଥିଲି।

# ସିଂହଦ୍ୱାର ଗୁମୁଟ ଦ୍ୱାରବନ୍ଧର ହେବ ରୁପା ଛାଉଣି



ପୁରୀ (ଭାସ୍କର ନ୍ୟୁଜ) :ଭକ୍ତମାନଙ୍କର ଦାନ ଅର୍ଥେ ମିଳିଥିବା ପ୍ରାୟ ୩୦୦ କେଜିରୁ ଉର୍ଦ୍ଧ ରୁପା ବ୍ୟବହାର କରାଯାଇ ମହାପ୍ରଭୁଙ୍କ ରତ୍ନ ପଲଙ୍କ, ତିତପାବନ ମନ୍ଦିର,ସିଂହଦ୍ୱାର ଗୁମୁଟର ଦ୍ୱାର ବନ୍ଧକୁ ଖୁବଶୀଘ୍ର ରୁପା ଛାଉଣୀ କରାଯିବ। ଏନେଇ ଗୁରୁବାର ଏକ ସ୍ୱତନ୍ତ୍ର ବୈଠକରେ ଆଲୋଚନା କରାଯାଇଥିବା ବେଳେ ସେବାୟତ ମାନଙ୍କୁ ମଧ ଡିଜାଇନ୍ ଦେଖାଯାଇଛି। ତେବେ ପୂର୍ବ ପରିଚାଳନା କମିଟିରେ ରୁପା ଛାଉଣୀ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରାଯାଇଥିବା ବେଳେ ପ୍ରାଥମିକ ଭାବେ ଆଗାମୀ ଡିସେମ୍ବର ୨୫ ସୁଦ୍ଧା ପତିତପାବନ ମନ୍ଦିର ଓ ଏହାର ଗୁମୁଟ ବନ୍ଧକୁ ରୁପା ଛାଉଣୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ରତ୍ନ ପଲଙ୍କ ଓ ପ୍ରଭା ଆଦିକୁ ମଧ ଆଗାମୀବର୍ଷ ମାର୍ଚ୍ଚ ମଧରେ ରୁପା ଛାଉଣୀ କରିବା ନେଇ ଆଜି ଆଲୋଚନା କରାଯାଇଛି। ତେବେ ଏଠାରେ ସୂଚନା ଯୋଗ୍ୟ ପୂର୍ବରୁ ଶ୍ରୀମନ୍ଦିର ଭିତରେ ଓ ବାହାରେ ଥିବା ବିଭିନ୍ନ ଦ୍ୱାର ଗୁଡିକରେ ରୁପା ଛାଉଣୀ କରାଯାଇଥିଲା। ତେବେ ଖୁବଶୀଘ୍ର ରୁପା ଛାଉଣୀ କାର୍ଯ୍ୟକୁ କାର୍ଯ୍ୟକାରୀ କରାଯିବା ନେଇ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପୂର୍ବତନ ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପାଣ୍ଡ ସୂଚନା ଦେଇଛନ୍ତି ।

# ଏଏମ୍ /ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ସ୍ଥାୟୀ ଖଣି ଉପରେ କର୍ମଶାଳା ଆୟୋଜିତ

ବଡ଼ବିଲ(ଭାସ୍କର ନ୍ୟୁଜ) :ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ବଡ଼ବିଲଠାରେ 'ଲୁହାପଥର ଉପକାରିତା ଏବଂ ଖଣିରେ ସ୍ଥାୟୀ ଉତ୍ପାଦକତା ପାଇଁ ଏହାର ବିକାଶ' ଶୀର୍ଷକରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି ଫୋରମରେ ଅନେକ କ୍ଷେତ୍ର ବିଶେଷଜ୍ଞ, ଭାରତରେ ଲୁହାପଥର ସମ୍ପଦର ହ୍ରାସ ପାଉଥିବା ଗ୍ରେଡ୍ ଉପଯୋଗ କରିବାରେ ଖଣି କମ୍ପାନୀଗୁଡିକ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ଆଲୋଚନା କରିଥିଲେ । ଏହି କର୍ମଶାଳାକୁ ଉଦ୍ଘାଟନ କରି ଏଏମ୍/ଏନ୍ଏସ୍ ଇଣ୍ଡିଆର ଖଣି ଓ ପ୍ରକଳ୍ପ ନିର୍ଦ୍ଦେଶକ ଆଲୋକ କୁମାର ମେହେଟ୍ଟା ଭାରତ ଭଳି ବିକାଶଶୀଳ ଦେଶ ପାଇଁ ଲୁହାପଥରର ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଲୁହାପଥର ସମ୍ପଦର ଉପଯୋଗ ପାଇଁ ଆଧୁନିକ ଉପକାରୀ କୌଶଳ ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଏଚପିଜିଆର (ହାଇ ପ୍ରେସର ଗ୍ରାଇଣ୍ଡିଂ ରୋଲ୍ସ) ଭଳି ଆଧୁନିକ ଉପକାର କୌଶଳର କାର୍ଯ୍ୟକଳାପ ବିଷୟରେ ମଧ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ ଯାହା ମିଲିଂରେ ସାହାଯ୍ୟ କରୁଥିବା ଚୟନମୂଳକ କ୍ରସିଂ ଏବଂ ଷ୍ଟିରିଂ ମିଲଗୁଡିକରେ ସାହାଯ୍ୟ କରେ । ଏହି କର୍ମଶାଳାରେ ସିଏସ୍ଆଇଆରଆଇଏମଏମଟି ଭୁବନେଶ୍ୱରର ପୂର୍ବତନ ବୈଜ୍ଞାନିକ ଡ. ଡିଏସ୍ ରାଓ, ବେଙ୍ଗାଲୁରୁର ଖଣିଜ ପ୍ରକ୍ରିୟାକରଣ ବିଶେଷଜ୍ଞ ପ୍ରଫେସର ବି.ପି. ରବି, ବେଙ୍ଗାଲୁରୁର ଡେଲକୋର ଡ. ଭେଙ୍କୋବା ରାଓ, ଖଣ୍ଡବନ୍ଧ ସ୍ଥିତ ଟାଟା ଷ୍ଟିଲ୍ର ଖଣି ମୁଖ୍ୟ ଶ୍ରୀ ଜି.ଭି.ସତ୍ୟନାରାୟଣ, ଲୁହାପଥରର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ଆଧୁନିକ ଉପକାର କୌଶଳ ଅବଲମ୍ବନ କରିବା ଉପରେ ସେମାନଙ୍କର ମୂଲ୍ୟବାନ ଜ୍ଞାନ କୌଶଳ ଗ୍ରହଣ କରିଥିଲେ ଯାହା ବ୍ଲାଷ୍ଟ ଫର୍ଣ୍ଣେସ୍ ଉତ୍ପାଦକତା ବୃଦ୍ଧି କରିବ ଏବଂ ଏଫ୍ଇ ବିଷୟବସ୍ତୁ ବୃଦ୍ଧି କରିବ। ଭବିଷ୍ୟତର ଅଭିବୃଦ୍ଧି ପାଇଁ ଅଭିନବତା ଉପରେ ଗୁରୁତ୍ୱ ଦେଇ କର୍ମଶାଳାରେ ସୂଚନା ଏବଂ ସମାଧାନ ଦେଶର ଲୁହାପଥର କ୍ଷେତ୍ରରେ ଥିବା ଆହ୍ୱାନର ସମାଧାନ କରିବାରେ ଗୁରୁତ୍ୱାରୋପଦିଆଯିବ ।

# ଚାଷୀ ଫେରିପାଇବେ ଜମି

ପୁରୀ (ଭାସ୍କର ନ୍ୟୁଜ) : ସରକାରୀ ଜମି ସରକାରୀ ଖାତାକୁ ଫେରିବ ଓ ବ୍ୟକ୍ତିଗତ ଜମି ଚାଷୀଙ୍କ ପାଇଁ ଚାଷୀଙ୍କୁ ରେଜିଷ୍ଟ୍ରେସନ ଖର୍ଚ୍ଚ ଦେବାକୁ ପଡିବ ନାହିଁ।ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ନେଇଥିବା ଜମି ଫେରିପାଇବେ ଚାଷୀ । ପ୍ରତି ବଦଳରେ ଚାଷୀମାନେ ନେଇଥିବା କ୍ଷତିପୂରଣ ରାଶି ଫେରାଇବେ । ଅଧିଗ୍ରହଣ ହୋଇଥିବା ଜମିର ସତ୍ତ୍ୱ ବା ରେକର୍ଡ଼ ସଂଶୋଧନ କରାଯାଇ ଚାଷୀଙ୍କୁ ପଟ୍ଟା ଓ ଜମି ଦଖଲ ଦିଆଯିବ । ସେହିଭଳି ବେଦାନ୍ତକୁ ଲିଜ୍ ଦିଆଯାଇଥିବା ସରକାରୀ ଜମି ସରକାରୀ ଖାତାକୁ ଫେରାଇ ଅଣାଯିବ । ଦିନେ ଦୁଇ ଦିନ ଭିତରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ। ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ପାଇଁ ମୋଟ ୩୩୪୨. ୫୩ ଏକର ଘରୋଇ ଜମି ଅଧିଗ୍ରହଣ କରିଥିଲେ।


AU SMALL FINANCE BANK

**Registered Office** : 19-A Dhuleshwar Garden, Jaipur, Rajasthan, India, 302001.
**www.aubank.in**

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **21 Nov 2024 between 11:00 AM - 3:00 PM (Time)** at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink https://gold.samil.in)**

**BHADRAK** - 23660001457942 24660000326034 24660001538798 | **BHUBANESWAR** - 24660001334872 | **CUTTACK** - 24660000333961 24660000356707 24660001652063 | **JAJPUR** - 24660000340847 24660000341335 | **KUAKHIA** - 24660001597345 |

Note: The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
Manager
AU Small Finance Bank Limited


# ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ଅନୁଷ୍ଠିତ ହେବ ତିନିଦିନିଆ ରାଗୋତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ଭୁବନେଶ୍ୱର ମ୍ୟୁଜିକ ସର୍କଲ ଆସନ୍ତା ୧୮, ୧୯ ଓ ୨୦ ତାରିଖରେ ଭୁବନେଶ୍ୱରର ଉତ୍କଳ ମଣ୍ଡପଠାରେ " ରାଗୋତ୍ସବ- ୨୦୨୪ 'ର ଆୟୋଜନ କରିବାକୁ ଯାଉଅଛି । ଏହି କାର୍ଯ୍ୟକ୍ରମ ପ୍ରତ୍ୟହ ସଂନ୍ଧ୍ୟା ୬.୩୦ ରେ ଆରମ୍ଭ ହେବ ଏବଂ ଏହା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ରହିବ। ପ୍ରତ୍ୟେକ ସଂନ୍ଧ୍ୟାରେ ୬ଟି ବିଭିନ୍ନ ସହରରୁ ଆସିଥିବା କଳାକାର ୨ଟି ଲେଖାଏଁ ଉପସ୍ଥାପନା ରଖିବେ । ଚଳିତ ବର୍ଷ ରାଗୋତ୍ସବର ଅନ୍ୟ ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ୨୦ ନଭେମ୍ବରରେ ପ୍ରଥମ ତାଜିନ୍ଦର ସିଂ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ। ଏହି ପୁରସ୍କାର ସ୍ୱର୍ଗତଃ ତାଜିନ୍ଦର ସିଂଙ୍କ ଉପଲକ୍ଷେ ତାଙ୍କର ଭାଇ ସର୍ଦ୍ଦାର ରାଜିନ୍ଦର ସିଂଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଏହି ବର୍ଷର ପୁରସ୍କାର ରାଶି ୬୦,୦୦୦ ଟଙ୍କା ରହିଛି । ଚଳିତ ବର୍ଷର ପୁରସ୍କାର ପ୍ରସିଦ୍ଧ ବଂଶୀ ବାଦକ ଗୁରୁ ପ୍ରଫେସର ମୋହିନୀ ମୋହନ ପଟ୍ଟନାୟକ ଙ୍କୁ ପ୍ରଦାନ କରାଯିବ । ପ୍ରଫେସର ମୋହିନୀଙ୍କର ୧୦୦ରୁ ଉର୍ଦ୍ଧ୍ୱ ଶିଷ୍ୟ ଅଛନ୍ତି। ୧୮ ତାରିଖ ସଂନ୍ଧ୍ୟାରେ ଗ୍ୱାଲିୟରରୁ ଆସିଥିବା ଶ୍ୟାମ ରସ୍ତୋଗିଙ୍କ ଦ୍ୱାରା ସିତାର, ଡଃ ଶାରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଭାଓଲିନ୍ ଓ ଡଃ ଜବାହାର ମିଶ୍ରଙ୍କ ଦ୍ୱାରା ବଂଶୀ ବାଦ୍ୟ ପରିବେଷଣ କରାଯିବା ସହ ପୁନେର ବିଦୂଷୀ ସାନିଆ ପାଟନାକରଙ୍କ ଦ୍ୱାରା ହିନ୍ଦୁସ୍ତାନ ଭୋକାଲ ପରିବେଷଣ କରାଯିବ। ୧୯ ତାରିଖ ସଂନ୍ଧ୍ୟାରେ ପୁରୀର କାର୍ତ୍ତିକ ଚନ୍ଦ୍ର ସାହୁ ଓଡିଶୀ ଭୋକାଲ ଓ ଧାରୱାର୍ଡର ପଣ୍ଡିତ କୁମାର ମରଦୁର ହିନ୍ଦୁସ୍ତାନୀ ଭୋକାଲ ପରିବେଷଣ କରିବେ। ୨୦ ତାରିଖ ସଂନ୍ଧ୍ୟାରେ କୋଲକାତାର ପଣ୍ଡିତ ଗୋବିନ୍ଦ ବୋଷ ଓ ତାଙ୍କ ଗ୍ରୁପ୍ ଦ୍ୱାରା " ସୁର ତାଳ ବ୍ରହ୍ମ" କାର୍ଯ୍ୟକ୍ରମ ଏବଂ ବିଶ୍ୱଜିତ୍ ମହାରଣାଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଭୋକାଲ ପରିବେଷିତ ହେବ। ତାଜିନ୍ଦର ସିଂ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ ୨୦୨୪ ପୁରସ୍କାର ୨୦ ତାରିଖ ସଂନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଦାନ କରାଯିବ।

# ବୋଇତ ବନ୍ଦାଣ ଉତ୍ସବ ପାଳିତ

ଖୋର୍ଦ୍ଧା (ଭାସ୍କର ନ୍ୟୁଜ) : ଉତ୍କଳର ପୁରାତନ ପରମ୍ପରାକୁ ମନେ ପକାଇ ସିଗମା ପବ୍ଲିକ ସ୍କୁଲ ର ଛାତ୍ର ଛାତ୍ରୀ ମାନେ ଶିଶୁ ଦିବସ ଅବସରରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରିଛନ୍ତି। ଏହି ପୁରାତନ ସଂସ୍କୃତି ପ୍ରତି ଶିଶୁ ମାନଙ୍କ ଆଗ୍ରହ ମଧ ବଢ଼ିଛି। ଅନୁଷ୍ଠାନ ର ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ଙ୍କ ଅଧକ୍ଷ ତାରେ ଆୟୋଜିତ ଶିଶୁ ଦିବସ ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ବେଗୁନିଆ ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ପୌରଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ବିଶିଷ୍ଟ ନୃତ୍ୟ ଶିଳ୍ପୀ ରୋଜାଲିନ ପଣ୍ଡା, ଶିକ୍ଷାବିତ୍ ଅମ୍ରିତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ ର ଛାତ୍ର ଛାତ୍ରୀ ମାନେ ସାଧବ ପୁଅ ସାଧବ ବୋହୂ ବେଶରେ ସଜ୍ଜିତ ହୋଇ ପୁରାତନ ସଂସ୍କୃତି ଏବଂ ପରମ୍ପରା ନୌ ବାଣିଜ୍ୟ ଉତ୍ସବ କୁ ପାଳନ କରିଛନ୍ତି। ସାଧବ ବୋହୂ ବନ୍ଦାପନା କରି ସାଧବ ପୁଅ କୁ ବେପାର ପାଇଁ ବିଦାୟ ଦେବା ସହ ସେମାନଙ୍କ ଶୁଭ ମନାସିବା କୁ ନୃତ୍ୟ ମାଧମ ରେ ପ୍ରଦର୍ଶିତ କରିଥିଲୋ । ଚଳିତ ବର୍ଷ ଶିଶୁ ଦିବସ ପାଳନ ଅବସର ରେ ଖୋ ସିଗମ ପବ୍ଲିକ ସ୍କୁଲ ର ଛାତ୍ର ଛାତ୍ରୀ ମାନେ ଏହି ପରମ୍ପରା ର ଉଜ୍ଜୀବିତ କରିଛନ୍ତି। କାର୍ତ୍ତିକ ପୂର୍ଣ୍ଣିମା ର ଅବ୍ୟହିତ ପୂର୍ବରୁ ଅତିଥି ମାନଙ୍କ ସହ ଶିଶୁ ମାନେ ଡ଼ଙ୍ଗା ଭସାଇ ଆକା ମା ବୈ ସଙ୍ଗୀତ ଗାନ କରିଥିଲେ। ଏତଦ୍ ବ୍ୟତୀତ ଆଜିର ଦିନ ରେ ପଣ୍ଡିତ ଜବାହାରଲାଲ ନେହରୁଂକ ସ୍ମୃତି କୁ ମନେ ପକାଇ ତାଙ୍କ ଶିଶୁ ମାନଙ୍କ ପ୍ରତି ସ୍ନେହ ଏବଂ ଶିଶୁ ମାନଙ୍କ ଭବିଷ୍ୟତ କୁ ବାସ୍ତବ ରୂପ ଦେବାରେ ଅନୁଷ୍ଠାନ ଠାରୁ ଆରମ୍ଭ କରି ରାଜ୍ୟ ସରକାର ଙ୍କ ପର୍ଯ୍ୟନ୍ତ ସମସ୍ତେ ଉଦ୍ୟମ କରିବାକୁ ବିଧାୟକ ଶ୍ରୀ ସାହୁ ମତ ରଖିଥିଲେ। ଶିଶୁ ଦିବସ ପାଳନ ଅବସର ରେ ଶିଶୁ ମାନଙ୍କ ମଧ ରେ ଫାନ୍ସି ଡ୍ରେସ୍ ପ୍ରତିଯୋଗିତା, ରିଆମ୍ପ ସୋ, ବକ୍ତୃତା। ଚିତ୍ରାଙ୍କନ ପ୍ରତିଯୋଗିତା, ଆୟୋଜିତ ହୋଇ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା।

# ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ଦାବି

ଖୋର୍ଦ୍ଧା(ଭାସ୍କର ନ୍ୟୁଜ) : ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଶ୍ରେଣୀ ଖୋଲାଯିବା ପାଇଁ ଆଜି ଏକ ପ୍ରସ୍ତାବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେ୍ଦବଙ୍କୁ ଜିଲ୍ଲାପାଳଙ୍କ ମାଧମରେ ଖୋର୍ଦ୍ଧା ବିକାଶ ମଂଚ ତରଫରୁ ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏହି ପତ୍ର ଗ୍ରହଣ କରିଥିଲେ । ପ୍ରକାଶ ଥାଉକି, ଖୋର୍ଦ୍ଧା ରାଜ୍ୟର ୧ନଂ ଜିଲ୍ଲା ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ଏକ ମାତ୍ର ମହିଳା ବିଦ୍ୟାଳୟ । ୧୯୮୧ ମସିହାରେ ଖୋର୍ଦ୍ଧା ସଦର ମହକୁମାରେ ମହିଳା ମହାବିଦ୍ୟାଳୟ ସ୍ଥାପନ ହୋଇଥିଲେ ମଧ ବାରମ୍ବାର ଦାବୀ କରିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ୪୪ବର୍ଷ ଧରି ଏଠାରେ +୨ବିଜ୍ଞାନ ଶ୍ରେଣୀ ଖୋଲାଯାଇପାରିଲା ନାହିଁ । ଏଠାରେ ବିଜ୍ଞାନ ଶ୍ରେଣୀ ଖୋଲିବା ପାଇଁ ଆବଶ୍ୟକୀୟ ଶ୍ରେଣୀ ଗୃହ ଓ ଅର୍ଥ ମହଜୁଦ୍ ଅଛି । ମହାବିଦ୍ୟାଳୟରେ ବିଜ୍ଞାନ ପାଠ୍ୟକ୍ରମ ନ ଥିବାରୁ ବାଳିକାମାନେ ଦୂରଦୂରାନ୍ତରକୁ ଯାଇ ଅନ୍ୟ ମହାବିଦ୍ୟାଳୟରେ ପାଠ ପଢ଼ିବା ସମ୍ଭବପର ନୁହେଁ । ଯାହାଫଳରେ ବହୁ ମେଧାବୀ ଛାତ୍ରୀ ଏହି ପାଠ ପଢ଼ିବାରୁ ବଂଚିତ ହେଉଛନ୍ତି । ଏହି ମହାବିଦ୍ୟାଳୟରେ ବର୍ତ୍ତମାନ ୧୨୦୦ ଛାତ୍ରୀ ଅଧୟନ କରୁଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିକାଶ ମଂଚ ର ସଭାପତି ନରେନ୍ଦ୍ର ପୃଷ୍ଟି, ସମ୍ପାଦକ ପ୍ରକାଶ ଦାସ, ଉପସଭାପତି ବାଲାଜୀ ପାତ୍ର, ଅଧାପକ ଗୋପାଳକୃଷ୍ଣ ଦାସ, ସାମ୍ବାଦିକ ଇଶ୍ୱର ମଙ୍ଗରାଜ, ଆଇନ୍ଜୀବୀ ଦେବବ୍ରତ ବିଶ୍ୱାଳ, ପ୍ରଦୀପ ଦଳେଇ ଓ ଛାତ୍ର ନେତା ଅବିନାଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଡୋମିନିକାର...

ଡୋମିନିକାର ବିପଦ ବେଳର ବନ୍ଧୁ। ବିଶେଷକରି ବିଶ୍ୱ ସ୍ୱାସ୍ଥ୍ୟସଂକଟ ସମୟରେ ଭାରତ ଡୋମିନିକାକୁ ସହାୟତା ଯୋଗାଇ ଦେଇଥାଏ। ଯାହାକୁ ନେଇ ତାଙ୍କ ରାଷ୍ଟ୍ର ମୋଦୀଙ୍କ ପ୍ରତି କୃତଜ୍ଞ ବୋଲି ଡୋମିନିକା ରାଷ୍ଟ୍ରପତି କହିଛନ୍ତି।

### ଫେବୃଆରୀ...

ବିଜ୍ଞାନ, ୩ ତାରିଖରେ ସାମାଜିକ ବିଜ୍ଞାନ ଏବଂ ୬ ତାରିଖରେ ତୃତୀୟ ଭାଷା ହିନ୍ଦୀ ଓ ସାହିତ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତିଦିନ ସକାଳ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲୁ ରହିବ। ତେବେ ଗଣିତ ପରୀକ୍ଷା ଦିନ ଅଧିକ ୧୫ ମିନିଟ୍ ସମୟ ଦିଆଯିବ। ଅର୍ଥାତ ପରୀକ୍ଷା ୧୧ଟା ୪୫ରେ ଶେଷ ହେବ।

### ଚାଷୀଙ୍କ ସହ...

ବହୁମୁଖୀସମବାୟ ସମିତି (ଲ୍ୟାମ୍ପ୍ସ)ଗୁଡିକ ରାଜ୍ୟରେ ୪୦୦୦ରୁ ଉର୍ଦ୍ଧ୍ୱ ଧାନ ସଂଗ୍ରହ କେନ୍ଦ୍ର ପରିଚାଳନା କରିବେ। ଚାଷୀମାନେ ଯେପରି ସ୍ୱଚ୍ଛ, ସରଳ ଏବଂ ପାରଦର୍ଶୀ ପ୍ରକ୍ରିୟାରେ ସେମାନଙ୍କର ଧାନ ବିନା କଟନୀ ଛଟନୀରେ ସରକାରଙ୍କୁ ବିକ୍ରୟ କରିପାରିବେ ଏବଂ ସେମାନଙ୍କ ପ୍ରାପ୍ୟ ୪୮ ଘଣ୍ଟା ମଧରେ ଯେପରି ସେମାନେ ପାଇବେ ସେଥି ପ୍ରତି ଯତ୍ନର ସହ ନିୟମ ମାନି କାର୍ଯ୍ୟ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ ନଚେତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ଓଡିଶାରେ ମୋଟ୍ ଫସଲ ଋଣର ୬୦ ପ୍ରତିଶତରୁ ଅଧିକ ସମବାୟ ବ୍ୟାଙ୍କ ମାଧମରେ ପ୍ରଦାନ କରାଯାଇଥାଏ। ପୂର୍ବରୁ ଅଭିଯୋଗ ରହିଛି ଯେ ପ୍ରାଥମିକ ସମବାୟ ସଂସ୍ଥା ଗୁଡିକ ଚାଷୀଙ୍କ ଋଣକୁ ଏଭର ଗ୍ରିନିଂ କରାଇଥାନ୍ତି। ଏହାକୁ ବନ୍ଦ କରିବାକୁ ହେଲେ ସମିତି ଗୁଡିକର ଖାତାପତ୍ର ଏବଂ ଆକାଉଣ୍ଟ୍ସକୁ ଅପଟୁଡେଟ୍ କରିବାକୁ ପଡିବ। ସେଥିପ୍ରତି ନିବନ୍ଧକ ମାନେ ଦୃଷ୍ଟି ଦେବା ସହିତ ସମସ୍ତ ପ୍ରକ୍ରିୟାକୁ କମ୍ପ୍ୟୁଟରୀକରଣ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମବାୟ ଭବନ ପରିସରରେ ସମବାୟ ପତାକା ଉତ୍ତୋଳନ କରିଥିଲେ ଏବଂ ମାର୍ଗଦର୍ଶିକା ପୁସ୍ତିକା ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ ସମବାୟ ହେଉଛି ଗ୍ରାମ୍ୟ ବିକାଶର ଏକ ବଳିଷ୍ଠ ମାଧ୍ୟମ। ରାଜ୍ୟ କୃଷି ଅର୍ଥନୀତିକୁ ସମୃଦ୍ଧ କରିବାରେ ଏହାର କ୍ରାନ୍ତିକାରୀ ଭୂମିକା ରହିଛି। ସମବାୟ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ କରାଇବା ସହ ସାମାଜିକ, ସାଂସ୍କୃତିକ ଓ ଅର୍ଥନୀତିକ ବିକାଶ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସମବାୟ ଆନ୍ଦୋଳନ ଦ୍ୱାରା ସମାଜର ଦରିଦ୍ରତମ ଲୋକଙ୍କ ନିକଟରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ସମବାୟ ମନ୍ତ୍ରାଳୟ ପକ୍ଷରୁ ଆରମ୍ଭ ହୋଇଥିବା ନୂତନ ଜାତୀୟ ସମବାୟ ନୀତିର ବିଭିନ୍ନ ଦିଗ ଉପରେ ସେ ଆଲୋକପାତ କରିଥିଲେ। ବିଭାଗୀୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ରାଜ୍ୟରେ ଚାଷୀ ଓ ଚାଷର ଉନ୍ନତି କ୍ଷେତ୍ରରେ ସମବାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ ଏବଂ ନୂଆ ସରକାର ଆସିବା ପରେ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ସମବାୟ ୟୁନିୟନ ସଭାପତି ପ୍ରବାସିନୀ ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମବାୟ ସମିତି ସମୂହ ନିବନ୍ଧକ ପ୍ରଭୁ କଲ୍ୟାଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


**AFFIDAVIT**

By virtue of an affidavit in the court of Executive Magistrate, Talcher, I Rasmita Pothal, W/o-Satish Kumar Pothal, resident of village-Kasipur, Po/Ps- Talcher Town, Dist- Angul, declares that before marriage with Satish Kumar Pothal my surname has been changed from Sahoo to Pothal. But my name wrongly mentioned as Rashmita Pothal instead of Rasmita Pothal in Aadhar Card, PAN Card, Driving Licence & Bank Passbook. Rashmita Pothal & Rasmita Pothal is same and one person myself. Henceforth I shall be known as Rasmita Pothal for all purposes.

**Sd/- Rasmita Pothal**



Email:-rw_dharmagarh@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHARMAGARH**

**O-657**

Notice No. 2596 //Date: 11.11.2024

**The1st corrigendum to Bid Identification No. DMGH / Online-07 of 2024-25**

1.The Details of corrigendum as tablelated below.

**As per tender notice**

| Procurement Officer | Bid Identification No | Availability of Tender on line for bidding | | Last date & time tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical | Financial |
| 1 | 2 | 3 | 4 | 5 | 7 | 8 |
| S.E, R.W. Division Dharmagarh | DMGH/Online 07 / 2024-25 | 13.11.2024 At 10.00 AM | 21.11.2024 Up to 5.00 PM | 20.11.2024 Up to 5.00 PM | 22.11.2024 11.00 AM | 28.11.2024 At 11.00AM |

**As per corrigendum**

| Procurement Officer | Bid Identification No | Availability of Tender on line for bidding | | Last date & time tender clarification | Date & time of Opening of tender | |
|---|---|---|---|---|---|---|
| | | From | To | | Technical | Financial |
| 1 | 2 | 3 | 4 | 5 | 7 | 8 |
| S.E, R.W. Division Dharmagarh | DMGH/Online 07 / 2024-25 | 18.11.2024 At 10.00 AM | 27.11.2024 Upto 5.00 PM | 25.11.2024 Up to 5.00 PM | 28.11.2024 11.00 AM | 03.12.2024 At 11.00AM |

All other terms and conditions are remain inchange.

Yoursfaithfully
Sd/-Executive Engineer
Rural Works Division
Dharmagarh

**OIPR 25100/11/0012/2425**



ପୌର ପରିଷଦ ହିଞ୍ଜିଳିକାଟୁ
HINJILICUT MUNICIPAL COUNCIL

ହିଞ୍ଜିଳିକାଟୁ, ଜିଲ୍ଲା – ଗଞ୍ଜାମ, ପିନ୍ - ୭୬୧୧୦୨
ଦୂରଭାଷ - ୦୬୮୧୧-୨୮୦୦୨୫, ଟୋଲଫ୍ରି ୧୪୪୨୦
At – Hinjilicut, Dist.- Ganjam, Pin - 761102
Contact : 06811-280025, Toll Free No.: 14420
Email-hinjilicutmunicipality@gmail.com
hinjilimunicipality@gmail.com
:Hinjilicut Municipality, : Hinjilicutmunicipality

Letter No- 3884 /2024, Date- 12.11.2024

**C-983**

**E-Procurement Notice**
**Bid Identification No. - HIN-MUN-02/2024-25**

The Executive Officer, Hinjilicut Municipality on behalf of Governor of Odisha invites percentage bid in Single cover system from bidders of eligible Class registered with State Government and bidders with equivalent grade / class registered with Central Govt. / MES / Railways according to norm of e-procurement system in online mode for the work as per DTCN.

1. Total Number of Civil works — 5 No.
2. Estimated Cost for Civil works — Rs. 2,54,000/- to 16,95,000/-
3. Period of completion — As per DTCN.
4. Date & time of availability of Bid Documents in the portal — Dt. 14.11.2024 of 11.00 A.M to Dt: 26.11.2024 of 5.00 P.M for online bidding.
5. Last Date of receipt of Bid through Online — Dt:26.11.2024 of upto 5.00 P.M.
6. Date of opening of Tender — Dt: 27.11.2024 at 11.00 A.M.

Further details can be seen from the procurement portal : https://tendersodisha.gov.in

Sd/-Executive Officer
Hinjilicut Municipality

**OIPR 13105/11/0005/2425**



**PANCHAYAT SAMITI, RAIKIA**
District-Kandhamal, Odisha, 762101

**i-292**

Advt. No. 01 /2024-25 Dt:12.11.2024

**Tender Call Notice**

Sealed tenders (Percentage rate) are invited from the interested "C" & "D" Class Contractors registered with the Govt. for execution of civil works under Panchayat Samiti, Raikia. The details notification is available at official website www.kandhamal.nic.in. Interested Contractors fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the Panchayat Samiti, Raikia, District-Kandhamal. Proposal(s) complete in all respect should reach the undersigned on or before 05.00 PM of 03.12.2024 through Regd./Speed post and the same will be opened on 04.12.2024 at 2.00 PM. The undersigned reserves the right to reject any or all the tender(s) without assigning any reason thereof.

Sd/-
Block Development Officer,
Raikia, Kandhamal.

**OIPR 19285/11/0001/2425**



E-Mail:- eerwssnayagarh@gmail.com

**OFFICE OF THE SUPERINTENDING ENGINEER**
**RWS&S DIVISION, NAYAGARH**
Khandapada Road, Near Fire Station, Pin-752069
E-Mail: eerwss_nay@nic.in&eerwssnayagarh@gmail.com
☎ (06753) 252173

**O-645**

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., NAYAGARH–09/RWSS/2024-25**

1. Name of the work : Residential Building works
2. Total Number of works : 02 Nos
3. Approx. Estimated cost : Rs. 19.98 lakhs
4. Class of Contractor : "D" & "C" Class of Contractor
5. Period of Completion : 03 (Three) months
6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, RWS&S Division, Nayagarh | Online Tender / 09/RWSS/2024-25 | Dt. 20.11.2024 at 11.00 hrs. | Dt. 02.12.2024 upto 17.00 hrs. | Dt. 02.12.2024 upto 17.00 hrs. | Dt. 03.12.2024 at 11.30 hrs. |

**Further details can be seen from the website www.tendersodisha.gov.in**

Sd/-Superintending Engineer
RWS&S Division, Nayagarh

**OIPR 25042/11/0003/2425**



Forest, Environment and Climate Change Department, Odisha
OFFICE OF THE DIVISIONAL FOREST OFFICER
JHARSUGUDA FOREST DIVISION
Email – dfo.jharsuguda@odisha.gov.in
Ph – 06645 - 295040

**MM-241**

**BID IDENTIFICATION NO- DFO/JSG – 02 of 2024-25 (1F)/DATED.**
**No.190 /1F (Accts.), Dated, Jharsuguda the 12nd November 2024**

**e-Procurement Notice**

1. Name of work : Construction of Civil Works under Jharsuguda Forest Division during the FY-2024-25
2. Total No. of works : 4 Nos
3. Estimated Cost : Rs.16.55 Lakh to Rs 25.19 Lakh (Excluding GST)
4. Period of Completion : Four Calendar Months
5. Date of availability of bid Documents in portal : 12.11.2024 to 26.11.2024
6. Last date/time for receipt of bids in the Portal : Up to 05.00 PM of 26.11.20224
7. Date & Time of opening of Bid documents : At 12.30 PM of 27.11.2024
8. Class of Contractor : " C " & " D" Class Contractor
9. Name and address of officer inviting bid : Divisional Forest Officer, Jharsuguda Forest Division,

(a) Further, details can be seen from the e-procurement portal www.tenderodisha.gov.in. https://jharsuguda.odisha.gov.in

(b) The addendum / Corrigendum if any will be hosted in the website only.

Sd/-Divisional Forest Officer,
Jharsuguda Forest Division

**OIPR 08054/11/0009/2425**



GOVERNMENT OF ODISHA
OFFICE OF THE SUPERINTENDING ENGINEER
NABARANGPUR IRRIGATION DIVISION, NABARANGPUR
DIST: NABARANGPUR
e-mail Id: senidivision@gmail.com

**A-**

**QUOTATION CALL NOTICE NO. 01/ 2024-25 DATED 08/11/2024**

Lr no. 1335 Dated. 0.11.2024

1. Quotations in sealed cover duly superscripted the quotation call notice No. on the body of the cover are invited from the manufacturers/reputed firms/suppliers/authorised dealers having in possession of valid GSTIN and Income Tax P.A.N. Card for supply of the articles as follows:

| Sl. No. | Description of items | Unit | Quantity |
|---|---|---|---|
| 1A | Haier make 1.5 Ton 3 star Inverter split A.C including installation | Each | 4 Nos. |
| 1B | Microteck pearl stabilizer EM4110 | Each | 4 Nos. |

| Sl. No. | Description of items | Unit | Quantity |
|---|---|---|---|
| 2A | HP All-in-One Desktop Computer with Intel Core i5 Processor /12th. Generation / 8 GB Ram / 01 TB HDD/512SSD/ Wi-Fi/ 24" Monitor, wireless Key board & Mouse/Windows 11 office with 3 years warranty etc; complete | Each | 3 No. |
| 2B | Cannon G 2010 Digital Multifunction laser Printer with scanner | Each | 3 No. |

| Sl. No. | Description of items | Unit | Quantity |
|---|---|---|---|
| 3A | Inverter-(UPS) – ECO VOLT NEO 1250 PLUS/12V (Luminous make) | Each | 2 No. |
| 3B | Battery 12V 180 AH, RC 24000 Pro FNSD (Luminous make) | Each | 3 No. |

| Sl. No. | Description of items | Unit | Quantity |
|---|---|---|---|
| 4A | Almirah 78" (MAKE NUTAN) | Each | 5 No. |
| 4B | Computer cum Office table Engineer wood with Cabinet (Standard size) | Each | 4 No. |
| 4C | Steel visitor cushion Chair | Each | 6 No. |
| 4D | Executive Office Chair with arms | Each | 10 No. |
| 4E | Executive Office Chair High Back with arms | Each | 1No |

| Sl. No. | Description of items | Unit | Quantity |
|---|---|---|---|
| 5A | Space wood Kosmo Carnival King Bed with Box storage | Nos. | 1 No. |
| 5B | Kurlon (78x 72x5) inch Duorest | Nos. | 1 No. |

**The Bidders may submit their quotation for any or all of the articles mentioned.**

2. Receipt of the quotations: From 11/11/2024 to 20/11/2024 (Up to 05:00 PM) in the office of the Superintending Engineer, Nabarangpur Irrigation Division, Nabarangpur.
3. Quotation should accompany Bid Security (E.M.D.) @ 1% (one percent) of the quoted value in shape of Deposit Receipt of scheduled bank/Kissan Vikas Patra/ Post Office Savings Bank Account pass book / National Savings Certificate/Post Office Time Deposit Account pass book duly pledged in favour of Superintending Engineer, Nabarangpur Irrigation Division, Nabarangpur; Valid GST Registration Certificate showing GSTIN, Income Tax P.A.N. Card & valid Dealership Certificate.
4. Validity of quoted rates: 90 (ninety) days from the last date of receipt of quotations
5. Date of opening of quotations: 21/11/2024 at 11:00 AM.

Supply must be completed within 10 (Ten) days from the date of issue of supply order. The rates quoted shall be for supply & installation of the articles at the destination (which will be intimated later) inclusive of cost, conveyance and all other taxes complete. Terms of advance payment will not be entertained. Payment will be made only on receipt of the articles in good condition and satisfactory installation & commissioning. The articles shall conform to guarantee/warranty clause as prescribed by the manufacturer otherwise specified in the description. Defect during the guarantee/warranty period will be made good at the risk and cost of the supplier. Necessary test certificate of the articles must be furnished at the time of supply. Other details can be had from the office of the undersigned during office hours. The authority reserves right to accept / reject any or all the quotations without assigning any reasqn thereof.

Sd/-Superintending Engineer
Nabarangpur Irrigation Division
Nabarangpur

**OIPR 32361/11/0002/2425**



ନୂଆଦିଲ୍ଲୀ: କୃଷକ ନେତା ରାକେଶ ଟିକାଏତ ଏବଂ କଂଗ୍ରେସ ନେତା ସଜ୍ଜନ ସିଂ ବର୍ମାଙ୍କ ଦେଶ ବିରୋଧୀ ବୟାନ ବିରୋଧରେ ଦାଖଲ ହୋଇଥିବା ଆବେଦନ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରି ଦେଇଛନ୍ତି। ଏହି ବିବୃତ୍ତିକୁ ଉତ୍ତେଜକ ତଥା ଦେଶ ବିରୋଧୀ ବୋଲି ବର୍ଣ୍ଣନା କରି ଆବେଦନକାରୀ କହିଛନ୍ତି ଯେ ଉଭୟ ନେତା ଭାରତରେ ବାଂଲାଦେଶ ପରି ପରିସ୍ଥିତି ବିଷୟରେ ଆଲୋଚନା କରିଛନ୍ତି। ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଘୃଣା ଭାଷଣ ସହ ଜଡିତ ଅନେକ ଆବେଦନ ବିଚାରାଧୀନ ଅଛି ଏବଂ ଏହି ନିର୍ଦ୍ଦିଷ୍ଟ ମାମଲା ଶୁଣାଣି ଯୋଗ୍ୟ ନୁହେଁ। ହିନ୍ଦୁ ସେନା ସମିତି ଏବଂ ଏହାର ସଭାପତି ସୁରଜିତ ସିଂ ଯାଦବଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନରେ ଦର୍ଶାଯାଇଛି ଯେ ରାକେଶ ଟିକାଏତ ଚଳିତବର୍ଷ ଅଗଷ୍ଟରେ ୨୦୨୧ରେ ରେଡ ଫୋର୍ଟରେ ପ୍ରବେଶ କରିଥିବା କୃଷକଙ୍କ ଘଟଣା ବିଷୟରେ ଉଲ୍ଲେଖ କରିଥିଲେ। ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱରେ ଗଠିତ ଏହି ବେଞ୍ଚ ଆବେଦନକାରୀଙ୍କ ଓକିଲ ଶୁଣିବା ପରେ କହିଛନ୍ତି ଯେ ଭୁଲ ତଥ୍ୟ ଉପସ୍ଥାପନ କରିବା କିମ୍ବା ଘଟଣାକୁ ଅତ୍ୟଧିକ ମାତ୍ରାରେ ଘୃଣା କରିବା ଘୃଣାର ବକ୍ତବ୍ୟରେ ଆସେ ନାହିଁ। ଅଦାଲତ ଏହା ମଧ୍ୟ କହିଛନ୍ତି ଯେ ଘୃଣା ଭାଷଣ ଉପରେ ପୂର୍ବରୁ ଅନେକ ଆବେଦନ ବିଚାରାଧୀନ ଅଛି, ତେଣୁ ଏହି ନିର୍ଦ୍ଦିଷ୍ଟ ମାମଲାର ସିଧାସଳଖ ସୁପ୍ରିମକୋର୍ଟରେ ଶୁଣାଣି କରିବା ଅନୁଚିତ।

## ଏମ୍‌ଭିଏ ଆସିଲେ ଭିକ ମାଗିବା ନିଶ୍ଚିତ: ମୋଦି



ମୁମ୍ବାଇ: ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ଆଟାକ୍ ଏବଂ କାଉଣ୍ଟର ଆଟାକ ରାଜନୀତି ଚରମ ସୀମାରେ ରହିଛି। ଏମ୍‌ଭିଏ ମହାୟୁତି ଉପରେ ଆକ୍ରମଣ କରୁଥିବାବେଳେ ମହାୟୁତି ଏହାକୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ଅଭିଯୋଗ କରିଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ଏମ୍‌ଭିଏକୁ କଡ଼ା ଟାର୍ଗେଟ କରିଛନ୍ତି। ଛତ୍ରପତି ସମ୍ଭାଜୀ ନଗରରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ ଯଦି ମହାରାଷ୍ଟ୍ରରେ ମହା ବିକାଶ ଅଘାଡି ମିଳିତ ମଞ୍ଚ କ୍ଷମତାକୁ ଆସେ, ତେବେ ରାଜ୍ୟରେ ମରୁଡ଼ି ଏବଂ ଜଳସଙ୍କଟ ଆରମ୍ଭ ହୋଇସାରିଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏମ୍‌ଭିଏ ଲୋକମାନେ ଆପଣଙ୍କୁ ପ୍ରତ୍ୟେକ ବୁନ୍ଦା ପାଣି ପାଇଁ ହଇରାଣରେ ପକାଇ ଦେବେ। ସେଥିପାଇଁ ମୁଁ ମା' ଏବଂ ଭଉଣୀମାନଙ୍କୁ କହୁଛି, ଅଘାଡି ଲୋକଙ୍କୁ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ, ନଚେତ୍ ସେମାନେ ଆପଣଙ୍କ ପାଇଁ ଜଳ ବୁନ୍ଦାଏର ବ୍ୟବସ୍ଥା ବି କରିପାରିବେ ନାହିଁ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏମ୍‌ଭିଏକୁ କ୍ଷମତାକୁ ଆସିବାକୁ ଦିଅନ୍ତୁନାହିଁ, ନଚେତ୍ ସେମାନେ ଆପଣଙ୍କୁ ପାଣି ମାଗିବାକୁ ବାଧ କରାଇବେ।

## ହ୍ରାସ ହେବ ସିବିଏସ୍‌ଇ ସିଲାବସ୍




ନୂଆଦିଲ୍ଲୀ: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଆସନ୍ତା ୨୦୨୫ ବୋର୍ଡ ପରୀକ୍ଷା ପାଇଁ ଦଶମ ଏବଂ ଦ୍ୱାଦଶ ସିଲାବସ୍‌ରେ ୧୫% ପର୍ଯ୍ୟନ୍ତ ହ୍ରାସ କରିବାକୁ ଘୋଷଣା କରିଛି। ଛାତ୍ରଛାତ୍ରୀଙ୍କୁ ଗଭୀର ଅଧ୍ୟୟନ କରିବାର ସୁଯୋଗ ଦେବା ଏବଂ ପାଠ ଚାପ ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଇନ୍ଦୋରରେ ଅନୁଷ୍ଠିତ ପ୍ରିନ୍ସିପାଲ ସମ୍ମିଳନୀରେ ବୋର୍ଡ ଅଧିକାରୀମାନେ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ। ସିବିଏସ୍‌ଇର ଭୋପାଳ ଆଞ୍ଚଳିକ ଅଧିକାରୀ ବିକାଶ କୁମାର ଅଗ୍ରୱାଲ କହିଛନ୍ତି, ସିଲାବସ୍‌ରେ କଟ୍ ବୋର୍ଡର ନୂତନ ଶିକ୍ଷାଗତ ଢାଞ୍ଚା ସହିତ ମେଳ ଖାଉଛି। ଏହାର ଉଦ୍ଦେଶ୍ୟ ହେଉଛି ଛାତ୍ରୀଛାତ୍ରଙ୍କୁ ଅତ୍ୟଧିକ ବିଷୟବସ୍ତୁର ଭାରରୁ ମୁକ୍ତ କରିବା, ଯାହାଦ୍ୱାରା ସେମାନେ ଅଧିକ ପ୍ରଭାବଶାଳୀ ଢଙ୍ଗରେ ବିଷୟଗୁଡିକ ଗଭୀର ଭାବରେ ଅଧ୍ୟୟନ କରିପାରିବେ। ପରିବର୍ତ୍ତନ ମାଧ୍ୟମରେ ଛାତ୍ରମାନେ ବହିର ସୀମା ଅତିକ୍ରମ କରି ବିଷୟଗୁଡ଼ିକର ବିଭିନ୍ନ ଦିଗ ବିଷୟରେ ଚିନ୍ତା ଏବଂ ବୁଝିବାର ସୁଯୋଗ ପାଇବେ।

## ଦିଲ୍ଲୀ ଅବସ୍ଥା ସାଂଘାତିକ, ୨୦୦ରୁ ଊର୍ଦ୍ଧ୍ୱ ବିମାନ ସେବା ବିଳମ୍ବ



ନୂଆଦିଲ୍ଲୀ: ଦିନକୁ ଦିନ ଖରାପ ହୋଇ ଚାଲିଛି ଦିଲ୍ଲୀ ବାୟୁ ଗୁଣବତ୍ତା। ପ୍ରଦୂଷଣ ସାଙ୍ଗକୁ ଘନ କୁହୁଡ଼ି ବାୟୁମଣ୍ଡଳକୁ ଅସ୍ୱାସ୍ଥ୍ୟକର କରି ପକାଇଛି। ଗତକାଲି ଓ ଗୁରୁବାର ଏୟାର କ୍ୱାଲିଟି ଇଣ୍ଡେକ୍ସ ବା ବାୟୁ ଗୁଣବତ୍ତା ସୂଚକାଙ୍କ ନିମ୍ନସ୍ତରକୁ ଖସି ଆସିଛି। ଗୁରୁବାର ସାମାନ୍ୟ ସୁଧାର ଆସିଥିଲେ ବି କୁହୁଡ଼ି ଓ ପ୍ରଦୂଷଣରେ ରାସ୍ତାଘାଟ ଦେଖା ଯାଉନାହିଁ। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀର ଇନ୍ଦିରା ଗାନ୍ଧି ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟରୁ ଉଡାଣ ଭରିବାକୁ ଥିବା ବିମାନଗୁଡ଼ିକ ବିଳମ୍ବ ହୋଇଛି। ଫଳରେ ୨୦୦ରୁ ଊର୍ଦ୍ଧ୍ୱ ବିମାନ ସେବା ପ୍ରଭାବିତ ହୋଇଛି। ପାଗକୁ ଦୃଷ୍ଟିରେ ରଖି ଉଡ଼ାଣ ସମୟ ପରିବର୍ତ୍ତନ କରାଯାଇଥିବା ନେଇ ବିମାନ କମ୍ପାନୀ ପକ୍ଷରୁ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ, ରାଜଧାନୀର ଅନେକ ଅଞ୍ଚଳରେ ୪୫୦ରୁ ଅଧିକ ଇଛଓ ରେକର୍ଡ ହୋଇଛି। ଆନନ୍ଦ ବିହାର, ଅଶୋକ ବିହାର, ବାୱନା ଦ୍ୱାରକା, ଜାହାଙ୍ଗିରପୁର, ମୁଣ୍ଡକ, ନଜାଫଗଡ଼, ଲାଜପତ ନଗର, ପାଟପରାଗଞ୍ଜ, ପଞ୍ଜାବବାଗ, ଆରକେ ପୁରାମ, ରୋହିଣୀ, ବିବେକ ବିହାର ଏବଂ ୱାଜିରପୁରରେ ସକାଳ ୬ଟାରେ ୪୫୦ରୁ ଅଧିକ ଇଛଓ ରେକର୍ଡ କରାଯାଇଛି, ଯାହା ଖୁବ୍ ଗୁରୁତର। ଆନନ୍ଦ ବିହାରରରେ ସର୍ବାଧିକ ୪୭୩ ଇଛଓ ରେକର୍ଡ କରାଯାଇଛି। ଦିଲ୍ଲୀରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ଗାଡ଼ି-ମୋଟରରୁ ନିର୍ଗତ ଧୂଆଁ ସାଙ୍ଗକୁ ଆଖପାଖ ଅଞ୍ଚଳରେ ନଡ଼ା ଜାଳିବା, ନିର୍ମାଣ କାର୍ଯ୍ୟ, ଶିଳ୍ପ ପ୍ରଦୂଷଣ ଇତ୍ୟାଦି। ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ସରକାର ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ପଦକ୍ଷେପ ନେଉଥିଲେ ବି ପାଗରେ ସୁଧାର ଆସିପାରୁନାହିଁ। ଶୀତଦିନ ଆସିଯିବା ମାତ୍ରେ ରାଜଧାନୀ ବାସିନ୍ଦାଙ୍କୁ ବିଷାକ୍ତକର ପରିବେଶରେ ଜୀବନଯାପନ କରିବାକୁ ପଡୁଛି। ରିପୋର୍ଟ ଅନୁସାରେ, ଦିଲ୍ଲୀ ହେଉଛି ବିଶ୍ୱରୁ ସବୁଠାରୁ ପ୍ରଦୂଷିତ ସହର। ଯଦି ସ୍ଥିତିରେ ସୁଧାର ନ ଆସେ, ତେବେ ଆଗାମୀ ଦିନରେ ଦିଲ୍ଲୀ ପ୍ରଦୂଷଣ ଚରମରେ ପହଞ୍ଚିଯିବାର ଆଶଙ୍କା କରାଯାଉଛି।

## ଜନଜାତି ଗୌରବ ଦିବସ ଅବସରରେ ଆଦିବାସୀ ଲୋକନୃତ୍ୟ ମହୋତ୍ସବ





ରାୟପୁର: ଛତିଶଗଡ଼ର ରାଜଧାନୀ ରାୟପୁରସ୍ଥିତ ସାଇନ୍ସ କଲେଜ ମୈଦାନରେ ଆୟୋଜିତ ଦୁଇ ଦିବସୀୟ ଜନଜାତି ଗୌରବ ଦିବସ ଏବଂ ଅନ୍ତରାଜ୍ୟ ଆଦିବାସୀ ଲୋକନୃତ୍ୟ ମହୋତ୍ସବର ଶୁଭାରମ୍ଭ ହୋଇଛି । ଆଦିବାସୀ ଲୋକନୃତ୍ୟ ମହୋତ୍ସବର ଶୁଭାରମ୍ଭରେ ବିଭିନ୍ନ ରାଜ୍ୟରୁ ଆସିଥିବା ନୃତ୍ୟଶିଳ୍ପୀ ଟିମ୍ ସେମାନଙ୍କ ନୃତ୍ୟ ପ୍ରଦର୍ଶନରେ ଦର୍ଶକଙ୍କ ମନ ମୋହି ନେଇଥିଲେ । ସିକ୍କିମ୍, ଗୁଜରାଟ, ଅରୁଣାଚଳପ୍ରଦେଶ, ମଧ୍ୟପ୍ରଦେଶ, ଜାମ୍ମୁକାଶ୍ମୀର, ଛତିଶଗଡ଼, ନାଗାଲ୍ୟାଣ୍ଡ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ଡାମନ ଡିଉର ପାରମ୍ପରିକ ଲୋକନୃତ୍ୟ ପ୍ରସ୍ତୁତ କରିଥିଲେ । ଲୋକନୃତ୍ୟ ମହୋତ୍ସବର ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା ଛତିଶଗଡ଼ର ମାଡିଆ ଜନଜାତିଙ୍କ 'ମାଡିଆ' ନୃତ୍ୟ । ଏହା ବସ୍ତର ସମ୍ଭାଗର ମାଡ଼ିଆ ଜନଜାତି ଦ୍ୱାରା ପ୍ରସ୍ତୁତି କରାଯାଇଥିଲା । ଏହା ଲୋକମାନଙ୍କ ବେଶ୍ ଆକର୍ଷିତ କରିଥିଲା । ସେହିପରି ସିକ୍କିମ୍‌ର ଲିମ୍ବୁ ଜନଜାତି ସମୁଦୟ ପକ୍ଷରୁ ପ୍ରକୃତିପୂଜା ଓ ଫସଲ ସଂରକ୍ଷଣ ଉପରେ ନୃତ୍ୟ ପରିବେଷଣ କରାଯାଇଥିଲା । ସେହିପରି ଗୁଜରାଟର ନୃତ୍ୟଦଳ ସିଦ୍ଧିଗୋମ ନାଚ ଏବଂ ରାଠୁଆ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ଅରୁଣାଚଳପ୍ରଦେଶରୁ ଆସିଥିବା ନର୍ତ୍ତକୀ ଦଳ ପଦମ୍ ଏନ୍‌ଆଇଇ ନୃତ୍ୟ ପରିବେଷଣ କରିଥିଲେ । ଏହିପରି ପରେ ପରେ ମଧ୍ୟପ୍ରଦେଶ, ଜାମ୍ମୁକାଶ୍ମୀରରୁ ଆସିଥିବା ଜନଜାତିର ନୃତ୍ୟଦଳ ସେମାନଙ୍କ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିବା ବେଳେ ଉତ୍ତରାଖଣ୍ଡରୁ ଆସିଥିବା ଜନଜାତି ସମୁଦାୟ ପକ୍ଷରୁ ଦିଆବାତି ନୃତ୍ୟ, ତେଲେଙ୍ଗାନାରୁ ଆସିଥିବା ନୃତ୍ୟ ଦଳ ମଥୁରି ନୃତ୍ୟ, ଉତ୍ତରପ୍ରଦେଶ ପକ୍ଷରୁ କରମା ନୃତ୍ୟ, କର୍ଣ୍ଣାଟକ ପକ୍ଷରୁ ସୁଗାଲି ନୃତ୍ୟ, ଆନ୍ଧ୍ରପ୍ରଦେଶ ପକ୍ଷରୁ ଧିମ୍‌ସା ନୃତ୍ୟ ଏବଂ ଡାମନଡିଉ ପକ୍ଷରୁ ତାରପା ନୃତ୍ୟ ପରିବେଷଣ କରାଯାଇଥିଲା । ଦର୍ଶକମାନେ ଏହି ସବୁ ନୃତ୍ୟକୁ ଜବରଦସ୍ତ ମନଭରି ଉପଭୋଗ କରିଥିଲେ ।

## ୫ ବର୍ଷର ସର୍ବୋଚ୍ଚ ସ୍ତରରେ ପିଆଜ ଦର: ଖାଉଟି ଚିନ୍ତାରେ

ନୂଆଦିଲ୍ଲୀ: ଗତ କିଛି ମାସ ହେବ ଭାରତରେ ପନିପରିବା ଦର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ତେବେ ନଭେମ୍ବର ମାସରେ ଫୁଲକୋବି, ଟମାଟୋ, ଲାଉ ସମେତ ଅନେକ ପନିପରିବା ଦର ମାସିକ ୪ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। କିନ୍ତୁ ପିଆଜ ଦର ଏବେ ବି ଲୋକଙ୍କ ପାଇଁ ଲୁହ ଆଣି ଦେଉଛି। ନଭେମ୍ବର ୬ରେ ଲାସଲଗାଓଁ ପିଆଜ ବଜାରରେ ପିଆଜର ପାଇକାରୀ ମୂଲ୍ୟ ପାଞ୍ଚବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ଆଇସିଆଇସିଆଇ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ଯୋଗାଣ ବାଧାପ୍ରାପ୍ତ ହେବା ସହ ବଜାରକୁ ପନିପରିବା ଆଗମନ ୨୮ ପ୍ରତିଶତ ହ୍ରାସ ପାଇଛି। ଏହି କାରଣରୁ ଦର ବଢ଼ିଛି । ବୁଧବାର ଦେଶର ସର୍ବବୃହତ ପାଇକରୀ ପିଆଜ ବଜାର ନାସିକର ଲାସଲଗାଓଁ କୃଷି ଉତ୍ପାଦ ବଜାର ସମିତିରେ ପିଆଜର ହାରାହାରି ପାଇକାରୀ ମୂଲ୍ୟ କ୍ୱିଣ୍ଟାଲ ପିଛା ୫,୬୫୬ ଟଙ୍କାରେ ପହଞ୍ଚିଛି, ଯାହା କି ଗତ ପାଞ୍ଚବର୍ଷ ମଧ୍ୟରେ ସର୍ବାଧିକ ଥିଲା। ଶେଷଥର ପାଇଁ ୨୦୧୯ ଡିସେମ୍ବର ୧୦ରେ ପିଆଜ ଦର ଏହି ସ୍ତରରେ ଥିଲା। ପାଇକାରୀ ବଜାରରେ ଏହି



ପିଆଜ ଦରରେ ତୁରନ୍ତ ଆଶ୍ୱସ୍ତି ମିଳିବାର କୌଣସି ଆଶା ନାହିଁ। ନଭେମ୍ବର ମାସରେ ପନିପରିବା ଦର କିଛି ମାତ୍ରାରେ ହ୍ରାସ ପାଇଥିଲେ ମଧ୍ୟ ପିଆଜ ଦର ଅଧିକ ରହିଛି। ଅଗଷ୍ଟ ଓ ସେପ୍ଟେମ୍ବରରେ ପ୍ରବଳବର୍ଷା ଯୋଗୁଁ ଦରବୃଦ୍ଧିର ପ୍ରଭାବ ସାରା ଦେଶରେ ପିଆଜ ଦର ଉପରେ ପଡ଼ିଛି । ଓଡ଼ିଶା ସମେତ ଦେଶର ଅନେକ ରାଜ୍ୟରେ ପିଆଜ କିଲୋ ପିଛା ୭୦ ଟଙ୍କା ଟପିଯାଇଛି । ଏହା ଫଳରେ ଖାଉଟି ପ୍ରଭାବିତ ହୋଇଛନ୍ତି ।

### ପୁଣି ଅଶାନ୍ତ ମଣିପୁର

## ୫ ଜିଲ୍ଲାରେ ଲାଗୁ ହେଲା ଆଫ୍‌ସା



ମଣିପୁର: ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ପୁଣିଥରେ ଅଶାନ୍ତ ହୋଇ ଉଠିଛି ମଣିପୁର। ଏଥିପାଇଁ ୬ ପୋଲିସ ଷ୍ଟେସନରେ ଥିବା ୫ ଜିଲ୍ଲାରେ ଆର୍ମଡ ଫୋର୍ସ ସ୍ପେଶାଲ ପାୱାର ଆକ୍ଟ ଲାଗୁ କରାଯାଇଛି। ଏହାର ଅର୍ଥ ଆଫସା ଲାଗୁ ହୋଇଥିବା ସ୍ଥାନରେ ସୁରକ୍ଷାକର୍ମୀ ସର୍ବୋଚ୍ଚ କ୍ଷମତାର ଅଧିକାରୀ ହୋଇଛନ୍ତି। ସେମାନେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ନିଜ ଇଚ୍ଛା ଅନୁସାରେ କଟକଣା ଲଗାଇ ପାରିବେ। ସେହିପରି ସ୍ୱତନ୍ତ୍ର ଅପରେସନ କରି ବିନା ୱାରେଣ୍ଟରେ ଗିରଫଦାରୀ ମଧ୍ୟ କରିପାରିବେ। ହିଂସା ଯୋଗୁ ଅଧିକ ପ୍ରଭାବିତ ହୋଇଥିବା ଜିରିବାମ ସମେତ ୫ ଜିଲ୍ଲାରେ ଆଫସା ଲାଗୁ ହୋଇଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ମଣିପୁରର ପଶ୍ଚିମ ଇମ୍ଫାଲ, ପୂର୍ବ ଇମ୍ଫାଲ, ଜିରିବାମ, କାଙ୍ଗପୋକପାଇ ଓ ବିଷ୍ଣୁପୁର ଅଞ୍ଚଳରେ ଆଫସା ଲାଗୁ କରାଯାଇଛି। ଅକ୍ଟୋବର ୧ରେ କେନ୍ଦ୍ର ସରକାର ଜାରି କରିଥିବା ବିଜ୍ଞପ୍ତିରେ ଏହି ଅଞ୍ଚଳଗୁଡ଼ିକୁ ୬ ମାସ ଯାଏ ଆଫ୍‌ସାରୁ ମୁକ୍ତ ରଖିଥିଲେ। ସେଠାରେ ସ୍ଥିତି ସ୍ୱାଭାବିକ ହେବାରୁ ଏପରି ପଦକ୍ଷେପ ନିଆଯାଇଥିଲା। ମୋଟ ଉପରେ ମଣିପୁରର ୧୯ଟି ପୋଲିସ ଷ୍ଟେସନ ଅଧୀନରେ ଥିବା ଅଞ୍ଚଳକୁ ଆଫସା ବାହାରେ ରଖାଯାଇଥିଲା।

# ବାଣିଜ୍ୟ

Mercury Trade Links

ଅହମଦାବାଦ: କୃଷିଜାତ ସାମଗ୍ରୀ ଟ୍ରେଡିଂ ବ୍ୟବସାୟରେ ନିୟୋଜିତ ଅହମଦାବାଦସ୍ଥିତ ମର୍କ୍ୟୁରୀ ଟ୍ରେଡ ଲିଙ୍କସ୍ ଲିମିଟେଡର ୪୮.୯୫ କୋଟି ଟଙ୍କାର ରାଇଟସ୍ ଇସ୍ୟୁ ନଭେମ୍ବର ୭ ତାରିଖରୁ ଉନ୍ମୁକ୍ତ ହୋଇଛି। ରାଇଟ ଇସ୍ୟୁ ଜରିଆରେ ସଂଗୃହୀତ ପାଣ୍ଠିକୁ କମ୍ପାନୀର କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା, ଇସ୍ୟୁ ବାବଦ ଖର୍ଚ୍ଚ, ସାଧାରଣ କମ୍ପାନୀ ପରିଚାଳନା ବାବଦ ଖର୍ଚ୍ଚ ଆଦିରେ ବିନିଯୋଗ କରାଯିବ। କମ୍ପାନୀର ସେୟାର ପିଛା ମୂଲ୍ୟ ୨୦୨୪ ନଭେମ୍ବର ୬ ତାରିଖରେ ୬୦.୪୩ ଟଙ୍କାରେ ବନ୍ଦ ହୋଇଥିବାବେଳେ ରାଇଟ ଇସ୍ୟୁରେ ସେୟାରଗୁଡିକ ପ୍ରତି ସେୟାର ପିଛା ମୂଲ୍ୟ ୪୪.୯୫ ଟଙ୍କାରେ ଯୋଗାଇ ଦିଆଯାଉଛି। ରାଇଟସ୍ ଇସ୍ୟୁ ଆସନ୍ତା ଡିସେମ୍ବର ୫ରେ ବନ୍ଦ ହେବ। ୨୦୨୪ ମାର୍ଚ୍ଚ ପରବର୍ତ୍ତୀ ସମୟରେ କମ୍ପାନୀର ୨ୟ ରାଇଟସ୍ ଇସ୍ୟୁ ହୋଇଛି। ୯.୯୦ କୋଟି ଟଙ୍କା ସଂଗ୍ରହ କରିବା ନିମନ୍ତେ ପ୍ରଥମ ରାଇଟସ୍ ଇସ୍ୟୁ ପ୍ରତି ସେୟାର ପିଛା ମୂଲ୍ୟ ୪୦.୦୦ ଟଙ୍କାରେ କରାଯାଇଥିଲା। ପ୍ରତ୍ୟେକ ସେୟାରର ଫେସ୍‌ଭାଲ୍ୟୁ ୧୦ ଟଙ୍କା ହିସାବରେ ୧,୦୮,୯୦,୦୦୦ ଫୁଲି ପେଡ୍-ଅପ ଇକ୍ୱିଟି ସେୟାର ଇସ୍ୟୁ କରିବ ଏବଂ ପ୍ରତି ଇକ୍ୱିଟି ସେୟାର ପିଛା ମୂଲ୍ୟ ୪୪.୯୫ ଟଙ୍କା ରହିଛି ଯାହାର ମୋଟ ମୂଲ୍ୟ ୪୮.୯୫ କୋଟି ଟଙ୍କା। ପ୍ରସ୍ତାବିତ ଇସ୍ୟୁ ନିମନ୍ତେ ରାଇଟସ୍ ଏନଟାଇଟଲମେଣ୍ଟ ଅନୁପାତ ୪:୧ ଅକ୍ଟୋବର ୨୪ ରେକର୍ଡ ତାରିଖ ସୁଦ୍ଧା ଇକ୍ୱିଟି ଅଂଶଧାରକଙ୍କ ଦ୍ୱାରା ଧାରଣ କରାଯାଇଥିବା ପ୍ରତ୍ୟେକ ଗୋଟିଏ ଫୁଲି-ପେଡ୍ ଅପ ଇକ୍ୱିଟି ସେୟାର ନିମନ୍ତେ ପ୍ରତ୍ୟେକ ୧୦ ଟଙ୍କା ଫେସ୍‌ଭାଲ୍ୟୁ ବିଶିଷ୍ଟ ୪ଟି ରାଇଟସ୍ ଇକ୍ୱିଟି ସେୟାର ରହିଛି।

## ଦୁନିଆର ୧୦୦ ଶକ୍ତିଶାଳୀ ଶିଳ୍ପପତିଙ୍କ ଫର୍ଚ୍ଚୁନ୍ ତାଲିକାରେ ମୁକେଶ ଅମ୍ବାନୀ



ନୂଆଦିଲ୍ଲୀ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ପୁଣି ଥରେ କେବଳ ଦେଶରେ ନୁହେଁ, ବିଶ୍ୱର ଅନ୍ୟତମ ଜଣେ ଶକ୍ତିଶାଳୀ ଉଦ୍ୟୋଗପତି ଭାବରେ ଫର୍ଚ୍ଚୁନ୍ ମାଗାଜିନର ଶକ୍ତିଶାଳୀ ବ୍ୟବସାୟୀ ୨୦୨୪ ତାଲିକାରେ ସ୍ଥାନିତ ହୋଇଛନ୍ତି । ମୁକେଶ ଅମ୍ବାନୀ ହେଉଛନ୍ତି ଏକମାତ୍ର ଭାରତୀୟ ଯିଏକି ଫର୍ଚ୍ଚୁନ୍ ମାଗାଜିନର ଶକ୍ତିଶାଳୀ ବ୍ୟବସାୟୀ ୨୦୨୪ ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି । ତାଲିକାରେ ଭାରତୀୟ ମୂଳର ଅନ୍ୟ ୬ଜଣ ମଧ୍ୟ ରହିଛନ୍ତି ଯେଉଁମାନେ ବିଦେଶରେ ବସବାସ କରନ୍ତି। ଏହି ବ୍ୟକ୍ତିମାନେ ବଡ଼ ବ୍ୟବସାୟର ପ୍ରତିଷ୍ଠାତା, ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ନବପ୍ରବର୍ତ୍ତକ ଅଟନ୍ତି । ଫର୍ଚ୍ଚୁନ୍ ମାଗାଜିନ୍ ପକ୍ଷରୁ ନିକଟରେ ବ୍ୟବସାୟ ଦୁନିଆର ୧୦୦ ଶକ୍ତିଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶ କରିଛି ଯେଉଁଥିରେ ମୁକେଶ ଅମ୍ବାନୀ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଦେଶର ପ୍ରମୁଖ ଉଦ୍ୟୋଗପତିଙ୍କ ମଧ୍ୟରୁ ଅନ୍ୟତମ । ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ନୂତନ ଉତ୍କର୍ଷରେ ପହଞ୍ଚାଇ ସେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଜିଓ ଶୁଭାରମ୍ଭ କରି ସେ ଦେଶର ଟେଲିକମ୍ କ୍ଷେତ୍ରର ଚେହେରା ବଦଳାଇଛନ୍ତି। ଡିଜିଟାଇଜେସନ୍ ଜରିଆରେ ଦେଶର ବିକାଶ ମଧ୍ୟ ତ୍ୱରାନ୍ୱିତ ହୋଇଛି। ରିଟେଲ କ୍ଷେତ୍ରରେ କମ୍ପାନୀ ପ୍ରତିଦିନ ନୂଆ ନୂଆ ରେକର୍ଡ ସୃଷ୍ଟି କରୁଛି। ସବୁଜ ଶକ୍ତି କ୍ଷେତ୍ରରେ ମଧ୍ୟ କମ୍ପାନୀ ଜୋରଦାର କାର୍ଯ୍ୟ ଜାରି ରଖିଛି। ମୁକେଶ ଅମ୍ବାନୀଙ୍କ ବ୍ୟତୀତ ଫର୍ଚ୍ଚୁନ୍ ପାୱାରଫୁଲ୍ ବିଜିନେସ୍ ଲିଷ୍ଟ ୨୦୨୪ରେ ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ପ୍ରଥମ ସ୍ଥାନରେ ଏବଂ ଏନଭିଡିଆ ସିଇଓ ଜେନସେନ୍ ହୁଆଙ୍ଗ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସତ୍ୟ ନାଡେଲା ତୃତୀୟ ସ୍ଥାନରେ, ୱାରେନ୍ ବଫେଟ୍ ଚତୁର୍ଥ ସ୍ଥାନରେ ଏବଂ ଜେମି ଡିମନ୍ ପଞ୍ଚମ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ଟିମ୍ କୁକ୍ ଷଷ୍ଠ ସ୍ଥାନରେ ରହିଥିବା ବେଳେ ମାର୍କ ଜୁକରବର୍ଗ ସପ୍ତମ ଏବଂ ସାମ୍ ଅଲ୍ଟମ୍ୟାନ୍ ଅଷ୍ଟମ ଶକ୍ତିଶାଳୀ ବ୍ୟବସାୟୀ ଭାବରେ ରହିଛନ୍ତି। ମେରି ବାରା ଏବଂ ସୁନ୍ଦର ପିଚାଇ ଯଥାକ୍ରମେ ନବମ ଓ ଦଶମ ସ୍ଥାନରେ ରହିଥିବା ବେଳେ ମୁକେଶ ଅମ୍ବାନୀଙ୍କ ଠିକ୍ ପୂର୍ବରୁ, ଅର୍ଥାତ୍ ଏକାଦଶ ସ୍ଥାନରେ ରହିଛନ୍ତି ଆମାଜନର ଜେଫ୍ ବେଜୋସ୍।

## ଡାବର ଚ୍ୟବନ୍‌ପ୍ରକାଶ ସୁଗାରଫ୍ରି ପକ୍ଷରୁ ଆପ୍‌କା ଅଙ୍ଗ୍‌ରକ୍ଷକ କ୍ୟାମ୍ପେନ୍‌ର ଶୁଭାରମ୍ଭ



ନୂଆଦିଲ୍ଲୀ: ଡାବର ଇଣ୍ଡିଆର ଡାବର ଚ୍ୟବନପ୍ରକାଶ ସୁଗାର ଫ୍ରି ପକ୍ଷରୁ ବିଶ୍ୱ ମଧୁମେହ ଦିବସ ଅବସରରେ ଆପ୍‌କା ଅଙ୍ଗ୍‌ରକ୍ଷକ ନାମକ ଏକ ସ୍ୱାସ୍ଥ୍ୟ ସଚେତନତା କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନ ଜଣେ ମଧୁମେହ ରୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକର ସୁସ୍ଥତା ବଜାୟ ରଖିବା ଓ ପ୍ରତିରୋଧକ ଶକ୍ତିର ଆବଶ୍ୟକତା ସମେତ ରକ୍ତ ସର୍କରା ସ୍ତର ଉନ୍ନତ ରଖିବା, ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଓ ସୁସ୍ଥ ରହିବାର ମହତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛି। ଡାବର ଇଣ୍ଡିଆର ହେଲ୍‌ଥ ସପ୍ଲିମେଣ୍ଟସ ବିଭାଗର ମାର୍କେଟିଂ ହେଡ୍ ଅମିତ ଗର୍ଗ କହିଛନ୍ତି, ଏକ ଆଇସିଏମ୍‌ଆର୍ ଅଧ୍ୟୟନ ଅନୁଯାୟୀ, ପ୍ରତି ୪ ଜଣରୁ ଜଣେ ଭାରତୀୟ ଡାଇବେଟିକ କିମ୍ବା ପ୍ରି-ଡାଇବେଟିକ୍ ଅଟନ୍ତି। ଡାଇବେଟିସ୍ ବା ମଧୁମେହ ଶରୀରରେ ଇନ୍‌ସୁଲିନ ସ୍ତରରେ ଅସ୍ଥିରତା ସୃଷ୍ଟି କରିଥାଏ ଯାହାଫଳରେ ରକ୍ତ ସର୍କରା ସ୍ତର ବୃଦ୍ଧି ପାଇଥାଏ। ଏହା ଶରୀରରେ କ୍ଷତିକାରକ ଫ୍ରି ରାଡିକାଲ୍‌ସ ସୃଷ୍ଟି କରିଥାଏ ଯାହା ଆମର ଆଖି, ହୃଦୟ, ଫୁସ୍‌ଫୁସ, କିଡ୍‌ନି, ଲିଭର ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ପ୍ରଭାବିତ କରିପାରେ ଏବଂ ଆମର ରୋଗ ପ୍ରତିରୋଧକ ଶକ୍ତିକୁ କ୍ଷତି ପହଞ୍ଚାଇପାରେ। ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ମଧୁମେହ ଦିବସ ଅବସରରେ ଏକ ହେଲ୍‌ଥ ସପ୍ଲିମେଂଟ ଭାବେ ଡାବର ଚ୍ୟବନପ୍ରକାଶ ସୁଗାରଫ୍ରି ପକ୍ଷରୁ ରୋଗ ପ୍ରତିରୋଧ ଶକ୍ତିକୁ ମଜବୁତ ରଖିବା, ସୁସ୍ଥ ଆହାର ସେବନ କରିବା ଓ ଫିଟ୍‌ନେସ୍ ସମେତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକର ସ୍ୱାସ୍ଥ୍ୟ ବଜାୟ ରଖିବା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ପାଇଁ ଆପ୍‌କା ଅଙ୍ଗ୍‌ରକ୍ଷକ କ୍ୟାମ୍ପେନ୍ ଲଞ୍ଚ୍ କରାଯାଇଛି।

## ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ: ଭାରତର ପ୍ରଥମ ତାଲିକାଭୁକ୍ତ ରିଟେଲ୍ ରିଟ୍ ୫୪୩୯୧୩ ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟ ୨୦୨୪ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସିକ ଫଳାଫଳ ପ୍ରକାଶ କରିଛି। ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦଲିପ ସେହଗଲ କହିଛନ୍ତି, ଋଆମେ ଆର୍ଥିକ ବର୍ଷ ୨୦୨୫ ର ଦ୍ୱିତୀୟ ତ୍ରୟମାସରେ ଆର୍ଥିକ ପ୍ରଦର୍ଶନ ଦେଖିଛୁ ଏବଂ ମଧ୍ୟମ ଉପଭୋକ୍ତା ପରିବେଶରେ ଖୁଚୁରା ନିଟ୍ ଅପରେଟିଂ ଆୟ ଅଭିବୃଦ୍ଧି ବାର୍ଷିକ ୫% ରହିଛି। ଏହି ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆର୍ଥିକ ବର୍ଷ ୨୫ ଆକଳନ ଅନୁଯାୟୀ ୩,୦୪୧ ନିୟୁତ ଟଙ୍କାର ପଞ୍ଚମ ବଣ୍ଟନ ଘୋଷଣା କରି ଆମେ ଆନନ୍ଦିତ। ୨୦୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସର ଏକ ଦୃଢ଼ ଆରମ୍ଭ ସହିତ, ଯେଉଁଥିରେ ଆମେ ଅକ୍ଟୋବର ୨୪ରେ ୧୮% ଉପଭୋକ୍ତା ଅଭିବୃଦ୍ଧି ଦେଖିଛୁ, ଆମେ ଆର୍ଥିକ ବର୍ଷ ୨୫ର ଦ୍ୱିତୀୟାର୍ଦ୍ଧରେ ଦୃଢ଼ ପ୍ରଦର୍ଶନ ଆଶା କରୁଛୁ । ଅକ୍ଟୋବର ୨୭ରେ ଦୀପାବଳି ପର୍ଯ୍ୟନ୍ତ ଆମେ ଆମର ସର୍ବାଧିକ ଗୋଟିଏ ଦିନ ବିକ୍ରି ରେକର୍ଡ କରିଛୁ । ଅଜୈବିକ ଅଭିବୃଦ୍ଧି କ୍ଷେତ୍ରରେ ଆମେ ଭେଗା ସିଟି ମଲ୍‌କୁ ଅଧିଗ୍ରହଣ କରିବାକୁ ଘୋଷଣା କରିଛୁ, ଯାହା ଏକ ସମୃଦ୍ଧ ଦକ୍ଷିଣ ବେଙ୍ଗାଲୁରୁ ପଡ଼ୋଶୀ ଅଚଂଳରେ ଏକ ଉଚ୍ଚ ଗୁଣବତା ଗ୍ରେଡ୍ -ଏ ସହରାଚଂଳ ଉପଭୋକ୍ତା କେନ୍ଦ୍ର, ଯେଉଁଥିରେ ଅନ୍ତର୍ଜାତୀୟ ଏବଂ ଘରୋଇ ବ୍ରାଣ୍ଡକୁ ନେଇ ଏକ ବିବିଧ ଭଡ଼ାଟିଆ ମିଶ୍ରଣ ରହିଛି ।

## ଓଡ଼ିଶାରେ ୫ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କ ଜୀବନରେ ରୂପାନ୍ତରଣ ଆଣିଛି ଡାଲମିଆ




ରାଜଗାଙ୍ଗପୁର(ଭାସ୍କର ନ୍ୟୁଜ): ଡାଲମିଆ ଭାରତ ଲିମିଟେଡ୍‌ର ଏକ ସହଯୋଗୀ କମ୍ପାନୀ ତଥା ଭାରତର ସିମେଣ୍ଟ ଶିଳ୍ପରେ ଦୀର୍ଘସ୍ଥାୟୀ କାର୍ଯ୍ୟାଭ୍ୟାସରେ ଏକ ଅଗ୍ରଣୀ ସଂସ୍ଥା ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ ତାହାର ଦୀର୍ଘସ୍ଥାୟୀ କୃଷି ପ୍ରୟାସ ପ୍ରୋଜେକ୍ଟ ଅନ୍ନଦାତା ଜରିଆରେ ଓଡ଼ିଶାର ଗ୍ରାମାଞ୍ଚଳରେ ଏକ ରୂପାନ୍ତରଣକାରୀ ପ୍ରଭାବ ପକାଉଛି। ପ୍ରାଥମିକ ଭାବରେ ୮୦୦ କୃଷକଙ୍କ ଉପରେ ଦୃଷ୍ଟିନିବଦ୍ଧ କରି ୨୦୨୩ରେ ଆରମ୍ଭ କରାଯାଇଥିବା ଏହି ପ୍ରକଳ୍ପ ତ୍ୱରିତ ଭାବରେ ସମ୍ପ୍ରସାରିତ ହୋଇ ସୁନ୍ଦରଗଡ ଜିଲ୍ଲାର ୩୧ଟି ଗ୍ରାମରେ ୫,୦୦୦ରୁ ଅଧିକ କୃଷକଙ୍କ ନିକଟରେ ପହଞ୍ଚିପାରିଛି। ପ୍ରୟାସର ସଫଳତା ସମ୍ପର୍କରେ ଚେତନ ଶ୍ରୀବାସ୍ତବ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ ରାଜଗାଙ୍ଗପୁର କହିଛନ୍ତି, ପ୍ରୋଜେକ୍ଟ ଅନ୍ନଦାତା ଡାଲମିଆ ସିମେଣ୍ଟର ଦୀର୍ଘସ୍ଥାୟୀ ଅଭିବୃଦ୍ଧି ଦୂରଦୃଷ୍ଟିର ପ୍ରତିନିଧିତ୍ୱ କରୁଛି- ଯେଉଁଠାରେ ଅର୍ଥନୈତିକ ପ୍ରଗତି ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ନେତୃତ୍ୱ ଏକ ସମୟରେ କାର୍ଯ୍ୟକାରୀ କରାଯାଉଛି। ଏହି ଅଞ୍ଚଳର ଅନେକ କୃଷକ ନିମ୍ନ ଉତ୍ପାଦିକତା, ସମ୍ବଳର ସୀମିତ ସୁଯୋଗ ଏବଂ ଦୀର୍ଘସ୍ଥାୟୀ କୃଷି ଅଭ୍ୟାସ ସମ୍ପର୍କରେ ସଚେତନତାର ଅଭାବ ଆଦିକୁ ନେଇ ସମସ୍ୟାରେ ରହିଥିଲେ। ଏହି ପ୍ରୟାସ ସେମାନଙ୍କର ଜୀବନକୁ କେବଳ ସୁଦୃଢ଼ କରୁନାହିଁ, ତାହାସହିତ ଉକ୍ତ ଅଞ୍ଚଳର ଖାଦ୍ୟ ନିରାପତ୍ତା ଏବଂ ପରିବେଶଗତ ଦୃଢ଼ତା ପ୍ରତି ମଧ୍ୟ ଅବଦାନ ରଖୁଛି। ଗୋଟିଏ ବର୍ଷରେ ଆମେ ଯାହା ହାସଲ କରିପାରିଛୁ ତାହାକୁ ନେଇ ଆମେ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛୁ ଏବଂ ଦାୟିତ୍ୱସମ୍ପନ୍ନ ବ୍ୟବସାୟ ପରିଚାଳନା ଅଭ୍ୟାସରେ ନୂତନ ମାନକ ସ୍ଥାପନ ପ୍ରୟାସ ଜାରି ରଖିବାକୁ ଆଗ୍ରହ ରଖୁଛୁ। ପ୍ରୋଜେକ୍ଟ ଅନ୍ନଦାତା ଜରିଆରେ ଡାଲମିଆ ଭାରତ ଗ୍ରାମାଞ୍ଚଳ କୃଷି କ୍ଷେତ୍ର ସମ୍ମୁଖୀନ ହେଉଥିବା ମୁଖ୍ୟ ମୁଖ୍ୟ ଚାଲେଞ୍ଜଗୁଡିକ ପ୍ରତି ସଫଳତାର ସହିତ ଦୃଷ୍ଟି ଦେଇଛି ଏବଂ ସେହି ସମୟରେ କୃଷକଙ୍କ ଜୀବିକାରେ ଉନ୍ନତି ଆଣିଛି। ଏକାଧିକ ଜାତିସଂଘ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ମୁତାବକ ଏହି ପ୍ରୋଜେକ୍ଟ ବୈଶ୍ୱିକ ଦୀର୍ଘସ୍ଥାୟିତା ପ୍ରତି ଅବଦାନ ରଖୁଛି ଏବଂ ଭାରତରେ ଗ୍ରାମାଞ୍ଚଳ ବିକାଶ ନିମନ୍ତେ ଏକ ରୂପାନ୍ତରଣକାରୀ ମଡେଲ ଭାବରେ କାର୍ଯ୍ୟ କରୁଛି।





ଆପଣ ମୋଟାପଣକୁ ନେଇ ଚିନ୍ତାରେ ଅଛନ୍ତି କି। ଅଁଳା ଜୁସ୍ ଆପଣଙ୍କୁ ମୋଟାପଣରୁ ଦୂରେଇ ରଖିବ। ଅଁଳା ଫଳରୁ ଜୁସ୍ ପ୍ରସ୍ତୁତ କରି ପିଅନ୍ତୁ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଥାଏ। ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଆୟୁର୍ବେଦରେ ଅଁଳା ଜୁସ୍ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଅଁଳା ଜୁସ୍ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ହଜମ ପ୍ରକ୍ରିୟା ଏବଂ କେଶ ଓ ଚର୍ମକୁ ମଜବୁତ କରିବା ପାଇଁ ଲାଭଦାୟକ ଅଟେ। ଏହାସହିତ ଅଁଳା ରସ ରକ୍ତଚାପ ଓ ମଧୁମେହକୁ ନିୟନ୍ତ୍ରଣ କରିବାରେ ମଧ ସାହାଯ୍ୟ କରିଥାଏ। ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଅଛି ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଅଁଳା ଜୁସ୍ ଘରେ ପ୍ରସ୍ତୁତ କରି ପିଇବାକୁ ଚେଷ୍ଟା କରନ୍ତୁ।



# ହବିଷ ଡାଲମା





**ପବିତ୍ର କାର୍ତ୍ତିକ ମାସର ପଞ୍ଚୁକ ଘରେ ଘରେ ଅରୁଆ ଅନ୍ନ ସାଙ୍ଗକୁ ପ୍ରସ୍ତୁତ ହେଉଛି ହବିଷ ଡାଲମା। ଏହା ଖାଇବାକୁ ଯେତିକି ସ୍ୱାଦିଷ୍ଟ, ପ୍ରସ୍ତୁତ କରିବା ବି ସେତିକି ସହଜ। ତେଣୁ ଆଜି ଆସନ୍ତୁ ଜାଣିବା ହବିଷ ଡାଲମାର ପ୍ରସ୍ତୁତ ପ୍ରଣାଳୀ...**

♦ **ଆବଶ୍ୟକ ସାମଗ୍ରୀ:** ମୁଗ ଡାଲି, କଦଳି, ସାରୁ, ଖମ୍ଭ ଆଳୁ, ପାଣି କଖାରୁ, କନ୍ଦମୂଳ,ଓଉ, ନଡ଼ିଆ କୋରା,ଅଦା, କ□ାଲଙ୍କା ଶୁଖିଲା ଲଙ୍କା, ଲୁଣ, ଗୁଆ ଘିଅ, ଜିରା।

♦ **ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମୁଗ ଡାଲିକୁ ଭଲ ଭାବେ ଧୋଇ ଦିଅନ୍ତୁ। ଗ୍ୟାସ୍‌ରେ ଏକ ହାଣ୍ଡି ବସାଇ ପାଣି ଗରମ କରନ୍ତୁ। ପାଣି ଫୁଟିଲେ ସେଥିରେ ପ୍ରଥମେ ମୁଗ ଡାଲି ପକାଇ ଦିଅନ୍ତୁ। ମୁଗ ଡାଲି ଅଧା ସିଝିଗଲେ ସେଥିରେ ସାରୁ, ଖମ୍ଭ ଆଳୁ, କନ୍ଦମୂଳ, ପାଣି କଖାରୁ ପକାଇ ଦିଅନ୍ତୁ। ପରିବା ଦରସିଝା ହୋଇଯିବା ପରେ ସେଥିରେ ଖଣ୍ଡ ଖଣ୍ଡ କଦଳି ସହ ଓଉକୁ ଅଧା ଛେଚିକି ପକାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ନଡ଼ିଆ କୋରା ଓ ଅଦା, କଞ୍ଚାଲଙ୍କା ଛେଚାକୁ ପକାନ୍ତୁ। ଏବେ ସେଥିରେ ଆବଶ୍ୟକ ମୁତାବକ ଲୁଣ ପକାଇ ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଗୁଆଘିଅ, ଶୁଖିଲା ଲଙ୍କା, ଜିରାର ଛୁଙ୍କ ପ୍ରସ୍ତୁତ କରନ୍ତୁ। ଡାଲମା ପ୍ରସ୍ତୁତ ହୋଇ ଆସିଲା ବେଳକୁ ସେଥିରେ ଏହି ଛୁଙ୍କ ପକାଇ ଘୋଡ଼ାଇ ଦିଅନ୍ତୁ। ଏହାପରେ ସେଥିରେ ଜିରା ଓ ଶୁଖିଲା ଲଙ୍କାରେ ପ୍ରସ୍ତୁତ ଗୁଣ୍ଡ ପକାଇ ଦିଅନ୍ତୁ। ଏବେ ଗରମଗରମ ଅରୁଆ ଭାତ ସହ ପରଷି ଦିଅନ୍ତୁ ହବିଷ ଡାଲମା। ଏହା ଖାଇବାକୁ ଖୁବ ସୁଆଦିଆ।

# କାର୍ତ୍ତିକ ପୂର୍ଣ୍ଣିମା

ହିନ୍ଦୁମାନଙ୍କର ପର୍ବ ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣମୀ ଅନ୍ୟତମ। ଏହା ଓଡ଼ିଆ ନୌବାଣିଜ୍ୟ ସହିତ ସମ୍ବନ୍ଧ ରଖିଥାଏ। ଓଡିଶାରେ ଓ ଓଡିଆ ଲୋକମାନଙ୍କପାଇଁ କାର୍ତ୍ତିକ ପୂର୍ଣ୍ଣିମାର ମହତ୍ୱ ସବୁଠାରୁ ନିଆରା । ଓଡିଆ ସାଧବ ପୁଅମାନେ ଏହି ଦିନ ବୋଇତ ନେଇ ବିଭିର୍ନ୍ନ ଦେଶ କୁ ଯାଉଥିଲେ ଏବଂ ସେଇଠୁ ଧନ ରତ୍ନ ନେଇଆସୁଥିଲେ। କାର୍ତ୍ତିକ ପୂର୍ଣ୍ଣିମା କୁ ତ୍ରିପୁରାରି ପୂର୍ଣ୍ଣିମା ଏବଂ ଦେବ ଦୀପାବଳୀ ମଧ କୁହାଯାଏ । କାର୍ତ୍ତିକ ପୂର୍ଣ୍ଣିମା ଦକ୍ଷିଣ ଭାରତ ଏବଂ ଶ୍ରୀଲଙ୍କା ରେ ମଧ ପାଳନ କରାଯାଇଥାଏ । କାର୍ତ୍ତିକ ମାସରେ ମୁଖ୍ୟତଃ ବିଷ୍ଣୁଙ୍କ ଆରାଧାନା କରାଯାଇଥାଏ । ହିନ୍ଦୁ ମାନଙ୍କର ଚତୁର୍ମାସ୍ୟା ଏକ ଧାର୍ମିକ ସମୟ । ଶ୍ରାବଣ , ଭାଦ୍ରବ , ଅଶ୍ୱିନ ଓ କାର୍ତ୍ତିକ ଚାରି ମାସ କୁ ଧରି ଚତୁର୍ମାସ୍ୟା ହୁଏ। ଚତୁର୍ମାସ୍ୟା ର ଶେଷ ମାସ ହେଲା କାର୍ତ୍ତିକ ମାସ । ତୁଳସୀ ଗଛର ମାହାତ୍ମ୍ୟ କାର୍ତ୍ତିକ ମାସରେ ବେଶ ଦେଖାଯାଇଥାଏ । ସକାଳୁ ମହିଳାମାନେ ଉଠି ତୁଳସୀ ଗଛ ର ଚାରି ପଟେ ସଫାକାରିଥାନ୍ତି , ସେଥିରେ ପଞ୍ଚମୁରୁଜରେ ବିଭିନ୍ନ ପ୍ରକାର ଚିତା ପକାଇ ଥାନ୍ତି ।ମୁଖ୍ୟତଃ ଜଗନ୍ନାଥ , ବଳଭଦ୍ର ଓ ସୁଭଦ୍ରାଙ୍କ ଛବି ଆଙ୍କିଥାନ୍ତି। କାର୍ତ୍ତିକ ମାସ ଏକ ଧର୍ମ ମାସ ସେଥିପାଇଁ ସକାଳୁ ଉଠି ଲୋକମାନେ ସ୍ନାନ କରିଥାନ୍ତି , ଦାନ କରିଥାନ୍ତି ଓ ମାସ ମାସ ସାରା ସାତ୍ୱିକ ଭୋଜନ କରିଥାନ୍ତି । କାର୍ତ୍ତିକ ମାସ ରେ ବିଷ୍ଣୁଙ୍କର ଓ ଶିବଙ୍କର ଆରାଧନା କରାଯାଇଥାଏ ।





ତେଲୁଗୁ ଫିଲ୍ମ 'ମଟ୍‌କା'ରେ ବରୁଣଙ୍କ ସହ ସ୍କ୍ରିନ୍ ସେୟାର କରିବେ ନୋରା ଫତେହି। ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ସେ ଫିଲ୍ମ ବିଷୟରେ ଅନେକ କଥା ସେୟାର କରିଛନ୍ତି। ଫିଲ୍ମ ସୁଟିଂ ସମୟରେ ସେ ଆହତ ହୋଇଥିଲେ। ତଥାପି ସୁଟିଂ ଜାରି ରଖିଥିଲେ। ଏ ବିଷୟରେ ନୋରା କହିଛନ୍ତି, ଦୀର୍ଘ ୭ ବର୍ଷ ପରେ ତେଲୁଗୁ ଫିଲ୍ମରେ ଅଭିନୟର ସୁଯୋଗ ମିଳିଛି। ତେଣୁ ଆହତ ଯୋଗୁ ସୁଟିଂ ଅଟକାଇବାକୁ ଚାହୁଁନଥିଲେ। ଫିଲ୍ମଟି ତେଲୁଗୁ ସମେତ ହିନ୍ଦୀ, ତାମିଲ, କନ୍ନଡ଼ ଓ ମାଲାୟାଲମ୍‌ରେ ମୁକ୍ତିଲାଭ କରିବ। 'ମଟ୍‌କା'ରେ ନୋରା ସୋଫିଆ ଭୂମିକାରେ ଅଭିନୟ କରିଛନ୍ତି, ଯିଏକି ଜଣେ କ୍ୟାବ୍‌ରେ ଡ୍ୟାନ୍ସର। ଫିଲ୍ମରେ ନୋରାଙ୍କର ଅଲଗା ଲୁକ୍ ଦେଖିବାକୁ ମିଳିବ।

# ତେଲୁଗୁ ଫିଲ୍ମ 'ମଟ୍‌କା'ରେ ବରୁଣଙ୍କ ସହ ସ୍କ୍ରିନ୍ ସେୟାର କରିବେ ନୋରା

ତେଲୁଗୁ ଭାଷାରେ କଥା ହେବା ତାଙ୍କ ପାଇଁ ସବୁଠୁ ମୁସ୍କିଲ ଥିଲା। ନିର୍ଦ୍ଦେଶକ ତାଙ୍କ ଚରିତ୍ର ଓ ଭାଷା ଉପରେ ବହୁତ କାମ କରିଛନ୍ତି। ପ୍ରଥମ ଦିନ ବରୁଣଙ୍କ ସହ ତାଙ୍କର ସୁଟିଂ ଥିଲା। ଡାଇଲଗ୍ ଏତେ ଲମ୍ବା ଥିଲା ଯେ ସେ ରାତିସାରା ଶୋଇପାରି ନଥିଲେ। ଏକ ଗୀତ ଜରିଆରେ ଫିଲ୍ମରେ ନୋରାଙ୍କ ଏଣ୍ଟ୍ରି ହୋଇଛି। ସେଇ ଗୀତ ସୁଟିଂ ସମୟରେ ସେ ଆହତ ହୋଇଥିଲେ । କିନ୍ତୁ ଫିଲ୍ମର ସୁଟିଂ ୫ ଦିନରେ ଶେଷ କରିବାର ଥିଲା। ତେଣୁ ଯନ୍ତ୍ରଣାକୁ ଖାତିର ନ କରି ସେ ସୁଟିଂ ଜାରି ରଖିଲେ। ଜଣେ ଅଭିନେତ୍ରୀ ଭାବେ ଫିଲ୍ମରେ କାମ କରିବା ତାଙ୍କ ପାଇଁ ଏକ ଭିନ୍ନ ଯାତ୍ରା ବୋଲି ନୋରା କହିଛନ୍ତି। ଦୀର୍ଘ ୭ ବର୍ଷ ହେଲା ନୋରା ତେଲୁଗୁ ଇଣ୍ଡଷ୍ଟ୍ରିରେ କାମ କରିଆସୁଛନ୍ତି। ଅନେକ ଗୀତରେ ସେ ନୃତ୍ୟ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଥର ଜୁନିୟର ଏନ୍‌ଟିଆରଙ୍କ ଫିଲ୍ମ 'ଟେମ୍ପର'ର ଗୀତରେ ସେ ନଜର ଆସିଥିଲେ। ପୂର୍ବରୁ ବରୁଣ ତେଜଙ୍କ ଫିଲ୍ମରେ ଏକ ଗୀତରେ ଅଭିନୟ କରିଥିଲେ। ଏବେ ତାଙ୍କ ସହ ଫିଲ୍ମରେ କାମ କରିବାର ସୁଯୋଗ ପାଇଁ ନୋରା ଖୁବ୍ ଖୁସି।




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବରଗଡ(ଭାସ୍କର ନ୍ୟୁଜ): ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲଙ୍କ ଜନ୍ମଦିନ ଉପଲକ୍ଷେ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରୋଟାରୀକ୍ଲବର ସଭାପତି ରୋଟାରୀଆନ୍ ଦଶରଥ ଅଗ୍ରୱାଲ , ସ୍କୁଲ ଚେୟାରମେନ୍ ରୋଟାରୀଆନ୍ ସୁରେଶ କେଜ୍ରିୱାଲ, ରୋଟାରୀଆନ୍ ଗୋବିନ୍ଦ ଦାଶ ତଥା ରୋଟାରୀଆନ୍ ଶ୍ରବଣ ଲାଠ ମିଳିତ ଭାବେ ଉଦ୍ଘାଟନ କରିଥିଲେ। ସ୍କୁଲର ଅଧକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର , ଉପାଧକ୍ଷ ଡୋଲାମଣି ପୋଡଙ୍କ ତତ୍ୱବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମ କୁ ଶିକ୍ଷକ ସନ୍ଦୀପ ମହାପାତ୍ର, ଶିକ୍ଷୟିତ୍ରୀ ଅନୁସୂୟା ମଲ୍ଲିକ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାମାନଙ୍କ ମନୋରଂଜନ ପାଇଁ ନୃତ୍ୟ, ଗୀତ. ଡ୍ରାମା, କୀର୍ତନ, ଲାଇଫ୍ ପେନ୍‌ଟିଙ୍ଗ ଆଦି ପରିବେଷଣ କରିଥିଲେ। ସମ୍ରାଟ ରୁଦ୍ର ନାୟକ ଇଂଣ୍ଡିଆ ବୁକ୍ ଅଫ୍ ରେକର୍ଡ୍‌ରେ ସ୍ଥାନିତ ହୋଇଥିବାରୁ ସ୍କୁଲ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀଆନ୍ ଦିବ୍ୟରାଜ ମେହେର, ରୋଟାରୀଆନ୍ ବିରେନ୍ଦ୍ର ଶତପଥି , ରୋଟାରୀଆନ୍ ରୋହନ ରଥ ଉପସ୍ଥିତ ଥିଲେ। ଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ରୋଟାରୀ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ସରକାରୀ ମେଡିକାଲ କଲେଜକୁ ଅପେକ୍ଷା

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଅସମ୍ଭାଳ ଭିଡ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝରରେ ଧରଣୀଧର ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ରୋଗୀ ସେବା ବିଳମ୍ବ ଯୋଗୁଁ ତଥା ଆରମ୍ଭ ନ ହେବା କାରଣରୁ ସାଧାରଣ ରୋଗୀ ହନ୍ତସନ୍ତ ହେଉଛନ୍ତି । କେନ୍ଦୁଝର ଧରଣୀଧର ମେଡିକାଲ କଲେଜ କ୍ୟାମ୍ପସ୍‌ରେ କେବଳ ପାଠପଢା ଚାଲିଥିବା ବେଳେ ହସ୍ପିଟାଲ ଏବେ ମଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଛି। ପାଖାପାଖି ୪୩୦ କୋଟି ଟଙ୍କା ବ୍ୟୟରେ ୪୪.୬୦ ଏକର ଜମିରେ ନିର୍ମିତ ୫୦୦ ଶଯ୍ୟା ବିଶିଷ୍ଟ ଏହି ମେଡିକାଲ କଲେଜ ସାଧାରଣ ରୋଗୀ ସେବାରେ ଲାଗିପାରୁ ନାହିଁ। ଅଦ୍ୟାବଧି ମାତ୍ର ୪ଟି ବିଭାଗର ଓପିଡି ମେଡିକାଲ କଲେଜରେ ଚାଲିଛି। ଭିତ୍ତିଭୂମି ଅଭାବରୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଓପିଡି ଖୋଲିବାରେ ବିଳମ୍ବ ହେଉଛି। ସେହିପରି ଟ୍ରମା କେୟାର ଆରମ୍ଭ ହୋଇନଥିବାରୁ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଜରୁରୀ ତ୍ୱରିତ ଚିକିତ୍ସା ମିଳିପାରୁନାହିଁ। ପ୍ରକାଶ ଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର ତଥା ପଡ଼ୋଶୀ ମୟୂରଭଞ୍ଜ, ଦେବଗଡ଼, ଭଦ୍ରକ ଆଦି ଜିଲ୍ଲା ବ୍ୟତୀତ ଝାଡଖଣ୍ଡ ରାଜ୍ୟର ରୋଗୀମାନେ ମଧ ନିର୍ଭର କରିଥାନ୍ତି। କେନ୍ଦୁଝରରେ





ମେଡିକାଲ କଲେଜ ପ୍ରତିଷ୍ଠା ହେବା ପରେ ଏହାର ଚାହିଦା ବଢିଯାଇଛି। କିନ୍ତୁ ମେଡିକାଲ କଲେଜ କ୍ୟାମ୍ପସ୍‌ରେ ଡାକ୍ତରଖାନା ଚାଲି ନଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ଭିଡ ଜମୁଛି। ଫଳରେ ସ୍ଥାନ ଅଭାବରୁ ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷ କରି ବାହାରୁ ଆସୁଥିବା ରୋଗୀ ନାହିଁ ନ ଥିବା ଅସୁବିଧାକୁ ସାମ୍ନା କରିବାକୁ ପଡୁଛି। ଏପରିକି ସୁପର ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ଦେଖାଇବା ପାଇଁ ପୂର୍ବ ଦିନରୁ ରୋଗୀ ଆସି ରାତିରୁ ଲାଇନରେ ଟିକେଟ କରି ଅପେକ୍ଷା କରୁଛନ୍ତି। ସୂଚନାଯୋଗ୍ୟ ଯେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଉଟଡୋରକୁ ଦୈନିକ ପ୍ରାୟ ୨ହଜାରରୁ ଉର୍ଦ୍ଧ ରୋଗୀ ଆସୁଥିବା ବେଳେ ଇନଡୋର ରୋଗୀ ପାଖାପାଖି ୫୦୦ ରୋଗୀ ଆସିଥାନ୍ତି। ମେଡିକାଲରେ ୨୧ଟି କ୍ଲିନିକାଲ ବିଭାଗ ଓ ନନ୍ କ୍ଲିନିକାଲ ବିଭାଗ ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ମେଡିକାଲ କଲେଜର ଡାକ୍ତରଙ୍କ ସମେତ ଡିଏମ୍ଏଫ ଅର୍ଥରେ ନିୟୋଜିତ ସୁପର ସ୍ପେଶାଲିଷ୍ଟ ଡାକ୍ତରମାନେ ରୋଗୀ ଚିକିତ୍ସା କରୁଥିଲେ ମଧ ଅନେକ ସମୟରେ ସ୍ଥାନ ଅଭାବରୁ ଏବଂ ରୋଗୀଙ୍କ ପାଇଁ ବିଶ୍ରାମ କକ୍ଷ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ତଥା ଭୂଇଁରେ ବସି ଓ ଶୋଇ ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ରୋଗୀ ଦେଖାଇବାକୁ ଆସୁଥିବା ରୋଗୀଙ୍କୁ ସଂକ୍ରମଣ ଆଶଙ୍କା ରହୁଛି। ଏଣୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଓପିଡି ଖୋଲିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହେଉଛି। ଅନେକ ସମୟରେ ବିଭିନ୍ନ ପ୍ରକାର ପରୀକ୍ଷା ହୋଇପାରୁ ନଥିବାରୁ ଗରିବ ଲୋକେ ବାହାରେ ପରୀକ୍ଷା କରି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ସେହିପରି ନିରାମୟର ଅନେକ ଜରୁରୀ ଔଷଧ ମିଳୁନାହିଁ। ଏହାଦ୍ୱାରା ବାହାର ମେଡିସିନ ଦୋକାନୀ, ଘରୋଇ କ୍ଲିନିକ, ନର୍ସିଂହୋମ ମାଲିକମାନେ ଲାଭବାନ ହେଉଥିବା ବେଳେ ରୋଗୀ ଶୋଷଣର ଶିକାର ହେଉଛନ୍ତି। ଦାୟିତ୍ୱରେ ଥିବା ଡ଼ାକ୍ତରମାନେ ପୂର୍ବାହ୍ନ ସାଢେ ୯ଟା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଉନଥିବାରୁ ରୋଗୀଙ୍କ ଲମ୍ବା ଧାଡି ଉଭୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଅସ୍ତବ୍ୟସ୍ତ କରିପକାଇଥାଏ। ସକାଳ ୮ଟାରୁ ଡ଼ାକ୍ତର ନିଜ ନିଜ ଦାୟିତ୍ୱରେ ନିୟୋଜିତ ହେବାକୁ ଧାର୍ଯ୍ୟ ହୋଇଥିଲେ ହେଁ ସହରର ବିଭିନ୍ନ ଘରୋଇ ଚିକିତ୍ସାଳୟ ଓ ଔଷଧ ଦୋକାନରେ ସରକାରୀ ଚିକିତ୍ସାଳୟ ଦାୟିତ୍ୱରେ ଥିବା ବିଶେଷଜ୍ଞ ଡ଼ାକ୍ତର ପୂର୍ବାହ୍ନ ସାଢେ ୯ଟା ପର୍ଯ୍ୟନ୍ତ ଚିକିତ୍ସା ଆଳରେ ରୋଗୀଙ୍କୁ ଶୋଷଣ କରୁଥିଲେ ହେଁ ଏଥିପ୍ରତି ଦାୟିତ୍ୱରେ ଥିବା ଅଧିକାରୀ ଆଖିବୁଜି ଦେବା ସରକାରୀ ଚିକିତ୍ସାଳୟକୁ ଆସୁଥିବା ରୋଗୀଙ୍କୁ ନିରାଶ କରିଛି। କେବଳ ସକାଳ ସମୟରେ ନୁହେଁ ଯେନତେନ ପ୍ରକାରେ ନିଜୟ ଦାୟିତ୍ୱ ସମ୍ପାଦନ କରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏବଂ ପୁଣି ସନ୍ଧ୍ୟା ୬ରୁ ରାତି ୮ଟା ପର୍ଯ୍ୟନ୍ତ ଘରୋଇ ଚିକିତ୍ସା ଆଳରେ ରୋଗୀ ଶୋଷଣ କରିବେ ସେଥିରେ ବ୍ୟସ୍ତ ରହୁଥିଲେ ବି ଏଥିପ୍ରତି ବିଭାଗୀୟଙ୍କ ନୀରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଡ଼ାକ୍ତରଙ୍କ ଦୀର୍ଘ ସମୟ ଅନୁପସ୍ଥିତି ନୁହେଁ, ବରଂ ବିଭିନ୍ନ ସମସ୍ୟା ମଧ ରୋଗୀଙ୍କୁ ନିରାଶ କରିଛି। କେନ୍ଦୁଝର ସହରାଞ୍ଚଳର ଲୋକଙ୍କ କହିବା କଥା ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଯାଉଛନ୍ତି କିନ୍ତୁ ଭିଡ଼ ଦେଖି ଫେରିଆସୁଛନ୍ତି। କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭିନ୍ନକ୍ଷମ, ଗୋଡ ଭାଙ୍ଗିଥିବା ରୋଗୀ ଏବଂ ବରିଷ୍ଠ ନାଗରିକଙ୍କୁ ୱାର୍ଡକୁ ନେବା ପାଇଁ ଷ୍ଟ୍ରେଚର ସୁବିଧା ମିଳୁନାହିଁ। ଏଥିପାଇଁ କର୍ମଚାରୀ ଥିଲେ ମଧ୍ୟ ରୋଗୀ ଆସିଲେ ସେମାନଙ୍କ ଦେଖାଦର୍ଶନ ମିଳୁନାହିଁ। ମେଡ଼ିକାଲ କଲେଜ ପରିସରରେ ଚିକିତ୍ସା ବ୍ୟବସ୍ଥା କରାଗଲେ ଅସୁବିଧା ରହିବ ନାହିଁ। ଛୁଆପିଲା, ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧ ଏବଂ ରୋଗୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବାରୁ ତୁରନ୍ତ ମେଡ଼ିକାଲ କଲେଜ ପରିସରକୁ ଡ଼ାକ୍ତରଖାନା ସ୍ଥାନାନ୍ତର କରିବା ଆବଶ୍ୟକ ବୋଲି ମତବ୍ୟକ୍ତ ହୋଇଛି।

## ଡାକ୍ତର ସମସ୍ୟା ନେଇ ମନ୍ତ୍ରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କଲେ ମଣ୍ଡଳ ସମ୍ପାଦକ

ବେତନଟୀ(ଭାସ୍କର ନ୍ୟୁଜ): ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଦିନରୁ ଡାକ୍ତର ଅଭାବ ଲାଗିରହିଥିବା ବେଳେ ବଡ଼ସାହି ବିଧାୟକ ସନାତନ ବିଜୁଳି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଦୁଇଜଣ ଡାକ୍ତରଙ୍କୁ ବେତନଟୀ ଡାକ୍ତରଖାନାରେ ସରକାରଙ୍କ ଚିଠି ନମ୍ବର ୨୭୩୬୬ ନିଯୁକ୍ତି ଦିଆଯାଇଥିଲା । କିନ୍ତୁ ଭେଷଜ ବିଶେଷଜ୍ଞ ଡାକ୍ତର ଯୋଗଦେଇଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ଡାକ୍ତର ଯୋଗଦେଇ ନଥିଲେ। ଏହି ଅଭିଯୋଗ ନେଇ ୩୫ ନମ୍ବର ମଣ୍ଡଳ ସମ୍ପାଦକ ଜୀବନ କୁମାର ପରିଡ଼ା ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ଆସିଥିବା ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଓ ବିଧାୟକ ସନାତନ ବିଜୁଳିଙ୍କ ସହ ବେତନଟୀ ଡାକ୍ତରଖାନାରେ ଡାକ୍ତର ସମସ୍ୟା ବାବଦରେ ଦୃଷ୍ଟି ଆକର୍ଷଣ କରିବା ସହ ସେହି ବାବଦରେ ଆଲୋଚନା କରିଥିଲେ। ଆଲୋଚନାରେ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ରବୀନ୍ଦ୍ର ମହାନ୍ତି, ଯୁବନେତା ବିକାଶ ଦାସ, ଚନ୍ଦ୍ରଶେଖର ବେରା, ପ୍ରଶାନ୍ତ ନାଥ, ବୀରକିଶୋର ବିଶ୍ୱାଳ, ସଞ୍ଜୀବ ଜେନା, କେଶବ ନାଥ, ମନୋଜ କୁମାର ପଣ୍ଡାଙ୍କ ସମେତ ବେତନଟୀ ମଣ୍ଡଳର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ୮ ଦିନ ହେଲା ମାନସିକ ଅନଗ୍ରସର ଯୁବତୀ ନିଖୋଜ

କଣାସ(ଭାସ୍କର ନ୍ୟୁଜ): କଣାସ ବ୍ଲକ ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱୋଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ମାନସିକ ଅନଗ୍ରସର ବିଭାଗରେ ରହୁଥିବା ରିତା ୨୫ବର୍ଷର ଜଣେ ଯୁବତୀ ଗତ ୬ତାରିଖ ଠାରୁ ନିଖୋଜ ହୋଇଯାଇଥିବା ଉକ୍ତ ବିଭାଗର ଅଧକ୍ଷିକ ଜୟଶ୍ରୀ ସରାପ୍ କଣାସ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ପାଇବାପରେ କଣାସ ଥାନା ପୋଲିସ୍ ୫୭/୨୦୨୪ରେ ଏକ ମିସ୍‌କେସ୍ ଦାୟର କରି ତଦନ୍ତ କରୁଥିବା ପୋଲିସ୍ ଠାରୁ ପ୍ରକାଶ । ଉକ୍ତ ଯୁବତୀ ୦୧.୦୬.୨୦୨୩ ମସିହାରେ କଟକ ମାନସିକ ଅନଗ୍ରସର ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଥିଲା । ଦୀର୍ଘ ୮ଦିନ ବିତି ଯାଇଥିଲେ ମଧ ଯୁବତୀର କୌଣସି ସଂନ୍ଧାନ ମିଳିନଥିବା ପୋଲିସ୍ ଠାରୁ ପ୍ରକାଶ ।

## ଶିକ୍ଷା ଅଧିକ୍ଷକଙ୍କ ବିୟୋଗରେ ଶୋକ

ଫୁଲନଖରା(ଭାସ୍କର ନ୍ୟୁଜ): ମାଧମିକ ଶିକ୍ଷା ପରିଷଦ ଅଧିକ୍ଷକ ସତ୍ୟନାରାୟଣ ମହାରଣା (୫୬)ଙ୍କ ବିୟୋଗରେ ଏକ ଶ୍ରଦ୍ଧାଳି ସଭା ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜୋନ ସହ ସମ୍ପାଦିକା ମନୋରମା ଦାସ, ପ୍ରଭାସ ମହାନ୍ତି, ପଦ୍ମଲୋଚନ ଜେନା, କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ବିକ୍ରମ ପଟ୍ଟନାୟକ, ପ୍ରଦୀପ୍ତ କୁମାର ସାହୁ, ସୁବୋଧ କୁମାର ମହାନ୍ତି, ପ୍ରଦୀପ ମହାନ୍ତି, ନାଗରାଜ ଦାସ, ଅନନ୍ତ ସୋରେନ, ସୂର୍ଯ୍ୟକାନ୍ତ ମୁଳିଆ, ପାର୍ଥସାରଥି ପଣ୍ଡା, ଅଭିଜିତ ଆନନ୍ଦପ୍ରକାଶ, ଦେବାଶିଷ ଜେନା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ। ଏହି ଅବସରରେ ଦୁଇ ମିନିଟ ନିରବ ପ୍ରାର୍ଥନା ହୋଇଥିଲା। ମାଧମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ଅଧିକ୍ଷକ ପ୍ରଦ୍ୟୁମ୍ନକୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାରେ ମିଶନ ଶକ୍ତି ସ୍କୁଟି ଯୋଜନା ବାଟବଣା

ମାଲକାନଗିରି(ଭାସ୍କର ନ୍ୟୁଜ): ମିଶନ ଶକ୍ତି ସହ ସମ୍ପୃକ୍ତ ମହିଳାଙ୍କ ପାଇଁ ତତ୍କାଳୀନ ସରକାର ମୋ ସ୍କୁଟି ଯୋଜନା କାର୍ଯ୍ୟକାରୀ କରିଥିଲେ। ଜିଲ୍ଲାର ୭ଟି ବ୍ଲକରେ ୨୯୧୯ ଜଣ ମହିଳାଙ୍କୁ ମୋ ସ୍କୁଟି ପ୍ରଦାନ ନେଇ ଟାର୍ଗେଟ ରହିଥିଲା । ଏଥିପାଇଁ ଜିଲ୍ଲାର ମାତ୍ର ୪୦୦ ଜଣ ହିଁ ଆବେଦନ କରିଥିବା ବେଳେ ୩୧୦ ଜଣ ସ୍କୁଟି ଯୋଜନାର ଲାଭ ଉଠାଇଥିଲେ। ମାତ୍ର ୧୦ ପ୍ରତିଶତ ମହିଳା ହିଁ ଏହି ଯୋଜନାରେ ସାମିଲ ହୋଇପାରିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଯୋଜନାରେ ସାମିଲ ନେଇ ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତ ପାଇଁ ୨୯୦ଟି ସ୍କୁଟି ପ୍ରଦାନ ଟାର୍ଗେଟ ରହିଥିବା ବେଳେ ମାତ୍ର ୩୭ ଜଣ ମହିଳା ହିଁ ଏହି ଯୋଜନାରେ ସାମିଲ ହୋଇପାରିଛନ୍ତି। ସେହିପରି କାଲିମେଲା ବ୍ଲକର ୨୩ଟି ପଞ୍ଚାୟତ ପାଇଁ ୭୫୨ଟି ସ୍କୁଟି ପ୍ରଦାନ ନେଇ ଟାର୍ଗେଟ ରହିଥିବା ବେଳେ ମାତ୍ର ୬୦ ଜଣ ହିଁ ସାମିଲ ହୋଇଛନ୍ତି। ଖଇରପୁଟ ବ୍ଲକର ୧୧ଟି ପଞ୍ଚାୟତରେ ୧୫୨ଟି ସ୍କୁଟି ପ୍ରଦାନ ନେଇ ଟାର୍ଗେଟ ରହିଥିବା ବେଳେ ମାତ୍ର ୭ ଜଣ ସ୍କୁଟି କ୍ରୟ କରିଛନ୍ତି। କୋରୁକୋଣ୍ଡା ବ୍ଲକର ୧୨ଟି ପଞ୍ଚାୟତରେ ୨୯୪ଟି ସ୍କୁଟି ଟାର୍ଗେଟ ରହିଥିବା ବେଳେ ୧୮ ଜଣ ହିଁ ସ୍କୁଟି କ୍ରୟ କରିଛନ୍ତି। ମାଲକାନଗିରି ବ୍ଲକର ୧୯ଟି ପଞ୍ଚାୟତ ପାଇଁ ୬୦୦ଟି ସ୍କୁଟି ପ୍ରଦାନ ନେଇ ଟାର୍ଗେଟ ରହିଥିବା ବେଳେ ମାତ୍ର ୫୩ ଜଣ ମହିଳା ସ୍କୁଟି ପାଇଁ ଋଣ ନେଇଥିଲେ। ସେହିପରି ମାଥିଲି ବ୍ଲକର ୨୦ଟି ପଞ୍ଚାୟତ ପାଇଁ ୫୫୧ଟି ସ୍କୁଟି ପ୍ରଦାନ ନେଇ ଟାର୍ଗେଟ ରହିଥିଲା। କିନ୍ତୁ ୬୯ ଜଣ ଏହି ଯୋଜନାରେ ସାମିଲ ହୋଇଛନ୍ତି। ପଡିଆ ବ୍ଲକର ୮ଟି ପଞ୍ଚାୟତ ପାଇଁ ୨୮୦ଟି ସ୍କୁଟି ପ୍ରଦାନ କରାଯିବାର ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ମାତ୍ର ୬୬ ଜଣ ସ୍କୁଟି କିଣିଛନ୍ତି। ଖଇରପୁଟ ବ୍ଲକରେ ମାତ୍ର ୪ ପ୍ରତିଶତ ମହିଳା ହିଁ ଏହି ଯୋଜନାରେ ସାମିଲ ହୋଇପାରିଛନ୍ତି। ତେବେ ବହୁ ମହିଳା ବ୍ୟାଙ୍କରୁ ଋଣ ନେଇ ସ୍କୁଟି କିଣିବାକୁ ଚାହୁଁ ନଥିଲେ। କାରଣ ସେମାନଙ୍କ ଦରମା ମାତ୍ର ୪ ହଜାର ଟଙ୍କା ଥିବା ବେଳେ ନିୟମିତ ମାସକୁ ଦରମା ମିଳୁନଥିଲା । ପୁଣି ସ୍କୁଟି ଯେକୌଣସି ପ୍ରକାର କିଣିବା ପରେ ସ୍କୁଟିରେ ପେଟ୍ରୋଲ ପକାଇବା ପାଇଁ ଅର୍ଥର ଅଭାବ ରହିଥିବାରୁ ସ୍କୁଟି କିଣିନଥିବା ବହୁ ମହିଳା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ପଞ୍ଚାୟତସ୍ତରରେ ରହିଥିବା ଫେଡେରେସନ ସଦସ୍ୟା, ୭ଟି ବ୍ଲକର ଫେଡେରେସନ ସଭାପତି, ସଂପାଦକ, ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, ବିସିଏ ପ୍ରମୁଖ ଏହି ଯୋଜନାରେ ଆବେଦନ କରିପାରିବେ। କିନ୍ତୁ ଏମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ ନଥିବାରୁ ସ୍କୁଟି ଯୋଜନାରେ ଆବେଦନ କରି ମଧ ସ୍କୁଟି ପାଇଁ ଋଣ ନେଇନଥିଲେ। ମାଲକାନଗିରି ଜିଲ୍ଲାରେ ମୋ ସ୍କୁଟି ଯୋଜନା ଏକ ପ୍ରକାର ବାଟବଣା ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ସାପ କାମୁଡ଼ା ଏବଂ ବଜ୍ରାଘାତ ସଚେତନତା



ନବରଙ୍ଗପୁର(ଭାସ୍କର ନ୍ୟୁଜ): ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁମ୍ପାଗୁଡାର ସମ୍ମିଳନୀ କକ୍ଷରେ ସାପ କାମୁଡ଼ା ଏବଂ ବଜ୍ରାଘାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୁମ୍ପାଗୁଡା ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ଆଶାକର୍ମୀଙ୍କୁ ଜିଲ୍ଲା ଜରୁରିକାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ । ପ୍ରକାଶଥାଉ କି, ବିଭିନ୍ନ ସମୟରେ ସାପ କାମୁଡ଼ାରେ ଆହତ ବ୍ୟକ୍ତିଙ୍କୁ ଲୋକମାନେ ସ୍ଥାନୀୟ ଚିକିତ୍ସାଳୟକୁ ନେବା ବଦଳରେ ଗୁଣି ଗାରେଡ଼ି ଜରିଆରେ ଚିକିତ୍ସା କରନ୍ତି । ଯଦ୍ୱାରା କି ବିଭିନ୍ନ ସମୟରେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁ ମୁଖର ସମ୍ମୁଖୀନ ହୁଅନ୍ତି । ସାପ କାମୁଡ଼ିବା ସମୟରେ ତୁରନ୍ତ ଚିକିତ୍ସାଳୟ ଏବଂ ଉପଯୁକ୍ତ ପ୍ରାଥମିକ ଚିକିତ୍ସାର ନିର୍ଦ୍ଦେଶାବଳୀ ଅନୁସରଣ କରିବା ଏବଂ ବିପଦପୂର୍ଣ୍ଣ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବା ପାଇଁ ଶ୍ରୀ ପଟ୍ଟନାୟକ ଉପସ୍ଥିତ ଥିବା ଆଶା କର୍ମୀଙ୍କୁ ତାଲିମ ଦେଇଥିଲେ । ସେହିପରି ବଜ୍ରପାତ ଏକ ସ୍ଥାନୀୟ ପ୍ରାକୃତିକ ବିପର୍ଯ୍ୟୟ ଘଟଣା । ଯାହା ଦୃତ ଗତିରେ ଜଳବାୟୁ ପରିବର୍ତ୍ତନର କାରଣ ଯୋଗୁଁ ବଢିଚାଲିଛି । ଏହାର ମୌଳିକତା ଗଠନ ଏବଂ ସୁରକ୍ଷା ବ୍ୟବସ୍ଥା ଦ୍ୱାରା ନିଜକୁ ଏବଂ ନିଜର ପ୍ରିୟ ଲୋକଙ୍କୁ ସୁରକ୍ଷା କରିବାରେ ସାହାଯ୍ୟ କରିପାରେ ବୋଲି ଉପସ୍ଥିତ ଥିବା ସମସ୍ତଙ୍କୁ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧରେ ଗୁମ୍ପାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡଃ ତରୁଣ କୁମାର ପଟ୍ଟନାୟକ, ଆୟୁଷ ଚିକିତ୍ସା ଅଧିକାରୀ ଡଃ ଅଜୟ କୁମାର ମିର୍ଦ୍ଧା, ଫାର୍ମାଶିଷ୍ଟ ଏମ. ଶିବପ୍ରସାଦ, ସ୍ୱାସ୍ଥ୍ୟ ପରିଦର୍ଶିକା ମନ୍ଦିରା କିରଶାନ, ଶାହିନା କୌଶର, ମଗଂରୀ ଭତ୍ରା ଜିଲ୍ଲା ଜରୁରିକାଳୀନ ବିଭାଗର ବିଭାଗୀୟ ଅଧିକାରୀ ତ୍ରିପତି ବାଲାଜୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୟ କିଷାନ ଏମ୍‌ପିସିଏସ୍‌ରେ ସମବାୟ ସପ୍ତାହ ପାଳିତ

ରଘୁନାଥପୁର(ଭାସ୍କର ନ୍ୟୁଜ): ଗୁରୁବାର ତାରପୁରସ୍ଥିତ ଜୟ କିଷାନ ମଲଟିପ୍ରପୋଜ କୋପରେଟିଭ ସୋସାଇଟରେ ମହାଆଡ଼ମ୍ବରରେ ସମବାୟ ଦିବସ ପାଳନ ହୋଇଯାଇଛି । ଉକ୍ତ ଉତ୍ସବରେ ଅନୁଷ୍ଠାନର ସଭାପତି ଚଣ୍ଡୀପ୍ରସାଦ ସିଂହ ଯୋଗଦେଇ ସମବାୟ ପତାକା ଉତ୍ତୋଳନ କରି ଏହାର ଉଦ୍‌ଘାଟନ କରିଥିଲେ । ଏହିଅବସରରେ ମିଳିତ ସମବାୟ ସଂଗୀତ ଗାୟନ କରାଯାଇ ସମସ୍ତଙ୍କୁ ସମବାୟ ପ୍ରତି ଅଙ୍ଗୀକାରବଦ୍ଧ ହେବାକୁ ଶ୍ରୀ ସିଂହ ଆହ୍ୱାନ ଜଣାଇଥିଲେ । ଏଥିରେ ଅନୁଷ୍ଠାନର ସମ୍ପାଦକ ନିମାଇଁ ଚରଣ ମହାନ୍ତି ଯୋଗଦେଇ ସମବାୟ ସପ୍ତାହ ଉଦେଷ୍ୟ ଉପରେ ଆଲୋକପାତ କରିବା ସହିତ ଉକ୍ତ ଦିବସକୁ ସପ୍ତଦିବସ ବ୍ୟାପି ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଉତ୍ସବରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ ।

## ପୋଖରୀରେ ବୁଡି ଶିଶୁ ମୃତ

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ସ୍ଥାନୀୟ ଜଗନ୍ନାଥପୁର ଗ୍ରାମ ହାଡପଡିଆ ସାହିର ଜଣେ ଶିଶୁ ପୋଖରୀରେ ପଡି ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଏହି ଗ୍ରାମର ମାନସ ରଂଜନ ସାହୁଙ୍କ ପୁଅ ସୁବାଶିଷ ସାହୁ(୪) ଗୁରୁବାର ସକାଳେ ଘରପାଖ ପୋଖରୀ ନିକଟରେ ଖେଳୁଥିବା ସମୟରେ ଦୈବାତ ପୋଖରୀକୁ ଚାଲିଯାଇ ବୁଡିଯାଇଥିଲା । ଘରଲୋକେ ଜାଣିପାରି ତୁରନ୍ତ ପୋଖରୀରୁ ସୁବାଶିଷକୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥକେନ୍ଦ୍ରକୁ ନେଇଥିଲେ। ପରିସ୍ଥିତି ଉଦ୍‌ବେଗ ଜନକ ଜାଣି ଡାକ୍ତର ତୁରନ୍ତ ଶିଶୁକୁ କଟକ ବଡ ଡାକ୍ତରଖାନାକୁ ରେଫର କରିଥିଲେ। ଡାକ୍ତର ସେଠାରେ ଶିଶୁକୁ ମୃତ୍ୟୁ ଘୋଷଣା କରି କରିଥିଲେ। ଶିଶୁ ପୁତ୍ରର ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦୈତାରୀ ଓଏମ୍‌ସି ଖଣି କର୍ତ୍ତୃପକ୍ଷଙ୍କ ଏକଚାଟିଆ ନିଷ୍ପତ୍ତି

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକରେ ଥିବା ଦୈତାରୀ ଲୌହଖଣିକୁ କାର୍ଯ୍ୟକ୍ଷମ ନିମନ୍ତେ ୨୦୧୪ମସିହାରେ ଓଏମସି କର୍ତ୍ତୃପକ୍ଷ ପଲ୍ଲୀସଭା କରି ଖଣି ପ୍ରଭାବିତ ଅଞ୍ଚଳର ନିରୀହ ସରଳ ଆଦିବାସୀ ଏବଂ ଅଧିବାସୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିଲେ । ଏଥିସହ ବଳପୂର୍ବକ ସେମାନଙ୍କ ଦସ୍ତଖତ କରାଇ ନେଇଥିଲେ । ଦୈତାରୀ ଲୌହ ଖଣିପ୍ରଭାବିତ ଅଞ୍ଚଳବାସୀ ଯଥା ଦୈତାରୀ ତାଳପଦା ଦଳକିସାହିଁ କନ୍ଥାଝରି ବଳିପର୍ବତ ଭଳି ନିକଟରେ ଥିବା ଅନ୍ୟାନ୍ୟ ଖଣିପ୍ରଭାବିତ ଅଞ୍ଚଳରେ ରୋଜଗାରରୁ ବଞ୍ଚିତ ହୋଇ ରହିଥିବା ନିରୀହ ଆଦିବାସୀଙ୍କୁ ଏବଂ ପୂର୍ବରୁ ବି ରେଜିଷ୍ଟରରେ ନାମ ଅନ୍ତର୍ଭୁକ୍ତ ଥିବା ଅଭିଜ୍ଞତାଧାରୀଙ୍କୁ ଦୈତାରୀ ଲୌହପ୍ରକଳ୍ପରେ ନିଯୁକ୍ତି ପ୍ରଦାନ କରିବା ପରିବର୍ତ୍ତେ ପୂର୍ବତନ ଓଏମସିର





ଆଞ୍ଚଳିକ ପରିଚାଳକ ଏବଂ ଶ୍ରମିକ କଲ୍ୟାଣ ଅଧିକାରୀ କହିଥିଲେ ଦୈତାରୀ ଖଣିରେ କେବଳ ବାହାର ଲୋକଆସି କାମକରିବେ, ସ୍ଥାନୀୟବାସିଙ୍କ ପାଇଁ ଏଠି କୌଣସି ନିଯୁକ୍ତିର ବ୍ୟବସ୍ଥା ନାହିଁ, ତୁମେ ଯାହା କରିବା କର ଏଭଳି ଧମକ ମଧ ଦେଇଥିଲେ । ଓଏମସି ଖଣି କର୍ତ୍ତୃପକ୍ଷଙ୍କ ଏପରି ନିଷ୍ପତ୍ତି ଏବଂ ମନମାନି ଯୋଗୁଁ ନିରୀହ ଅଞ୍ଚଳବାସୀଙ୍କ ଜୀବନଜୀବିକା ଗୁରୁତର ଭାବରେ ପ୍ରଭାବିତ ହୋଇପଡିଛି । ସେମାନେ ଦୀର୍ଘବର୍ଷଧରି ରୋଜଗାରରୁ ବଞ୍ଚିତ ହେବା ସହ ଆର୍ଥିକ ଅଭାବ ଅନାଟନ ଭିତରେ ଗତି କରୁଛନ୍ତି । ନିଜକୁ ଏବଂ ପରିବାରକୁ ବଞ୍ଚେଇବା ତାଙ୍କ ପାଇଁ ବଡ଼ ଦୁର୍ବିସହ ହୋଇପଡିଛି । ପରିବାର ପ୍ରତିପୋଷଣ ଛୁଆଙ୍କ ଶିକ୍ଷା ସ୍ୱାସ୍ଥ୍ୟକୁ ନେଇ ସେମାନେ ବଡ ଦୁଃଖକଷ୍ଟରେ ଜୀବନ କାଟୁଛନ୍ତି । ଖଣିରେ କାର୍ଯ୍ୟକରି ରୋଜଗାର ପାଇଁ କେତେ ଆଶା ବାନ୍ଧିଥିବା ନିରୀହ ଆଦିବାସୀଙ୍କର ଆଶା କେବଳ ଆଶାରେ ହିଁ ରହିଯାଇଛି । ବାରମ୍ବାର ଏହି ନିରୀହ ଅଧିବାସୀ ଖଣି ଉଚ୍ଚକର୍ତ୍ତୃପକ୍ଷ ପ୍ରଶାସନ ଏବଂ ସରକାରଙ୍କୁ ଏ ବାବଦରେ ଜଣେଇଲେ ମଧ ଏହାର କୌଣସି ସୁଫଳ ମିଳିପାରୁନାହିଁ । ଏଭଳି ଏକ ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ

### ଅଞ୍ଚଳବାସୀଙ୍କ ଜୀବନଜୀବିକା ପ୍ରଭାବିତ

ପ୍ରସଙ୍ଗ ବାବଦରେ ଓଏମସି ପରିଚାଳନା ନିର୍ଦ୍ଦେଶକ ଏବଂ ସ୍ଥାନୀୟ ଅଞ୍ଚଳର ନିର୍ବାଚିତ ପ୍ରତିନିଧି ତଥା ତେଲକୋଇ ବିଧାୟକ ଡକ୍ଟର ଫକୀରଚରଣ ନାଏକ ଏହି ସମସ୍ୟାକୁ ହୃଦୟଙ୍ଗମ କରି ଯଥାଶୀଘ୍ର ସମାଧାନ କରିବାପାଇଁ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁଦିବସ ପାଳିତ



ଛତ୍ରପୁର(ଭାସ୍କର ନ୍ୟୁଜ): ସ୍ଥାନୀୟ ଶ୍ରୀରାମ ନଗର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଶିଶୁଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ନଗରରେ ଏକ ସଚେତନତାର ପଦଯାତ୍ରାର ଆୟୋଜିତ ହୋଇଥିଲା। ପ୍ରଥମେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ନେହେରୁଙ୍କ ଜୀବନୀ କଥନ କରିଥିଲେ। ଆଚାର୍ଯ୍ୟ କୈଳାସ ଚନ୍ଦ୍ର ଶତପଥି ଓ ଆଚାର୍ଯ୍ୟ ବିନୋଦ କୁମାର ମିଶ୍ର ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସେହିପରି ବିଦ୍ୟାଳୟର ଏନ୍‌ସିସି ଓ ସ୍କାଉଟ ପିଲାମାନଙ୍କ ଦ୍ୱାରା ନଗରରେ ସଚେତନତାର ପଦଯାତ୍ରାର ଆୟୋଜିତ ହୋଇଥିଲା। ଏହାକୁ ସ୍କାଉଟ ମାଷ୍ଟର ଶିବ ପ୍ରସାଦ ପଟ୍ଟନାୟକ ଓ ଏନସିସି ମାଷ୍ଟର ଗଣେଶ ରେଡି ସହଯୋଗ କରିଥିଲେ। ଆଚାର୍ଯ୍ୟ ସୁକାନ୍ତ କୁମାର ସାହୁ ଘୋଷ ସଞ୍ଚଳନ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ଦିବସ ପାଳିତ



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ସରସ୍ୱତୀ ଶିଶୁ ମନ୍ଦିରଠାରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ସଭାପତି ଭି.ନାଗାରାଜୁ ଯୋଗ ଦେଇ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧରେ ଅବସର ପ୍ରାପ୍ତ ହିନ୍ଦୀ ଶିକ୍ଷକ ଫକୀର ମୋହନ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁବର୍ଣ୍ଣା ଦେଓ ଓ ଉପସଭାପତି ମୌତୁଶି ପ୍ରଧାନ ମଞ୍ଚାସିନ ଥିଲେ। ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାର ଲାଲ ନେହେରୁ ଜନ୍ମଗ୍ରହଣ କରିଥିଲେ। ସିଏ ସବୁବେଳେ ଶିଶୁମାନଙ୍କୁ ଭଲ ପାଇବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରୁଥିଲେ। ତେଣୁ ତାଙ୍କ ଜନ୍ମଦିବସକୁ ସାରା ଦେଶ ଶିଶୁଦିବସ ରୂପେ ପାଳନ କରିଥାଏ ବୋଲି ମଞ୍ଚାସିନ ଅତିଥି ମାନେ ପରିପ୍ରକାଶ କରିଥିଲେ। ଅତିଥିଙ୍କ ସମେତ ବିଦ୍ୟା ମନ୍ଦିରର ଗୁରୁଜୀ ଅମାନ୍ଦ ମିଣିଆକା ମଧ ଶିଶୁ ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ସମସ୍ତ କୁନି କୁନି ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ ସହିତ ଉପହାର ପ୍ରଦାନ କରାଯାଇଥିଲା।

## କଣାସରେ ବଡଓଷା ମହାସମାରୋହରେ ପାଳିତ

କଣାସ(ଭାସ୍କର ନ୍ୟୁଜ): ଗୁରୁବାର ସାରା ରାଜ୍ୟରେ ବଡଓଷା ପର୍ବ ମହାସମାରୋହରେ ପାଳିତ ହେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକରେ ବଡଓଷା ପର୍ବ ବିଭିନ୍ନ ଶୈବପୀଠମାନଙ୍କରେ ପାଳିତ ହେଉଥିବା ବେଳେ ଭକ୍ତମାନଙ୍କର ଭିଡଲାଗିଛି । ବଡାସ ଗ୍ରାମର ଆରାଧ୍ୟ ଠାକୁର ବାବା ବୈଦ୍ୟନାଥ ଦେବ ଓ ଧବଳେଶ୍ୱର ମନ୍ଦିରରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରି ପୂଜାଅର୍ଚ୍ଚନା କରିବାପାଇଁ ରାତି ୩ଟାରୁ ଲମ୍ବାଧାଡିରେ ଠିଆହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ବାରିମଣ୍ଡଳର ଓ ମୋଟରିର ଗତିଶ୍ୱର ଦେବ, ମାଢିପୁର ଗ୍ରାମର ଧବଳେଶ୍ୱର ଦେବ, କରମଳାର ଆଖଣ୍ଡଳମଣି ପୀଠ, ଜଙ୍କିଆର କପିଳେଶ୍ୱର ଦେବ, ଗଡିଶାଗୋଦା ହଟକେଶ୍ୱର ଦେବ ଓ ବିଭିନ୍ନ ଗ୍ରାମରେ ଥିବା ଶୈବପୀଠମାନଙ୍କରେ ଭକ୍ତମାନଙ୍କର ଭିଡ ଲାଗିରହିଥିବା ଦେଖିବାକୁ ମିଳିଥିଲା ।

## ଏନ୍‌ଏସ୍‌ଏସ୍ ରାଷ୍ଟ୍ରୀୟ ସଂହତି ଶିବିରରେ ୧୦ ସ୍ୱେଚ୍ଛାସେବୀ ସାମିଲ୍





ବାରିପଦା(ଭାସ୍କର ନ୍ୟୁଜ): ରାଷ୍ଟ୍ରୀୟ ସେବା ଯୋଜନା ଆନୁକୂଲ୍ୟରେ ୭ ଦିନ ବ୍ୟାପୀ ରାଷ୍ଟ୍ରୀୟ ସଂହତି ଶିବିର ଗୁଜରାଟ ପାଟନ ସ୍ଥିତ ହେମଚନ୍ଦ୍ର ଆଚାର୍ଯ୍ୟ ଉତ୍ତର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ୧୦ ଜଣ ସ୍ୱେଚ୍ଛାସେବୀ, ସୀମାନ୍ତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଆରତୀ ହୋଙ୍କ ନେତୃତ୍ୱରେ ଯୋଗଦେଇଥିଲେ। ଏହି ଶିବିରରେ ଦେଶର ୧୧ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରୁ ୨୧୦ ଜଣ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ଦେଶର ଯୁବକଯୁବତୀଙ୍କ ଭାରତର ସମୃଦ୍ଧ ସାଂସ୍କୃତିକ ବିବିଧତା, ବିବିଧ ସଂସ୍କୃତିର ଇତିହାସ, ଭାରତ ବିଷୟରେ ଜ୍ଞାନ ମାଧ୍ୟମରେ ଜାତୀୟ ଗର୍ବ ଏବଂ ସାମାଜିକ ସେବା ମାଧ୍ୟମରେ ଦେଶକୁ ଏକୀକୃତ କରିବା ଏହି ଶିବିରର ଲକ୍ଷ୍ୟ ଥିଲା। ସ୍ୱେଚ୍ଛାସେବୀ ମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଗାଁ ଭୋଦନଗର ଶର୍ମିଷ୍ଠା ହ୍ରଦ, କ୍ରିତୀ ତରାନ, ଆର୍ଟ ଗେଲରି ସଂଗ୍ରହାଳୟ ଏବଂ ଐତିହାସିକ କୀର୍ତ୍ତି ସ୍ଥାନ ରାଣୀ କି ଭାବ ଓ ସୂର୍ଯ୍ୟ ମନ୍ଦିର ମଧିରା ବୁଲିବାକୁ ଯାଇଥିଲେ । ପ୍ରତିଦିନ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ଯେପରିକି ଯୋଗ, ରଙ୍ଗୋଳି, ପାରମ୍ପରିକ ଚାଲି, ପାରମ୍ପାରିକ ନୃତ୍ୟ, ଏକକ ଅଭିନୟ, ଏକକ ନୃତ୍ୟ ଏବଂ ସାମୁହିକ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ସାମୁହିକ ନୃତ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ୧୧ଟି ରାଜ୍ୟର ଭାଗ ନେଇଥିବା ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ ଏବଂ ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଶିବିରରେ ବିଶ୍ୱବିଦ୍ୟାଳୟରୁ ୧୦ ଜଣ ସ୍ୱେଚ୍ଛାସେବୀଙ୍କୁ ମନୋନୀତ କରିଥିବାରୁ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ସୁଶ୍ରୀ ସରିତା ପଟେଲ ଓ ରାଜ୍ୟ ନୋଡାଲ ଅଧିକାରୀ ଡଃ ରମେଶ ବେହେରାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ୱେଚ୍ଛାସେବୀ ଲୁସି ଟୁଡୁ, ଦେବ କୁମାର ବେହେରା, ଶଶ୍ମିତା ରାଉତ, କସ୍ତୁରି ମହାନ୍ତ, ସାଗରିକା ପଟ୍ଟନାୟକ, ରଶ୍ମିତା ରାଉତ, ବଳରାମ ମହାନ୍ତ, ବିବେକ କୁମାର ଜେନା, ତନୁ ବେସ୍ରା ଓ ଦୁର୍ଗା ମୁର୍ମୁ ଏହି ଶିବିରରେ ଯୋଗଦେଇଥିବା ସ୍ୱେଚ୍ଛାସେବୀ ଆଦର୍ଶ କୁମାର ରାଉତ, ସମୀର ମହାରଣା, ରିଙ୍କୁ ଦାସ ତଥା ଜାତୀୟ ସେବା ଯୋଜନା ବ୍ୟୁର ଦେବନ୍ଦ୍ର ପତି, ଅଜୟ ବଳ, ରାମଚନ୍ଦ୍ର ବାସ୍କେ ପ୍ରକାଶ କରିଛନ୍ତି।



କେନ୍ଦୁଝର (ଭାସ୍କର ନ୍ୟୁଜ୍): ମଧୁମେୟ ରୋଗ ବିଷୟରେ ଜନ ସଚେତନତା ସୃଷ୍ଟି କରି ଟାଟା ଷ୍ଟିଲ ଯୋଡାଠାରେ ଗୁରୁବାର ଦିନ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଗୁଡିକ ଟାଟା ମେନ୍ ହସ୍ପିଟାଲ, ଯୋଡା, ଖଣ୍ଡବନ୍ଧ ଲୌହ ଖଣି, ଯୋଡା ଇଷ୍ଟ ଲୌହ ଖଣି, ବିଚାକୁଣ୍ଡି ଓ ବାମେବାରି ଲୌହ ଖଣିଠାରେ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଆୟୋଜିତ ହୋଇଛି। ଟାଟା ମେନ୍ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସୁଚିସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଗୁଡିକ ଆୟୋଜିତ ହୋଇଥିଲା ଓ ଏଥିରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଉତ୍ତମ ଖାଦ୍ୟଭ୍ୟାସ, ବ୍ୟାୟମ, ଯୋଗାଭ୍ୟାସ କରିବା ସହ ଗୁଟ୍‌କା ଓ ଧୂମ୍ରପାନ ନିଷେଧ ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୈନନ୍ଦିନ କାର୍ଯ୍ୟଚାପରୁ ମୁକ୍ତ ରହି ନିୟମିତ ବ୍ୟାୟାମ ଓ ପରିଚର୍ଯ୍ୟା ଦ୍ୱାରା କିପରି ନିଜକୁ ସୁସ୍ଥ ରଖି ହେବ, ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କମ୍ପାନୀ ଓ କର୍ମଚାରୀମାନଙ୍କ ମିଳିତ ସହଯୋଗିତାରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି କମ୍ପାନିର ରହିଥିବା ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ଦର୍ଶାଉଛି।



# ପରଜଙ୍ଗ ହାଇସ୍କୁଲରେ ଶିଶୁ ଦିବସ



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହେନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ଗୁରୁବାର ଶିଶୁ ଦିବସ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦଙ୍କ ପୌରହିତ୍ୟରେ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ନଭେମ୍ବର ୧୪ ତାରିଖ ହେଉଛି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାରଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀ। ଏହି ଶିଶୁ ଦିବସକୁ ପରଜଙ୍ଗ ହାଇସ୍କୁଲର ଛାତ୍ର ଛାତ୍ରୀ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ନେହେରୁଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଓ ଧୂପ ଦୀପ ଜାଳି ନେହେରୁଙ୍କ ଜୀବନୀ ଉପରେ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଗୁଣଗାନ କରିଥିଲେ। ନେହେରୁ ସଦାସର୍ବଦା ଶିଶୁମାନଙ୍କୁ ଅତି ଆଦର, ସ୍ନେହ ଓ ଭଲ ପାଇବା ଦ୍ୱାରା ତାଙ୍କର ଜନ୍ମ ଦିବସକୁ ଦେଶବ୍ୟାପୀ ଆଜିପର୍ଯ୍ୟନ୍ତ ପ୍ରତ୍ୟେକ ଅନୁଷ୍ଠାନ ମାନଙ୍କରେ ଶିଶୁ ଦିବସ ଭାବେ ପାଳନ କରିଆସୁଛନ୍ତି। ଶିଶୁ ହସିଲେ ଦେଶ ହସିବ, ଆଜିର ଶିଶୁ ଆସନ୍ତାକାଲିର ନାଗରିକ, ଛୋଟ ଶିଶୁ ହେଉଛନ୍ତି ଜଣେ ଜଣେ ଦେଶର ଭବିଷ୍ୟତ ବୋଲି ବିଦ୍ୟାଳୟର ଶିକ୍ଷକ ଶ୍ରୀକର ସାହୁ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଶିକ୍ଷକ ଶ୍ରୀକର ସାହୁ, ରୂପେଶ ଖଟୁଆ, ଦିଲ୍ଲୀପ କୁମାର ମହାପାତ୍ର, ସ୍ମିତାରାଣୀ ପାଣି, ସୁନିତୀ ସାହୁ, ସଞ୍ଜିତା ବରାଳ, ବିଶ୍ୱଲକ୍ଷ୍ମୀ ବିଶ୍ୱାଳ, ବିନ୍ଦୁବାଳା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ଶିଶୁ ସମେତ ୧୧ ଦାଦନ ଶ୍ରମିକ ଉଦ୍ଧାର, ୩ ସର୍ଦ୍ଦାର ସହଯୋଗୀ ଗିରଫ



ଧର୍ମଗଡ (ଭାସ୍କର ନ୍ୟୁଜ୍): ଦିନକୁ ଦିନ ଦାଦନ ଚାଲାଣ ଉତ୍କୃଷ୍ଟ ହେବାରେ ଲାଗିଛି। କଳେ ବଳେ କୌଶଳେ ଦଲାଲମାନେ ସାଧାରଣ ଗରିବଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଚାଲାଣ କରୁଛନ୍ତି। ଏହା ଏକ ନିତିଦିନିଆ ଘଟଣା ହୋଇଥିବା ବେଳେ ଆଜି ଗୋଳାମୁଣ୍ଡା ପୋଲିସ ୧୭ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେଥିମଧ୍ୟରେ ୬ଜଣ ଶିଶୁ ଥିବାବେଳେ ୧୧ଜଣ ଦାଦନ ଶ୍ରମିକ ଅଛନ୍ତି। ତେବେ ଏହି ଦାଦନ ଚାଲାଣର ମୁଖ୍ୟ ସର୍ଦ୍ଦାର ଡିଙ୍ଗର ତାଣ୍ଡି ଓ କାଳିଆ ମାଝୀ ହୋଇଥିବା ବେଳେ ପୋଲିସ ୩ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସମସ୍ତ ଦାଦନ ଶ୍ରମିକ ବଲାଙ୍ଗୀର ଓ ବରଗଡ଼ ଜିଲ୍ଲାର ହୋଇଥିବା ସୂଚନା ମିଳିଛି। ଦାଦନ ଶ୍ରମିକଙ୍କ କହିବା ଅନୁଯାୟୀ ଏହି ଦଲାଲ ଓ ତା'ର ସହଯୋଗୀମାନେ ପ୍ରଥମେ ବାଉନମାଲରୁ ଦେଉଳଗାଁ ଜଙ୍ଗଲରେ ରଖି ନିର୍ଯାତନା ଦେଉଥିଲେ। ପରେ କଳାହାଣ୍ଡି ଜିଲ୍ଲା ଗୋଳାମୁଣ୍ଡା ଥାନା ନକଟିକାନି ଗ୍ରାମରୁ ଦାଦନ ଶ୍ରମିକ ଆଣି ହାଇଦ୍ରାବାଦର ସିକେନ୍ଦ୍ରାବାଦକୁ ଚାଲାଣ କରିବା ପୂର୍ବରୁ ସ୍ଥିର ହୋଇଥିଲା। ଦାଦନ ଶ୍ରମିକମାନଙ୍କୁ ଏକ ଘରୋଇ ମାଲିକଙ୍କ ଇଟାଭାଟିରେ କାମ କରାଇବା ପାଇଁ କୁହାଯାଇଥିଲା। ହେଲେ ଗୋଳାମୁଣ୍ଡା ପୋଲିସ କୌଣସି ସୂତ୍ରରୁ ଦାଦନ ଚାଲାଣ ଖବର ପାଇ ଚଢ଼ାଉ କରିଥିଲା। ସମସ୍ତ ଦାଦନଙ୍କୁ ଉଦ୍ଧାର କରି ସର୍ଦ୍ଦାର ମୁଖ୍ୟ ୩ ସହଯୋଗୀ ଉଗ୍ରେ ଶବର, ଗିରିଧାରୀ ବାଗ୍ ଓ ପବିତ୍ର ତାଣ୍ଡିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବାରେ ସକ୍ଷମ ହୋଇଛି। ତେବେ ୨ ମୁଖ୍ୟ ସର୍ଦ୍ଦାରଙ୍କୁ ପୋଲିସ ଗିରଫ ନକରି ଅନୁକମ୍ପା ଦେଖାଇଥିବା ଚର୍ଚ୍ଚା ହେଉଛି। କେଉଁ କାରଣରୁ ଦାଦନ ଶ୍ରମିକ ଚାଲାଣରେ ଲିପ୍ତଥିବା ସର୍ଦ୍ଦାର ଡିଙ୍ଗର ତାଣ୍ଡି ଓ କାଳିଆ ମାଝୀଙ୍କୁ ଗିରଫ ନ କରି ସହଯୋଗୀ ମାନଙ୍କୁ ଗିରଫ କରି ବାହା ବାହା ନେବାକୁ ଚେଷ୍ଟା କରିଛି ସାଧାରଣ ଭାବେ ଅଞ୍ଚଳ ଲୋକଙ୍କ ମଧ୍ୟରେ ସନ୍ଦେହ ହେଉଛି। ଏନେଇ ଗୋଳାମୁଣ୍ଡା ଥାନା ଅଧିକାରିଣୀ ଶ୍ୱେତପଦ୍ମା ସେଠ୍‌ଙ୍କୁ ପଚାରିବାରୁ ପ୍ରଥମେ ୩ ଜଣଙ୍କ ନାଁରେ ଅଭିଯୋଗ ଆସିବା ମାତ୍ରେ ଗିରଫ କରି କୋର୍ଟ ଚାଲାଣ କରିଛୁ। ଏବେ ଅନ୍ୟ ମାନଙ୍କ ନାଁରେ ଅଭିଯୋଗ ଆସିଛି, ଅଭିଯୋଗ ଭିତ୍ତିରେ ଦୁଇଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଗଦି ରାଜସ୍ୱ ନିରୀକ୍ଷକ



ତିହିଡ଼ି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ତହସିଲ ଅଧୀନ ଗଦି ରାଜସ୍ୱ ନିରୀକ୍ଷକ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଜଣା ପଡ଼ିଛି। ତାଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଗୁରୁବାର ମଧ୍ୟାହ୍ନରେ ଗଦି ବଜାରସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ଭାଗବତ ଖଟୁଆ ଏକ ଜମିର କିସମ ପରିବର୍ତ୍ତନ କରିବା ନେଇ ଜାମଯୋଡ଼ି ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମର ବିଜୟ ମଳିକଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ପୂର୍ବରୁ ଜଗି ରହିଥିବା ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ଡି. କେ. ନାୟକ ଓ ବିଭାଗୀୟ ଅଧିକାରୀମାନେ ରାଜସ୍ୱ ନିରୀକ୍ଷକ ଶ୍ରୀ ଖଟୁଆଙ୍କୁ ଧରିଥିଲେ। ପରେ ତାଙ୍କୁ ତହସିଲ କାର୍ଯ୍ୟାଳୟକୁ ନେଇ ସେଠାରେ ପଚରାଉଚରା କରିଥିଲେ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଶସ୍ୟକାଟ୍ ସମ୍ପର୍କିତ ତାଲିମ୍



କେନ୍ଦୁଝର (ଭାସ୍କର ନ୍ୟୁଜ୍): ୨୦୨୪-୨୫ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନା ଶସ୍ୟ କାଟ୍ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ କେନ୍ଦୁଝରସ୍ଥ ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ୧୧ ତାରିଖ ତାଲିମ୍‌ର ପ୍ରଥମ ଦିବସରେ ଆନନ୍ଦପୁର, କେନ୍ଦୁଝର ସଦର, ବାଂଶପାଳ, ପାଟଣା ଓ ସାହରପଡାର ୭୧ ଜଣ, ୧୨ ତାରିଖ ଦ୍ୱିତୀୟ ଦିବସରେ ଯୋଡା, ଘଟଗାଁ, ଘଷିପୁରା, ହାଟଡିହିର ୭୭ ଜଣ ଏବଂ ୧୩ ତାରିଖ ତୃତୀୟ ତଥା ଅନ୍ତିମ ଦିବସରେ ଚମ୍ପୁଆ, ହରିଚନ୍ଦନପୁର, ଝୁମ୍ପୁରା, ତେଲକୋଇର ୬୯ ଏହିପରି ସର୍ବମୋଟ ୨୧୭ଜଣଙ୍କୁ ତାଲିମ ଦିଆଯାଇଛି। ଏହି ତାଲିମ୍ କାର୍ଯ୍ୟରେ ଶସ୍ୟ କାଟ୍ ନିମନ୍ତେ ନିୟୋଜିତ ହେଇଥିବା ଜିଲ୍ଲାର ସମସ୍ତ ବ୍ଲକର ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ, ଅମିନ, କୃଷି ଓଭରସିୟର, ଭିଏଡବ୍ଲ୍ୟୁ, ପରିସଂଖ୍ୟାନ କ୍ଷେତ୍ର ନିରୀକ୍ଷକ, ସର୍ଭେୟର ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ବ୍ଲକ, ମ୍ୟୁନିସିପାଲିଟି ଏବଂ ଏନଏସି ଅନ୍ତର୍ଗତ ସମସ୍ତ ପଞ୍ଚାୟତ ଓ ୟୁନିଟ୍‌ରେ ଚଳିତ କୃଷି ବର୍ଷରେ ମୋବାଇଲ ଆପ୍ ମାଧ୍ୟମରେ ଶସ୍ୟ କାଟ୍ ହୋଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ବିଗତ ୨୦୧୬-୧୭ କୃଷିବର୍ଷରୁ କାର୍ଯ୍ୟକାରୀ ହୋଇଆସୁଛି। ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର କୁମାର ବେହେରା ଯୋଗ ଦେଇ ସମସ୍ତ ତାଲିମ ଗ୍ରହଣକାରୀଙ୍କୁ ଏହି ତାଲିମ ନେଇ ଫିଲ୍ଡ/କ୍ଷେତ୍ରରେ ସଠିକ୍ ଶସ୍ୟକାଟ୍ କରି ଫର୍ମ-୮ରେ ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେବା ସହ ସରକାର ତଥା ଜିଲ୍ଲାର ଏହି ମହତ୍ କାର୍ଯ୍ୟରେ ସହଯୋଗ କରିବାକୁ କହିଥିଲେ। ଜିଲ୍ଲା ପ୍ରଶାସନ ଓ ମୁଖ୍ୟ କୃଷି ଅଧିକାରୀଙ୍କ ସହଯୋଗ ଓ କେନ୍ଦୁଝରସ୍ଥ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି ତାଲିମ୍ କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର୍ ଭାବେ ପରିସଂଖ୍ୟାନ ଅଧିକାରୀ ପବିତ୍ର ମୋହନ ନାୟକ, କେନ୍ଦୁଝର ବ୍ଲକ କୃଷି ଅଧିକାରୀ ସୁଶାନ୍ତ ପଣ୍ଡା, ଆନନ୍ଦପୁର ବ୍ଲକ କୃଷି ଅଧିକାରୀ ଜୟନ୍ତ କୁମାର ଦାସ, ସହକାରୀ କୃଷି ଅଧିକାରୀ ପରେଶ କୁମାର ଦାଶ, ଫ୍ୟୁଚର ଜେନେରାଲ ଇନ୍‌ସୁରାନ୍ସ ଜିଲ୍ଲା ସଂଯୋଜକ ସୌଭାଗ୍ୟ କୁମାର ଦାସ ପରିଚାଳନା କରିଥିଲେ ଏବଂ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ପରିସଂଖ୍ୟାନ ଅଧିକାରୀ ଚନ୍ଦ୍ରମୋହନ ସିଂହ, ଅନୁପମା ପାତ୍ର, ଅନୁସନ୍ଧାନକାରୀ ବିନ୍ଦିଆ ମୁଣ୍ଡା ଏବଂ ସମସ୍ତ କର୍ମଚାରୀ ସଯୋଗ କରିଥିଲେ।

# କାକଟପୁରରେ ଶିଶୁ ଦିବସ ପାଳିତ



କାକଟପୁର (ଭାସ୍କର ନ୍ୟୁଜ୍): କାକଟପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ମନ୍ଦିର, ରାମକୃଷ୍ଣ ଶିଶୁ ମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସେଣ୍ଟ ଜାଭିୟର ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜାହାନ ପବ୍ଲିକ ସ୍କୁଲରେ ଅନୁଷ୍ଠାନର ନିର୍ଦ୍ଦେଶିକା ସୁମିତ୍ରା ଘୋଷଙ୍କ ପୌରହିତ୍ୟରେ ଶିଶୁ ଦିବସ ଓ ପଣ୍ଡିତ ଜବାହାରଲାଲ ନେହରୁଙ୍କ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନର ପ୍ରିନ୍ସପାଲ ମମତା ମହାପାତ୍ର ଯୋଗଦେଇ ପଣ୍ଡିତ ନେହେରୁ ୧୯୪୭ ମସିହାରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିବେବେଳେ ଗଣତନ୍ତ୍ର, ଏକତା ତାଙ୍କର ପ୍ରମୁଖ ସ୍ତମ୍ଭ ରହିଥିଲା ଏବଂ ସେ ଭାରତରେ ମୁକ୍ତ, ଗଣତାନ୍ତ୍ରିକ ଓ ବିବିଧତାପୂର୍ଣ୍ଣ ବ୍ୟବସ୍ଥାର ପ୍ରତିଷ୍ଠାକରି ପ୍ରତ୍ୟେକଙ୍କ ଜୀବନରେ ଉନ୍ନତି ଆଣିବା ଉପରେ ସେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ୧୯୬୪ ମସିହାରେ ନେହେରୁଙ୍କ ମୃତ୍ୟୁପରେ ତାଙ୍କର ଜନ୍ମଦିବସକୁ ଶିଶୁଦିବସ ରୂପେ ପାଳନ କରାଯାଏ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁସ୍ମିତା ପଡ଼ିଆରୀ, ଆଶିଷ ସାହୁ, ପ୍ରେମଶଙ୍କର ପୂଜାରୀ, ବିଷ୍ଣୁପ୍ରିୟା ବେହେରା, ସସ୍ମିତା ସାମଲ, ଲୋପାମୁଦ୍ରା ମଲ୍ଲ, ମାନସୀ ଦାଶଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ।

## ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସମବାୟ ସପ୍ତାହ ପାଳିତ

# ଚାଷୀଙ୍କ ସ୍ୱାର୍ଥରେ ବାଧା ଆସିଲେ କ୍ଷମା ନାହିଁ, ଜେଲ୍ ପଠାଯିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ହୋଇଛି ରାଜ୍ୟସ୍ତରୀୟ ସମବାୟ ସପ୍ତାହ। ବିଜେପି ସମବାୟ ପ୍ରକୋଷ୍ଠ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ରାଜ୍ୟ ସଭାପତି ମନମୋହନ ସାମଲ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ପ୍ରମୁଖ ସାମିଲ ହୋଇଛନ୍ତି। ବିଜେପି ପକ୍ଷରୁ ଆୟୋଜିତ ସମବାୟ ସପ୍ତାହ ପାଳନ ଉତ୍ସବରେ ଦୁର୍ନୀତିଖୋରଙ୍କୁ ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ଚାଷୀଙ୍କ ସ୍ୱାର୍ଥରେ ବାଧା ଆସିଲେ କ୍ଷମା ନାହିଁ, ଜେଲ୍ ପଠାଯିବ। ଗତ ସରକାରରେ ଚାଷୀଙ୍କୁ ଅନ୍ୟାୟ ଓ ଶୋଷଣ କରାଯାଇଛି। କୋପରେଟିଭ ସଂସ୍ଥାକୁ କର୍ପୋରେସନ୍ ସଂସ୍ଥାରେ ପରିଣତ କରିଥିଲେ ପୂର୍ବ ବିଜେଡ଼ି ସରକାର। ଯେଉଁ ଦୁର୍ନୀତି ଓ ଭ୍ରଷ୍ଟାଚାର ହୋଇଥିଲା। କେମିତି ଦୁର୍ନୀତି ଯୁକ୍ତ ବିଭାଗରୁ ଦୁର୍ନୀତି ବନ୍ଦ କରି ସେବା ଦିଆଯିବ, ତା' ଉପରେ ବିଜେପି ସରକାର ଗୁରୁତ୍ୱ ଦେଉଛନ୍ତି। ଡୋଳ ଭିତରେ ମୂଷା ଭଳି କିଛି ଲୋକ ବିଶୃଙ୍ଖଳା କରିବା ପାଇଁ ଅଛନ୍ତି। ଯେଉଁମାନେ ଦୁର୍ନୀତି କରିବେ ସେମାନଙ୍କୁ ସରକାର ଚିହ୍ନଟ କରିବେ। ଚାଷୀଙ୍କ ସ୍ୱାର୍ଥରେ ବାଧା ଦେଲେ କ୍ଷମା ନୁହେଁ, ଜେଲ୍ ପଠାଯିବ। ପୂର୍ବ ସରକାର ଭୋଟ ବ୍ୟାଙ୍କ୍ ପାଇଁ ଚାଷୀଙ୍କୁ ଧାନ ଏମ୍‌ଏସ୍‌ପି ଉପରେ ୧୦୦ ଟଙ୍କା ବୋନସ୍ ଘୋଷଣା କରିଥିଲେ। କିନ୍ତୁ ଚାଷୀଙ୍କୁ ଗୋଟିଏ ଟଙ୍କା ବୋନସ ଦେଲେ ନାହିଁ। ବିଜେପି ସରକାର ଚାଷୀଙ୍କୁ ୮୦୦ ଟଙ୍କା ବୋନସ ଦେବେ। ୨୩୦୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଚାଷୀ ପାଇବେ, ଏହାସହ ୮୦୦ ଟଙ୍କା ଇନପୁଟ ସବସିଡି ଦେବ ବିଜେପି ସରକାର। ଡିସେମ୍ବର ୮ ତାରିଖରେ ସୋହେଲାରେ ୫୦ ହଜାର ଚାଷୀ ଏକାଠି ହେବେ। ଏଥର କଟନୀ ଛଟନୀ ହେବ ନାହିଁ, ବନ୍ଦ ହେବ। ସେଥିପାଇଁ ଚାଷୀ ମାନେ ଏଫଏକ୍ୟୁ ମାନର ଧାନ ଦେବେ। ଧାନ କିଣାରେ ଯେମିତି କିଛି ବ୍ୟତିକ୍ରମ ନହେବ, ଏଥିପାଇଁ ଜିଲ୍ଲାପାଳ ମାନଙ୍କୁ ତାଗିଦ ଏବଂ ନିର୍ଦ୍ଦେଶ ଦିଆଯାଇଛି।

# ଉଚ୍ଚଶିକ୍ଷା ବିଭାଗ ସେକ୍ସନ ଅଫିସରଙ୍କ ମନମାନୀ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରାଭିଭାବକମାନେ ଉଚ୍ଚଶିକ୍ଷା ବିଭାଗର ସେକ୍ସନ ଅଫିସର ସନ୍ତୋଷ ସେଠୀଙ୍କ ମନମାନୀ ଓ ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗରେ କାର୍ଯ୍ୟରତ ସେକ୍ସନ ଅଫିସର ସନ୍ତୋଷ ସେଠୀ ସେହି ବିଭାଗରେ ଦୀର୍ଘ ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାନ କରିବା ସହିତ ବିଭିନ୍ନ ଦୁର୍ନୀତି, ବେଆଇନ ଓ ହେରାଫେରୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ସେକ୍ସନ ଅଫିସର ଶ୍ରୀ ସେଠୀ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟରତ ଥିବା ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଉତ୍କୋଚ ନେଇ ବହୁ ବେଆଇନ ତଥା ଆଇନ ବହିର୍ଭୂତ କାର୍ଯ୍ୟ କରୁଛନ୍ତି। ଫଳରେ ସେହିସବୁ ମହାବିଦ୍ୟାଳୟ ଗୁଡିକରେ ଚରମ ବିଶୃଙ୍ଖଳା ସୃଷ୍ଟି ହେବା ସହିତ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଏବଂ ମହାବିଦ୍ୟାଳୟ ପାଣ୍ଠି ହରିଲୁଟ ହେବାରେ ଲାଗିଛି। ସେକ୍ସନ ଅଫିସର ଶ୍ରୀ ସେଠୀ କଲେଜର ଦୁର୍ନୀତିଖୋର୍ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଉତ୍କୋଚ ଗ୍ରହଣ କରି ସେହି ଅର୍ଥରୁ ସିଂହଭାଗ ଅର୍ଥ ନିଜେ ନେଉଥିବା ବେଳେ ଅବଶିଷ୍ଟ ଅର୍ଥକୁ ଅନ୍ୟ ଉଚ୍ଚପଦସ୍ତ ଅଧିକାରୀଙ୍କୁ ଦେଇ ବହୁ ବେଆଇନ ଓ ଆଇନ ବହିର୍ଭୂତ କାର୍ଯ୍ୟ କରୁଛନ୍ତି। ଯାହାର ଫଳ ବିଭିନ୍ନ କଲେଜର ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନେ ଭୋଗ କରୁଛନ୍ତି। ସେମାନଙ୍କ ଅଭିଭାବକମାନେ ଲୁହ ଲହୁ ବୁହାଇ ଉପାର୍ଜନ କରୁଥିବା ଅର୍ଥକୁ ପିଲାଙ୍କ ପାଠପଢା ନିମନ୍ତେ କଲେଜରେ ଦାଖଲ କରୁଥିବା ବେଳେ ସେହି ଅର୍ଥକୁ ଏଭଳି ଭାବେ ହରିଲୁଟ୍ କରାଯାଉଛି। ବିଭିନ୍ନ ମହାବିଦ୍ୟାଳୟରେ ଥିବା ଦୁର୍ନୀତିଗ୍ରସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନେ ସେହି ଗୋଟିଏ ସ୍ଥାନରେ ଦୀର୍ଘ ୧୫/୨୦ବର୍ଷ ଧରି ରହିବା ଫଳରେ ସେମାନେ ଶିକ୍ଷାଦାନରେ ଗୁରୁତର ଅବହେଳା କରିବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନାମରେ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଓ କଲେଜ ପାଣ୍ଠିକୁ ଚଳୁ କରିଦେଉଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗର ଏହି କରିତ୍‌କର୍ମା ସେକ୍ସନ ଅଫିସର ଶ୍ରୀ ସେଠୀଙ୍କ ହସ୍ତକ୍ଷେପ ଯୋଗୁଁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେକ୍ସନ ଅଫିସର ଶ୍ରୀ ସେଠୀ ବିଭିନ୍ନ କଲେଜର ଦୁର୍ନୀତିଗ୍ରସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କ ଠାରୁ ମୋଟା ଅଙ୍କରେ ଉତ୍କୋଚ ନେଇ ସେହି ଅର୍ଥରୁ ମାତ୍ର କିଛି ଅର୍ଥ କେତେକ ବଡବଡିଆ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦେଇ ସେହିମାନଙ୍କ ଛତ୍ରଛାୟା ତଳେ ରହି ଦୀର୍ଘ ବର୍ଷ ଧରି ଏଭଳି ବେଆଇନ, ମନୋମୁଖୀ, ହେରାଫେରି, ଦୁର୍ନୀତି ଓ ଅରାଜକତା ଉଚ୍ଚଶିକ୍ଷା ବିଭାଗରେ ଚଳାଇ ଆସୁଥିଲେ ମଧ୍ୟ ସେହି ଅଧିକାରୀମାନଙ୍କ ସୁରକ୍ଷା କବଚ ତଳେ ଥିବାରୁ ସେକ୍ସନ ଅଫିସର ସନ୍ତୋଷ ସେଠୀଙ୍କ ବିରୋଧରେ ଅଦ୍ୟାବଧି କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଣୁ ତୁରନ୍ତ କେନ୍ଦ୍ରାପଡା ଜିଲ୍ଲାର ଲକ୍ଷ ଲକ୍ଷ ଗରିବ ଛାତ୍ରଛାତ୍ରୀମାନଙ୍କ ସମୂହ ସ୍ୱାର୍ଥ ଓ ଭବିଷ୍ୟତ ଦୃଷ୍ଟିରୁ ତୁରନ୍ତ ସେକ୍ସନ ଅଫିସର ଶ୍ରୀ ସେଠୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତାପ ମହାନ୍ତି, ଶୁଭ୍ରକାନ୍ତ ରାଉତ, ରମାକାନ୍ତ ଘଡେଇ, ସୁମନ୍ତ ପାଣି, ରବୀନ୍ଦ୍ର ସାହୁ ଓ ସନ୍ଦୀପ ଶର୍ମା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

# ଜହ୍ନାପଡ଼ା ମୁକ୍ତିମାର୍ଗରେ ଶରତ ରାସ ମହୋତ୍ସବ



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ଅଧୀନସ୍ଥ ଜହ୍ନାପଡ଼ା ଗ୍ରାମର ମୁକ୍ତିମାର୍ଗ ସାହିରେ ପ୍ରତିବର୍ଷ ପରି ଚଳିତବର୍ଷ କାର୍ତ୍ତିକ ମାସ ଶ୍ରେଷ୍ଠ ମାସରେ ପୂର୍ବ ପରମ୍ପରା ଅନୁସାରେ ସାହିର ରାଧାମାଧବ ନାମହଟ୍ଟ ସଂଘ ପକ୍ଷରୁ ଶରତ ରାସ ମହୋତ୍ସବ ଆଡମ୍ବର ସହକାରେ ପାଳିତ ହେଉଛି। ଏହି ମହୋତ୍ସବ ଉପଲକ୍ଷେ ସାହିରେ ରାଧା କୃଷ୍ଣଙ୍କ ମୂର୍ତ୍ତି କରାଯାଇ ପୂଜା କରାଯାଉଥିବା ବେଳେ ପୂଜା ମଣ୍ଡପ ସମ୍ମୁଖରେ ବୁଧବାର ଅପରାହ୍ନ ସମୟରେ ଏକ ସଙ୍କୀର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ରୁ ଊର୍ଦ୍ଧ୍ୱ କୀର୍ତ୍ତନ ମଣ୍ଡଳୀ ଆସି ବିଭିନ୍ନ ପ୍ରକାର ଶୈଳୀରେ ହରି ନାମ ପରିବେଷଣ କରିଥିଲେ। ଏହି ଅବସରରେ ରାଧାମାଧବ ନାମହଟ୍ଟ ସଂଘ ଆନୁକୂଲ୍ୟରେ ସଙ୍କୀର୍ତ୍ତନ ସମାରୋହରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ବ୍ଲକ ବିଡ଼ିଓ ସଞ୍ଜୟ କୁମାର ପଣ୍ଡା, ସମାଜସେବୀ ତଥା ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ବଡଯୋରା ଆଶ୍ରମର ସାନ ବାବା କୃଷ୍ଣ କରୁଣା ଦାସ, ପରଜଙ୍ଗ ବାୟା ପାଗଳା ମଠର ମୁନା ବାବା, ବୟୋଜ୍ୟେଷ୍ଠ ତଅଁଳୁ ସାହୁ, ବ୍ଲକ ଆଞ୍ଚଳିକ ସଙ୍କୀର୍ତ୍ତନ ମହାସଂଘର ସମ୍ପାଦକ ଅଶୋକ କୁମାର ଦଳବେହେରା, ମହାସଂଘର ଉପଦେଷ୍ଟା ହୃଦୟ ଚନ୍ଦ୍ର ଚମ୍ପତସିଂହ, ପରଜଙ୍ଗ ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ କୁମାର ସାମଲ, କୋଷାଧ୍ୟକ୍ଷ ସର୍ବେଶ୍ୱର ଦଳବେହେରା, ବିନୟ କୁମାର ଦଳବେହେରାଙ୍କ ସମେତ ଜହ୍ନାପଡ଼ା ଗ୍ରାମବାସୀ, ମୁକ୍ତିମାର୍ଗ ସାହିର ସମସ୍ତ ସଦସ୍ୟ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ଅତିଥି ଉକ୍ତ ସଙ୍କୀର୍ତ୍ତନ ସମାବେଶରେ ଦେଖିବାକୁ ମିଳିଥିଲା। ଆଞ୍ଚଳିକ ସଙ୍କୀର୍ତ୍ତନ ମଣ୍ଡଳୀ ମହାସଂଘର କୋଷାଧ୍ୟକ୍ଷ ଅଭୟ କୁମାର ସାହୁ, ବାବୁଲି ବିଶ୍ୱାଳ, ଗଣେଶ୍ୱର ସାହୁଙ୍କ ସମେତ ସଙ୍ଘର ଅନ୍ୟ ସମସ୍ତ ସଦସ୍ୟ ସହଯୋଗରେ ସାହିର ଶରତ ରାସ ମହୋତ୍ସବ ପରିଚାଳିତ ହୋଇ ରାଧା ମାଧବ ସଂଘ ପକ୍ଷରୁ ପ୍ରତ୍ୟେକ ସଙ୍କୀର୍ତ୍ତନ ମଣ୍ଡଳୀକୁ ଉପସ୍ଥିତ ଅତିଥି ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଓଡ଼ିଆ ଘର ପିଠାର ମହକରେ ମହକିବ ବାଲିଯାତ୍ରା

କଟକ (ଭାସ୍କର ନ୍ୟୁଜ୍): ଚଳିତଥର ବାଲିଯାତ୍ରାରେ ଓଡ଼ିଆ ଘରର ପାରମ୍ପରିକ ପିଠାକୁ ନେଇ ପ୍ରସ୍ତୁତ ହେଉଛି ପିଠା ମହୋତ୍ସବ। ଏହି ମହୋତ୍ସବରେ କ୍ଷୀର ପୋଡ ପିଠା, ଗୁଡ ପୋଡପିଠା, ଚନ୍ଦ୍ରକାନ୍ତି ପିଠା, ମଣ୍ଡା ପିଠା, ବିରି ମଣ୍ଡା ପିଠା, ଆରିସା ପିଠା, ଛେନା କାକରା, ନଡିଆପୁର କାକରା, କରଞ୍ଜି, କ୍ଷୀର ଗଇଁଠା, ଏଣ୍ଡୁରି ପିଠା ଭଳି ଓଡ଼ିଆ ଘରର ପାରମ୍ପରିକ ପିଠା ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ ହେବ। ହଜିଯାଉଥିବା ସଂସ୍କୃତିକୁ ପୁନର୍ଜୀବିତ କରିବା, ବିଶେଷ କରି ବିଦେଶୀ ଅତିଥି ଓ ଯୁବପିଢୀମାନଙ୍କୁ ଆମର ପାରମ୍ପରିକ ଖାଦ୍ୟପେୟ ସହ ପରିଚିତ କରାଇବା ନିମନ୍ତେ ଏଭଳି ପ୍ରୟାସ କରାଯାଇଛି। ଏଥିସହ ଇଣ୍ଡୋନେସିଆ ଓ ବାଲିର ମଧ୍ୟ କେତେକ ପିଠା ଏଠାରେ ପ୍ରସ୍ତୁତ କରାଯାଇ ପ୍ରଦର୍ଶିତ ହେବ। ଓରମାସ ପ୍ରଦର୍ଶନୀ ମଧ୍ୟରେ ଏହି ପିଠା ମହୋତ୍ସବ ସ୍ଥାନ ପାଇବ। ବିଦେଶୀ ଅତିଥିମାନେ ଓଡିଆ ପିଠାର ସ୍ୱାଦ ପାଇବା ଏବଂ ଓଡିଆମାନେ ବିଦେଶୀ ପିଠାର ସ୍ୱାଦ ପାଇବା ଏହି ପିଠା ମହୋତ୍ସବର ଆକର୍ଷଣ। ପିଠା ସହ ବିଭିନ୍ନ ପ୍ରକାର ବ୍ୟଞ୍ଜନ ମଧ୍ୟ ଏଠାରେ ସ୍ଥାନ ପାଇବ।

# ସୁନାଦୂବ ପକ୍ଷରୁ ଶିଶୁ ମହୋତ୍ସବ

କଟକ (ଭାସ୍କର ନ୍ୟୁଜ୍): ସାମାଜିକ ଅନୁଷ୍ଠାନ 'ସୁନାଦୂବ' ପକ୍ଷରୁ ସ୍ଥାନୀୟ ଭଗତପୁର ବଗଲା ଲେନ୍‌ସ୍ଥିତ ଶାରଦା ଶିକ୍ଷା ନିକେତନ ଠାରେ ଶିଶୁ ଦିବସ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସଭାପତି ସନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ହେମନ୍ତ ଭରଦ୍ୱାଜ, ସଙ୍ଗୀତା ଦାସ, ସଂଘମିତ୍ରା ପ୍ରହରାଜ ଓ ଯଶୋବନ୍ତ ବେଉରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଞ୍ଜୁଲତା ଜେନା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଓୟୁଏଟିରେ ଜଣ୍ଡିସ୍ ବ୍ୟାପିବା ପ୍ରସଙ୍ଗ

# ଓୟୁଏଟିକୁ ଟିମ୍ ପଠାଇଲା ୱାଟ୍‌କୋ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓୟୁଏଟିରେ ବଢୁଥିବା ଜଣ୍ଡିସ ପ୍ରସଙ୍ଗ। ଓୟୁଏଟିକୁ ଟିମ୍ ପଠାଇଲା ୱାଟ୍‌କୋ। ଟିମ୍‌ର ଅଧ୍ୟକ୍ଷତା କରୁଛନ୍ତି ଜେନେରାଲ ମ୍ୟାନେଜର ୱାଟକୋ। କେଉଁ ପାଣି ସୋର୍ସ ଦୂଷିତ ହୋଇଛି, ତାହା ଯାଞ୍ଚ ହେବ। ପାଇପ୍ ଲାଇନ ଦୂଷିତ ହୋଇଛି ନା ନାହିଁ, ତାହା ବି ଟିମ୍ ନିରୀକ୍ଷଣ କରିବ। ଆମ ଟିମ୍ ଓୟୁଏଟିକୁ ବୈଷୟିକ ଦିଗରୁ ସହଯୋଗ କରିବ। ଗତକାଲି ଓୟୁଏଟି ପାଣି ଆଣିଥିଲା ପରୀକ୍ଷା ପାଇଁ। ପାଣି ନମୁନା ଠିକ୍ ଅଛି। ହେଲେ ଜଣ୍ଡିସ ପରୀକ୍ଷା ପାଇଁ ଆରଡବ୍ଲ୍ୟୁଏସ୍‌ଏସ୍‌କୁ ଦିଆଯାଇଛି ବୋଲି ୱାଟ୍‌କୋ ଏମ୍‌ଡି ଗୁରୁ ଚରଣ ଦାଶ କହିଛନ୍ତି।

## ସଙ୍ଗୀତ ଗୁରୁ ସୁଦର୍ଶନ ନାୟକଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକ

# 'ସାହିତ୍ୟିକ ଓ କଳାକାରଙ୍କ ମୃତ୍ୟୁ ନଥାଏ'



ତିହିଡ଼ି (ଭାସ୍କର ନ୍ୟୁଜ୍): ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା କବି, ଗାଳ୍ପିକ, ସଙ୍ଗୀତ ଗୁରୁ ସୁଦର୍ଶନ ନାୟକଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକ ସ୍ମୃତି ସଂସଦ ପକ୍ଷରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ଗୁରୁଙ୍କ ଜନ୍ମମାଟି ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ କମାରିଆସ୍ଥିତ ଏପିଏସ୍‌ପିଏସ୍ ହାଇସ୍କୁଲ ପରିସରରେ ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ସ୍ମୃତି ସଂସଦର ସଭାପତି ବରିଷ୍ଠ କଥାକାର ଉମାକାନ୍ତ ମିଶ୍ରଙ୍କ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଆଲୋଚକ ତଥା ଭଦ୍ରକ ଓମେନ୍ସ କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅଭୟ କୁମାର ଦାସ, ସମ୍ମାନିତ ବକ୍ତା ଭାବେ ବରିଷ୍ଠ ଶିକ୍ଷୟିତ୍ରୀ ବୀଣାପାଣି ନାୟକ ଯୋଗ ଦେଇ ସାହିତ୍ୟିକ ଓ କଳାକାରମାନଙ୍କର ମୃତ୍ୟୁ ନଥାଏ। ତାଙ୍କର ଜୀବନବ୍ୟାପୀ କୃତୀ ତାଙ୍କୁ ସ୍ମରଣୀୟ କରି ରଖିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ପତି, ପ୍ରାବନ୍ଧିକ ବିଭୂତି ଭୂଷଣ ସେନାପତି, ଆଇନଜୀବୀ ବିପ୍ଳବ ନାୟକ, ମଥୁରା ମୋହନ ବେହେରା, ପ୍ରଫୁଲ୍ଲ ପାଢ଼ୀ, ନିତ୍ୟାନନ୍ଦ ରାଉତ, ପାର୍ଥସାରଥି ସାହୁ, ଅମୂଲ୍ୟ ସେନାପତି, ନିରଞ୍ଜନ ବାରିକ, ଦୈତାରୀ ଜେନା, ନିତ୍ୟାନନ୍ଦ ମଲିକ, ସୁଧାରଞ୍ଜନ ମହାନ୍ତି, ସୁବାସ ମହାନ୍ତି, ଜଗବନ୍ଧୁ ମହାନ୍ତି ପ୍ରମୁଖ ସ୍ୱର୍ଗତ ସଙ୍ଗୀତଗୁରୁ ସୁଦର୍ଶନଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ ତଥା ଭଦ୍ରକ ମନମୋହନ ସଙ୍ଗୀତ ପରିଷଦର ଅଧ୍ୟକ୍ଷ ଡ. କେଶବ ଚନ୍ଦ୍ର ବେହେରାଙ୍କୁ ସଙ୍ଗୀତଗୁରୁ ସୁଦର୍ଶନ ନାୟକ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସଙ୍ଗୀତ ଗୁରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଅତିଥି ଓ ସୁଦର୍ଶନପ୍ରେମୀମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କବି କୃପାସିନ୍ଧୁ ମହାନ୍ତି ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ କବି ରବି କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ, ସାହିତ୍ୟିକ ପି. ହୃଷିକେଶ ସ୍ୱାଗତ ଭାଷଣ, କବି ମୁକୁନ୍ଦଦେବ ନାୟକ ମାନପତ୍ର ପାଠ ଓ ଯୁବ ଗାଳ୍ପିକ କୈଳାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍ମୃତି ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ସକାଳେ ସଙ୍ଗୀତଗୁରୁଙ୍କ ସ୍ମୃତିରେ ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ଦାସଙ୍କ ସଞ୍ଚାଳନାରେ ଏକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ବେହେଲା ବାଦକ ହରିବନ୍ଧୁ ସାହୁ ଏବଂ ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ରଞ୍ଜନ ନାୟକ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷରେ ସଙ୍ଗୀତ ପ୍ରତିଯୋଗିତାର କୃତି କଣ୍ଠଶିଳ୍ପୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂସଦର ଅବାହିକା ତଥା ଯୁଗ୍ମ ସମ୍ପାଦିକା ଗୌରୀବାଳା ରାଉତ, ଆଶୁତୋଷ କରଣ, ମଞ୍ଜୁଲତା ବାରିକ, ଅନୁରାଧା ରାୟ, ବାବାଜୀ ରାଉଳ, ରବିନ୍ଦ୍ର ନାୟକ, ବାଇଧର ଜେନା, ସୁକାନ୍ତ ସମୀର ନାୟକ, ଶିକ୍ଷକ ପ୍ରଭାତ ଜେନା, ଉମାକାନ୍ତ ସାହୁ, ମୃତ୍ୟୁଞ୍ଜୟ ପାଣି, ରଞ୍ଜନ କୁମାର ଦାସ, ସରୋଜ ପରିଡ଼ା, ତାରକାନ୍ତ ପତି ଏବଂ ସ୍କୁଲର ଶିକ୍ଷା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ ଘାଗରବେଡା ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ନିମନ୍ତେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ନିବେଦନପତ୍ର ଦେଇଥିବା ଦେଖିବାକୁ ମିଳିଛି । ମୟୁରଭଞ୍ଜ ଜିଲ୍ଲାର ଶେଷ ସୀମାରେ ଥିବା ଘାଗରବେଡା ସ୍ୱାସ୍ଥ୍ୟକେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ଦେଢ଼ ଶହ କିଲମିଟର ଏବଂ ରରୁଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ୩୦ କିଲୋମିଟର ଦୂର । ଘାଗରବେଡା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୫ଟି ଗ୍ରାମପଞ୍ଚାୟତର ଯାହାକି ଘାଗରବେଡା, ନରସଣ୍ଢା, ପାନପଡ୍ରିଆ, ବୁଡାମରା ଏବଂ ନୂଆଗାଁ ଗ୍ରାମପଞ୍ଚାୟତର ୩୦ହଜାରରୁ ଉର୍ଦ୍ଧ ଲୋକ ନିର୍ଭରଶୀଳ । ଡାକ୍ତରଖାନାଟି ୧୯୬୪ ମସିହାରୁ ସ୍ଥାପିତ ହୋଇଛି କିନ୍ତୁ ଆଜି ପର୍ଯ୍ୟନ୍ତ ଡାକ୍ତରଖାନା ନାମରେ ଜମି ବି ନାହିଁ । ଏଠି ଡାକ୍ତର ଅଭାବ, ଷ୍ଟାଫଙ୍କ ରହିବା ପାଇଁ କ୍ୱାର୍ଟର ଅଭାବ, ରୋଗୀ ସେବା ପାଇଁ ଆନୁସଙ୍ଗିକ ସୁବିଧା ବି ନାହିଁ । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବାକୁ ଦୃଷ୍ଟିରେ ରଖି ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ ତିରିଆ ସ୍ୱାସ୍ଥ୍ୟମନ୍ତ୍ରୀ ମୟୂରଭଞ୍ଜ ଗସ୍ତ ସମୟରେ ଲିଖିତ ଭାବରେ ନିବେଦନ ପତ୍ର ଦେଇଥିବା ଦେଖିବାକୁ ମିଳିଛି ।

# ଦୁର୍ନୀତିଗ୍ରସ୍ତ ପଟ୍ଟାମୁଣ୍ଡାଇ ବ୍ଲକ୍ ବିଡ଼ିଓଙ୍କ ବଦଳି ଦାବି ଜୋର୍ ଧରିଲା

ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ): ପଟ୍ଟାମୁଣ୍ଡାଇ ବ୍ଲକ ବିଡ଼ିଓ ଓ ବିଜେପି କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ମଧ୍ୟରେ ହୋଇଥିବା ବିବାଦ ଏବେ ଦାଣ୍ଡରେ ପଡି ହାଟରେ ଗଡ଼ିଲାଣି । ଗୋଟିଏ ପଟେ ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁ ବିଜେପି କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ ଆଣି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ବିଡ଼ିଓଙ୍କ ସପକ୍ଷରେ ପଟ୍ଟାମୁଣ୍ଡାଇ ବ୍ଲକର ଜନପ୍ରତିନିଧି ବା ସମ୍ପୂର୍ଣ୍ଣ ବିଜେଡି କର୍ମୀ ରାଜରାସ୍ତାକୁ ଓହ୍ଲାଇ ଆସି ବିଡ଼ିଓଙ୍କୁ ନ୍ୟାୟ ଦେବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି । ସେପଟେ କଖାରୁଣୀ ଗାଁର ବିଜେପି ଜିଲ୍ଲା ଏସି ମୋର୍ଚ୍ଚା ସଭାପତି ଅନ୍ତର୍ଯ୍ୟାମୀ ମଲିକ ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁଙ୍କ ନାମରେ ଜାତିୟାଣ ଅକ୍ଷପ ଅଭିଯୋଗ ଆଣି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରି ନ୍ୟାୟ ପାଇଁ ଦାବି କରିଛନ୍ତି । ଅନ୍ତର୍ଯ୍ୟାମୀ ମଲିକ ଅଭିଯୋଗ ଆଣିଛନ୍ତି ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁ ଜଣେ



ଦୁର୍ନୀତି ଖୋର ଅଫିସର ସେ ଲୋକଙ୍କ ସେବା କମ ଏବଂ ବିଜେଡି କର୍ମୀଙ୍କ ସେବା ଅଧିକ କରୁଛନ୍ତି । ବାତ୍ୟା ଦାନାରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ପଚାରିବାରୁ ମୁଁ ଜଣେ ଦଳିତ ବା ବିଜେପି କର୍ମୀ ହୋଇଥିବାରୁ ମତେ ଦୁର୍ବ୍ୟବହାର କରିଛନ୍ତି । ଅନ୍ୟପଟେ ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁଙ୍କୁ ନ୍ୟାୟ ଦେବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ବସିଥିବା ବିଜେଡି ନେତା ଓ ନେତ୍ରୀଙ୍କ ଦୋମୁହାଁ ନୀତି ବାହାରକୁ ଆସିଛି କାରଣ ଯେତେବେଳେ ନିର୍ବାଚନ ପୂର୍ବରୁ ବର୍ତ୍ତମାନର ବିଜେଡି ନେତା ତଥା ସାଂସଦ ପ୍ରାର୍ଥୀ ଅଂଶୁମାନ ମାହାନ୍ତି ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁଙ୍କ ଦୁର୍ନୀତି ବିରୁଦ୍ଧରେ ଦଳୀୟ କର୍ମୀଙ୍କ ଉପସ୍ଥିତରେ ବିଡ଼ିଓଙ୍କ କାର୍ଯ୍ୟାଳୟ ଭିତରେ ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁଙ୍କୁ ଉଠବସ କରାଇଥିଲେ । ତେବେ ଏହି ଘଟଣାରେ ଅଂଶୁମାନଙ୍କ ବିରୁଦ୍ଧରେ ଏହି ବିଜେଡି କର୍ମୀମାନେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଠିକ ସେତିକି ବେଳେ ନିଜେ ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ଅଂଶୁମାନଙ୍କ ସପକ୍ଷରେ ରହି ବିଡ଼ିଓ ଶୁଭ୍ରାଂଶୁ ଶେଖର ସାହୁଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ଆଜି ଏମିତି କଣ ହେଲା ଯେଉଁଥିପାଇଁ ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ବିଡ଼ିଓଙ୍କ ସପକ୍ଷରେ ସେହି ବିଜେଡି କର୍ମୀ ଯାହାଙ୍କୁ ପୂର୍ବରୁ ବିରୋଧ କରୁଥିଲେ, ତାଙ୍କ ସହ ମିଶି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଗରେ ଆମରଣ ଅନଶନ କରୁଛନ୍ତି । ଏହା କଣ ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀଙ୍କ ଦୋମୁହାଁ ନୀତି ନା ଭିତିରିଆ ଆଉ କଣ କଥା ଅଛି । ଏହି ପ୍ରଶ୍ନ ଏବେ ସାରା ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କ ମନରେ ଉଙ୍କି ମାରୁଛି । ପଟ୍ଟାମୁଣ୍ଡାଇ ବିଡ଼ିଓ ବହୁ ଦୁର୍ନୀତିରେ ଜଡିତ ଅଛନ୍ତି । ଆଗରୁ ତାଙ୍କ ବିରୁଦ୍ଧରେ ବହୁ ଆରଟିଆଇ ମଗା ଯାଇଥିଲେ ମଧ୍ୟ ସିଏ ଦୁର୍ନୀତି କରିଥିବା ଜାଣି ତଥ୍ୟ ଦେଇନାହାନ୍ତି । ବର୍ତ୍ତମାନ ପଟ୍ଟାମୁଣ୍ଡାଇ ଜନସାଧାରଣ ତାଙ୍କ ବଦଳି କରିବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି ।

# ଇଂରାଜୀପ୍ରୀତି ଛାଡ଼ିପାରୁନାହାନ୍ତି ଅଧିକାରୀ

ଭାପୁର(ଭାସ୍କର ନ୍ୟୁଜ): ଓଡ଼ିଆ ଅସ୍ମିତାର ନାରା ଦେଇ ବିଜେପି ଓଡିଶାର ଶାସନଭାର ହାତକୁ ନେଇଥିଲା । ଶାସନକୁ ଆସିବା ପରେ ଓଡ଼ିଆ ଭାଷାର ପ୍ରୟୋଗ ଓ ପ୍ରସାର ପାଇଁ ଜୋରସୋର ଉଦ୍ୟମ ହେଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓଡ଼ିଆରେ ଶାସନ ପାଇଁ ସରକାରୀ ନଥିପତ୍ର, ଚିଠି, ବିଜ୍ଞପ୍ତି, ନିର୍ଦ୍ଦେଶନାମା ଆଦି ଓଡ଼ିଆ ଭାଷାରେ ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦେଲେ କିନ୍ତୁ ଶେଷରେ ସବୁ ଫସର୍ ଫାଟିଗଲା । ବର୍ତ୍ତମାନ ଭାପୁର ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ ଇଂରେଜୀ ଭାଷାକୁ ପ୍ରାଧାନ୍ୟ ଦେଉଥିବାବେଳେ ଓଡ଼ିଆ ଭାଷାକୁ ଗୌଣ୍ୟ ରୂପେ ବ୍ୟବହାର କରାଯାଉଛି । ଏପରିକି ସରକାରୀ ଦପ୍ତରର ନାଁ ମଧ୍ୟ ଇଂରେଜୀ ଭାଷାରେ ଲେଖାଯାଇଛି । ଓଡ଼ିଆ ଭାଷା ସରକାରୀ ଭାବେ ପ୍ରଚଳିତ ହେଲେ ସାଧାରଣ ଲୋକଟିଏ ସମସ୍ତ ତଥ୍ୟକୁ ବୁଝିପାରିବ ବୋଲି ରାଜ୍ୟ ସରକାର ଉପଲବ୍ଧି କରି ଓଡ଼ିଆ ଭାଷା ସରକାରୀ କଳରେ ବ୍ୟବହାର ପାଇଁ ଘୋଷଣା କରିଥିଲେ । କିନ୍ତୁ ଭାପୁର ବ୍ଲକର ଅଧିକାରୀମାନେ ଏହି ଘୋଷଣାନାମାକୁ ଫୁ କରିଦେଇଥିବା ଦେଖାଦେଇଛି । ବ୍ଲକର ସମସ୍ତ ସରକାରୀ ଦପ୍ତରରେ ବର୍ତ୍ତମାନ ଚିଠି ହେଉ କି ବିଜ୍ଞପ୍ତି ଇଂରାଜୀରେ ପ୍ରଚଳିତ ହେଉଥିବାରୁ ସାଧାରଣ ଲୋକଟିଏ ନ ବୁଝିପାରି ଅସନ୍ତୋଷ ପ୍ରକାଶ କରୁଛି । ବିଶେଷକରି ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟରେ ସାଧାରଣଲୋକଙ୍କ ଅଧିକ କାର୍ଯ୍ୟ ହେଉଥିବାରୁ ଇଂରାଜୀରେ ପ୍ରକାଶିତ ଚିଠିଗୁଡ଼ିକୁ ବୁଝି ପାରୁନଥିବା ଜଣାପଡିଛି । ଓଡ଼ିଆ ଭାଷା ବ୍ୟବହାର ପାଇଁ ସରକାରୀ ବାବୁମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲେ ମଧ୍ୟ ଏହାକୁ ବ୍ୟବହାର ନ କରିବା ଲଜ୍ଜାଜନକ ଘଟଣା । ସରକାରୀ କାର୍ଯ୍ୟାଳୟର ଅଧିକାରୀ ମାନେ ଓଡ଼ିଆ ହୋଇ ମାତୃଭାଷାକୁ ହେୟଜ୍ଞାନ କରିବା ନିଜ ମାତୃଭୂମି ପ୍ରତି କୁଠାରଘାତ କହିଲେ ଅତ୍ୟୁକ୍ତି ହେବନାହିଁ । ତେଣୁ ରାଜ୍ୟ ସରକାର ଓଡ଼ିଆ ଭାଷାକୁ ବାଧ୍ୟବାଧକତା ରୂପେ ସମସ୍ତ ସରକାରୀ କଳରେ ବ୍ୟବହାର କରିବା ପାଇଁ ଭାପୁର ଅଞ୍ଚଳ ର ସାହିତ୍ୟ ପ୍ରେମୀମାନେ ଦାବି କରିଛନ୍ତି ।

# ପୋଖରୀରେ ବୁଡି ଦୁଇ ଭାଇଙ୍କ ମୃତ୍ୟୁ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କାନପୁରା ପଞ୍ଚାୟତ ଅନ୍ତର୍ଗତ ଏକତାଳି ଗାଁରେ ପୋଖରୀରେ ବୁଡି ଦୁଇ ଭାଇଙ୍କ ମୃତ୍ୟୁ ହୋଇଛି । ମୃତ ଦୁଇ ନାବାଳକ ଭାଇ ହେଲେ ଏକତାଳି ଗାଁର ପ୍ରଶାନ୍ତ ବେହେରାଙ୍କ ସାନପୁଅ ଶଭମ ବେହେରା ଏବଂ ସୁଶାନ୍ତ ବେହେରାଙ୍କ ସାନ ପୁଅ ଗଣେଶ୍ୱର ବେହେରା । ଉଭୟେ ସମ୍ପର୍କରେ ବଡବାପା ଓ ଦାଦା ପୁଅ ହିସାବରେ ଦୁଇଭାଇ ହେବେ । ଦୁଇଜଣ ଗୁରୁବାର ସକାଳେ ଗ୍ରାମ ପାଖ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା କାରଣରୁ ପୋଖରୀରେ ବୁଡି ଯାଇଥିଲେ । ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀକୁ ଯାଇ ବହୁ ଖୋଜାଖୋଜି କରି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହକୁ ପୋଖରୀରୁ ଉଦ୍ଧାର କରିଛନ୍ତି । ଖବର ପାଇ ଘଟଣା ସ୍ଥଳରେ କାମାକ୍ଷାନଗର ପୋଲିସ ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠେଇ ଅଧିକ ତଦନ୍ତ ଜାରି ରଖିଛି । ସେପଟେ ଦୁଇ ନାବାଳକ ଶିଶୁଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।

# ଜିଲ୍ଲାସ୍ତରୀୟ ଅନ୍ତଃ ମହାବିଦ୍ୟାଳୟ ଅଭିନୟ ପ୍ରତିଯୋଗିତା

ବାରିପଦା(ଭାସ୍କର ନ୍ୟୁଜ): ବାରିପଦାର ଅଗ୍ରଣୀ ନାଟ୍ୟାନୁଷ୍ଠାନ ରୂପାନ୍ତର ତାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆସନ୍ତା ୨୯ ତାରିଖ ଦିନ ସ୍ଥାନୀୟ ସହିଦ୍ ସ୍ମୃତି ଭବନରେ ଦି ହିଡେନ୍ ଷ୍ଟାର୍ -୨୪ ନାମରେ ଜିଲ୍ଲାସ୍ତରୀୟ ଅନ୍ତଃ ମହାବିଦ୍ୟାଳୟ ଅଭିନୟ ପ୍ରତିଯୋଗିତାର ଆୟୋଜନ କରିବାକୁ ଯାଉଛି । ମୟୂରଭଞ୍ଜର ସମସ୍ତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ । ସାଂପ୍ରତିକ ସମାଜରେ ମଞ୍ଚ ନାଟକର ଅବକ୍ଷୟ ଘଟୁଥିବା ବେଳେ ଏବେର ଯୁବପିଢ଼ୀଙ୍କୁ ଉତ୍ସାହିତ କରିବା ଏବଂ ମଞ୍ଚ ନାଟକକୁ ସମାଜରେ ଆଗୁଆ କରିବା ପ୍ରତିଯୋଗିତାର ଏକ ନିଆରା ଅଭିପ୍ରାୟ । ପ୍ରତିଯୋଗିତାରେ ମୟୂରଭଞ୍ଜର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଯୁକ୍ତ ୨, ଯୁକ୍ତ ୩, ସ୍ନାତକତ୍ତୋର ତଥା ମେଡିକାଲ୍ ଏବଂ ବିଭିନ୍ନ ଇଂଜିନିୟରିଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ । ବିଭିନ୍ନ ପ୍ରକାରର ପ୍ରାୟୋଜିତ ପୁରସ୍କାର, ଆକର୍ଷଣୀୟ ଅର୍ଥରାଶି, ଟ୍ରଫି ଏବଂ ପ୍ରମାଣପତ୍ର ସ୍ୱରୂପ ରଖାଯାଇଛି । ପ୍ରତ୍ୟେକ ଅନୁଷ୍ଠାନକୁ ପ୍ରତିଯୋଗିତାର ନିୟମାବଳି ଏବଂ ପ୍ରବେଶିକା ଫର୍ମ ପଞ୍ଜିକୃତ ଡାକ ଜରିଆରେ ପଠାଇ ଦିଆଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀ ନିଜ ଶିକ୍ଷା ଅନୁଷ୍ଠାନର ମୁଖ୍ୟଙ୍କ ନିକଟରୁ ଏ ସମ୍ପର୍କରେ ସବିଶେଷ ବିବରଣୀ ପାଇପାରିବେ ଅବା ଆମ ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ଦି ହିଡେନ୍ ଷ୍ଟାର ୨୪ରେ ଭାଗନେବା ପାଇଁ ୯୪୩୯୪୫୪୪୨୨ ନଂରେ ଯୋଗାଯୋଗ କରି ସମସ୍ତ ସୂଚନା ବିବରଣୀ ଜାଣିପାରିବେ ।

# କଣାସରେ ଶିଶୁ ଦିବସ ପାଳିତ



କଣାସ(ଭାସ୍କର ନ୍ୟୁଜ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ୍ ନେହୁରଙ୍କ ଜନ୍ମଦିବସକୁ ସାରାଦେଶରେ ଶିଶୁ ଦିବସ ରୂପେ ପାଳିତ ହେଉଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ସମସ୍ତ ବିଦ୍ୟାଳୟମାନଙ୍କରେ ଶିଶୁ ଦିବସ ପାଳିତ ହେଉଥିବା ଦେଖିବାକୁ ମିଳିଥିଲା । ସର୍ବପ୍ରଥମେ ପଣ୍ଡିତ ଜବାହାର ଲାଲ୍ ନେହୁରଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପପ୍ରଜ୍ୱୋଳନ କରି ପୂଜା ଅର୍ଚ୍ଚନା କରିବାପରେ ବିଦ୍ୟାଳୟରେ ଏକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଗୁରୁଜିମାନେ ପୁରସ୍କାର ପ୍ରଦାନ କରୁଥିବାର ଜଣାପଡିଛି । ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଯାଇଛି ।

# ଅଲେଖ ବାବାଙ୍କ ଗ୍ରାମ ପରିକ୍ରମା



ଫୁଲନଖରା(ଭାସ୍କର ନ୍ୟୁଜ): ମହିମା ଧର୍ମାବଲମ୍ବୀ ଅଲେଖ ବାବାମାନେ ସଦର ଥାନା ଅନ୍ତର୍ଗତ ଅରଡ଼ିଆପଦା ଗ୍ରାମ ପରିକ୍ରମା କରିଛନ୍ତି । ଜଗତ କଲ୍ୟାଣ ନିମିତ୍ତ ସାଧୁସନ୍ଥମାନେ ଏହି ପରମ୍ପରା ଦୀର୍ଘବର୍ଷ ଧରି ଚଳାଇ ଆସିଛନ୍ତି । ଏହି କ୍ରମରେ ବାବା ଓ ମାତାମାନେ ଅଖଣ୍ଡ ଦୀପ ପ୍ରଜ୍ୱଳନ ପୂର୍ବକ ଅରଡ଼ିଆପଦା ଗ୍ରାମ ପରିକ୍ରମ କରିଥିଲେ । ବ୍ରହ୍ମ ଅବଧୂତ ଧ୍ରୁବ ବାବା, ଗୋଲେଖ ବାବା ଓ ପୂର୍ଣ୍ଣ ବାବା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲା ବେଳେ ଏହି ଧର୍ମ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପ୍ରଭୁ କୃପା ଲାଭ କରିଥିଲେ । ଏହି ଅବସରରେ ଅରଡ଼ିଆପଦା ଗ୍ରାମବାସୀଙ୍କ ପକ୍ଷରୁ ବାବାମାନଙ୍କୁ ସ୍ୱାଗତ କରାଯାଇଥିଲା ।

# କୁଷ୍ଠ ଚିହ୍ନଟ ଅଭିଯାନ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ

ବାରିପଦା(ଭାସ୍କର ନ୍ୟୁଜ): ଚଳିତବର୍ଷ ଆସନ୍ତା ୧୮ରୁ ୩୦ ନଭେମ୍ବର ମଧ୍ୟରେ ହେବାକୁ ଯାଉଥିବା କୁଷ୍ଠ ଚିହ୍ନଟ ଅଭିଯାନ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ସଭାଗୃହରେ ଆୟୋଜିତ ବୈଠକରେ ଅଭିଯାନ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା । ସୂଚନାନୁସାରେ, ଗତ ୨୦୨୩-୨୪ ବର୍ଷରେ ୬୬୯ ଗୋଟି ନୂତନ କେଶ୍ ଚିହ୍ନଟ ହୋଇଥିଲା ବେଳେ ଚଳିତ ବର୍ଷ ୨୦୨୪-୨୫ ବର୍ଷ ପାଇଁ ସେପ୍ଟେମ୍ବର ମାସ ସୁଦ୍ଧା ୧୯୮ ଟି କେଶ୍ ଚିହ୍ନଟ ହୋଇଛି । କୁଷ୍ଠ କେଶ୍ ଚିହ୍ନଟ ଅଭିଯାନରେ ୨୦୨୪-୨୫ ପାଇଁ ଜାତୀୟ ନୀତି ଯୋଜନା ଅନୁଯାୟୀ ଓଡ଼ିଶା ରାଜ୍ୟର ସ୍ଥାନୀୟ ଅଞ୍ଚଳ ମଧ୍ୟରେ ପରିବୃଷ୍ଟ ପ୍ରବଣ ୧୭୬ ବ୍ଲକ୍ ମଧ୍ୟରୁ ମୟୂରଭଞ୍ଜର ୨୨ଟି ବ୍ଲକ୍‌କୁ ଏହି ଅଭିଯାନରେ ସାମିଲ କରାଯାଇଛି । ଅଭିଯାନରେ ସର୍ଭେ ଦ୍ୱାରା ଚିହ୍ନଟ କେଶ୍‌ର ୧୦୦% ମେଡ଼ିକାଲ ଅଫିସରଙ୍କ ଦ୍ୱାରା ୩ଦିନ ମଧ୍ୟରେ ପରୀକ୍ଷା କରାଯିବ । ୫ ଡିସେମ୍ବର ୨୦୨୪ ସୁଦ୍ଧା ପରୀକ୍ଷା ଶେଷ ହେବ ଏବଂ



୧୩ ଡିସେମ୍ବର ୨୦୨୪ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯିବ । ୨୨ଟି ବ୍ଲକ୍‌ର ୩୧୭୦ ଗାଁର ୨୨,୪୭,୦୭୮ଲୋକ ସଂଖ୍ୟାକୁ ନେଇ ୬୦ ଟିପିଏଚ୍‌ସି ସବ୍‌ସେଣ୍ଟର ଅନ୍ତର୍ଗତ ଅଞ୍ଚଳରେ ୮୨ ଜଣ ମେଡ଼ିକାଲ ଅଧିକାରୀ, ୨୭୪୩ ଜଣ ଆଶା, ୪୯୧ ଜଣ ହେଲଥ୍ ୱର୍କର, ସମେତ ହେଲଥ୍ ସୁପରଭାଇଜର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଜରିଆରେ କୁଷ୍ଠ ଚିହ୍ନଟ କାର୍ଯ୍ୟକ୍ରମ ସମ୍ପାଦନ କରାଯିବ । ଏଥିପାଇଁ ବ୍ଲକ୍ ଓ ଜିଲ୍ଲା ସ୍ତରରେ ସମ୍ପୃକ୍ତ କର୍ମଚାରୀଙ୍କୁ ନେଇ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଶେଷ ହୋଇଛି । ଏହି ସର୍ଭେରେ ସଂପୃକ୍ତ ହେବାକୁ ଥିବା ସମସ୍ତ କର୍ମଚାରୀ, ଅଧିକାରୀଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଛି । ପ୍ରକାଶ ଥାଉକି କେନ୍ଦ୍ରୀୟ କୁଷ୍ଠ ଡିଭିଜନ୍ ଦ୍ୱାରା ପ୍ରଣୀତ ଜାତୀୟ ନୀତି ଯୋଜନା ୨୦୨୩-୨୭ ଅନୁଯାୟୀ ୨୦୨୭ ସୁଦ୍ଧା କୁଷ୍ଠ ମୁକ୍ତ ଭାରତ ଗଠନ ଆଭିମୁଖ୍ୟ ରଖାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସଂଯୋଜନାରେ ଡା. ଶାନ୍ତନୁ କୁମାର ଦାଶ ଓ ଡା. ମିତା ମିଶ୍ର ଅଭିଯାନ ପାଇଁ ପ୍ରସ୍ତୁତି ଓ କାର୍ଯ୍ୟକାରୀତା ସମ୍ବନ୍ଧରେ ଉପସ୍ଥାପନ ରଖିଥିଲେ । ଡିପିଏମ୍ ବିଶ୍ୱରଂଜନ ରାଉତଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ନଦୀରୁ ଶବ ଉଦ୍ଧାର

ମାଲକାନଗିରି(ଭାସ୍କର ନ୍ୟୁଜ): ପୋଟେରୁ ନଦୀରେ ଏକ ବସ୍ତାରେ ବନ୍ଧା ହୋଇ ଭିତରେ ଭାସୁଥିବା ଶବ ଦେଖିବାକୁ ମିଳିଛି । କାଳିମେଳା ଥାନା ଏମଭି-୫୭ ଗାଁ ନିକଟସ୍ଥ ପୋଟେରୁ ନଦୀରେ ଅଖାବସ୍ତା ଭାସୁଥିବା ଦେଖି ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ । ଆଜି ସନ୍ଧ୍ୟାରେ କାଳିମେଳା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ବସ୍ତାକୁ ଜବତ କରିଥିଲେ । ଅଖା ଭିତରେ ମୁଣ୍ଡ କଟା ଶବ ଥିବା ପୁଲିସ ଦେଖିଥିଲା । ଉକ୍ତ ବ୍ୟକ୍ତିଙ୍କୁ କେହି ହତ୍ୟାକରି ଅଖା ଭିତରେ ଶବ ରଖି ପ୍ରମାଣ ନଷ୍ଟ କରିବା ପାଇଁ ନଦୀରେ ଭସାଇ ଦେଇଥିବା କୁହାଯାଉଛି । କାଳିମେଳା ପୋଲସ ଏହାର ଅଧିକ ତଦନ୍ତ କରିବା ପାଇଁ ଶବକୁ ମାଲକାନଗିରି ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ପଠାଇଥିବା ଜଣାପଡିଛି । ଏଭିଳି ଦୃଶ୍ୟ ଦେଖି ଗ୍ରାମବାସୀ ପୁରା ଭୟଭିତ ଅଛନ୍ତି । ପୋଲିସ ଘଟଣାର ଖୋଳତାଡ଼ କରିବାରୁ ମୃତକଙ୍କ ଘର ବାଲିମେଳା ନିକଟସ୍ଥ ସୋଲୁରକୋଣ୍ଡା ଗାଁ ବୋଲି ଜଣାପଡିଛି । ମୃତକଙ୍କ ପରିବାର ଲୋକ ଶବର ଚିହ୍ନଟ କରିଛନ୍ତି । ଘଟଣାର ଅଧିକ ତଦନ୍ତ କରୁଛି କାଳିମେଳା ପୋଲିସ ।

# ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

କରଞ୍ଜିଆ(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆ ମିଳନ ପଡିଆରେ ଚାଲିଥିବା ତିନିଦିନିଆ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ପିଏ ଆଇଟିଡିଏ କରଞ୍ଜିଆ ପ୍ରବୀଣ କୁମାର ବାଣୁଆ, କୃଷି ଜିଲ୍ଲା ଅଧିକାରୀ କରଞ୍ଜିଆ ତପନ କୁମାର ମହାପାତ୍ର, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଇ ଶ୍ରୀନିବାସ ପୃଷ୍ଟି, କୃଷି ବିଜ୍ଞାନ କେନ୍ଦ୍ର ଯଶିପୁରର ବୈଜ୍ଞାନିକ ଡକ୍ଟର ଦୀପକ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ସରକାର କୃଷକଙ୍କ ନିମନ୍ତେ ଯୋଜନା ଓ ସୁଯୋଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଚାଷୀ ଅତ୍ୟାଧୁନିକ ପ୍ରଣାଳୀରେ କିପରି ଚାଷ କରି ଲାଭବାନ ହୋଇପାରିବେ ତେଣୁ କରଞ୍ଜିଆରେ ଯନ୍ତ୍ରପାତି ମେଳାର ଆୟୋଜନ କରିଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ କରଞ୍ଜିଆ ବ୍ଲକ ଅନ୍ତର୍ଗତ ଝୁମୁକାକୁଦର ଗ୍ରାମର ମହିଳା ଚାଷୀ ବାସି ଟୁଡୁଙ୍କୁ ହିତାଦରରେ ଏକ ଟ୍ରାକ୍ଟର ପ୍ରଦାନ କରଯାଇଥିଲା । କମ୍ପାନୀ ମଧ୍ୟରୁ ପୁରସ୍ତମ ଆଗ୍ରମେସିନରିଙ୍କୁ ପ୍ରଥମ ପୁରସ୍କାର ମିଳିଥିବା ବେଳେ ପୁଷ୍ପକ ଏଜେନ୍ସିକୁ ଦ୍ୱିତୀୟ ଓ ଅର୍ଜିତା ଏଣ୍ଟରପ୍ରାଇଜକୁ ତୃତୀୟ ପୁରସ୍କାର ଦିଆଯାଇଥିଲା । ଯଶିପୁର କୃଷି ଜିଲ୍ଲା ଅଧିକାରୀ ତପନ କୁମାର ମହାପାତ୍ର, ଗୋଷ୍ଠୀ କୃଷି ଅଧିକାରୀ କରଞ୍ଜିଆ ବିଶ୍ୱ ଭୂଷଣ ନାୟକ, ରରୁଆଁ ଅଧିକାରୀ ଚକ୍ରଧର ମହାନ୍ତି, ଶୁକୁଳି ବିଦ୍ୟୁତ୍ କୁମାର ସାହୁ, ଯଶିପୁର୍ ରାଜେଶ କୁମାର ମହାପାତ୍ର ଓ ଠାକୁରମୁଣ୍ଡା ରକ୍ଷାରୋଦ ବାବୁ ପ୍ରମୁଖ ପରିଚାଳନା କରିଥିଲେ ।

# ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୯୨ ପ୍ରକଳ୍ପ



କୁଜଙ୍ଗ(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ କୁଜଙ୍ଗ ଅଞ୍ଚଳର ନାରୀନେତ୍ରୀ ତଥା କୁଜଙ୍ଗ ପଞ୍ଚାୟତ ସରପଞ୍ଚ ବନ୍ଦିତା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବନବିହାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଭାରପ୍ରାପ୍ତ କୁଜଙ୍ଗ ବ୍ଲକ ଶିକ୍ଷାଧିକାରୀ ମନୋଜ ବେହେରା ସଭାପତିତ୍ୱ କରି ବିଜ୍ଞାନ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଦୀନବନ୍ଧୁ ସେନାପତି, ସମ୍ମାନୀତ ଅତିଥି ଭାବେ ଆଲମୁନି କମିଟି ସଭାପତି ଅକ୍ଷୟ ପଲେଇ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସରୋଜିନୀ ଦେବୀ, ପ୍ରତିମା ସୂତାର, ମନୋରଞ୍ଜନ ମଙ୍ଗରାଜ ଓ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରବୀର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ । ଡକ୍ଟର କେଶବ ଚନ୍ଦ୍ର ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅପରାହ୍ନରେ ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ ଯୋଗ ଦେଇଥିଲେ । ବ୍ଲକ ଶିକ୍ଷା ଅଧିକାରୀ ମନୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବାଲ୍ ବୈଜ୍ଞାନିକଙ୍କ ନୂତନ ସୃଷ୍ଟି କରିବାର ପ୍ରୟାସକୁ ଉଚ୍ଚପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ପବିତ୍ର କର, ଜୀବନ ସାହୁ, ସରୋଜ ବେହେରା ଓ ସାରଦା ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିନୋଦ ମୁଦୁଲି । ଉକ୍ତ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୯୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବା କୁନି ବୈଜ୍ଞାନିକଙ୍କୁ ଓ ୧୭ ଜଣ ମଣ୍ଡଳ ସାଧନ କେନ୍ଦ୍ରର ସଂଯୋଜକଙ୍କୁ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନୀତ ଅତିଥି ପ୍ରମୁଖ ପୁରସ୍କୃତ କରିଥିଲେ ।

# ୩୨୬ ନଂ ଜାତୀୟ ରାଜପଥରେ ମନ୍ଥର ଗତିରେ ୫ ସେତୁ ନିର୍ମାଣ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଜାତୀୟ ରାଜପଥ ଉପବିଭାଜନ ଦ୍ୱାରା ୯ ଗୋଟି ସେତୁ ନିର୍ମାଣ ଚାଲିଥିବା ବେଳେ ବର୍ଷାରତୁ ଯୋଗୁଁ କାର୍ଯ୍ୟ ସ୍ଥଗିତ ଥିଲା । ବର୍ତ୍ତମାନ ବର୍ଷାରତୁ ସମାପ୍ତ ହୋଇ ଶୀତରତୁ ଆରମ୍ଭ ହୋଇଥିଲେ ମଧ୍ୟ ସେତୁ କାର୍ଯ୍ୟ ଆରମ୍ଭ ହୋଇନଥିବା ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ବିଳାସପୁର ବ୍ରିଜେଶ ଅଗ୍ରୱାଲ କମ୍ପାନୀ ୫ ଗୋଟି ସେତୁ ନିର୍ମାଣ ଲାଗି ୭୯ କୋଟି ଟଙ୍କାର ଟେଣ୍ଡର ନେଇଥିବା ବେଳେ ୨.୭.୨୦୨୨ ତାରିଖରୁ କାର୍ଯ୍ୟାଦେଶରେ ଆରମ୍ଭ କରି ୩୦.୬.୨୦୨୪ରେ ପାଙ୍ଗାମ, ପଟେରୁ, କାଙ୍ଗୁରକୋଣ୍ଡା, ଏମ୍‌ଭି - ୯୦ ଏବଂ ଏମ୍‌ଭି-୯୬ କାର୍ଯ୍ୟ ସମାପ୍ତ ଲାଗି ଚୁକ୍ତିନାମା ସ୍ୱାକ୍ଷର କରିଥିଲା । ବର୍ତ୍ତମାନ ଏହି ନିର୍ମାଣ କାର୍ଯ୍ୟର ସମୟ ସୀମା ଅତିକ୍ରମ କରିଥିଲେ ସୁଦ୍ଧା ମାତ୍ର ୨୫ ପ୍ରତିଶତ କାର୍ଯ୍ୟ ସମ୍ପନ୍ନ ହୋଇ ୭୫ ପ୍ରତିଶତ କାର୍ଯ୍ୟ ବାକି ରହିଛି । ପାଙ୍ଗାମ ସେତୁ ପାଇଁ ଫାଉଣ୍ଡେସନ ଓ ୪ଟି ପିଲର୍ ନିର୍ମାଣ ହୋଇଥିବା ବେଳେ ପୋଟେରୁ ସେତୁ ପାଇଁ ୮ଟି ପିଲର ଆବଶ୍ୟକ ଥିବା ବେଳେ ମାତ୍ର ୨ଟି ପିଲର୍ ନିର୍ମାଣ ହୋଇଛି । ସେହିପରି କାଙ୍ଗୁରକୋଣ୍ଡା, ଏମ୍‌ଭି-୯୦ ଓ ଏମ୍‌ଭି -୯୬ ଫାଉଣ୍ଡେସନ ଏବଂ ପିଲର୍ ନିର୍ମାଣ ସମାପ୍ତ ହୋଇଥିଲେ ମଧ୍ୟ ଉପର କଂକ୍ରିଟ ଛାତ ବାକି ରହିଥିବା ଦେଖିବାକୁ ମିଳୁଛି । ସେହିପରି ଶିବଶକ୍ତି ଇଂଜିନିୟରିଂ ୱ୍ୱାର୍କ ବିଜାପୁର ୪ଟି ସେତୁ ନିର୍ମାଣ ଲାଗି ୩୭ କୋଟି ଟଙ୍କାର ଟେଣ୍ଡର ନେଇଥିବା ବେଳେ ୨୦.୫.୨୦୨୩ରୁ କାର୍ଯ୍ୟ ଆରମ୍ଭ କରି ୧୮.୫.୨୦୨୫ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଛି । ଅଁଳା ଯୋଡି, ଏମ୍‌ଭି-୭, ଏମ୍‌ଭି -୧୯ ଏବଂ ମହାରାଜା ପଲ୍ଲୀ ଠାରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଏମ୍‌ଭି- ୭ ଏବଂ ଏମ୍‌ଭି -୧୯ ଠାରେ ଫାଉଣ୍ଡେସନ ଓ ପିଲର୍ କାର୍ଯ୍ୟ ଶେଷ ହୋଇଛି । କିନ୍ତୁ ଅନ୍ୟ ସେତୁ କାର୍ଯ୍ୟ ଆରମ୍ଭ ହୋଇ ନାହିଁ । ଅଁଳାଯୋଡି ଏବଂ ମହାରାଜାପଲ୍ଲୀ ସେତୁ ନିର୍ମାଣ ଲାଗି ବୃକ୍ଷଛେଦନ ଲାଗି ବନ ବିଭାଗ ଅନୁମତି ପ୍ରଦାନ କରିନଥିବା ବେଳେ ଏଠାରେ ୨୫ ପ୍ରତିଶତ କାର୍ଯ୍ୟ ସଂପନ୍ନ ହୋଇ ଥିବା ବେଳେ ୭୫ ପ୍ରତିଶତ କାର୍ଯ୍ୟ ବାକି ରହିଛି । ସେତୁ ସହ ରାସ୍ତା ନିର୍ମାଣ ଲାଗି ବେସରକାରୀ ଜମି ଯଥାକ୍ରମେ ୧୭.୧୨୪ ହେକ୍ଟର ଏବଂ ୬.୨ ହେକ୍ଟର ଆବଶ୍ୟକ ହେଉଥିବାରୁ ସରକାର ୧୯.୭୨ କୋଟି ଏବଂ ୧୨.୬୨ କୋଟି ଜମି କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରିଥିବା ଜଣା ପଡ଼ିଛି ।

# ହାତୀ ଏବେ ରାସ୍ତାରେ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଓଡାପଡା ବ୍ଲକ୍‌ରେ ହାତୀ ଏବେ ରାସ୍ତାରେ ଚଳପ୍ରଚଳ କରୁଛି । ଯାହାକୁ ନେଇ ସ୍ଥାନୀୟବାସୀ ଭୟଭିତ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳିଛି । ହାତୀ ଏହି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଘୁରି ବୁଲୁଥିବା ଯୋଗୁଁ ଲୋକେ ସାଧାରଣତଃ



ସଂଧ୍ୟା ପରେ ଘରୁ ବାହାରିବାକୁ ଭୟ ମନେ କରୁଛନ୍ତି । ଖଡ଼ଗପ୍ରସାଦ ରାସ୍ତାରେ ଏହି ହାତୀ ଚଳପ୍ରଚଳକୁ ନେଇ ଅପରାହ୍ନ ୪ଟା ପରଠାରୁ ସ୍ଥାନୀୟ ଲୋକ ବାହାରକୁ ବାହାରିବାକୁ ଉଚିତ୍ ମନେ କରୁନାହାଁନ୍ତି । ରାସ୍ତାରେ ଆଲୋକ ବ୍ୟବସ୍ଥା ନଥିବାରୁ ସ୍ଥାନୀୟ ବାସିନ୍ଦା ଲୋକେ ସନ୍ଧ୍ୟାରେ ଗାଁ ବାହାରକୁ ଯାଇ ପାରୁ ନଥିବା ଅଭିଯୋଗ ହୋଇଛି । ଖଡଗପ୍ରସାଦ ନିକଟସ୍ଥ ପ୍ଲାଣ୍ଟରେ କାମ କରୁଥିବା ବ୍ୟକ୍ତି ବାରମ୍ବାର ହାତୀ ସହରମୁହାଁ ହେଉଥିବା ଦେଖିବାକୁ ମିଳୁଛି । ହାତୀ ଚଳପ୍ରଚଳ ହେଉଥିଲେ ମଧ୍ୟ ବନବିଭାଗ ଏଥିପ୍ରତି ନଜର ଦେଉନଥିବା ଯୋଗୁଁ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟବାସୀଙ୍କ ଠାରୁ ପ୍ରକାଶ । ହିନ୍ଦୋଳ ବ୍ଲକ୍ ଓ ଓଡାପଡା ବ୍ଲକ୍‌ରେ କଳକାରଖାନା ଗଢି ଉଠିଥିବା ଯୋଗୁଁ ହାତୀଙ୍କର ଚଲାପଥ ବଦଳି ଯାଇଛି । ଏପରିକି ଜଙ୍ଗଲରେ ଖାଦ୍ୟ ଅଭାବ ଯୋଗୁଁ ହାତୀଗୁଡିକ ସହରମୁହାଁ ହୋଇପଡୁଛନ୍ତି ବୋଲି ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ପ୍ରକାଶ ।

# ଶ୍ରୀମନ୍ଦିର ପ୍ରଶାସନକୁ ୧୦ ବ୍ୟାଟେରୀ ଚାଳିତ ଅଟୋ ପ୍ରଦାନ

ପୁରୀ (ଭାସ୍କର ନ୍ୟୁଜ): ଭକ୍ତଙ୍କ ସୁବିଧା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ୧୦ଟି ବ୍ୟାଟେରୀ ଚାଳିତ ଅଟୋ ପ୍ରଦାନ କରାଯାଇଛି ।ଇରେଡା ପକ୍ଷରୁ ଏହି ଗାଡି ପ୍ରଦାନ କରାଯାଇଛି । ଇରେଡା ହେଉଛି କେନ୍ଦ୍ର ସରକାରଙ୍କ ଅକ୍ଷୟ ଉର୍ଜା ଏଜେନ୍ସି । ଶ୍ରୀମନ୍ଦିର ପ୍ରଶାସନ



କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଉତ୍ସବରେ ନୂତନ ଓ ନବୀକରଣ ଶକ୍ତି ଓ ଖାଦ୍ୟଯୋଗାଣ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଯୋଗ ଦେଇ ଫ୍ଲାଗ୍ ଅଫ୍ କରିଥିଲେ । କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଥିଲେ ଇରେଡା ନବରତ୍ନ ମାନ୍ୟତା ପାଇଛି । ଅକ୍ଷୟ ଉର୍ଜା ଶକ୍ତି ମାଧ୍ୟମରେ ଗତ ୧୦ ବର୍ଷ ମଧ୍ୟରେ ୨୧୨ ଜିଗା ୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇଛି । ୫୦୦ ଜିଗା ୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରହିଛି । କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଓ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପ୍ରଦୀପ କୁମାର ଦାସ, ପରିଚାଳନା ନିର୍ଦ୍ଦେଶକ, ଇରେଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ୧୦ଟି ବ୍ୟାଟେରୀ ଚାଳିତ ଗାଡ଼ି, ଅନୁକୂଳ ଓ ସୁସ୍ଥ ପରିବେଶ ସୃଷ୍ଟି କରିବ । ଜଳବାୟୁ ପରିବର୍ତ୍ତନ ଦିଗରେ ଅଣ ପାରମ୍ପରିକ ଶକ୍ତିର ବିନିଯୋଗ କରାଯିବ । ବିଶ୍ୱ ତାପନ ଚିନ୍ତାର ବିଷୟ ହୋଇଛି ।ଏଭଳି ସ୍ଥଳେ ଅକ୍ଷୟ ଉର୍ଜା ଶକ୍ତି ବରଦାନ ସଦୃଶ ହେବ । ତେବେ ବ୍ୟାଟେରୀ ଚାଳିତ ଗାଡି ନିମନ୍ତେ ୩ ବର୍ଷ ପାଇଁ ଡ୍ରାଇଭରଙ୍କ ଦରମା ଓ ବ୍ୟାଟେରୀ ଚାଳିତ ଗାଡିର ମରାମତି କରିବ ଇରେଡା । ଏହି ସନ୍ଦର୍ଭରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଥିଲେ ଯେ, ଶ୍ରୀମନ୍ଦିର ପ୍ରଶାସନକୁ ବିଭିନ୍ନ ସମୟରେ ବିଦ୍ୟୁତ ଚାଳିତ ଗାଡି ପ୍ରଦାନ ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ବହୁ ରାଷ୍ଟ୍ରାୟତ୍ତ ତଥା ଘରୋଇ ସଂସ୍ଥା ପ୍ରଯୋଜନା କରୁଛନ୍ତି । କିନ୍ତୁ ଥରେ ଜିନିଷ କିମ୍ବା ପ୍ରକଳ୍ପ ଲାଗି ଆର୍ଥିକ ପ୍ରଯୋଜନା ପ୍ରଦାନ କରି ସଂପୃକ୍ତ ସଂସ୍ଥାଗୁଡିକ ନିଜ ନାମ ସେହି ପ୍ରକଳ୍ପ କିମ୍ବା ଗାଡିରେ ବ୍ୟବହାର କରି ପ୍ରଶଂସା ଗୋଟାଉଛନ୍ତି । ହେଲେ ଏହାର ରକ୍ଷଣାବେକ୍ଷଣ ବାବଦରେ ଶ୍ରୀମନ୍ଦିର ପ୍ରଶାସନକୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ତେଣୁ ଏଣିକି ଯେଉଁ ଗାଡି କିମ୍ବା ପ୍ରକଳ୍ପର ରକ୍ଷଣାବେକ୍ଷଣ ତଥା ପରିଚାଳନା ପାଇଁ ଅତି କମରେ ୩ବର୍ଷ ଲାଗି କୌଣସି ସଂସ୍ଥା ପ୍ରଯୋଜନା ନ କରିବେ, ତାହାଲେ ତାହା ଗ୍ରହଣ କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ନୀତିଗତ ନିଷ୍ପତ୍ତି ନେଇଛି ବୋଲି ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିଥିଲେ ।

# ୨୯ରେ ମୁକ୍ତିଲାଭ କରିବ ଚଳଚ୍ଚିତ୍ର 'ସପନଟିଏ-ଏ ଡ୍ରିମ୍'

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଇଚ୍ଛାରାମ ଫାଉଣ୍ଡେସନ ପ୍ରଯୋଜିତ ଦିବ୍ୟାଙ୍ଗମାନଙ୍କ ଉପରେ ଆଧାରିତ ଓଡ଼ିଆ ଚଳଚିତ୍ର ସପନଟିଏ-ଏ ଡ୍ରିମ୍ ଆସନ୍ତା ୨୯ରେ ଓଡିଶାର ସମସ୍ତ ମଲ୍ଟିପ୍ଲେକ୍ସ ସିନେମା ହଲ୍‌ରେ ମୁକ୍ତିଲାଭ କରିବ । ଆଇନଜୀବି ମିଳନ ଦାଶଙ୍କ ପ୍ରଯୋଜନା ଓ ନର୍ଦ୍ଦେଶନାରେ ନିର୍ମିତ ଏହି ଚଳଚିତ୍ର ଦିବ୍ୟାଙ୍ଗମାନଙ୍କ ସାମାଜିକ ସ୍ଥିତିରେ ସୁଧାର ଆଣିବା ଦିଗରେ ଏହି ଆବେଗପୂର୍ଣ୍ଣ ଚଳଚିତ୍ର ପ୍ରସ୍ତୁତ କରାଯାଇଛି । ସମାଜରେ ଦିବ୍ୟାଙ୍ଗମାନଙ୍କ ସଂଘର୍ଷକୁ ଏଥିରେ ଚିତ୍ରଣ କରାଯାଇଛି । ୨୯ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଶିଶୁ କଳାକାର ମାଗୁଣି ପାତ୍ର (ବବଲୁ) ପୁରସ୍କୃତ ହୋଇଥିଲେ । ରାଜଭବନରେ ପ୍ରଦର୍ଶିତ ଏହି ଚଳଚ୍ଚିତ୍ରର କାହାଣୀକୁ ଦେଖି ପୂର୍ବତନ ରାଜ୍ୟପାଳ ଏସ୍‌ସି ଜମିର୍ ଓ ଗଣେଶୀ ଲାଲ ପ୍ରଶଂସା କରିଥିଲେ । ବିଶେଷ କରି କୁନି ଦିବ୍ୟାଙ୍ଗ କଳାକାରଙ୍କ ଅଭିନୟ ବେଶ ଉଚ୍ଚ କୋଟିର ହୋଇଥିବା କହିଥିଲେ । ଚଳଚିତ୍ରର ସଂଗୀତ ସଂଯୋଜନା କରିଛନ୍ତି ଭବତୋଷ ମହାନ୍ତି ଓ ପ୍ରେମ ଆନନ୍ଦ । ଗୀତ ଓ ସଂଳାପ



ଲେଖିଛନ୍ତି ମଣିମାଳା ଦାଶ । କୋରିୟଗ୍ରାଫି ବବି ଇସଲାମ୍ କରିଥିବା ବେଳେ କ୍ୟାମେରା ପରିଚାଳନା କରିଛନ୍ତି ସୁଶାନ୍ତ ବାହିନୀପତି । ସଂପାଦନା କରିଛନ୍ତି ଜେପି ମିଶ୍ର । ଏହି ଚଳଚ୍ଚିତ୍ରରେ ଅଭିନେତା ହର ରଥ, ମନୋଜ ମିଶ୍ର, ଗୁଡୁ, ବିଶିଷ୍ଟ ଅଭିନେତ୍ରୀ ଇଷା ବେବର୍ତ୍ତା, ନମ୍ରତା ଦାଶ, ବିଜୟନୀ ମିଶ୍ର, ଧରିତ୍ରୀ ଖଣ୍ଡୁଆଳଙ୍କ ସହ ଅନେକ କଳାକାରଙ୍କ ନିଖୁଣ ଅଭିନୟ ଦେଖିବାକୁ ମିଳିବ । ଏହି ଚଳଚିତ୍ରଟି ଜୟପୁର ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲରେ ମନୋନୀତ ହୋଇଥିଲା । ଚଳଚିତ୍ରଟି ବିଭିନ୍ନ ଓଡିଶା ନାୟିକ ପ୍ରଶିକ୍ଷଣ ସଂସ୍ଥା ସହ ଅନେକ ସ୍ଥାନରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିଛି । ସବୁଠୁ ବଡ଼ କଥା ହେଉଛି ଯେ ଓଡିଶାର ପୂର୍ବତନ ବିଚାରପତି ଓ ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ ମଧ୍ୟ ଏହି ଚଳଚିତ୍ରକୁ ଦେଖିଥିଲେ । କାହାଣୀ ଓ କଳାକାରଙ୍କ ନିଖୁଣ ଅଭିନୟ ଉଚ୍ଚକୋଟିର ହୋଇଥିବା କହିଥିଲେ । ଏହି ଚଳଚିତ୍ରଟି ସବୁ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜକ ଶ୍ରୀମତୀ ଦାଶ ଆଶା ପ୍ରକଟ କରିଛନ୍ତି ।

# ସେବା ସମବାୟ ସମିତିର ସେବା ସପ୍ତାହ ପାଳିତ

ବୋଲଗଡ(ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡବେରଣା ସେବା ସମବାୟ ସମିତି ପକ୍ଷରୁ ୭୧ ତମ ସେବା ସପ୍ତାହ ପାଳନ ହୋଇଯାଇଛି । ଏଥିରେ ଅନୁଷ୍ଠାନର ସଭାପତି ପରମାନନ୍ଦ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ସେବା ସମବାୟ କେନ୍ଦ୍ର ସମସ୍ତ ଚାଷୀମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେଇଥିବାରୁ ପ୍ରିୟଭାଜନ ହୋଇପାରିଛି । ଉପ ସଭାପତି ପ୍ରମିଳା ବେହେରା, ସଭ୍ୟ ବଂଶୀଧର ପାଣିଗ୍ରାହୀ, ଦିବାକର ଶତପଥି, କାହ୍ନୁ ଚରଣ ସାହୁ, ଅରୁଣ କୁମାର ମହାପାତ୍ର ଓ ପତିତପାବନ ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ସମ୍ପାଦକ ନିରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୀତାଞ୍ଜଳୀ ରଣା ସହଯୋଗ କରିଥିଲେ ।

# କୋରେଇରେ ବେସରକାରୀ ସ୍କୁଲର ପ୍ରାଦୁର୍ଭାବ: ଚାପି ହୋଇଯାଉଛି ସରକାରୀ ସ୍କୁଲ

କୋରେଇ(ଭାସ୍କର ନ୍ୟୁଜ): ଶିକ୍ଷା ଏକ ମୌଳିକ ଅଧିକାର । ସେଥିପାଇଁ ସରକାର ଶିକ୍ଷା ପାଇଁ ବଜେଟରେ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି । କିପରି ଦେଶର ସବୁ ପିଲା ମାଗଣାରେ ଭଲ ଓ ଉନ୍ନତ ମାନର ଶିକ୍ଷା ଗ୍ରହଣ କରି ପାରିବେ ସେଥିପାଇଁ ଉପଯୁକ୍ତ ତାଲିମ ପ୍ରାପ୍ତ ଶିକ୍ଷ୍ୟକ ନିଯୁକ୍ତି, ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସହ ବହି, ପୋଷାକ, ମାଧ୍ୟାହ୍ନଭୋଜନର ବ୍ୟବସ୍ଥା ସବୁ ସରକାରୀ ବିଦ୍ୟାଳୟରେ କରିଛନ୍ତି । କିନ୍ତୁ ଦୁଃଖର ବିଷୟ ବିଶେଷକରି ଏବେ ଗ୍ରାମାଞ୍ଚଳର ପିଲାମାନେ ଏହିସବୁ ସୁବିଧାକୁ ତୁଚ୍ଛ ମନେ କରି ଘରୋଇ ବିଦ୍ୟାଳୟ ମୁହାଁ ହେଉଛନ୍ତି । ଅନ୍ୟପଟେ ଘରୋଇ ବିଦ୍ୟାଳୟରେ କୌଣସି ଭିତ୍ତିଭୂମି ନଥିବା ବେଳେ ବିନା ତାଲିମିପ୍ରାପ୍ତ ଶିକ୍ଷକରେ କେବଳ ବାହାର ଚକ୍‌ଚକ୍ କରି ଅଭିଭାବକଙ୍କୁ ଆକର୍ଷିତ କରି ପରୋକ୍ଷରେ ଲୁଟି ଚାଲିଛନ୍ତି । ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀମାନେ ମୋଟା ଅଙ୍କରେ ହାତ ଗୁଞ୍ଜା ନେଇ ଉପଯୁକ୍ତ ଭିତ୍ତିଭୂମି ନଥିଲେ ମଧ୍ୟ ସେମାନଙ୍କୁ ବିଦ୍ୟାଳୟ ଚଳାଇବାକୁ ଅନୁମତି ଦେଉଛନ୍ତି । କୋରେଇରେ ୧୫୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ପ୍ରାୟ ୮୦ ରୁ ଉର୍ଦ୍ଧ ଘରୋଇ ବିଦ୍ୟାଳୟ ରହିଛି । ସେଥି ମଧ୍ୟରୁ ୫୨ ଟି ବିଦ୍ୟାଳୟ ସରକାରୀ ସ୍ୱୀକୃତି ପାଇଥିବା ବେଳେ ବାକି ବିଦ୍ୟାଳୟଗୁଡ଼ିକ ବେଆଇନ ଭାବେ ଚାଲୁଥିବା ଜଣାପଡିଛି । କିନ୍ତୁ ଦୁଃଖର ବିଷୟ ଯେଉଁ ବିଦ୍ୟାଳୟଗୁଡ଼ିକୁ ସରକାରୀ ସ୍ୱୀକୃତି ମିଳିଛି, ସେଥି ମଧ୍ୟରୁ ଅନେକର ଆବଶ୍ୟକ ଭିତ୍ତିଭୂମି ନଥାଇ ଅଧିକାରୀଙ୍କୁ ମୋଟା ଅଙ୍କରେ ଅର୍ଥ ଦେଇ ସିଓଆର ହାତେଇ ଥିବା ଅଭିଯୋଗ ହେଉଛି । ଘରୋଇ ସ୍କୁଲ ମାଲିକ ଶିକ୍ଷା ଭଳି ମୌଳିକ ଆବଶ୍ୟକତାକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିଦେଇଛନ୍ତି । ଏହିସବୁ ଘରୋଇ ବିଦ୍ୟାଳୟ ଗୁଡିକରେ ପିଇବା ପାଣି, ଖେଳ ପଡିଆ, ଶୌଚାଳୟ, ଆବଶ୍ୟକ ଶ୍ରେଣୀ ଗୃହ ନଥିବା ବେଳେ ସେଠାରେ କାର୍ଯ୍ୟରତ ଶିକ୍ଷକମାନେ କୌଣସି ତାଲିମ ନନେଇ ପିଲାମାନଙ୍କୁ ଶିକ୍ଷାଦାନ କରୁଥିବା ଜଣାପଡିଛି । ଏହି ବେଆଇନ ଭାବେ ଚାଲୁଥିବା ବିଦ୍ୟାଳୟରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ କୋରେଇରେ ବାହାର ରାଜ୍ୟରୁ ଆସି ଶିକ୍ଷା ଦଲାଲ ଗ୍ରାମାଞ୍ଚଳରେ ବାସ କରୁଥିବା ନିରୀହ ଅଭିଭାବକଙ୍କୁ ବିଭିନ୍ନ ପ୍ରଲୋଭନରେ ବଶବର୍ତ୍ତୀ କରାଇ ଏକ ପ୍ରକାର ଲୁଟ୍ କରି ଚାଲିଛନ୍ତି । ବ୍ଲକ ଅଧୀନ ରଗଡି, ପାଣିକୋଇଲି, ବୈତରଣୀ ଅଞ୍ଚଳରେ ଏକାଧିକ ସ୍କୁଲରେ ଆବଶ୍ୟକ ଭିତ୍ତଭୂମି ନଥାଇ କିଛି ପ୍ରତିଷ୍ଠିତ ସ୍କୁଲର ଫ୍ରାଞ୍ଚାଇଜ୍ ଆଣି ସ୍କୁଲ ଖୋଲି ନିଜର ବେପାର ଚଳାଇଛନ୍ତି । ସେହିପରି କୌଣସି ସରକାରୀ ନିୟମ ଅନୁପାଳନ ନକରି ବାହାର ଜିଲ୍ଲାରୁ ଆସି ବିଭିନ୍ନ ସ୍ଥାନରେ ବେଆଇନ ବେସରକାରୀ ବିଦ୍ୟାଳୟ ଆରମ୍ଭ କରି ଅଭିଭାବକଙ୍କୁ ଲୁଟ୍ କରୁଥିବା ଅଭିଯୋଗ ହେଉଛି । ଅନ୍ୟପଟେ ବିଭିନ୍ନ ପ୍ରକାର ମିଛ ଆଶାରେ ବଶବର୍ତ୍ତୀ ହୋଇ ଅଭିଭାବକମାନେ ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଇ ନେଉଥିବାରୁ ପିଲା ଅଭାବରୁ ସରକାରୀ ଶିକ୍ଷା ବିପର୍ଯ୍ୟସ୍ତ ହୋଇ କେତେକ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯାଇଥିବା ବେଳେ ଆଉ କେତେକ ବନ୍ଦ ହେବା ଅବସ୍ଥାରେ ଅଛି । ଏଠାରେ ପ୍ରଶ୍ନ ଉଠେ ଜଗୁଆଳି ଯଦି ଚୋରି କରିବ ଚୋର ଜଗିବ କିଏ ? ନୂଆ କରି ଯୋଗ ଦେଇଥିବା ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦେଇ ଏହାର ପ୍ରତିକାର ନକଲେ ଆଗାମୀ ଦିନରେ ସରକାରୀ ବିଦ୍ୟାଳୟ ପିଲା ଅଭାବରୁ ବନ୍ଦ ହୋଇଯିବ ଏବଂ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ଭାବେ ଶିକ୍ଷା ବେପାରୀଙ୍କ ହାତକୁ ଚାଲିଯିବ ।



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ଆଜି ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଖଣ୍ଡସାହି ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ନନ୍ଦ କିଶୋର ଜେନାଙ୍କ ଷଷ୍ଠ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ଏକ ସମ୍ବର୍ଦ୍ଧନା ସମାରୋହ ଓ ସାହିତ୍ୟାଲୋଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସାହିତ୍ୟାଲୋଚନା ସଭାରେ ବର୍ଷିୟାନ ସାହିତ୍ୟିକ ସଚ୍ଚିଦାନନ୍ଦ ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିରୂପେ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ରମାନାଥ ସାହୁ, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭୈରବ ଚନ୍ଦ୍ର ଜେନା, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ସଚ୍ଚିଦାନନ୍ଦ ଦାସ ,କୃଷ୍ଣଚନ୍ଦ୍ର ନାୟକ, ସାହିତ୍ୟିକ ରଘୁନାଥ ମହାନ୍ତି, ଦେବପ୍ରଦାସ କର, ପରିବେଶ ବିତ ବଳରାମ ପାତ୍ର , କବୟିତ୍ରୀ ସସ୍ମିତା ପଣ୍ଡା, ସମାଜସେବୀ ବୈଷ୍ଣବ ଚରଣ ବରାଳ, ଯୁବ କଣ୍ଠଶିଳ୍ପୀ କୁମାର ସାନୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗତ ଜେନାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ନିଭାଇଥିବା ତ୍ରିଲୋଚନ ବେହେରା, ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଏସ ବି ସୁଶାନ୍ତଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ରାହାସ ପରିବେଷଣ କରାଯିବା ସହ ସମ୍ପାଦକ ଅଭୟକୁମାର ଜେନା ସୂଚନା ପ୍ରଦାନ କରିଥିଲେ। ଶେଷରେ ବଟକୃଷ୍ଣ ସ୍ୱାଇଁ ଧନ୍ୟବାଦ ଅର୍ପଣକରିଥିଲେ।



# 'ଶିଶୁଙ୍କୁ ଉତ୍ତମ ରୂପେ ଗଢି ତୋଳିବାରେ ଶିକ୍ଷକ-ଅଭିଭାବକଙ୍କ ଗୁରୁ ଦାୟିତ୍ୱ'

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ଆଜିର ଶିଶୁ ଆସନ୍ତା କାଲି ଦେଶ ଓ ଜାତିର ଭିବଷ୍ୟତ। ଶିଶୁମାନଙ୍କୁ ଉତ୍ତମରୂପେ ଗଢିତୋଳିବା ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପବିତ୍ର ଶିଶୁ ଦିବସ ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ କେନ୍ଦିଲୋସ୍ଥିତ ବାବା ତାରକ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରଙ୍ଗାରଙ୍ଗ ପରିବେଶରେ ପ୍ରତିଭା ବିକାଶ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ଓ ବ୍ରହ୍ମ ଅବଧୂତ କିଶୋର ଚନ୍ଦ୍ର ବାବା ପ୍ରଦ୍ୱୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ



ଉତ୍ସବରେ ନିଶ୍ଚିନ୍ତକୋଇଲି ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ସାରଦା ପ୍ରସନ୍ନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ରାଜ୍ୟ ସରକାରଙ୍କ ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା, ମୁଖ୍ୟ ବକ୍ତାଭାବେ କଳିଙ୍ଗ ଆବାସିକ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ସମାଜସେବୀ ମନୋଜକୁମାର ପ୍ରଧାନ, ଅଧ୍ୟାପକ ପରିକ୍ଷିତ ନାୟକ, ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟର ଅଧ୍ୟାପକ ସୁଧିର କୁମାର ଦାସ, ନିଶ୍ଚିନ୍ତକୋଇଲିର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପାର୍ବତୀ ନନ୍ଦ, ଅସୁରେଶ୍ୱର ସରପଞ୍ଚ ଗୌତମି ଦାସ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସମିତି ସଭ୍ୟା ହିମାଦ୍ରୀ ମିଶ୍ର,କଟିକଟା ସରପଂଚ ଚିତରଞ୍ଜନ ମଲ୍ଲିକ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ବିଦ୍ୟାଳୟ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ବସନ୍ତ କୁମାର ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଅତିଥିରୂପେ ଯୋଗଦାନ କରି ଶିଶୁ ମାନଙ୍କୁ ଉତ୍ତମ ରୂପେ ଗଢି ତୋଳିବାରେ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁ ଦାୟିତ୍ୱ ଥିବାର ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗତିକୃଷ୍ଣ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ପରିବେଶର ସୁରକ୍ଷା ନିମନ୍ତେ ଚାରା ରୋପଣ କରାଯାଇଥିଲା। ବିଶିଷ୍ଟ ଯୁବ କଣ୍ଠଶିଳ୍ପୀ କୁମାର ଜାନୁଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି କୃତୀ ଛାତ୍ରୀଛାତ୍ରୀମାନଙ୍କ ମଧ୍ୟରେ ପୁରସ୍କାର ବିତରଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଗୟା ତୀର୍ଥ ପୌରାଣିକ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭ୍ୟସଭ୍ୟା ଓ ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

# ଲକ୍ଷ୍ମୀ ବସ୍ ଡ୍ରାଇଭର୍‌ଙ୍କ ଧର୍ମଘଟ: ଯାତ୍ରୀ ହନ୍ତସନ୍ତ



ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ୍‌ରେ ୪ ଗୋଟି ଲକ୍ଷ୍ମୀ ବସ୍ ସେବା ୨୩ ଗୋଟି ପଞ୍ଚାୟତକୁ ଯୋଗାଇ ଦିଆଯାଇଥିବା ବେଳେ ବସ୍ ଚଳାଚଳ ପାଇଁ ୫ ଗୋଟି ଡ୍ରାଇଭର୍ ନିଯୁକ୍ତି ହୋଇଛନ୍ତି। ସେମାନେ ୩ ଦଫା ଦାବି ନେଇ ବସ୍ ବନ୍ଦ କରିବା ସହ ଧର୍ମଘଟ କରିଛନ୍ତି।ଦାବି ମଧ୍ୟରେ, ସେମାନଙ୍କୁ ସ୍ଥାୟୀ ଚାକିରୀ ନିଯୁକ୍ତି ଦିଆଯାଉ, ଦରମା ବୃଦ୍ଧି, ଇଏସ୍‌ଆଇଏସ୍ କାର୍ଡ, ପିଏଫ୍ କାର୍ଡ ଓ ଦରମା ସ୍ଲିପ୍ ପ୍ରାପ୍ତ କରାଯାଉ। ଏହି ସବୁ ଦାବି ଗୁଡିକ ଠିକା ନେଇଥିବା କମ୍ପାନୀ ଚାଟାର୍ଡ ସୁଇଚ୍ ଲିମିଟେଡ୍ ଯଥାଶୀଘ୍ର ପୂରଣ କରନ୍ତୁ, ନଚେତ ଗାଡି ଚଳାଚଳ ବନ୍ଦ ରହିବ ବୋଲି ଡ୍ରାଇଭର୍ ମାନେ ଜିଦ୍‌ରେ ଅଟଳ ରହିଛନ୍ତି। ସେମାନେ ହେଲେ, ସୁବାଷ ଦାସ, ଅରୁଣ ମଲ୍ଲିକ୍, ଶିଖର ରାଉତ, ସନ୍ତୋଷ ଦାସ, ବିଜୟ କୁମାର ଭୋଇ।

# ସାଂସଦଙ୍କ ମା' ରାମଚଣ୍ଡୀ ମନ୍ଦିର ପରିଦର୍ଶନ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ ପାଣିଗ୍ରାହୀ ଗଞ୍ଜାମ ବ୍ଲକ କରପଡା ପଞ୍ଚାୟତର ନୀଳାଦ୍ରିପୁର ଗ୍ରାମରେ ବିଜେ ମା' ରାମଚଣ୍ଡୀ ମନ୍ଦିର ପରିଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ମା' ରାମଚଣ୍ଡୀ ଟ୍ରଷ୍ଟ ଓ ପୂଜା କମିଟି ଦ୍ୱାରା ପୁଷ୍ପ ଗୁଚ୍ଛ, ଉପଢୌକନ ଓ ସ୍ମୃତି ଚିତ୍ର ଦେଇ ସାଂସଦଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ସଂଯୋଜକ କମଲ କୁମାର ପଣ୍ଡା, ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ପୂଜା କମିଟି ସଭାପତି ଅଜୟ ନାୟକ, କାର୍ଯ୍ୟକାରୀ ସଭାପତି ଦିବାକର ନାୟକ, ପୂଜା କମିଟି ଉପଦେଷ୍ଟା ତ୍ରିପାଠି ବାଲାଜୀ ମିଶ୍ର, କେ ସତ୍ୟନାରାୟଣ ରେଡି, ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକଙ୍କ ସମେତ ଗ୍ରାମବାସୀ ମାନେ ମଧ୍ୟ ଉପସ୍ଥିତ ଥିଲେ। ପରେ ଟ୍ରଷ୍ଟ ଓ ସମସ୍ତ ପୂଜା କମିଟି ସଦସ୍ୟଙ୍କ ଉପସ୍ଥିତିରେ ମନ୍ଦିରର ପରିସର ବୁଲି ଦେଖିଥିଲେ ଏବଂ ବିଭିନ୍ନ ସମସ୍ୟାକୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝିଥିଲେ। ଶେଷରେ ସେ ନିଜେ ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ମିଳିତ ଉଦ୍ୟମରେ ଆଗାମୀ ଦିନରେ କିପରି ଏହି ପୀଠକୁ ପର୍ଯ୍ୟଟନର ମାନ୍ୟତା ଦିଆଯିବା ସହିତ ପୀଠରେ ଭକ୍ତମାନଙ୍କ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଅସୁବିଧାକୁ କିପରି ତୁରନ୍ତ ସମାଧାନ କରାଯିବା ତାହା ଉପରେ ଆଲୋକପାତ କରିବା ସହିତ ସଂଯୋଜକ କମଲ ପଣ୍ଡାଙ୍କୁ ଏହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଆଦେଶ ଦେଇଥିଲେ।



## ବେଦାନ୍ତ ଆଲୁମିନିୟମ ପକ୍ଷରୁ ମହିଳାଙ୍କ ଋତୁସ୍ରାବ ଜନିତ ବର୍ଜ୍ୟ ପରିଚାଳନା ତାଲିମ

ଝାରସୁଗୁଡା : ଝାରସୁଗୁଡା ସ୍ଥିତ ବେଦାନ୍ତ ଆଲୁମିନିୟମ ପକ୍ଷରୁ ମହିଳାଙ୍କ ଋତୁ ସ୍ରାବ ଜନିତ ବର୍ଜ୍ୟ ପରିଚାଳନାକୁ ଶୂନ କରିବା ପାଇଁ ତାଲିମ ପ୍ରଦାନ କରାଯାଇଛି। ଷ୍ଟୋନ୍ ଅଫ୍‌ର ସହପ୍ରତିଷ୍ଠାତା ମାଳିନୀ ପାରମର ଯୋଗଦେଇ ଋତୁସ୍ରାବ ଜନିତ ବର୍ଜ୍ୟ ପରିଚାଳନା ଉପରେ ଆଲୋକପାତ କରିବା ସହ ଏହାର ସଠିକ୍ ଉପଯୋଗ ହୋଇପାରିଲେ ପରିବେଶ ସବୁଜ ସୁନ୍ଦର ହୋଇପାରିବ ବୋଲି ମତ ରଖିଥିଲେ। ବେଦାନ୍ତ ପତାକା ତଳେ ମହିଳାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ତାଲିମ ପ୍ରଦାନ କରାଯାଉଛି। ବେଦାନ୍ତ ଆଲୁମିନିୟମର ମୁଖ୍ୟ ଅପରେଟିଂ ଅଧିକାରୀ ସୁନୀଲ ଗୁପ୍ତା କହିଥିଲେ ଯେ, ଆମେ ମାନେ ମହିଳାଙ୍କୁ ସଶକ୍ତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଋତୁସ୍ରାବ ଜନିତ ବର୍ଜ୍ୟ ପରିଚାଳନାକୁ ଶୂନରେ ପହଞ୍ଚାଇବାକୁ ଆମେ ସେମାନଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଉଛୁ। ସେହିପରି ଶୁଭଲକ୍ଷ୍ମୀ ସମବାୟ ସମିତିର ସମାନେତ୍ରୀ ପଙ୍କଜିନୀ ଓରାମ କହିଥିଲେ ଯେ, ଏହାକୁ ସଠିକ ଭାବେ ପରିଚାଳନା କରାଯାଇପାରିଲେ ଏହା ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ସହ ମହିଳାମାନଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ଆଣିପାରିବ। ବେଦାନ୍ତ ତା'ର ସାମାଜିକ ଦାୟିତ୍ୱବୋଧରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ନିର୍ବାହ, ଦକ୍ଷତା ବିକାଶ, କ୍ରୀଡାର ବିକାଶ, କଳା ଓ ସଂସ୍କୃତିର ବିକାଶ ତଥା ମହିଳା ଓ ଶିଶୁଙ୍କ ବିକାଶ ପାଇଁ ନିକଟସ୍ଥ ୮୦ଟି ଗ୍ରାମରେ କାର୍ଯ୍ୟ କରିଚାଲିଛି। ଗୋଟିଏ ବର୍ଷର ୩ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହାର ଫାଇଦା ହାସଲ କରିଛନ୍ତି। ୩୫୦ ଏସ୍‌ଏଚ୍‌ଜିର ୫୦୦୦ମହିଳାଙ୍କୁ ସଶକ୍ତ କରାଯାଇ ପାରିଛି। ସେହିଭଳି ୫୦ହଜାର ଲୋକଙ୍କୁ ବର୍ଷରେ ଦ୍ୱାର ମୁହଁରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରିଛି ବୋଲି ବେଦାନ୍ତ ଆଲୁମିନିୟମ ପକ୍ଷରୁ କୁହାଯାଇଛି।

### ହାତେଇଛନ୍ତି ବାର୍ ଲାଇସେନ୍ସ, ବିକୁଛନ୍ତି ପେଟି ପେଟି ମଦ

## ସରକାରୀ ନିୟମକୁ ଖୋଲା ଉଲ୍ଲଙ୍ଘନ

ନିଆଳି (ଭାସ୍କର ନ୍ୟୁଜ୍) : ନିଆଳି ବଜାରରେ ଥିବା ଏକ ସରକାରୀ ବାର୍‌ରେ ନିୟମ ଅନୁଯାୟୀ ମଦ ସେହିଠାରେ ଖୋଲି ଗ୍ଲାସ୍‌ରେ ଢାଳି ବିକ୍ରି କରିବା ନିୟମ ଥିବା ସତ୍ତ୍ୱେ ନିୟମକୁ ଖୋଲା ଖୋଲି ଉଲଙ୍ଘନ କରି କୋଚିଆଙ୍କୁ ପେଟି ପେଟି ମଦ ବିକ୍ରି କରିବା, ଲିଭ୍ ଓ ନାଇଟି ବାର୍‌ରେ ନିଷେଧ ଥିବା ବେଳେ ଏଠାରେ କିନ୍ତୁ ଖୋଲା ଖୋଲି ଥାକରେ ରଖାଯିବା ଏମିତିକି ଲୋକମାନଙ୍କୁ ବାହାରେ ଲିଭ୍ ଓ ନାଇଟି ବିକ୍ରି କରାଯାଉଥିବା ଫଟୋ ବାହାରେ ଭାଇରାଲ୍ ହେଉଛି। ବାର୍ ମାଲିକ ଏହି ସବୁ ନିୟମକୁ ଉଲଙ୍ଘନ କରି ଖୁଲମ୍‌ଖୁଲା ବିକ୍ରି କରୁଛି। ଏନେଇ କଟକ ଜିଲ୍ଲା ଅଧିକାରୀ ବିଭାଗ ଅଧିକାରିଣୀ ମାନସୀ ନାୟକଙ୍କୁ ପଚାରିବାରୁ ନିୟମିତ ଯାଞ୍ଚ କରାଯାଉଛି, ଯଦି ଏଭଳି କିଛି ଅଭିଯୋଗ ଥାଏ ତେବେ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ରୋଟାରୀ କ୍ଲବ୍ ଅଫ୍ କଟକ ରାଡ଼ିଆନ୍ସ ପକ୍ଷରୁ ସେବା କାର୍ଯ୍ୟକ୍ରମ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ରୋଟାରୀ କ୍ଲବ୍ ଅଫ୍ କଟକ ରାଡ଼ିଆନ୍ସ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ରାମଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାପୁଜୀ କ୍ଲବ୍ ପରିସରରେ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରୋଟାରୀ କ୍ଲବ୍ ଅଫ୍ କଟକ ରାଡ଼ିଆନ୍ସର ସଭାପତି ରୋଟାରିଆନ୍ ଇନ୍ଦିରା ଶୁଭଦର୍ଶିନୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପ୍ରାନ୍ତପାଳ ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର ଯୋଗ ଦେଇ ରାମଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାପୁଜୀ କ୍ଲବ୍‌କୁ ଦୁଇଟି ୱାଟର ଫିଲଟର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ଶିକ୍ଷାଅଧିକାରୀ କୁନ୍ତଳା କୁମାରୀ ଖଟୁଆ, ବାପୁଜୀ କ୍ଲବ୍ ସଭାପତି ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ରୋଟାରୀ କ୍ଲବ୍ ଅଫ୍ କଟକ ରାଡିଆନ୍ସ ସମ୍ପାଦିକା ରୋଟାରିଆନ୍ ନିର୍ମଳୟା ଦାସ, ପ୍ରାକ୍ତନ ସଭାପତି ତଥା ଜିଲ୍ଲା ୱାଟର ସାନିଟାଇଜର ରୋଟାରିଆନ୍ ନୁପୁର ସୁର, ପ୍ରାକ୍ତନ ସଭାପତି ତଥା ଉପ ପ୍ରାନ୍ତପାଳ ସୁଚିତ୍ରା ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ବାପୁଜୀ କ୍ଲବ୍ ପରିସରରେ ଟାଙ୍ଗୀ ବିଦ୍ୟାପୀଠ ଓ ମହିଳା ବିଦ୍ୟାଳୟର ୧୦ଜଣ ମେଧାବୀ ଛାତ୍ର ଓ ଛାତ୍ରୀଙ୍କୁ ଟେଷ୍ଟପେପର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗୋବିନ୍ଦ ଚନ୍ଦ୍ର ସାହୁ, ନାରାୟଣ ସ୍ୱାଇଁ, ରୋହିତ ମହାନ୍ତି, ହେମନ୍ତ ମହାରଣା, ଅକ୍ଷୟ ବେହେରା, ଜିତନ କୁମାର ସାହୁ ଓ ବିନୋଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।

## ମଣିନାଥପୁର ହାଇସ୍କୁଲରେ ଶିଶୁ ଦିବସ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଏହି ବ୍ଲକର ମଣିନାଥପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିନେଇ ଅନୁଷ୍ଠିତ ଉତ୍ସବରେ ବାସୁଦେବ ସୋରେନ, ଦିପ୍ତିରଞ୍ଜନ ଶେଣ୍ଠ, ଜ୍ୟୋତିରଞ୍ଜନ ପ୍ରଧାନ, ଶେଖ ଆଫ୍ରୋଜୁଦ୍ଦିନ, ଶରତ କୁମାର ଥାଟୋଇ, ରମେଶ ଚନ୍ଦ୍ର ରାଉତ, ଶିକ୍ଷୟତ୍ରୀ ରିତାଞ୍ଜଳୀ ମହାନ୍ତି, ପ୍ରଭାତ ମଞ୍ଜରୀ ଜେନା, ଅରୁଣୀ ବେହେରା, ରଶ୍ମିରେଖା ରାଉତ ଯୋଗଦେଇ ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶିଶୁଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଧନ୍ୟବାଦ ଦେଇଥିଲେ। ଫଟୋ-ମଣିନାଥପୁର ଶିଶୁ ମହୋତ୍ସବ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ନେହେରୁଙ୍କ ଜୟନ୍ତୀ ପାଳିତ




ଯାଜପୁର (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ ନେହରୁଙ୍କ ୧୩୬ତମ ଜୟନ୍ତୀ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପଣ୍ଡିତ ନେହୁରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଜୟନ୍ତୀ ସଭାରେ ଦେଶ ବିଭାଜନ ସମୟରେ ଭାରତବର୍ଷରେ ଯେଉଁ ସାଂପ୍ରଦାୟିକ ଦଙ୍ଗା ଓ ବିଦ୍ୱେଷ ନିଆଁ ଜଳି ଉଠିଥିଲା ତାକୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କର ପ୍ରତ୍ୟକ୍ଷ▯ତତ୍ୱାବଧାନରେ ପଣ୍ଡିତ ନେହୁରୁ ପ୍ରଶମିତ କରାଇ ପାରି ଥିଲେ। ତାଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଭାରତର ସାର୍ବଭୌମତ୍ୱ , ଧର୍ମ ନିରପେକ୍ଷତା, ନାଗରିକମାନଙ୍କର ମୌଳିକ ଅଧିକାରର ସୁରକ୍ଷା, ଅର୍ଥନୈତିକ ଅଭିବୃଦ୍ଧି, ପଡୋଶୀ ରାଷ୍ଟ୍ରମାନଙ୍କ ସହ କୂଟ ନୈତିକ ସୁସଂପର୍କ, ବହିର୍ବାଣିଜ୍ୟ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି, ଗମନାଗମନ ନିମନ୍ତେ ଜାତୀୟ ରାଜପଥ ବନ୍ଦର ଓ ଶିଳ୍ପର ବିକାଶ ନିମନ୍ତେ ନୂତନ ଇସ୍ପାତ କାରଖାନା ନିର୍ମାଣ କରାଇବା ସହିତ ଦେଶର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଯୁଗର ଆରମ୍ଭ କରିଥିଲେ ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ଜୟନ୍ତୀ ସଭାରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ, ଦିଗମ୍ବର କର, ସନ୍ତୋଷ କୁମାର ନନ୍ଦ, ପୂର୍ଣ୍ଣଚନ୍ଦ୍ର ଜେନା, ଦୁର୍ଯ୍ୟୋଧନ ବେହେରା, ମହମ୍ମଦ ଅବଦୁଲ ରଉଫ, ଆଲୋକ ବେହେରା, ମାନସ ରଂଜନ ପଣ୍ଡା, ସଂଗ୍ରାମ ସାହାଣୀ, ଦେବାଶିଷ ସାମନ୍ତ, ବିଭୂତି ମହାପାତ୍ର, ଭାସ୍କର ମହାନ୍ତି, ଗଦାଧର ଦାସ, ରଘୁନାଥ ସାହୁ, ଅନିଲ ମହାନ୍ତି, କପିଳେଶ୍ୱର ଦଳାଇ, ଆଦିତ୍ୟ ମହାନ୍ତି, ଦିଲ୍ଲୀପ ଦାଶ, ନକୁଳଦେବ ସାହୁ, ସନ୍ତୋଷ କୁମାର ରାଉତ, ନାରଣ ସାମନ୍ତ ଓ ବିଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ସେବା ସମବାୟ ସମିତିରେ ସମବାୟ ସପ୍ତାହ

ବାରଙ୍ଗ (ଭାସ୍କର ନ୍ୟୁଜ୍) : ନଭେମ୍ବର ୧୪ରେ ଓଡ଼ିଶା ପକ୍ଷରୁ ୭୧ତମ ସର୍ବଭାରତୀୟ ସମବାୟ ସପ୍ତାହ ପାଳିତ ହୋଇଯାଇଛି।ଏହି ଅବସରରେ ବେଲଗଛିଆ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ୭୧ତମ ସମବାୟ ସପ୍ତାହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମବାୟ ସମିତିର ସଭାପତି ଅଶୋକ କୁମାର ରାଉତ, ସମ୍ପାଦିକା ସୁନିତା ପାଣି, ଡ଼ିଓ ଅସିତ କୁମାର ସ୍ୱାଇଁ, ସହକର୍ମୀ କିଶୋର ଚନ୍ଦ୍ର ପାଣି, ସମିତି ସଭ୍ୟ ନାରାୟଣ ସେନାପତି, ବିଜୟ କୁମାର ସାହୁ, ସୌମେନ୍ଦ୍ର ରାଉତ, କବିରାଜ ପାଣି, ଅମୂଲ୍ୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ କିପରି ସହଜ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇ ହେବ ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ବିନା ସୁଧରେ କୃଷି ଋଣ ଯୋଜନା, ମାଗଣା ଫସଲ ବୀମା ପଞ୍ଜୀକରଣ ଓ ସମବାୟ ମାଧ୍ୟମରେ କୃଷି ଜାତ ଦ୍ରବ୍ୟର ସଫଳ ମାର୍କେଟିଂ ପାଇଁ ଉପସ୍ଥିତ ସମିତିର ସଦସ୍ୟ ଆହ୍ୱାନ ଦେଇଥିଲେ।




## ଫକୀର ମୋହନ କଥା ସାହିତ୍ୟକୁ ନେଇ ଆଲୋଚନା ଚକ୍ର

ବାରଙ୍ଗ (ଭାସ୍କର ନ୍ୟୁଜ୍):ବାରଙ୍ଗ କୁଞ୍ଜ ବିହାରୀ ମହାବିଦ୍ୟାଳୟରେ ଓଡିଆ ଭାଷା ସାହିତ୍ୟ ବିଭାଗ ତରଫରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଲିପିପୁଷ୍ପା ନାୟକ ସଭାପତିତ୍ୱରେ ଫକୀର ମୋହନ କଥା ସାହିତ୍ୟ ଶୀର୍ଷକକୁ ନେଇ ଏକ ପାଠ୍ୟକ୍ରମ ଆୟୋଜନ ହୋଇଥିଲା।ଏଥିରେ ମୁଖ୍ୟ ବକ୍ତା ଭାବେ ବିଶ୍ୱଭାରତୀ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ଼. ବୈଷ୍ଣବ ଚରଣ ସାମଲ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ଼.ରେବତୀ ରଞ୍ଜନ ବେହେରା ଭିତ୍ତି ପ୍ରବନ୍ଧ ଉପସ୍ଥାପନା କରିଥିବାବେଳେ ସଂଯୋଜନା କରିଥିଲେ ସସ୍ମିତା ତ୍ରିପାଠୀ। ଅଧ୍ୟାପିକା ତାଜମୁନି ବେଗମ, ଅଧ୍ୟାପକ ଗିରିଜା ଶଙ୍କର ନାୟକ ୫ଜଣ ଛାତ୍ରଛାତ୍ରୀ ପାଠ୍ୟଚକ୍ରରେ ସନ୍ଦର୍ଭ ପାଠ କରିଥିଲେ।ଧନ୍ୟବାଦ ଦେଇଥିଲେ ଅଧ୍ୟାପିକା ପ୍ରଭାସିନୀ ପ୍ରଧାନ।ଏହି ପାଠ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ, ମହାବିଦ୍ୟାଳରେ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

### ବୁଢେଶ୍ୱର ମନ୍ଦିରରେ ବଡ଼ ଓଷା ପାଳିତ

## ୨୮୦ ହଣ୍ଡା ଭଣ୍ଡାର ଭୋଗ ଲାଗିଲା



ଭୁବନ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନ ର ବାବା ବୁଢେଶ୍ୱର ମନ୍ଦିର ପରିସରରେ ରେ ପ୍ରସିଦ୍ଧ ବଡ଼ ଓଷା ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ଭକ୍ତମାନେ ମାନସିକ ପୂରଣ ପାଇଁ ପ୍ରତ୍ୟୁଷରୁ ଧାଡ଼ି ରେ ଯାଇ ବାବା ବୁଢେଶ୍ୱର ଙ୍କୁ ଦର୍ଶନ କରିଥିଲେ ଓ ପରେ ଭଣ୍ଡାର ଭୋଗ ରାନ୍ଧି ବାବା ଙ୍କ ନିକଟରେ ଭୋଗ ଅର୍ପଣ କରିଥିଲେ। ସମୁଦାୟ ୨୮୦ ହଣ୍ଡା ଭଣ୍ଡାର ଭୋଗ ଲାଗି ହୋଇଥିଲା । ମନ୍ଦିର ପରିଚାଳନା କମିଟି ସଭାପତି ସନାତନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।ଅନୁରୂପ ଭାବେ ଭୁବନ ଏନ୍ ଏ ସି ଅନ୍ତର୍ଗତ ୧ ନମ୍ବର ୱାର୍ଡର କାଶୀ ବିଶ୍ୱନାଥ ମନ୍ଦିର ( ଛତା ମଠ) ପରିସରରେ ମଧ ଭଣ୍ଡାର ଭୋଗ ଲାଗି ହୋଇଥିଲା। ପଞ୍ଚକ ପାଇଁ ଚଳ ଚଞ୍ଚଳ ହୋଇପଡିଛି ବୁଢେଶ୍ୱର ମନ୍ଦିର । ଗତ ରବିବାର ଠାରୁ ଚତୁର୍ଦ୍ଦଶ ବାର୍ଷିକ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଆଜି ଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ଦୋଳି,ମିନା ବଜାର ପାଇଁ ଆଜି ଠାରୁ ପ୍ରବଳ ଗହଳି ହୋଇଛି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୨୧୨ ୟୁନିଟ ରକ୍ତ ସଂଗୃହିତ




ପାରାଦୀପ (ଭାସ୍କର ନ୍ୟୁଜ୍) : ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ୧୩୫ତମ ପୂର୍ଣ୍ୟତିଥି ତଥା ଶିଶୁ ଦିବସ ଅବସରରେ ପଣ୍ଡିତ୍ ଜବାହରଲାଲ୍ ନେହେରୁ ଟ୍ରଷ୍ଟ, ପାରାଦୀପ୍ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନସ୍ଥିତ ଶ୍ରମିକ ଭବନ ଠାରେ ନଭେମ୍ବର ୧୪ ତାରିଖ ଗୁରୁବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଶିବିର କୁ ଉଦଘାଟନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ରେ ପାରାଦୀପ ବନ୍ଦର ପ୍ରାଧିକରଣ ଡି.ଟି.ଏମ୍ ତଥା ସୁପ୍ରସିଦ୍ଧ ନାଟ୍ୟ ନିର୍ଦ୍ଦେଶକ ନାରାୟଣ ମିଶ୍ର, ଅଠରବାଙ୍କି ସରକାରୀ ଚିକିତ୍ସାଳୟର ହୋମିଓପାଥିକ୍ ଚିକିତ୍ସକ ଡା. ଆସିଫ୍, ବିଶିଷ୍ଟ ସମାଜସେବୀ ତଥା ସାରସ୍ୱତଃ ସାଧିକା ହାରାମଣୀ ମହାପାତ୍ର, ପଣ୍ଡିତ ଜବାହାରଲାଲ୍ ନେହେରୁ ଟ୍ରଷ୍ଟର ମୂଖ୍ୟ ଉପଦେଷ୍ଟା ତଥା ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ ଏବଂ ବରିଷ୍ଠ ସାମ୍ବାଦିକ ଧ୍ରୁବଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ୍, ତିର୍ତ୍ତୋଲ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ମଲ୍ଲିକ୍, ପାରାଦୀପ ବନ୍ଦର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ସୁଶାନ୍ତ ସେଠି, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗଙ୍ଗାଧର ସେଠି ଏବଂ ପାରାଦ୍ୱୀପ ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ କ୍ଷ ଏହି ଶିବିରକୁ ଟ୍ରଷ୍ଟର ଅଧ୍ୟକ୍ଷ ସରୋଜ ପ୍ରଧାନ ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ସଦସ୍ୟ ଜଗବନ୍ଧୁ ଶତପଥୀ, ବିଜୟ ସେଠୀ, କୃପାସିନ୍ଧୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ବିନୋଦ ପ୍ରଧାନ, ପ୍ରେମଲତା ବାରିକ୍, ବିନତୀ ପଢିଆରୀ, ଧରିତ୍ରୀ ଶାମଲ, ମମତା ଜେନା, ପୁଷ୍ପଲତା ଦାସ୍ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଏହି ଶିବିର ରୁ ସର୍ବମୋଟ ୨୧୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ଥାନା ଅନ୍ତର୍ଗତ ଓଟିଏମ୍ ହାଇସ୍କୁଲ ପଛପଟେ ଥିବା ଏକ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୁଲିସ୍ ପକ୍ଷରୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ କଟକ ବଡଡାକ୍ତରଖାନା ପଠାଯାଇଥିବା ଜଣାପଡ଼ିଛି । ମୃତ ଯୁବକ ଜଣକ ହେଲେ ଜ୍ଞାନରଂଜନ ବେଉରିଆ ଯିଏକି ଏହି ସ୍କୁଲରେ ରାତ୍ରଜଗୁଆଳ ଭାବେ କାମ କରୁଥିବା ବେଳେ ତାଙ୍କ ବାପା ଅଭିମନ୍ୟୁ ବେଉରିଆ ମଧ୍ୟ ସ୍କୁଲରେ ପିଅନ କାର୍ଯ୍ୟ କରନ୍ତି । ଆଜି ସକାଳୁ ତାଙ୍କର ମୃତଦେହ ସେ ରହୁଥିବା ଘରେ ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ସ୍କୁଲର ପ୍ରଧାନ ଶିକ୍ଷକ ଜିତେନ୍ କୁମାର ରାଉତ ପୁଲିସ୍‌କୁ ଖବର ଦେବା ପରେ ପୁଲିସ୍ ଘଟଣାସ୍ଥଳରେ ପହଂଚି ମୃତଦେହଟିକୁ ଜବତ କରିଥିଲା । ମୃତ ଜ୍ଞାନରଂଜନଙ୍କର ମାଆ ଓ ସାନଭାଇ ଗାଁରେ ରହୁଥିବା ବେଳେ ସେ ଘରର ବଡପୁଅ ଥିଲେ ବୋଲି ଜଣାପଡ଼ିଛି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ବୋଇତ ବନ୍ଦାଣ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଲୋକଗୀତର ତାଳେ ତାଳେ ଝୁମିଲେ ଦର୍ଶକ / ଆଜି ଆସିବେ କଣ୍ଠଶିଳ୍ପୀ ତାନସେନ ସିଂ

ଅନୁଗୁଳ (ଭାସ୍କର ନ୍ୟୁଜ୍) : ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କଳାକାରର ଦ୍ୱାରା ଆୟୋଜିତ ୩୯ତମ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାର ଆଜି ଥିଲା ଦ୍ୱିତୀୟ ଦିବସ । ଆଜି ସକାଳେ ଓଡିଶୀ ନୃତ୍ୟ ଗୁରୁ ପିତାମ୍ବର ବିଶ୍ୱାଳ, ଓଡିଶୀ କଣ୍ଠ ଶିଳ୍ପୀ ଜୀବନା ନନ୍ଦ ବରାଳ ଓ ଶାସ୍ତ୍ରୀୟ ତାଳ ବାଦ୍ୟ ଗୁରୁ ସୌମ୍ୟ ରଂଜନ ମହାନ୍ତି ଦୀପ ପ୍ରଜ୍ୱଳନ କରି ଆଜି ଦିବସର ବିଭିନ୍ନ ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ । କିବୋର୍ଡ଼, ତବଲା, ଏକକ ଓ ଦଳଗତ ଲୋକନୃତ୍ୟ ରେ ରାଜ୍ୟର ବିଭିନ୍ନ ଅଂଚଳରୁ ପ୍ରାୟ ଦୁଇ ଶହରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ପୂର୍ବତନ ନଗରପାଳ ଶକ୍ତି ପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ କମଳେସ ବର୍ମା ଯୋଗ ଦେଇ କଳାକାର ଆମ ଅନୁଗୁଳର ଗର୍ବ ଆଉ ଗୌରବ । ଆମ ଜିଲ୍ଲାର କଳା ସଂସ୍କୃତି, ପରମ୍ପରାକୁ ବଜାୟ



ରଖିବାରେ କଳାକାରର ଉଦ୍ୟମ ପ୍ରଶଂସାଯୋଗ୍ୟ । ବିଚାରକ ମାନଙ୍କୁ କଳାକାର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, ଡ଼. କୃଷ୍ଣ ଚନ୍ଦ୍ର ଦାସ, କ୍ଷୀରୋଦ ପାତ୍ର ଉପସ୍ଥିତ ଥିଲେ। ସଭା ପରେ ଦଳଗତ ଲୋକ ନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ । ସମ୍ବଲପୁରୀ, ବିହୁ, ଆସାମୀ, ଆଦିବାସୀ ଗୀତର ତାଳେ ତାଳେ ପ୍ରତିଯୋଗୀଙ୍କ ମନ ମୁଗ୍ଧ କର ନୃତ୍ୟ ଉପସ୍ଥିତ ଦର୍ଶକ ଭରପୁର ମନୋରଞ୍ଜନ କରିଥିଲେ ।ବୁଧବାର ଆୟୋଜିତ ରଙ୍ଗଭରୋ ଶିଶୁ ବର୍ଗରେ ସୁଶିକ୍ଷା ସାମନ୍ତିଆ, ସାନଭି ଶ୍ରୀପର୍ଣ୍ଣ ଦାସ, ଭବନୀତ ସାହୁ, ସର୍ବ କନିଷ୍ଠ ବର୍ଗରେ ଅଂଶୁମାନ ନନ୍ଦ, ଦିଶା ଦିବ୍ୟାନ୍ସି, ସ୍ନିଗ୍ଧା। ସାହୁ, ଚିତ୍ରାଙ୍କନ ସର୍ବ କନିଷ୍ଠ ବର୍ଗରେ ପ୍ରୟାସ ପ୍ରଜ୍ଞାନ ସାହୁ, ଅଂଶୁମାନ ନନ୍ଦ, ଅରମାନ ପାତ୍ର କନିଷ୍ଠ ବର୍ଗରେ ପ୍ରିୟାନସି ପରିସ୍ମା ଦେହୁରୀ, ନିରାଲି ମିଶ୍ର, ଶୋୟମ ଶ୍ରୀ ସାହୁ, ଓଡିଶୀ ଏକକ ନୃତ୍ୟ ସର୍ବ କନିଷ୍ଠ ବର୍ଗରେ ଶ୍ରେୟନସି ମହାରଣା, ଶ୍ରେୟନସି ରାଉତ, ପୁରବୀ ପୁର୍ଣ୍ୟଭି, କନିଷ୍ଠ ବର୍ଗରେ ପ୍ରୀତି ପ୍ରଜ୍ଞା ପରିନିତା, ପୋଲୋମି ଦାସ, ସ୍ନେହା ମହାତୋ, ଏକକ ଲଘୁ ନୃତ୍ୟ ସର୍ବ କନିଷ୍ଠ ବର୍ଗରେ ଆରୋହୀ ମିଶ୍ରୀ, ରାଜଲକ୍ଷ୍ମୀ ଥମ୍ବ, ସୋମାଲକ୍ଷ୍ମୀ ପ୍ରଧାନ, କି ବୋର୍ଡ଼ ସର୍ବ କନିଷ୍ଠ ବର୍ଗରେ ରେଗାନ ସି ସେନାପତି, ଅଭିଜ୍ଞାନ ଲେଙ୍କା, ସାର୍ଥକ ପ୍ରିୟଦର୍ଶୀ, କନିଷ୍ଠ ବର୍ଗରେ ଜ୍ୟୋତି ରଞ୍ଜନ ପ୍ରଧାନ, ଏସ କେ ରାୟନ ୟୁସଫ, ରୁଦ୍ରାନ୍ସ ଦାସ, ତବଲା କନିଷ୍ଠ ବର୍ଗରେ କୁମାର ଓଁ ଶଙ୍କର, ପ୍ରିୟାଂଶୁ ପ୍ରିୟବ୍ରତ, ଜଗଦୀଶ ପ୍ରସାଦ ବାରିକ, ଏକକ ଲଘୁନୃତ୍ୟ କନିଷ୍ଠ ବର୍ଗରେ ସ୍ନେହା ମହାତୋ, ପୋଲୋମି ଦାସ, ଏହାନି ମିଶ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଲୋକସଭା ସାଂସଦ ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି ଓ ସମ୍ମାନିତ ଅତିଥି ଭାବରେ ଅନୁଗୁଳ ବିଧାୟକ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ଓଡ଼ିଶାର ସୁନାମଧନ୍ୟ କଣ୍ଠ ଶିଳ୍ପୀ ତାନସେନ ସିଂ ଯୋଗଦେବେ ବୋଲି ଅନୁଷ୍ଠାନର ସଭାପତି ବୀରେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଡ଼ ବୈରାଗୀ ଚରଣ ମଲ୍ଲୀକ ମଞ୍ଚ ପରିଚାଳନା କରିଥିଲେ । ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ ।



ବାରିପଦା (ଭାସ୍କର ନ୍ୟୁଜ): ବାରିପଦାର ସ୍ଥାନୀୟ ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗ ଆନୁକୂଲ୍ୟରେ ନବାଗତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ସଭା ଉଭୟ ବିଭାଗର ପ୍ରମୁଖ ଡଃ ଆଲବର୍ଟିନା ତିର୍କୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଭାଗ ପ୍ରମୁଖ ଡଃ ତିର୍କୀ ଉକ୍ତ ସମ୍ବର୍ଦ୍ଧନା ସଭାର ମୁଖ୍ୟ ଆଭିମୁଖ୍ୟ ଏବଂ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଡଃ ଅରୁଣ ରାୟ ନବାଗତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଦିଗରେ ଶୃଙ୍ଖଳିତ ଓ କର୍ତ୍ତବ୍ୟନିଷ୍ଠ ହେବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ରାଜନୀତି ବିଜ୍ଞାନ ବିଭାଗର ଅତିଥି ଅଧ୍ୟାପକ ଜଗଦୀଶ ସାହୁ, ସାରଥୀ ବେଶ୍ରା, ପଦ୍ମିନୀ ସୋରେନ ଓ ସୋନାଲି ବେହୁରିଆ ଛାତ୍ରଛାତ୍ରୀଙ୍କୁ ଦାୟିତ୍ୱବାନ ତଥା କର୍ମନିଷ୍ଠ ହେବା ପାଇଁ ନିଜ ନିଜର ମତ ପ୍ରକାଶ କରିଥିଲେ। ସ୍ନାତକୋତ୍ତର ଶେଷବର୍ଷ ଛାତ୍ରଛାତ୍ରୀ ଲୋକନାଥ, ଶ୍ରବଣ, ଉମେଶ, ବଳରାମ, ଲିଙ୍ଗରାଜ, ବିକାଶ, ତ୍ରିଶା, ସ୍ୱାତୀ, ସ୍ନାତକ ଛାତ୍ରଛାତ୍ରୀ ରାଜକିଶୋର, ଅଭିପ୍ସା, ରାକେଶ, ସୋମନାଥ, ପ୍ରିୟଙ୍କା, ଚିନ୍ମୟୀ ଓ ଲୋକ ପ୍ରଶାସନ ବିଭାଗ ଛାତ୍ର ସୁମନ, ଜଗନ୍ନାଥ ଏବଂ ଛାତ୍ରୀ ପ୍ରୀତି ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା।

## ୨୦ ଲିଟର ବିଦେଶୀ ମଦ ଜବତ, ମଦ ବିକ୍ରେତା ଗିରଫ



କରଞ୍ଜିଆ (ଭାସ୍କର ନ୍ୟୁଜ): ଦୀର୍ଘ ବର୍ଷ ବର୍ଷ ଧରି ବେଆଇନ ଭାବେ ବିଦେଶୀ ମଦ ବ୍ୟବସାୟ କରୁଥିବା କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହାର କରୁଣାକର ମହାନ୍ତ ଓରଫ ଟୁକୁ ମହାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କରଞ୍ଜିଆ ପୋଲିସ। ବିଜେଡି ଦଳର ଜଣେ ଆଗଧାଡିର ଯୁବନେତା ଭାବେ ଜଣାଶୁଣା ଗିରଫ ଟୁକୁ ମହାନ୍ତ। ସେ ଦୀର୍ଘବର୍ଷ ଧରି ତାଙ୍କ ଜଳଖିଆ ଦୋକାନରେ ବେଆଇନ ଭାବେ ମଦ ବ୍ୟବସାୟ ଜାରି ରଖିଥିଲେ। ପୂର୍ବରୁ ପୋଲିସ ଦୁଇଥର ଚଢ଼ାଉ କରିଥିଲେ ମଧ୍ୟ କୌଣସି ସୁଫଳ ପାଇପାରିନଥିଲା। ଗତକାଲି ରାତି କରଞ୍ଜିଆ ଥାନା ଅଧିକାରୀ ନିରୋଦ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ସବଇନିସପେକ୍ଟର ସୁଧାଂଶୁ ଶେଖର ସେଠୀ ଓ ଥାନାର ଅନ୍ୟ କର୍ମଚାରୀମାନେ ଚଢ଼ାଉ କରି ତାଙ୍କ ଦୋକାନରୁ ୨୦ ଲିଟର ବିଦେଶୀ ମଦ ଜବତ କରିବା ସହିତ ଦୋକାନ ମାଲିକ କରୁଣାକର ମହାନ୍ତ ଓରଫ ଟୁକୁଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ ଓ ଆଜି ତାଙ୍କ ବିରୋଧରେ କେଶ ନଂ ୩୫୬/୨୪ ରୁଜୁକରି ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରିଥିବା କରଞ୍ଜିଆ ଥାନା ଅଧିକାରୀ ନିରୋଦ ମଲ୍ଲିକ ସୂଚନା ଦେଇଛନ୍ତି।

## ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାନୁଷ୍ଠାନ, ଅପରାଧୀ ଛାନିଆ



ପୁରୀ(ଭାସ୍କର ନ୍ୟୁଜ) : କାର୍ତ୍ତିକ ପୂର୍ଣ୍ଣିମା ଥିବା ବେଳେ ପୁରୀ ପୋଲିସର ଅନେକ ଭକ୍ତଙ୍କ ସମାଗମ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି ଯେପରିକି ଅତିରିକ୍ତ ଏସପି -୬,ଡିଏ ପି -୧୪, ଇନ୍ସପେକ୍ଟର-୩୭, ଏସାଇ.- ୧୪୦, ହାବୀଦାଲ . ୨୫, କନଷ୍ଟେବଲ ୧୮୩, ଟ୍ରାଫିକ୍ କନଷ୍ଟେବଲ ୫୪, ହୋମଗାର୍ଡ. ୫୨୨ ଏବଂ ୩୬ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଅଛି। ଏଥି ସହ ଅପରାଧ ମୁକ୍ତ ପୁରୀ ପାଇଁ ଗତ ୩ ଦିନ ମଧ୍ୟରେ ଆଣ୍ଟି ସୋସିଆଲ ୩୦ ଜଣଙ୍କୁ ଗିରଫ୍ କରାଯାଇଅଛି ଯଥା- ସମୁଦ୍ରକୂଳ ଥାନା ୭ ଜଣ, ଟାଉନ ଥାନା ୫ ଜଣ, କୁମ୍ଭାରପଡ଼ା ଥାନା ୬ ଜଣ, ବାଲିଆପଣ୍ଡା ଥାନା ୫ ଜଣ, ବାସେଳୀସାହି ୫ ଜଣ, ତାଳବଣିଆ ଥାନା ୨ ଜଣ। ବ୍ରାଉନ ସୁଗାର ରେ ୪ ଜଣଙ୍କୁ ଗିରଫ କରାଯାଇଅଛି ଯଥା- ଟାଉନ ଥାନା ୧ ଜଣ , ସମୁଦ୍ରକୂଳ ଥାନା ୧ ଜଣ, ବାସେଳୀସାହି ଥାନା ୨ ଜଣ। କୋରେକ୍ସ ବିକ୍ରି ଅଭିଯୋଗରେ ୪ ଜଣକୁ ଗିରଫ କରାଯାଇଛି ଯଥା-ଟାଉନ ଥାନା ୨ ଜଣ, ବଳିଆପଣ୍ଡା ଥାନା ୧ ଜଣ, ବାସେଳୀସାହି ଥାନା ୧ ଜଣ। ଅବକାରୀ ବିକ୍ରି ଅଭିଯୋଗରେ ୧୫ ଜଣଙ୍କୁ ଗିରଫ କରାଯାଇଛି ଯଥା- ଟାଉନ ଥାନା ୨ ଜଣ, ସମୁଦ୍ରକୂଳ ଥାନା ୧ ଜଣ କୁମ୍ଭାରପଡ଼ା ଥାନା ୧ ଜଣ, ବାଲିଆପଣ୍ଡା ଥାନା ୫ ଜଣ, ବାସେଳୀସାହି ଥାନା ୩ ଜଣ, ତାଳବଣିଆ ଥାନା ୨ ଜଣ, ସିଂହଦ୍ୱାର ଥାନା ୧ ଜଣ। ୱାରେଣ୍ଟ ପାଇଥିବା ୧୫ ଜଣଙ୍କୁ ଗିରଫ କରାଯାଇଛି ଯଥା- ଟାଉନ ଥାନା ୨ ଜଣ ସମୁଦ୍ରକୂଳ ଥାନା ୨ ଜଣ, କୁମ୍ଭାରପଡ଼ା ଥାନା ୫ ଜଣ, ବାଲିଆପଣ୍ଡା ଥାନା ୩ ଜଣ, ବାସେଳୀସାହି ଥାନା ୨ ଜଣ, ତାଳବଣିଆ ଥାନା ୧ ଜଣ। ଡ୍ରଙ୍କେନ ଡ୍ରାଇଭ ରେ ୨୨ ଜଣ ଗିରଫ ହୋଇଛନ୍ତି ଯଥା - ଟାଉନ ଥାନା ୪ ଜଣ ସମୁଦ୍ରକୂଳ ଥାନା ୫ ଜଣ, ବାଲିଆପଣ୍ଡା ଥାନା ଜଣେ, ବାସେଳୀସାହି ଥାନା ଜଣ, ତାଳବଣିଆ ଥାନା ୨ ଜଣ, ଟ୍ରାଫିକ ଥାନା ୮ ଜଣ। ୨୮ ଜଣ ଅପରାଧି ଙ୍କୁ ଅଭ୍ୟାସ ଗତ ଅପରାଧର ପାଇଁ ସିଆରପିସିର ଧାରା ୧୧୦ ଲଗାଯାଇଛି ଯଥା - ଟାଉନ ଥାନା ୪ ଜଣ, ସମୁଦ୍ର କୂଳ ଥାନା ୪ ଜଣ କୁମ୍ଭାରପଡ଼ା ଥାନା ୫ ଜଣ, ବାଲିଆପଣ୍ଡା ଥାନା ୫ ଜଣ, ବାସେଳୀସାହି ଥାନା ୬ ଜଣ, ତାଳବଣିଆ ଥାନା ୪ ଜଣ। ଜନଗହଳି ସ୍ଥାନରେ ମଦ୍ୟପାନ କରୁଥିବା ସମୟରେ ପୋଲିସ ଦ୍ୱାରା ୩୧ ଜଣଙ୍କୁ ଅଟକ ରଖାଯାଇ ଜୋରିମାନା କରାଯାଇଛି ଯଥା - ଟାଉନ ଥାନା ୪ ଜଣ, ସମୁଦ୍ରକୂଳ ଥାନା ୪ ଜଣ, କୁମ୍ଭାରପଡ଼ା ଥାନା ୮ ଜଣ, ବାଲିଆପଣ୍ଡା ଥାନା ୮ ଜଣ, ବାସେଳୀସାହି ଥାନା ୫ ଜଣ, ତାଳବଣିଆ ଥାନା ୨ ଜଣ। ବେଆଇନ ଗାଡି ଚାଳନା କୁ ୪.୮୬ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି ଯଥା- ସିଂହଦ୍ୱାର ଥାନା ୫୭ ହଜାର, ଟାଉନ ଥାନା ୩୨ ହଜାର, ସମୁଦ୍ରକୂଳ ଥାନା ୧.୧୩ ଲକ୍ଷ , କୁମ୍ଭାରପଡ଼ା ଥାନା ୨୫ ହଜାର, ବାଲିଆପଣ୍ଡା ଥାନା ୨୫ ହଜାର, ବାସେଳୀସାହି ଥାନା ୩୬ ହଜାର, ତାଳବଣିଆ ଥାନା ୧୮ ହଜାର, ଟ୍ରାଫିକ ଥାନା ୧.୮ ଲକ୍ଷ। ଏହି ଡ୍ରାଇଭ ଆଗାମୀ ଦିନରେ ଜାରି ରହିବ ।

## ବୋଲଗଡ ବ୍ଲକ ଭାରତ ସ୍କାଉଟ୍ ଗାଇଡ୍‌ର ସାଧାରଣ ବୈଠକ

ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଭାରତ ସ୍କାଉଟ ଗାଇଡ୍‌ର ସାଧାରଣ ବୈଠକ ବୁଧବାର ଦିନ ବୋଲଗଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବ୍ଲକ ଭାରତ ସ୍କାଉଟ ଗାଇଡ କମିଟିର ଉପସଭାପତି ଯାଜ୍ଞସେନୀ ସାହୁ ଏବଂ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁଙ୍କ ମିଳିତ ଆବାହାକତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ସନ୍ତୋଷ ସାହୁ, ଶ୍ରୀଧର ସାହୁ, ପ୍ରମୋଦ ସାହୁ, ଯୋଗିନ୍ଦ୍ର ଦାସ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁ, ଜ୍ୟୋତ୍ସ୍ନାରାଣୀ ବେହେରା, ପ୍ରଣତି ସିଂହ ଓ କମିଟିର ସହ ସମ୍ପାଦକ ମିହିର ଭୋଇ, ସମ୍ପାଦିକା ଶୁଭଶ୍ରୀ ପଟ୍ଟନାୟକ ଯୋଗଦେଇ ନିଜର ମତ ଉପସ୍ଥାପନ କରଥିଲେ। କମିଶନର ବଳବନ୍ତରାୟଙ୍କ ନିର୍ଦ୍ଦେଶରେ ଆସନ୍ତା ସୋମବାର ଦିନ ମୁଖ୍ୟ




କମିଟିର କମିଶନର ତଥା ସଭାପତି ଗୋକୁଳ ଚନ୍ଦ୍ର ବଳବନ୍ତରାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ପ୍ରାକ୍ତନ ଜିଲ୍ଲା ସ୍କାଉଟ କମିଶନର ପୀତାବାସ ପଟ୍ଟନାୟକ,ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଗୀତାଞ୍ଜଳି ମହାପାତ୍ର ଯୋଗଦେଇ ଆସନ୍ତା ୨୨ତାରିଖରୁ ଜିଲ୍ଲା କ୍ୟାମ୍ପରୀରେ ସ୍କାଉଟ ଛାତ୍ର ଓ ଗାଇଡ୍ ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହେବାକୁ ଥିବା ୧୪ଟି ଘଟଣା ବିଷୟରେ ବିଷଦ ଭାବରେ ଆଲୋଚନା କରିବା ସହ ସ୍କାଉଟ ଏବଂ ଗାଇଡର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ବୈଠକରେ ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ତ୍ରିପାଠୀ, ବନମାଳି ସାହୁ, କ୍ଷେତ୍ରମୋହନ ରଣା, ଅତିଥି ଶ୍ରୀ ପଟ୍ଟନାୟକଙ୍କ ଉପସ୍ଥିତି ଓ ପରାମର୍ଶରେ କ୍ୟାମ୍ପୋରୀରେ ଅଂଶ ଗ୍ରହଣ ପାଇଁ ସ୍କାଉଟ, ଗାଇଡ୍ ବିଦ୍ୟାର୍ଥୀମାନଙ୍କୁ ଚୟନ କରି ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ଉପସଭାପତି ସୁଶ୍ରୀ ସାହୁ ଏବଂ ସମ୍ପାଦକ ଶ୍ରୀ ସ୍ୱାଇଁଙ୍କ ଦ୍ୱାରା ସ୍କାଉଟ ମାଷ୍ଟର ଅଶୋକ ଦାସ, ଦିପ୍ତୀରଂଜନ ଦାସ, ଶେଶି କୁମାର ପଟାଙ୍ଗୀ, ପଦ୍ମ ଚରଣ ବିଶୋଇ, ଶାନ୍ତନୁ ଶ୍ରୀଚନ୍ଦନ, ଦୈତାରି ଡିଗଲ, ରଜନୀ କାନ୍ତ ପୃଷ୍ଟି, ସତ୍ୟବ୍ରତ ନାୟକ, ଅମୀୟ ମଙ୍ଗରାଜ ଏବଂ ଗାଇଡ କ୍ୟାପଟେନ ପ୍ରୀତି ପ୍ରତୀକ୍ଷା ସାହୁ, ନମିତା ସାହୁ, ସୀତା ସୋରେନଙ୍କ ମଧ୍ୟରେ ସମସ୍ତ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପରିଶେଷରେ ସହ ସମ୍ପାଦିକା ସୁଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହେମନ୍ତ ଶ୍ରେଷ୍ଠ ଚରିତ୍ର ଅଭିନେତା, ରଶ୍ମିତା ଶ୍ରେଷ୍ଠ ନାୟିକା





ତିହିଡ଼ି (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ କଷଟି ଗ୍ରାମର ଅଭିନେତା ହେମନ୍ତ କୁମାର ସ୍ୱାଇଁ ଶ୍ରେଷ୍ଠ ଚରିତ୍ର ଅଭିନେତା ଭାବେ ପୁରସ୍କୃତ ହୋଇଥିବା ଜଣାପଡ଼ିଛି। ଭଦ୍ରକର ମା' ବଙ୍କବାସୁଳୀ କ୍ଲବ ଏବଂ ଇଲେକ୍ଟ୍ରିସିଆନ ସଂଘ ପକ୍ଷରୁ ଦୁର୍ଗା ପୂଜା ଅବସରରେ ନାଟକ ପ୍ରତିଯୋଗିତା ପୁରୁଣା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଯାଜପୁରର ବାଙ୍କିପାଳ ନାଟ୍ୟ ଅନୁଷ୍ଠାନ, ତଳଗୋପବିନ୍ଧର ମା' ଐଶାନ୍ୟ ଚଣ୍ଡି ଲୋକନାଟ୍ୟ, ସୋର ରାମେଶ୍ୱରୀ ଲୋକନାଟ୍ୟ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଐଶାନ୍ୟ ଚଣ୍ଡି ଲୋକନାଟ୍ୟ 'ଆଖିରେ ଜନମ କାନ୍ଦିବା ପାଇଁ' ନାଟକ ପରିବେଷଣ କରିଥିଲା। ଏହି ନାଟକରେ ଚରିତ୍ର ଭୂମିକାରେ ଅଭିନେତା ହେମନ୍ତ କୁମାର ସ୍ୱାଇଁ ଅଭିନୟ କରିଥିଲେ। ସେ ନାଟକର ବଡ଼ଭାଇ 'ଜଗନ' ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କୁ ବିମୁଗ୍ଧ କରିଥିଲେ। ତାଙ୍କ ଅଭିନୟରେ ଦର୍ଶକମାନେ ଅତ୍ୟନ୍ତ ବିମୋହିତ ହୋଇଥିଲେ। ଏହି ନାଟକ ପ୍ରତିଯୋଗିତାରେ ବିଚାରକ ମାନେ ମୂଲ୍ୟାୟନ କରି ହେମନ୍ତ ସ୍ୱାଇଁଙ୍କୁ ଶ୍ରେଷ୍ଠ ଚରିତ୍ର ଅଭିନେତା ଭାବେ ଘୋଷଣା କରିଥିଲେ। ବୁଧବାର ସନ୍ଧ୍ୟାରେ ଶ୍ରୀ ସ୍ୱାଇଁଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଅଭିନେତା ଶ୍ରୀ ସ୍ୱାଇଁ ପେଶାରେ ଅଧ୍ୟାପନା କରୁଥିଲେ ମଧ୍ୟ ନିଶାରେ ଜଣେ ଅଭିନେତା। ସେ ଅଧ୍ୟକ୍ଷ ପଦରୁ ଅବସର ନେବା ପରେ ବହୁ ନାଟକରେ ବିଭିନ୍ନ ଭୂମିକାରେ ଅଭିନୟ କରି ସୁନାମ ଅର୍ଜନ କରିବା ସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଛନ୍ତି। ଏହି ନାଟକରେ ରାନୀ ଚରିତ୍ରରେ ନାୟିକା ଭୂମିକାରେ ରଶ୍ମିତା ଶିଅଳ (ରାକ୍ଷୀ) ଅଭିନୟ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ତାଙ୍କ ନାୟିକା ଅଭିନୟ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା। ନାୟିକା ରଶ୍ମିତା (ରାକ୍ଷୀ)ଙ୍କୁ ଶ୍ରେଷ୍ଠ ନାୟିକା ଭାବେ ମନୋନୀତ କରାଯାଇଥିଲା। ଅଭିନେତ୍ରୀ ରଶ୍ମିତା (ରାକ୍ଷୀ) ଦୀର୍ଘଦିନ ହେବ ବହୁ ନାଟକରେ ବିଭିନ୍ନ ଭୂମିକାରେ ଅଭିନୟ କରି ସୁନାମ ଅର୍ଜନ କରିବା ସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଛନ୍ତି। ଅଭିନେତ୍ରୀ ରାକ୍ଷୀଙ୍କ ଘର ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ନିକଟସ୍ଥ ଝାଡ଼ତା ଗ୍ରାମରେ ବୋଲି ଜଣାପଡ଼ିଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଆଡ଼ଭୋକେଟ୍ ସୂର୍ଯ୍ୟକାନ୍ତ କୁଅଁର, ରଞ୍ଜନ କୁମାର ପଣ୍ଡା, ପ୍ରଧାନ ଶିକ୍ଷକ ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ପୁରସ୍କୃତ କରିଥିଲେ। ମା' ବଙ୍କବସୁଳୀ ନାଟ୍ୟ ପରିଷଦ ଓ ଇଲେକ୍ଟ୍ରିସିଆନ ସଂଘ ପକ୍ଷରୁ ଶ୍ରୀକାନ୍ତ ପଣ୍ଡା, ତପନ ବେହେରା, ବୁଲନ, ମୁସିଦ ଖାଁ, ଜିତୁ ଦାସ, ସୀତାକାନ୍ତ ନାୟକ ପ୍ରମୁଖ ନାଟକ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ଭାରତୀୟ ତଟରକ୍ଷକ ପକ୍ଷରୁ କ୍ଷେତ୍ରୀୟ ପ୍ରଦୂଷଣ ପ୍ରତିସାଧନ ଅଭ୍ୟାସ



ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ ସଂଖ୍ୟା ୭, ଓଡିଶା, ତଟରକ୍ଷକ କ୍ଷେତ୍ରୀୟ ମୁଖ୍ୟାଳୟ (ଉତ୍ତର ପୂର୍ବ) ଅଧୀନରେ ଚଳିତ ୧୨ରୁ ୧୪ ନଭେମ୍ବର ୨୦୨୪ ତିନିଦିନ ଧରି ପାରାଦୀପଠାରେ ଏକ କ୍ଷେତ୍ରୀୟ ସ୍ତରୀୟ ପ୍ରଦୂଷଣ ପ୍ରତିସାଧନ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅଭ୍ୟାସର ମୂଳ ଉଦ୍ଦେଶ୍ୟ ହେଉଛି ସମୁଦ୍ରରେ ତୈଳ ପ୍ରଦୂଷଣ ଏବଂ ଅନ୍ୟାନ୍ୟ ସାମୁଦ୍ରିକ ପ୍ରଦୂଷଣ ଘଟଣାରେ ପ୍ରତିସାଧନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ପ୍ରସ୍ତୁତି ଓ ସମନ୍ୱୟକୁ ବୃଦ୍ଧି କରିବା। ଏହି ଅଭ୍ୟାସରେ କ୍ଷେତ୍ରୀୟ ସ୍ତରର ପ୍ରତିଷ୍ଠାନ ଯଥା ପାରାଦୀପ ବନ୍ଦର ପ୍ରାଧିକରଣ, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ଭାରତୀୟ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ, ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ, ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ଓ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଯୋଗ ଦେଇଥିଲେ। ତିନିଦିନର ଏହି ଅଭ୍ୟାସରେ ବୃତ୍ତିଗତ ଉପସ୍ଥାପନା, ଆଲୋଚନା ଏବଂ ପାରାଦୀପ ଉପକୂଳରେ ଥିବା ଭାରତୀୟ ତଟ ରକ୍ଷକ ଜାହାଜରେ ଏକ ମକ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏହି ବିସ୍ତୃତ ପରିଦୃଶ୍ୟ ଭିତ୍ତିକ ଅଭ୍ୟାସ ତୈଳ ପ୍ରଦୂଷଣକୁ ମୁକାବିଲା କରିବା ପାଇଁ ମୂଲ୍ୟବାନ ଜ୍ଞାନ ଏବଂ ପ୍ରଭାବଶୀଳ ପ୍ରତିସାଧନର ରଣନୀତି ପ୍ରଦାନ କରିଥିଲା। ସୂଚନା ଥାଉକି ଭାରତୀୟ ତଟରକ୍ଷକ ସାମୁଦ୍ରିକ ପ୍ରଦୂଷଣ ପ୍ରତିସାଧନରେ ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାଏ ଏବଂ ସାମୁଦ୍ରିକ ପରିବେଶ ସୁରକ୍ଷା ଏବଂ ଉପକୂଳ ଅଞ୍ଚଳର ସୁରକ୍ଷା ନିଶ୍ଚିତ କରିବାକୁ ସମସ୍ତ ଅଂଶଗ୍ରାହୀଙ୍କ ପାଇଁ ପ୍ରଶିକ୍ଷଣ ଏବଂ ବାସ୍ତବ ସମୟର ଅଭ୍ୟାସର ନିର୍ଧାରଣ କରିଥାଏ।

## ପିସିଆର୍ ଭ୍ୟାନ୍ ଧକ୍କାରେ ଯୁବକ ଗୁରୁତର

ଖୋର୍ଦ୍ଧା(ଭାସ୍କର ନ୍ୟୁଜ): ୧୬ନଂ ଜାତୀୟ ରାଜପଥର ତୋଟାପଡା ଛକରେ ଏକ ପିସିଆର ଭ୍ୟାନ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି । ଖବର ପାଇ ଆଦର୍ଶଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମେଡିକାଲକୁ ପଠାଇଛି । ଗୁରୁତରଙ୍କ ପରିଚୟ ମିଳିନି । ପ୍ରକାଶଥାଉ କି, ଯୁବକ ଜଣକ ରାତିରେ ରାସ୍ତାପାର ହେଉଥିବା ବେଳେ ଦୃତଗତିରେ ଆସୁଥିବା ଏକ ପିସିଆର ଭ୍ୟାନ୍ ତାଙ୍କୁ ଧକ୍କାଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ପିସିଆର ଗାଡି ଧକ୍କାଦେଇ ପଳାଇବା ଘଟଣାକୁ ସମସ୍ତେ ବିରୋଧ କରିଥିବା ବେଳେ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଛି । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।

## ଧରଣୀଧର ବିଶ୍ୱବିଦ୍ୟାଳୟର ପ୍ରଥମ ଶୈକ୍ଷିକ ପରିଷଦ ବୈଠକ



କେନ୍ଦୁଝର(ଭାସ୍କର ନ୍ୟୁଜ): ଧରଣୀଧର ବିଶ୍ୱବିଦ୍ୟାଳୟର ନବଗଠିତ ଶୈକ୍ଷିକ ପରିଷଦର ପ୍ରଥମ ବୈଠକ ଗୁରୁବାର ବିଶ୍ୱବିଦ୍ୟାଳୟର କୁଳପତି ତଥା ଶୈକ୍ଷିକ ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସହକାରୀ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ପ୍ରଥମେ ସ୍ୱାଗତ ଅଭିଭାଷଣ ସହ ବୈଠକ ପରିଚାଳନା ପାଇଁ କୁଳପତିଙ୍କୁ ଅନୁରୋଧ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ତଥା ଶୈକ୍ଷିକ ପରିଷଦର ସଂପାଦକ ଦୁଃଖବନ୍ଧୁ ନାୟକ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁପ୍ରସାଦ ଦାସ ବୈଠକରେ ଅଂଶଗ୍ରହଣ କରିଥିବା ବେଳେ ଆରମ୍ଭରେ କୁଳପତି ବିଶ୍ୱବିଦ୍ୟାଳୟର ସ୍ଥିତି, ବିଭିନ୍ନ ଗଠନମୂଳକ ପଦକ୍ଷେପ, ଛାତ୍ରଛାତ୍ରୀଙ୍କ ସଫଳତା ଓ ଶୈକ୍ଷିକ ବାତାବରଣ ସଂପର୍କିତ ସୂଚନା ପ୍ରଦାନ କରିଥିଲେ । ପରେ ପରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁପ୍ରସାଦ ଦାସ ନାମଲେଖା, ପାଠ୍ୟଖସଡା, ନୂତନ ପାଠ୍ୟକ୍ରମ, ପାଠାଗାର ଆଦି ସଂପର୍କିତ ପ୍ରସ୍ତାବ ଆଗତ କରିଥିଲେ ଓ ଉପସ୍ଥିତ ଶୈକ୍ଷିକ ପରିଷଦର ସଦସ୍ୟଙ୍କ ସହମତିରେ ଏଗୁଡିକ ଅନୁମୋଦିତ ହୋଇଥିଲା । ଏହାପରେ କୁଳସଚିବ ଦୁଃଖବନ୍ଧୁ ନାୟକ ବିଶ୍ୱବିଦ୍ୟାଳୟରେ ଖୋଲିଥିବା ନୂତନ ବିଭାଗ ଓ ବିଭିନ୍ନ ବିଷୟରେ ସିଟ୍ ସଂଖ୍ୟା ବୃଦ୍ଧି ପ୍ରସ୍ତାବ ଆଗତ କରିଥିବା ବେଳେ ପରିଷଦ ଦ୍ୱାରା ଏହା ଅନୁମୋଦନ ଲାଭ କରିଥିଲା । ପରବର୍ତ୍ତୀ ପ୍ରସ୍ତାବ ଆଗତ କରିଥିଲେ ପରୀକ୍ଷା ନିୟନ୍ତ୍ରକ ଶ୍ରୀ ପଣ୍ଡା । ପରୀକ୍ଷା ପରିଚାଳନା, ପରୀକ୍ଷା ଅଧିନିୟମ, ଜାତୀୟ ଶିକ୍ଷାନୀତି ଆଧାରିତ ପାଠ୍ୟଖସଡା, ପରୀକ୍ଷା ଫଳାଫଳ ସହିତ ପିଏଚଡି ପାଠ୍ୟକ୍ରମର ଅଧିନିୟମ ସଂପର୍କରେ ଆଗତ ପ୍ରସ୍ତାବଗୁଡିକ ଗୃହର ଅନୁମୋଦନ ଲାଭ କରିଥିଲା। ବିଶ୍ୱବିଦ୍ୟାଳୟର ଗବେଷଣା ଓ ବିକାଶ। ପ୍ରକୋଷ୍ଠ ନିର୍ଦ୍ଦେଶକ ଡଃ ଶ୍ରୀଧର ସନ୍ନ୍ୟାସୀଙ୍କ ଦ୍ୱାରା ଆଗତ ଗବେଷଣା ଓ ଗବେଷଣା ଅଧିନିୟମ ସଂପର୍କିତ ପ୍ରସ୍ତାବ ମଧ୍ୟ ବୈଠକରେ ଅନୁମୋଦନ ଲାଭ କରିଥିଲା । ବୈଠକରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟମାନେ ଯୋଗ ଦେଇଥିବା ବେଳେ ଫକୀର ମୋହନ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ କେନ୍ଦୁଝରର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ସଦସ୍ୟ ଭାବେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ପାଇଁ କୁଳପତି ଏହି ଅବସରରେ କୃତଜ୍ଞତା ଜ୍ଞାପନ କରିଥିଲେ । ଡଃ ନବଘନ ମଲ୍ଲିକ, ଅକାଳୁ ପୃଷ୍ଟି, ସ୍ମିତାର ବେହେରା, ସରିତା ନାୟକ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ବୈଠକ ପରିଚାଳନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ଉପ ପରୀକ୍ଷା ନିୟନ୍ତ୍ରକ ଡଃ ରୁଦ୍ରକାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ତ୍ତିକ ପୂର୍ଣ୍ଣିମା ପାଇଁ ୩୬ ପ୍ଲାଟୁନ୍ ମୁତୟନ: ଏସ୍‌ପି

ପୁରୀ(ଭାସ୍କର ନ୍ୟୁଜ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଏଥିପାଇଁ ରାଜ୍ୟର ସମସ୍ତ ଦେବାଳୟ ଚଳଚଞ୍ଚଳ । ଶ୍ରୀକ୍ଷେତ୍ର ପୁରୀରେ ହେବ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ । କାର୍ତ୍ତିକ ବ୍ରତ ଓ ପଞ୍ଚୁକ ବ୍ରତଧାରୀ ହବିଷ୍ୟାଳୀଙ୍କ ସମେତ ଲକ୍ଷାଧିକ ସାଧାରଣ ଶ୍ରଦ୍ଧାଳୁ ରତ୍ନ ସିଂହାସନରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ସହ ମହୋଦଧିରେ ଡଙ୍ଗା ଭସାଇବା ପାଇଁ ଶ୍ରୀକ୍ଷେତ୍ରରେ ଭିଡ ଜମାଇବା ଆରମ୍ଭ ହୋଇସାରିଲାଣି । କାର୍ତ୍ତିକ ପୂର୍ଣ୍ଣିମା ଦୃଷ୍ଟିରେ ରଖି ପୁରୀ ପ୍ରଶାସନ ଓ ପୋଲିସ ବ୍ୟାପକ ବନ୍ଦୋବସ୍ତ କରାଯାଉଛି । ବିଶେଷ ଭାବେ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି ପୁରୀ ପୋଲିସ । ପୁରୀ ଏସପି ବିନୀତ ଅଗ୍ରୱାଲ କହିଛନ୍ତି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହେବ । ବିଳମ୍ବିତ ରାତ୍ରୀରୁ ଭକ୍ତଙ୍କ ସମାଗମ ବଢିବ। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି । ଶ୍ରୀମନ୍ଦିର, ସମୁଦ୍ରକୂଳ ଓ ଟ୍ରାଫିକ ପାଇଁ ଅଲଗା ଅଲଗା ବ୍ୟବସ୍ଥା ହୋଇଛି । ୬ ଜଣ ଅତିରିକ୍ତ ଏସପି, ୧୪ ଡିଏସପି, ୩୭ ଇନ୍ସପେକ୍ଟର, ପାଞ୍ଚ ଶହ ହୋମଗାର୍ଡ ଓ ମୋଟ ୩୬ ପ୍ଲାଟୁନ ପୋଲିସ ଫୋର୍ସ ସୁରକ୍ଷା ପାଇଁ ମୁତୟନ ବ୍ୟବସ୍ଥା କରାଯାଇଛି । ବିଶେଷ କରି ଭିଡ ନିୟନ୍ତ୍ରଣ ଆମର ମୁଖ୍ୟ କାର୍ଯ୍ୟ ରହିବ । ଭକ୍ତଙ୍କ ସୁରକ୍ଷା ମଧ୍ୟ ଆମର ପ୍ରାଥମିକତା ରହିଛି ଏସ୍‌ପି କହିଛନ୍ତି । ଡଙ୍ଗା ଭସାଣ ପାଇଁ ସମୁଦ୍ରକୂଳରେ ସ୍ୱତନ୍ତ୍ର ବ୍ୟବସ୍ଥା ହେଇଛି । ଭିଡ ପାଇଁ ଟ୍ରାଫିକ୍ ପରିଚାଳନା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ହେଇଛି। ଶ୍ରୀଜଗନ୍ନାଥ ବଲ୍ଲଭ, ଜେଲ ରୋଡ ଓ ଶରଧାବାଲିରେ ଗାଡି ପାର୍କିଂ ପାଇଁ ବ୍ୟବସ୍ଥା ହୋଇଛି । ଆସନ୍ତାକାଲି ବଡଦାଣ୍ଡର ମେଡ଼ିକାଲ ଛକରୁ ମାର୍କେଟ ଛକ ଯାଏଁ ସମ୍ପୂର୍ଣ୍ଣ ଗାଡି ଚଳାଚଳ ନେଇ କଟକଣା ରହିବ । ତେବେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଯେଭଳି କୌଣସି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ନହୁଏ ସେଥିପାଇଁ ମଧ୍ୟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଗତ ୪ଦିନ ଭିତରେ ୩୦ଅସାମାଜିକ ଓ ଅପରାଧୀଙ୍କୁ ଗିରଫ କରାଯାଇଛି । ୧୫ଟି ୱାରେଣ୍ଟ ଜାରି କରାଯାଇଛି । ନିଶା କାରବାରକୁ ନେଇ ୮ଟି ମାମଲା ରୁଜୁ କରାଯାଇଛି । ମଦ୍ୟପାନ କରି ରାସ୍ତା ଉପରେ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ୨୮ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଭକ୍ତମାନେ କିଭଳି ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ପୁରୀ ପୋଲିସ୍ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ।

## ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ବିକାଶମୂଳକ କାର୍ଯ୍ୟର ସମୀକ୍ଷା ବୈଠକ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର କାଶୀନଗର, ଗୋଷାଣି ଓ ଗୁମ୍ମା ବ୍ଲକ ଓ ପାରଳାଖେମୁଣ୍ଡି ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗରର ସର୍ବାଙ୍ଗୀନ ବିକାଶ ନିମନ୍ତେ ଗୁରୁବାର ରୁପେଶ କୁମାର ପାଣିଗ୍ରାହୀ, ବିଧାୟକ ପାରଳାଖେମୁଣ୍ଡିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାରଳା ନିର୍ବାଚନ ମଣ୍ଡଳୀର ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଜି.ତିରୁପତି ରାଓ, ସଭାପତି ଜିଲ୍ଲାପରିଷଦ ଗଜପତି, ଜିଲ୍ଲାପାଳ ବିଜୟ କୁମାର ଦାଶ, ଏସ.ଅନନ୍ଧ, ଜିଲ୍ଲା ବନଖଣ୍ଡ ଅଧିକାରୀ, ଡ଼.ଗୁଣନିଧି ନାୟକ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଓ ଅଂଶୁମାନ ମହାପାତ୍ର, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚାସିନ ଥିଲେ। ବୈଠକରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର କୃଷୀ, ଉଦ୍ୟାନ, ସ୍ୱାସ୍ଥ୍ୟ, ଶିକ୍ଷା, ସମନ୍ୱିତ ଅଧିବାସୀ ଉନ୍ନୟନ ସଂସ୍ଥା, ସାମାଜିକ ସୁରକ୍ଷା, ସମାଜ ମଙ୍ଗଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଜିଲ୍ଲା ଶିଳ୍ପ କେନ୍ଦ୍ର, ପଞ୍ଚାୟତ ରାଜ ବିଭାଗ, ରାସ୍ତା ଓ କୋଠାବାଡ଼ି, ପାନୀୟ ଜଳ, ଜଙ୍ଗଲ ବିଭାଗ, କ୍ଷୁଦ୍ର ଜଳସେଚନ, ଜଳ ବିଭାଜିକା,ବିଦ୍ୟୁତ୍ ବିଭାଗ ବୋଲି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଛି। ବୈଠକରେ ଗୁମ୍ମା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେମୀ ମଣ୍ଡଳ,କାଶୀନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ବାଳା ସାୟାମା, ଗୋଷାଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ନ୍.ବୀରା ରାଜୁ, ନିର୍ମଳା ସେଠୀ, ଅଧ୍ୟକ୍ଷା ପୌରପରିଷଦ ପାରଳାଖେମୁଣ୍ଡି, କାଶୀନଗର, ମହେଶ୍ୱର ସାହୁ, ଉପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଗଜପତି, ଗୁମ୍ମା ଓ ଗୋଷାଣି ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଖୁଚୁରା ବ୍ୟବସାୟୀଙ୍କ ବିରୋଧରେ ବଣ୍ଟନରେ ଅନିୟମିତତା ଓ ଦୁର୍ବ୍ୟବହାର ଅଭିଯୋଗ

## ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ ଚଢାଉ

ନିଆଳି (ଭାସ୍କର ନ୍ୟୁଜ): ନିଆଳି ବ୍ଲକ୍ ଅଲଣା ଗ୍ରାମପଞ୍ଚାୟତର ସରକାରୀ ଖାଉଟି ଖୁଚୁରା ସାମଗ୍ରୀ ବଣ୍ଟନ କରିବା ପାଇଁ ଦାୟିତ୍ୱରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ ମା' କ୍ଷେତ୍ରପାଳ ଡବ୍ଲ୍ୟୁଏସ୍‌ଏଚ୍‌ଜି ଯାହାର ଇପିଏସ୍ କୋର୍ଡ ୦୭୧୦ଡବ୍ଲ୍ୟୁ ୧୧୩ ଦାୟିତ୍ୱରେ ଥିବା ସେକ୍ରେଟାରୀ ଆରତି ଭୂୟାଁ। ଅନେକ ବର୍ଷ ଧରି ରାସନ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥା, କେତେକ ହିତାଧିକାରୀଙ୍କ ଚାଉଳ କାଟିବା, ଅଭିଯୋଗ କଲେ ତାଙ୍କ ସ୍ୱାମୀ ଲୋକମାନଙ୍କୁ ଚାଉଳ ନଦେଇ ବିଭିନ୍ନ ଧମକଚମକ ଦେଉଥିବା ଅଭିଯୋଗ ଆଣିଛନ୍ତି ଅକ୍ଷୟ କୁମାର ଜେନା। ଏନେଇ ବିଡିଓ, ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ ଅକ୍ଷୟଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ଲୋକ ଦେଖାଣିଆ ଭାବେ କାଲି ସଂଧ୍ୟାବେଳେ ମା' କ୍ଷେତ୍ରପାଳ ସ୍ୱୟଂସହାୟକ ଗୋଷ୍ଠୀର ଥିବା ଖୁଚୁରା ଦୋକାନୀ ଉପରେ ତଦନ୍ତ ଆରମ୍ଭ କରିଥିଲେ। ମାତ୍ର ୨ ମିନିଟ୍ ତଦନ୍ତ କରିଥିବା ବେଳେ ଅଭିଯୋଗକାରୀଙ୍କୁ ଡକାଯାଇନଥିଲା। ଯାହାଫଳରେ ତଦନ୍ତ କେବଳ ଲୋକଦେଖାଣିଆ ବୋଲି କହିଛନ୍ତି। ଏମିତିକି ଆର୍‌ଟିଆଇରେ ତଥ୍ୟ ମାଗିଲେ ଦିଆଯାଉନାହିଁ। ଯାହାଫଳରେ ଯୋଗାଣ ବିଭାଗ ଅଧିକାରୀ ଓ ଖୁଚୁରା ବ୍ୟବସାୟୀଙ୍କ ମଧ୍ୟରେ ଭିତିରିଆ ସମ୍ପର୍କ ଥିବା ଅଭିଯୋଗ ହେଉଛି। ଏହାର ବିଧିବଦ୍ଧ ତଦନ୍ତ କରାନଗଲେ ଓଡିଶାର ଉଚ୍ଚତମ ନ୍ୟାୟାଳୟରେ ମାମଲା ରୁଜୁ ହେବ ବୋଲି ଅକ୍ଷୟ କୁମାର ଜେନା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନୱରି ବିବି, ଲାଲି ବେଗମ୍, କରିସ୍ମା ବେଗମ୍, ସଞ୍ଜୁ ଭୋଇ, ମିଟୁ ଭୋଇ ତଥା ୨ଶହରୁ ଊର୍ଦ୍ଧ୍ୱ ଲୋକ ଅଭିଯୋଗ କରିଥିଲେ।

## ସରକାରୀ ଉଚ୍ଚବିଦ୍ୟାଳୟରେ ତମାଖୁ ସେବନ ସଚେତନତା

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟରେ ଏକ ତମାଖୁ ସେବନ ନକରିବା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ଏହି ସଭାକୁ ଉଦଘାଟନ କରି ତମାଖୁ ସେବନ ଆଜିର ଶିଶୁମାନଙ୍କ ପାଇଁ ଏକ ଚରମ ବିପଦ ସୃଷ୍ଟି କରିଛି ବୋଲି ମତ ରଖିଥିଲେ। ଶିକ୍ଷୟିତ୍ରୀ ତପୋଜା ସାହୁ, ବିଷ୍ଣୁପ୍ରିୟା ଯେନା, ରୂପାଲି ଅପରାଜିତା ପଟ୍ଟନାୟକ, ବର୍ଷାରାଣୀ ପଲକ, ଉର୍ମିଳା ନାୟକ ପ୍ରମୁଖ ତମାଖୁ ସେବନର କୁପ୍ରଭାବ ଉପରେ ଆଲୋଚନା କରିଥିଲେ। ପରେ ପରେ ଛାତ୍ର ଛାତ୍ରୀ ମାନେ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଛାତ୍ର ଛାତ୍ରୀ ମାନେ ଡ଼ାକବାଜି ଯନ୍ତ୍ରେ ତମାଖୁ ସେବନର କୁପ୍ରଭାବ ଉପରେ ବିଭିନ୍ନ ସ୍ଲୋଗାନ ରଖି ବଜାର ପରିକ୍ରମା କରିଥିଲେ। ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ମଧ୍ୟ ବଜାର ପରିକ୍ରମା କରି ଥିଲେ। ବିଦ୍ୟାଳୟକୁ ଫେରି ଛାତ୍ରଛାତ୍ରୀମାନେ ତମାଖୁ ସେବନ ଉପରେ ବିଭିନ୍ନ ସ୍ଲୋଗାନ ଲେଖିଥିଲେ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶିକ୍ଷକ ମାନସ କୁମାର ସାହୁ, ଗଙ୍ଗାଧର ଦଳେଇ, ନରେନ୍ଦ୍ର ନାୟକ, ଲମ୍ବୋଦର ଯେନା, ହୃଷୀକେଶ ସେଠୀ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ।

## ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ

### ଜେ.ଏନ୍. ପବ୍ଲିକ ସ୍କୁଲ୍

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଜେ.ଏନ.ପବ୍ଲିକ ସ୍କୁଲରେ ଶିଶୁ ଦିବସ ଶୁକ୍ରବାର ପାଳନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷା ସଂଯୋଜକ ଗଦାଧର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଲୋକପ୍ରିୟ କବି ନଟବର ରାଉଳ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ। ଏଥିରେ କାନ୍ତାରାଣୀ ରାୟ ମୁଖ୍ୟବକ୍ତା, ଅଧ୍ୟକ୍ଷା ମମତା ସାହୁ, ସାମ୍ବାଦିକ ମୃତ୍ୟୁଞ୍ଜୟ ସେନାପତି, ଭଗବାନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଚା ନେହେରୁଙ୍କ ଜୀବନାଦର୍ଶ ଓ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏଲ.କେ.ଜି. ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କ ମଧ୍ୟରେ ବକ୍ତୃତା, ଦଳଗତ ନୃତ୍ୟ, ଏକକ ଅଭିନୟ, କୌତୁକ ପୋଷାକ ବିଭାଗରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ମୃତିପ୍ରଭା ପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକମାନେ ପରିଚାଳନା କରିଥିଲେ।

### ହାରାମଣି ବାଳିକା ଉଚ୍ଚ ବିଦ୍ୟାଳୟ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପୋହିଙ୍କ ପୌରହିତ୍ୟରେ ପାଳନ କରାଯାଇଛି। ଏଥିରେ ଶିକ୍ଷକ ଜଗବନ୍ଧୁ ପଣ୍ଡା, ସ୍ମୃତିରଞ୍ଜନ ଦାସ, ପ୍ରଶାନ୍ତ ରଥ, ପ୍ରମୋଦ ନାୟକ, ଶିକ୍ଷୟତ୍ରୀ ଦେବସ୍ମିତା ସେନାପତି, ଫୁଲମଣୀ ସୋରେନ, ରଞ୍ଜିତା ଦାସ, ରଶ୍ମି ପରବିନ, ମଧୁମିତା ଦାସ, ଲୁସିମା ନାୟକ ଛାତ୍ରଛାତ୍ରୀମାନଙ୍କୁ ଶିଶୁଦିବସ ପାଳନ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ବକ୍ତୃତା, ନୃତ୍ୟ, ଚିତ୍ରାଙ୍କନ ବିଭାଗରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସଭାପତି ସତ୍ୟାନନ୍ଦ ସାହୁ, ଧର୍ମୁରାମ ଆଏଚ ଓ ହରିହର ବେହେରା ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଂସ୍କୃତ ଶିକ୍ଷକ ସମରେନ୍ଦ୍ର ଉଦଗାତା ଧନ୍ୟବାଦ ଦେଇଥିଲେ।

### ଷୋଳମପୁର ଶିଶୁବିଦ୍ୟାମନ୍ଦିର

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ବୌଦ୍ଧବିହାର ଶିଶୁ ବିଦ୍ୟାମନ୍ଦିରରେ ସମ୍ପାଦକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଶିଶୁ ଦିବସ ପାଳନ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ଅନୁସୂୟା ପୁହାଣଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ ଶିଶୁ ଦିବସ ପାଳନର ସହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଶିଶୁଦିବସ ଅବସରରେ କଣ୍ଢେଇ ମେଳା ଓ ବାଲ୍ ବିଜ୍ଞାନ ମେଳା




ଆସିକା (ଭାସ୍କର ନ୍ୟୁଜ୍): ଶିଶୁଦିବସ ଅବସରରେ କଣ୍ଢେଇ ମେଳା ଓ ବାଲ୍ ବିଜ୍ଞାନ ମେଳା ଆସିକା ଗାୟତ୍ରୀ ନଗରସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ପ୍ରାରମ୍ଭ ଶ୍ରେଣୀ ଠାରୁ ଚତୁର୍ଥ ଶ୍ରେଣୀର ଶିଶୁମାନେ ତିନୋଟି ବର୍ଗରେ କଣ୍ଢେଇ ମେଳାରେ ଭାଗ ନେଇଥିଲା ବେଳେ ପଞ୍ଚମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀର ଶିଶୁମାନେ ମଧ୍ୟ ତିନୋଟି ବର୍ଗରେ ବିଜ୍ଞାନ ମେଳାରେ ଭାଗ ନେଇଥିଲେ। କଣ୍ଢେଇ ମେଳାରେ ମୋଟ ୭୧ଟି କଣ୍ଢେଇ ପ୍ରଦର୍ଶିତ ହୋଇଥିଲା। ଏହି କଣ୍ଢେଇ ମେଳାରେ ସର୍ବକନିଷ୍ଠ ବର୍ଗରୁ ଅମିତ ପାତ୍ର, ଏ ଜାନବି ଆଚାରୀ, ଶ୍ରୀୟାଂଶୁ ପୋଲାଇ, କନିଷ୍ଠ ବର୍ଗରୁ ଜଗନ୍ନାଥ ବେହେରା, ସ୍ମିତା ରାଉତ, ପି. ଦିପକ ପାତ୍ର, ବରିଷ୍ଠ ବର୍ଗରୁ ଏ ଅକ୍ଷିତା ଆଚାରୀ, ସାଇରମ ମୁନି, ରିୟା ରାଉତ, ସେହିପରି ବାଲ୍ ବିଜ୍ଞାନ ମେଳାରେ ମୋଟ ୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ସର୍ବକନିଷ୍ଠ ବର୍ଗରୁ ଅଂଶୁମାନ ହୋତା, ଜ୍ୟୋତିର୍ମୟୀ ମିଶ୍ର, ଆଦି ଦେବ ନାହାକ, ଆଦ୍ୟା ପାଣିଗ୍ରାହୀ, ଧୀରେସ ସାହୁ, କନିଷ୍ଠ ବର୍ଗରୁ ଉର୍ଜାରାଣୀ ପୋଲାଇ, ପି.ପ୍ରିୟାଂଶୁ ପାତ୍ର, ଶୈଳେଶ କୁମାର ତ୍ରିପାଠୀ, ବରିଷ୍ଠ ବର୍ଗରୁ ଶୁଭମ ବେହେରା, ସନ୍ତୋଷିନୀ ମହାରଣା, ସୁମନ ନାହାକ ପୁରସ୍କୃତ ହୋଇଛନ୍ତି। ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସମାଜସେବୀ ପ୍ରଦୀପ ପ୍ରଜ୍ୱଳନ କରିଥିଲା ବେଳେ ଅନ୍ୟ ଅତିଥିଭାବେ ପ୍ରତାପ କୁମାର ମହାରଣା, ଡି ଭି ଜୟସିଂ, ଅମୂଲ୍ୟ କୁମାର ଦାସ, ଶିବଶଙ୍କର ସ୍ୱାଇଁ, ଚନ୍ଦ୍ର ଶେଖର ସ୍ୱାଇଁ, ବିଦ୍ୟାମନ୍ଦିର ସମ୍ପାଦକ କମଳେନ୍ଦୁ ହୋତା, ସହ ସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା ଗୁରୁଜୀ କାଦମ୍ବିନୀ ହୋତା, କାର୍ତ୍ତିକେଶ୍ୱର ବେହେରା, ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ସାହୁ, ସଙ୍ଗୀତା ପାତ୍ର, ସୁନୀତା କୁମାରୀ ମହାପାତ୍ର, କେ ମାଧବୀ ଆଚାରୀ, କେ କମଳା କୁମାରୀ ଆଚାରୀ, ସନ୍ତୋଷୀ କୁମାରୀ ସାହୁ, ବାଳକୃଷ୍ଣ ସାହୁ, ଲିନା କୁମାରୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ରାଇଘର (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ସଦର ମହକୁମା ସ୍ଥିତ ଶ୍ରୀ ଶ୍ରୀ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯଥାରୀତି ଅନୁଯାୟୀ ୧୩,୧୧,୨୦୨୪ ତାରିଖ ସନ୍ଧ୍ୟା ସମୟରେ ଅଧିବାସ, କଳସ ଶୋଭାଯାତ୍ରା, ଏବଂ ୧୪,୧୧,୨୦୨୪ ତାରିଖ ସକାଳ ୬ ଘଣ୍ଟା ଠାରୁ ୧୫,୧୧,୨୪ ତାରିଖ ସକାଳ ୬ ଘଣ୍ଟା ପର୍ଯ୍ୟନ୍ତ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତେ ଏକତ୍ରୀତ ହୋଇ ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ ହରେ ହରେ। ହରେ ରାମ ହରେ ରାମ ରାମ ରାମ ହରେ ହରେ। ନାମ ଜପ କରିବା ଦେଖିବାକୁ ମିଳିଥିଲା। ଏହି ଅଷ୍ଟପ୍ରହର ନାମ ଯଜ୍ଞରେ ପୁରୋହିତ ଭାବେ କେନ୍ଦ୍ରାପଡ଼ାର ଅଖିଳ କୁମାର ଦାସ ଯୋଗ ଦେଇ ପୂଜାର୍ଚ୍ଚନା କରିଥିବାବେଳେ ଆଠ ଗୋଟି ସଙ୍କୀର୍ତ୍ତନ ଦଳ ଯୋଗ ଦେଇଥିଲେ। ସ୍ଥାନୀୟ ସାମାଜିକ ସଂଗଠନର ସମସ୍ତ ସଦସ୍ୟ, ତଥା ତ୍ରିନାଥ ମନ୍ଦିର କମିଟି ର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଦିନ ବାର ଘଣ୍ଟା ଠାରୁ ରାତ୍ର ବାର ଘଣ୍ଟା ପର୍ଯ୍ୟନ୍ତ କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ହଜାର ହଜାର ଭକ୍ତ ଏହି ନାମ ସଙ୍କୀର୍ତ୍ତନ ରେ ଯୋଗଦେଇଥିବା ଦେଖିବାକୁ ମିଳିଥିଲା। ପ୍ରକାଶ ଥାଉ କି ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ୨୦୦୨ ମସିହା ଠାରୁ ଅଷ୍ଟ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଆସୁଅଛି।



# ଶିଶୁଙ୍କ ଭବିଷ୍ୟତ ଗଢୁଛି ମକା କ୍ଷେତ

ଉମରକୋଟ(ଭାସ୍କର ନ୍ୟୁଜ୍): ଠିକ୍ ପାଠ ପଢିବା ବୟସରେ ବିଦ୍ୟାଳୟକୁ ନଯାଇ ମକାକ୍ଷେତରେ ମକା ସାଉଁଟୁଛନ୍ତି କୁନି କୁନି ପାଠ ପଢୁଥିବା ଛୁଆ। ଶିକ୍ଷକ ଓ ଅଭିଭାବକ ନିଜ ପିଲା ପ୍ରତି କେତେ ସଚେତନ ଓ ଯତ୍ନବାନ ଏହି ଚିତ୍ରକୁ ଦେଖିଲେ ସ୍ୱଷ୍ଟ ଜଣାପଡୁଛି। ଝରିଗାଁ ବ୍ଲକରେ ଦେଖିବାକୁ ମିଳିଛି ଏହି ଦୃଶ୍ୟ। ପାଠ ପଢା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ଦେଖିବାକୁ ମିଳୁନାହିଁ। ସ୍କୁଲ ସମୟରେ ଶିଶୁ ସ୍କୁଲ ନଯାଇ ଦଳ ଦଳ ହୋଇ ମକା କ୍ଷେତରେ ମକା ସାଉଁଟିବାରେ ବ୍ୟସ୍ତ ଅଛନ୍ତି। ପାଠ ପ୍ରତି ଆନ୍ତରିକତା ପିଲାମାନଙ୍କ ନଥିବାପରି ଜଣା ପଡୁଛି। ଅନ୍ୟପକ୍ଷେ ସରକାର ଶିକ୍ଷା ପ୍ରଦାନ ଲାଗି କେତେ ବଳିଷ୍ଠ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ସହ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଗତ ସରକାରଙ୍କ କ୍ରାନ୍ତିକାରୀ ପଦକ୍ଷେପ ଭାବେ ରାଜ୍ୟକୁ ଶିକ୍ଷା କ୍ଷେତ୍ରରେ ଆଗେଇବାକୁ ୫ଟି ଭଳି ଯୋଜନା ଆଣିଥିଲେ। ଆଧୁନିକ ଶିକ୍ଷା ପଦ୍ଧତି, ଉନ୍ନତ ଶ୍ରେଣୀ କକ୍ଷ,ଆବଶ୍ୟକ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ସାଙ୍ଗକୁ ସ୍ମାର୍ଟ କ୍ଲାସ ରୁମ୍,ଡିଜିଟାଲ ବୋର୍ଡ, କମ୍ପୁଟର, ବିଜ୍ଞାନଲ୍ୟାବ,ସ୍ୱଚ୍ଛ ବିଦ୍ୟାଳୟ ପରିବେଶ ,ପାନୀୟଜଳ, ଶୌଚାଳୟ



ସୁବିଧା ଓ କ୍ରୀଡା ସାମଗ୍ରୀ ଆଦି ବହୁ ସୁବିଧା ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପାଇଁ ବ୍ୟବସ୍ଥା କରାଯାଇଛି। ଏସବୁ ସତ୍ତ୍ୱେ ବ୍ଲକରେ ଏକାଧିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଏବେ ବି ଲାଗି ରହିଛି।କେଉଁଠି ଶ୍ରେଣୀ ଗୃହ ଦଦରା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ତ ଆଉ କେଉଁଠି ଶ୍ରେଣୀ ଗୃହ ନଥିବା ଯୋଗୁଁ ଛାତ୍ର ଛାତ୍ରୀ ଗୋଟିଏ ଗୃହରେ ଗେଞ୍ଜା ପେଲା ହୋଇ ବସିବାକୁ ପଡୁଛି। ଆଉ କେଉଁଠି ବାରଣ୍ଡାରେ ତ କେଉଁଠି ଗଛ ମୂଳେ ପିଲା ପାଠ ପଢୁଛନ୍ତି। ଯେଉଁଠି ଭିତ୍ତିଭୂମିର ବିକାଶ ହୋଇଛି ସେସବୁ ବିଦ୍ୟାଳୟରେ ଆବଶ୍ୟକ ଅନୁସାରେ ଶିକ୍ଷକ ନାହାନ୍ତି। ଝରିଗାଁ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ। ଅଞ୍ଚଳରେ ଶିକ୍ଷାର ବିକାଶ ନ ହେଲେ ଭବିଷ୍ୟତ ପୀଢିର ପ୍ରଗତି ଅସମ୍ଭବ। ବିଦ୍ୟାଳୟ ପରିଚାଳନା କମିଟି, ଅବିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ସମ୍ମନ୍ୱୟ ନଥିବା ଜଣାପଡୁଛି। ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟରେ ପହଞ୍ଚୁ ନାହାନ୍ତି ଶିକ୍ଷକ। ନିର୍ଦ୍ଧାରିତ ସମୟ ପୂର୍ବରୁ ଶିକ୍ଷକ ବିଦ୍ୟାଳୟ ବନ୍ଦ କରି ଚାଲିଯାଉଛନ୍ତି। ଉପାନ୍ତ ଅଞ୍ଚଳରେ ସ୍କୁଲକୁ ଶିକ୍ଷକ ଠିକ୍ ସମୟରେ ଯାଉଛନ୍ତି କି ନାହିଁ ତାହା ତଦାରଖ ଓ ତାଗିଦ୍ କରିବାକୁ କେହି ନାହିଁ। ଯାହା ଦ୍ୱାରା ଏଭଳି ଦୃଶ୍ୟ ସାଧାରଣ ହୋଇଛି। ବିଦ୍ୟାଳୟ କୁ ନଯାଇ ଜମିରେ ବୁଲୁଛନ୍ତି ଶିଶୁ ଛାତ୍ର ଛାତ୍ରୀ। ସ୍କୁଲ ୟୁନିଫର୍ମ ପିନ୍ଧି ମକା କ୍ଷେତରେ ବୁଲୁଥିବା ଶିଶୁ ବିଦ୍ୟାର୍ଥୀ ମାନଙ୍କୁ ଦେଖିଲେ ବ୍ଲକରେ ଶିକ୍ଷାଦାନ କିଭଳି ଚାଲିଛି ସହଜରେ ଅନୁମେୟ। ଶିକ୍ଷକ ନିଜ ପିଲାର ଶିକ୍ଷା ଓ ଭବିଷ୍ୟତ ଚିନ୍ତା କରିବା ସ୍ୱାଭାବିକ କଥା କିନ୍ତୁ ଯେଉଁ ପିଲାଙ୍କୁ ଶିକ୍ଷାଦାନ ପାଇଁ ବେତନ ନେଉଛନ୍ତି ସେହି ପିଲାଙ୍କ ଶିକ୍ଷା ଗ୍ରହଣରେ ଶିକ୍ଷକଙ୍କ ଗୁରୁଦାୟିତ୍ୱ କଣ ଗୁରୁତର ଶହ ଭାବିବାର ଆବଶ୍ୟକତା ରହିଛି। ନିରକ୍ଷର ଅଭିଭାବକଙ୍କ ପରିବାରର ପୁଅଝିଅ ଏମାନଙ୍କୁ ପାଠ ପଢ଼ା ପ୍ରତି ଆଗ୍ରହ ଜନ୍ମାଇବା ବିଦ୍ୟାଳୟକୁ ଆସିବାକୁ ଉତ୍ସାହିତ କରିବା ମାନସିକସ୍ତରରେ ସେମାନଙ୍କୁ ପାଠ ପ୍ରତି ଜିଜ୍ଞାସା ଉତ୍ପନ କରିବା ଶିକ୍ଷକଙ୍କ ପ୍ରାଥମିକ କାମ। ଏସବୁର ଅଭାବରେ ଅଞ୍ଚଳର କୁନି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ କେତେ ଉଜ୍ୱଳ ତାହା ଅଛପା ନାହିଁ। ଘରୁ କିଛି ଖାଇ ଦେଇ କୁନି କୁନି ଝିଅ ସ୍କୁଲ ପୋଷାକ ପିନ୍ଧି ସ୍କୁଲ ସମୟରେ ଘରୁ ବାହାରି ସିଧା ମକା କ୍ଷେତରେ ପହଞ୍ଚି ମକା ସଂଗ୍ରହ କରିବା ରେ ବ୍ୟସ୍ତ। ଘରକୁ ଫେରିଲା ବେଳକୁ ସଞ୍ଜ ହୋଇଯାଉଛି। ଚାରି ପାଞ୍ଚ କିଲୋ ମକା ସଂଗ୍ରହ କରି ଘରକୁ ଫେରୁଛନ୍ତି ପିଲା। ମକା ଓ ଧାନ ଅମଳ ସମୟ ଚାଲିଥିବା ବେଳେ ସ୍କୁଲ ନଯାଇ ମକା ସଂଗ୍ରହ କରୁଛନ୍ତି ଛୋଟ ଛାତ୍ରଛାତ୍ରୀ। ଅନେକ ସ୍ଥାନରେ ଶିଶୁ ଶ୍ରମିକ ଭାବେ ମକା ରୋପଣ ଓ ଅମଳ କାର୍ଯ୍ୟରେ ଛାତ୍ର ଛାତ୍ରୀ କାମ କରୁଥିବା ମଧ୍ୟ ଦେଖିବାକୁ ମିଳୁଛି । ତେଣୁ ପ୍ରଶାସନ ଓ ଶିକ୍ଷା ବିଭାଗ ଏଥିପ୍ରତି ଗୁରୁତର ସହ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

## ଯୋଗଦେଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ



କରଞ୍ଜିଆ (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଯଶିପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ନିମନ୍ତ୍ରିତ ଅତିଥିଗଣ ସର୍ବପ୍ରଥମେ ବିଦ୍ୟା ଦାୟିନୀ ମା' ସରସ୍ୱତୀ, ସୃଷ୍ଟିର ଆଦ୍ୟ ଧ୍ୱନି ଓଂ ଏବଂ ମା ଭାରତୀଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରି ଉତ୍ସବ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ତତ୍ପରେ ସାମୂହିକ କଣ୍ଠ ସଙ୍ଗୀତ ଗାନ କରାଯାଇଥିଲା । ଶିଶୁ ବିଦ୍ୟା ମନ୍ଦିର ର ସମ୍ପାଦକ କାର୍ତ୍ତିକ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଯତୀନ୍ଦ୍ରନାଥ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସ୍ୱତନ୍ତ୍ର ଅତିଥି ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ସଭାପତି ନରେନ୍ଦ୍ର ନାଥ ସିଂ, ମୁଖ୍ୟବକ୍ତା ବିଶ୍ୱ ହିନ୍ଦୁ ପରିଷଦର ସତସଙ୍ଗ ମୁଖ୍ୟ ହରିହର ତ୍ରୀପାଠୀ, ସମ୍ମାନିତ ଅତିଥି ଯଶିପୁର ଥାନା ଅଧିକାରିଣୀ ସଞ୍ଜୁକ୍ତା ମାହାଲିକ, ଶିଶୁ ବିଦ୍ୟା ମନ୍ଦିରର ସଭାପତି ଗଦାଧର ପଣ୍ଡା, ପ୍ରମୁଖ ଶିଶୁ ବାଳକ ବାଳିକା ମାନଙ୍କର ହିତସାଧନ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିଶୁ ବିଦ୍ୟା ମନ୍ଦିରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଉତ୍ସବରେ ଅତିଥି ଗଣ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ ।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଆମେରିକୀୟ ଦମ୍ପତି

ପାରଳାଖେମୁଣ୍ଡି, ଆଜି ଗଜପତି ଜିଲ୍ଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୬୦ ଏବଂ ୬୧ତମ ତମ ଶିଶୁଙ୍କୁ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ସୁଦୂର ଆମେରିକା ଦେଶର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଦୁଇ ଶିଶୁପୁତ୍ରଙ୍କୁ , ଶିଶୁ ମଙ୍ଗଳ ସମିତି ଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିସାନ ସାଲୋମ ଶିଶୁ ଯତ୍ନ ଅନୁଷ୍ଠାନ, ଗୁମ୍ମା ଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଦ୍ୱୟଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଙ୍କର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଦ୍ୱୟ ପୋଷ୍ୟ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବେ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ତିନି ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଆମେରିକା ଦେଶର ଏକ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଦ୍ୱୟଙ୍କୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜ କୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଦ୍ୱୟଙ୍କୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ସମ୍ପର୍କରେ ଶିଶୁଦ୍ୱୟ ଦୁଇ ଭାଇ ହୋଇଥିବାବେଳେ, ଶିଶୁଦ୍ୱୟଙ୍କୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ବିଚିତ୍ରାନନ୍ଦ ପାଣି, ନିସାନ ସାଲୋମ ଶିଶୁ ଯତ୍ନ ଅନୁଷ୍ଠାନର ପରିଚାଳକ ଶୁଭଙ୍କର ଲିମ୍ମା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କାକଟପୁର ଥାନାରେ ଯୋଗଦେଲେ ପୂର୍ବତନ ଆଇଆଇସି ଉମେଶ ସାହୁ

କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ଥାନାରେ ଗତ ୮ ମାସ ପୂର୍ବରୁ ପୁରୀଜିଲ୍ଲା ସତ୍ୟବାଦୀ ଥାନାକୁ ବଦଳି ହୋଇଯାଇଥିବା ପୂର୍ବତନ ଆଇଆଇସି ଉମେଶ ଚନ୍ଦ୍ର ସାହୁ ପୁଣି ଥରେ ବୁଧବାର ଦିନ କାକଟପୁର ଥାନାରେ ଯୋଗ ଦେଇଛନ୍ତି । ଆଇଆଇସି ଶ୍ରୀ ସାହୁଙ୍କ ଯୋଗଦାନ ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଅ ଛୁଟିଛି। ଶ୍ରୀ ସାହୁଙ୍କ କାର୍ଯ୍ୟକାଳ ସମୟରେ ଆଇନି ଶୃଙ୍ଖଳା ସୁବ୍ୟବସ୍ଥିତ ହୋଇଥିବାବେଳେ



ମହିଳା ଓ ଶିଶୁ ମାନଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଉଥିଲେ । ଏବେ ପୁଣି ଥରେ କାକଟପୁର ଥାନାର ଆଇଆଇସି ଭାବେ ଯୋଗ ଦେବା ପରେ କେତେକ ଅଭ୍ୟାସଗତ ଅପରାଧୀଙ୍କ ମନରେ ଛନକା ପଶିଛି । ଏ ସଂକ୍ରାନ୍ତରେ ଆଇଆଇସି ଶ୍ରୀ ସାହୁଙ୍କୁ ପଚାରିବାରେ କାକଟପୁର ଏକ ଶାନ୍ତି ପ୍ରିୟ ଅଞ୍ଚଳ, ଏଠାରେ କୌଣସି ଅପରାଧିକ କାର୍ଯ୍ୟକଳାପ କୁ ପ୍ରଶୟ ଦିଆଯିବ ନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ।

# ବ୍ରହ୍ମାବଧୂତ ରଘୁନାଥ ବାବା ମହୋଦୟଙ୍କ ବ୍ରହ୍ମ ଲୀନ



ରଘୁନାଥପୁର(ଭାସ୍କର ନ୍ୟୁଜ): ବ୍ରହ୍ମାବଧୁତ ରଘୁନାଥ ବାବା ଜଗତସିଂହପୁର ଜିଲ୍ଲାର ରଘୁନାଥପୁର, ବିରିଡ଼ି ତଥା ଜଗତସିଂହପୁର ବ୍ଲକ ଅଞ୍ଚଳ ରେ ବିଗତ ୧୯୫୬ମସିହାରୁ ଗୃହ ପରିତ୍ୟାଗ କରି ମହିମା ଧର୍ମର ପ୍ରଚାର ପ୍ରସାର ନିମନ୍ତେ ବ୍ରହ୍ମ ଦୀକ୍ଷା ଗ୍ରହଣ ପୂର୍ବକ ସନ୍ୟାସୀ ହୋଇ ଏହିସବୁ ଅଞ୍ଚଳ ଭ୍ରମଣ କରି ମହିମା ଧର୍ମ ପ୍ରଚାର କରୁଥିଲେ।ସେ ବିରିଡି ବ୍ଲକ ଅଧିନସ୍ଥ ୨୨ ମୌଜା ଗେଲପୁର ଗ୍ରାମରେ ଥିବା ମହିମା ଆଶ୍ରମରେ ସେ ରହୁଥିଲେ। ଗତ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ଶାରୀରିକ ଅସୁସ୍ଥତା ହେତୁ ମଙ୍ଗଳ ସନ୍ଧ୍ୟା ବ୍ରାହ୍ମମୁହୂର୍ତ୍ତ ରେ ୧୦୦ବର୍ଷ ବୟସରେ ବ୍ରହ୍ମଲୀନ ହୋଇଛନ୍ତି। ତାଙ୍କୁ ଫଳତଃ ଉପରୋକ୍ତ ତିନିଟି ବ୍ଲକ୍ ର ମହିମା ଧର୍ମାବଲମ୍ବୀ ବାବା, ସାଧୁ, ତଥା ସମସ୍ତ ଭକ୍ତ ମାନଙ୍କ ଦ୍ୱାରା ପ୍ରଭୁ ନାମ ସ୍ମରଣ ଭଜନ ପୂର୍ବକ ମହା ସମାରୋହରେ ଶୋକାକୁଳ ପରିବେଶ ମଧ୍ୟରେ ଗେଲପୁର ବିଲୁଆଖାଇ ଆଶ୍ରମ ପରିସରରେ ତାଙ୍କର ପାର୍ଥିବ ଶରୀରକୁ ସମାଧିସ୍ଥ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ଡିସେମ୍ବର ମାସ ୩୦ ତାରିଖରୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ବ୍ଲକର ମଣ୍ଡିରୁ ଧାନ କ୍ରୟ ନିମନ୍ତେ ବିଭିନ୍ନ ବିଷୟ ଉପରେ ବିଶେଷ ଆଲୋଚନା ହୋଇଥିଲା । ବୈଠକରେ ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ, ମାନ୍ୟବର ସାଂସଦ ବ୍ରହ୍ମପୁର, ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ,ଶ୍ରୀଯୁକ୍ତ ଜି.ତିରୁପତି ରାଓ,ଅଧକ୍ଷ ,ଜିଲ୍ଲାପରିଷଦ ଗଜପତି, ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ଗଜପତି ,ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜି,ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଅନୁପ ପଣ୍ଡା ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ପ୍ରମୁଖ ମଞ୍ଚାସିନ ଥିଲେ । ବୈଠକରେ ପ୍ରଥମେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ପ୍ରଫୁଲ୍ଲ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟସୂଚୀ ଅନୁଯାୟୀ ସଭା କାର୍ଯ୍ୟକୁ ଆଗେଇଥିଲେ । ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ନେବାକୁ ମତ ଦେଇଥିଲେ । କୌଣସି ଚାଷୀ ଯଦି ଆପତ୍ତି ଅଭିଯୋଗ ରହିଥିଲେ ୧୯୬୭ ନମ୍ବର କୁ ଯୋଗାଯୋଗ କରି ସଂପୂର୍ଣ୍ଣ ସହାୟତା ପାଇପାରିବେ ବୋଲି କହିଥିଲେ। ଚଳିତ ବର୍ଷ ସମସ୍ତ ମଣ୍ଡିରେ ଜଣେ ଜଣେ ନୋଡାଲ ଅଫିସର ଓ ଜଣେ ସୁପରଭାଇଜର ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଆଜିର ଏହି ବୈଠକରେ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହ କରିବାକୁ ସର୍ବସମ୍ମତି କ୍ରମେ ଆଲୋଚନା କରଯାଇଥିଲା। ସୂଚନା ଅନୁଯାୟୀ କାଶୀନଗର, ଗୋଷାଣୀ, ରାୟଗଡ଼ ଓ ଗୁମ୍ମା ବ୍ଲକରେ ଡିସେମ୍ବର ୩୦ ତାରିଖ ଚଳିତ ବର୍ଷ ଏଫ୍.ଏ.କ୍ୟୁ ଧାନ ର ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ପିଛା ଟ.୩୧୦୦/- ମୂଲ୍ୟ ପ୍ରତି କିଣିବାକୁ ଧାର୍ଯ୍ୟ ରଖାଯାଇଛି । ସେହିପରି ଜିଲ୍ଲାର ସମସ୍ତ ଚାଷୀମାନଙ୍କୁ ପ୍ରତି ଗ୍ରାମରେ ପ୍ରଚାର ପ୍ରସାର କରି ସଚେତନତା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଖରିଫ ଧାନ ବିକ୍ରୟ ପାଇଁ ଜିଲ୍ଲାରେ ୧୫୪୯୧ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ଖରିଫ ଧାନ ପ୍ରକ୍ରିୟାକରଣ ପାଇଁ ୨୦୨୪-୨୫ ରେ ଜିଲ୍ଲାରେ ୪୫ ଗୋଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବ, ସେଥିମଧ୍ୟରୁ ଗୋଷାଣୀ ବ୍ଲକରେ ୨୫, ଗୁମ୍ମା ବ୍ଲକରେ ୩,କାଶୀନଗର ବ୍ଲକରେ ୧୬ ଓ ରାୟଗଡ଼ା ୧ ଧାନ ସଂଗ୍ରହ କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲା ଚାଷୀ ପ୍ରତିନିଧି, ମିଲର ସଭାପତି,ବିଭିନ୍ନ ବ୍ଲକରୁ ଚାଷୀ ପ୍ରତିନିଧି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ରାଇଘର ଠାରେ ପଥପ୍ରାନ୍ତ ସେବା କେନ୍ଦ୍ର କେବେ ?

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ସୀମାନ୍ତରେ ରାଇଘର ବ୍ଲକ ଅବସ୍ଥିତ। ଏହି ବ୍ଲକ ୨୬ଗୋଟି ପଞ୍ଚାୟତ ନେଇ ଗଠିତ ହେଇଛି। ରାଇଘର ଠାରୁ ପ୍ରତେକ ଦିନ ଭୁବନେଶ୍ୱର ଠାରୁ ଆରମ୍ଭ କରି ଆନ୍ଧ୍ର ପ୍ରଦେଶ , ରାଉରକେଲା ,ଛତିଶଗଡ଼ ର ରାୟପୁର ପ୍ରଯ୍ୟାନ୍ତ ବସ୍ ଚଳାଚଳ କରୁଅଛି। ତାଛଡ଼ା ୪୦ନଂ ରାଜ୍ୟ ରାଜପଥ ରହିଅଛି। ପ୍ରତ୍ୟେକ ଦିନ ଶହ ଶହ ବସ ଟ୍ରକ ଆଦି ଯିବା ଆସିବା କରିବା ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲା ର ସବୁଠାରୁ ବଡ ବ୍ୟବସାୟିକ କେନ୍ଦ୍ର ଭାବରେ ରାଇଘର ପରିଚିତ। କିନ୍ତୁ ଦୁଃଖର ବିଷୟ ରାଇଘର ଠାରେ ଗୋଟିଏ ପଥପ୍ରାନ୍ତ ସେବା କେନ୍ଦ୍ରଟିଏ ହୋଇପାରିନାହିଁ। ତା ସହ ବାର ବାର ସମିତି ବୈଠକ ରେ ଶୌଚାଳୟ ନିମନ୍ତେ ଅଭିଯୋଗ ପରେ ୧୦,୦୦୦୦ ଦଶ ଲକ୍ଷ ଟଙ୍କା ବ୍ୟୟରେ ଗୋଟାଏ ଶୌଚାଳୟ ନିର୍ମାଣ ହେଲା । ନିର୍ମାଣ ହେବାର ଦୀର୍ଘ ଆଠ ବର୍ଷ ବିତିଯାଇଥିଲେ' ମଧ୍ୟ ବର୍ତ୍ତମାନ୍ ସୁଦ୍ଧା ତାହା ବ୍ୟବହୃତ ହୋଇପାରୁ ନାହିଁ । କିଛି ଦିନ ଖୋଲାଯାଇ ପୁଣି ତାଲା ପଡ଼ିରହିଅଛି। ଯାହାଫଳରେ ଦୂର ଦୂରାନ୍ତ ରୁ ଆସୁଥିବା ଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ବାଧ ହୋଇ ପୋଖରୀକୁ ଯିବା ଦେଖିବାକୁ ମିଳିଛି। ତେଣୁ ଶୌଚାଳୟ ବ୍ୟବହୃତ କରିବା ସହ ରାଇଘର ଠାରେ ଗୋଟିଏ ପଥପ୍ରାନ୍ତ ସେବା କେନ୍ଦ୍ର ସ୍ଥାପନ କରିବାକୁ ସଧାରଣ ରେ ଦାବି ହେଉଛି।

# ବିବେକାନନ୍ଦ ପବ୍ଲିକ ସ୍କୁଲରେ ସିବିଏସ୍‌ଇ ବିଦ୍ୟାଳୟ ସମୂହ ଅଧ୍ୟକ୍ଷଙ୍କ ବୈଠକ

କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଉତ୍ତର ଓଡିଶା ଅଧିନସ୍ଥ ସିବିଏସଇ ସ୍କୁଲ୍ ସମୂହ ଅଧ୍ୟକ୍ଷ ମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଲେଶ୍ୱର ସ୍ଥିତ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ତଥା ସହଦୟର ସଭାପତି ସୁଧାଂଶୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ସହଦୟର ସଂପାଦକ ତଥା ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ ବାରିପଦାର ଅଧ୍ୟକ୍ଷା ବିଣାପାଣି ଦାସ ପ୍ରାରମ୍ଭିକ ସୂଚନା ଦେବା ସହିତ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ବିଶେଷ ଭାବେ ସହଦୟର ଉପଦେଷ୍ଟା ତଥା କରଞ୍ଜିଆ ବିବେକାନନ୍ଦ ପବ୍ଲିକ ସ୍କୁଲ୍ର ସଭାପତି ବିଷ୍ଣୁ କୁମାର ଅଗ୍ରୱାଲା ଉତ୍ତର ଓଡ଼ିଶା ଅଧିନସ୍ଥ ସିବିଏସଇ ବିଦ୍ୟାଳୟ ସମୂହ ମିଳିମିଶି କାର୍ଯ୍ୟ କରିବା, ଚଳିତ ଶିକ୍ଷା ବର୍ଷ କିପରି ସୂଚାରୁ ରୂପେ କାଟିବେ ସେ ସଂପର୍କରେ ଦିଗଦର୍ଶନ ଦେଇଥିଲେ। ଏହି ବୈଠକ ରେ ୫ ଟି ଓଡିଶା ଆଦର୍ଶ ବିଦ୍ୟାଳୟ ର ଅଧ୍ୟକ୍ଷ ମାନେ ମଧ୍ୟ ଭାଗ ନେଇଥିଲେ। ବୈଠକ ରେ ଚଳିତ ବର୍ଷ ବାର୍ଷିକ ଉତ୍ସବ ବାରିପଦା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମେ ବିବେକାନନ୍ଦ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ହିମାଂଶୁ ଘଡେଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଂପାଦକ ରେଖା ଅଗ୍ରୱାଲା, ସୋଲୋନି ଅଗ୍ରୱାଲା, ଉପାଧକ୍ଷ ଇଲା ସାହୁ ବୈଠକ ପରିଚାଳନା କରିଥିଲେ। ଶେଷରେ ବିଷ୍ଣୁ କୁମାର ଅଗ୍ରୱାଲା ସମସ୍ତ ଙ୍କୁ ଧନ୍ୟବାଦ୍ ଦେଇଥିଲେ।




# ରାଜ୍ୟସ୍ତରୀୟ ବାଟୋଇ ସାହିତ୍ୟ ପତ୍ରିକା ଉନ୍ମୋଚିତ



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା କଳା ସଂସ୍କୃତିରେ ଯେମିତି ସୁନାମ ଅର୍ଜନ କରି ଆସୁଛି ସେହିପରି ସାହିତ୍ୟ କ୍ଷେତ୍ରରେ ମଧ୍ୟ ରାଜ୍ୟରେ ଲୋକଲୋଚନକୁ ଆସିଛି। ଏହି ପରିପ୍ରେକ୍ଷୀରେ ରାଜନଗର ଅଞ୍ଚଳରୁ ପରିପ୍ରକାଶ ପାଉଥିବା ରାଜ୍ୟସ୍ତରୀୟ ସାହିତ୍ୟ ପତ୍ରିକା 'ବାଟୋଇ' ରାଜନଗରରେ ଉନ୍ମୋଚିତ ହୋଇ ଯାଇଛି। ଉଦଘାଟକ ପ୍ରଫେସର ନଟବର ଶତପଥୀ, ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟିକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଡ଼. ବାବାଜୀ ପଟ୍ଟନାୟକ, ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟିକ, ସମ୍ମାନୀତ ଅତିଥି ନିରାକାର ଦାସ, ବରେଣ୍ୟ କବି ଓ ସାହିତ୍ୟିକ, ସମ୍ମାନୀତ ଅତିଥି ଶତ୍ରୁଘନ ପାଣ୍ଡବ, ବିଶିଷ୍ଟ କବି ଓ ସାହିତ୍ୟିକ, ସମ୍ମାନୀତ ଅତିଥି ଶରତ ଚନ୍ଦ୍ର ମହାପାତ୍ର, ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟିକ, ସଭାରେ ଅଧ୍ୟକ୍ଷତା କରୁଥିଲେ ହେମନ୍ତ କୁମାର ରାଉତ , ବିଶିଷ୍ଟ କବି ଓ ସାହିତ୍ୟିକ। ସଂପାଦକ କବି ଶତ୍ରୁଘନ ତରାଇ ସ୍ୱାଗତ ଭାଷଣ ଦେଇଥିଲେ। ସହ ସଂପାଦକ ନୃସିଂହ ଚରଣ ତରାଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପତ୍ରିକା ଉନ୍ମୋଚନ କରାଯାଇଥିଲା। ଅଧ୍ୟାପିକା କବି ତନୁଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ହଂସୁଆ କଳାପ୍ରତିଷ୍ଠାନ ର ଛାତ୍ରଛାତ୍ରୀ ମାନେ ଉଦଘାଟନୀ ସଂଗୀତ ଗାଇଥିଲେ । ନିରଞ୍ଜନ ଶତପଥି, ବାବାଜୀ ଧଳ,ସୁକାନ୍ତ ତ୍ରିପାଠୀ, ଭବାନୀ ମହାପାତ୍ର, ବିମଳା ସେନ, ଅଧ୍ୟାପକ ଘନ ମିଶ୍ର , ନିରଞ୍ଜନ ଦାଶ, ସୁଶାନ୍ତ ଦାଶ, ହେମନ୍ତ ବାରିକ, ଦିଲ୍ଲୀପ ସାହୁ ପ୍ରଭୃତି ସଭାରେ ଉପସ୍ଥିତ ଥିଲେ।

# ଦିବ୍ୟାଙ୍ଗଙ୍କୁ ୩ଚକିଆ ସାଇକେଲ ପ୍ରଦାନ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ରେତୁଆପଞ୍ଚାୟତ ର ଦିବ୍ୟାଙ୍ଗ ବ୍ୟକ୍ତି ଇଲାବନ୍ତ ଦାସଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ଏକ ୩ ଚକିଆ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ଇଲାବନ୍ତଙ୍କ ଗୋଡ ଖରାପ ଥିବାରୁ ଚାଲିବା ବୁଲିବାରେ ଅସୁବିଧା ହେଉଥିଲା।ଏହି ସାଇକେଲ ପ୍ରଦାନ ରେ ବ୍ଲକ ଅତିରିକ୍ତ ବି ଡି ଓ ଜ୍ଞାନଦା ନାୟକ,ସହକାରୀ ଯନ୍ତ୍ରୀ ସୁଚିସ୍ମିତା ବେହେରା,ଗୁରୁ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ମିଳିତ ଜନଶୁଣାଣି ଶିବିର

ଭଦ୍ରକ (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଆୟୋଜନ କାର୍ଯ୍ୟସୂଚୀ ଅନୁଯାୟୀ ନଭେମ୍ବର ୧୧ ସୋମବାର ଦିନ ବାସୁଦେବପୁର ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି। ଟାଉନ୍‌ହଲ, ବାସୁଦେବପୁରରେ ଆୟୋଜିତ ଏହି ଶିବିରରେ ଯୋଗଦେଇ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଭଦ୍ରକ ଏସ୍‌ପି. ମାଡ଼କର ସନ୍ଦୀପ ସମ୍ପତ ସମୁଦାୟ ୨୧୩ ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୧୯୮ ଟି ବ୍ୟକ୍ତିଗତ ଓ ୧୫ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଏଥି ମଧ୍ୟରେ ରେଡ୍‌କ୍ରସ୍ ସମ୍ବନ୍ଧୀୟ ଜଣେ ଆବେଦନକାରୀଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବାସୁଦେବପୁର ବି.ଡ଼ି.ଓ. ସଂଜିବ୍ କୁମାର ସାହୁ ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଡେପୁଟୀ କଲେକ୍ଟର ତନ୍ମୟ କୁମାର ଜେନା, ବାସୁଦେବପୁର ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ବାସୁଦେବପୁର ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ଉପସ୍ଥାପନା ଓ ଶିବିର ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଜିଲ୍ଲାସ୍ତରୀୟ ଏବଂ ଉକ୍ତ ବ୍ଲକସ୍ତରୀୟ ଅଧିକାରୀମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗ ସବୁ ସମାଧାନ ନେଇ ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ଉପସ୍ଥାପନ କରିଥିଲେ। ଆବାସ ଯୋଜନା, ବିଭିନ୍ନ ଭତ୍ତା ମଞ୍ଜୁରୀ, ବାତ୍ୟାରେ ଘର ଭାଙ୍ଗିବା, ଜମିଜମା ଆଦି ସଂକ୍ରାନ୍ତୀୟ ବିଭିନ୍ନ ବିଭାଗ ସଂପୃକ୍ତ ଅଭିଯୋଗର ନିୟମାନୁଯାୟୀ ସମାଧାନ ପାଇଁ ଜିଲ୍ଲାପାଳ ଶିବିରରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।



# ଆମ କଳାହାଣ୍ଡି



ପୃଷ୍ଠା-୧୫
Page-15
ଶୁକ୍ରବାର, ୧୫ ନଭେମ୍ବର ୨୦୨୪
ଓଡ଼ିଶା ଭାସ୍କର, ଭୁବନେଶ୍ୱର




# ଚଳିତ ବର୍ଷ ଇନ୍ଦ୍ରାବତୀରୁ ଜଳଯୋଗାଣ ବନ୍ଦ !

## ଚାଷୀଙ୍କ ଭିତରେ ଅସନ୍ତୋଷ



ଧର୍ମଗଡ଼, (ଭାସ୍କର ନ୍ୟୁଜ): ଚଳିତ ବର୍ଷ ରବି ଚାଷ ପାଇଁ ଜଳ ଯୋଗାଣ ବନ୍ଦ ହେବା ନେଇ ସରକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟରୁ ଧର୍ମଗଡ଼ ଉପର ଇନ୍ଦ୍ରାବତୀ କେନାଲ ଉପଖଣ୍ଡ ନଂ-୧ ଅଧୀନ ସମସ୍ତ ପାଣି ପଞ୍ଚାୟତକୁ ଚିଠି ଲେଖିଛି । ଯାହାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଛି । କାର୍ଯ୍ୟାଳୟ ଚିଠି ସଂଖ୍ୟା ୭୪ ତାରିଖ ୧୨-୧୧-୨୦୨୪ ଅନୁଯାୟୀ ଚଳିତ ବର୍ଷରେ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଆବଶ୍ୟକ ଠାରୁ କମ୍ ପାଣି ରହିଥିବା ଯୋଗୁ ଜଳ ଯୋଗାଣ ସମ୍ଭବ ନଥିବା ଦର୍ଶା ଯାଇଛି । ହେଲେ ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷରେ ବର୍ଷା ପରିମାଣ ଭଲ ହୋଇ ହିଁ ରବି ଚାଷ ପାଇଁ ଜଳ ଯୋଗାଣ ବିଭାଗ ବନ୍ଦ କରିବା ଚାଷୀମାନଙ୍କୁ ଚିନ୍ତାରେ ପକେଇଛି । ଚାଷୀଙ୍କ କହିବା ମତେ ଚଳିତ ରବିଚାଷ ପାଇଁ ଚାଷୀ ଆଗୁଆ ସବୁ ପ୍ରସ୍ତୁତି ରଖିଛି । ଏପରିକି ପ୍ରଥମ ପର୍ଯ୍ୟାୟ ଧାନ ଅମଳ କରି ରବି ଚାଷ ପାଇଁ ମଣ୍ଡିକୁ ଅପେକ୍ଷା ନ କରି ଦଲାଲ ହାତରେ ଧାନ କ୍ରୟ କରି ବିହନ ଖତ ସାର ଆଦି ଯୋଗାଡ଼ କରି ରଖିଛି । ଅନ୍ୟପଟେ ଧର୍ମଗଡ଼ ଉପଖଣ୍ଡ ବାମ କେନାଲ ଅଧୀନ ଚାଷୀ ଖରିଫ ଚାଷ କରି କ୍ଷତି ହେବା ଢେର ଆଶଙ୍କା ରହିଛି । ଶେଷ ମୁହୂର୍ତ୍ତ ବେଳକୁ ବର୍ଷା ଅଭାବ ଦେଖା ଦେଇ ଧାନ ଚାଷରେ ବିଭିନ୍ନ ପ୍ରକାର ରୋଗ ପୋକ ଲାଗି ନଷ୍ଟ ହେବା ନଜିର ରହିଛି । ଅଧିକାଂଶ ସ୍ଥାନରେ ବିପିଏଚ୍ ଭଳି ରୋଗ ପୋକ ଲାଗି ଧାନ ଯଥେଷ୍ଟ ନଷ୍ଟ ହୋଇଥିବା ଜଣାପଡ଼ିଛି । ତାର କ୍ଷତିଭରଣ କରିବାକୁ ଯାଇ ରବି ଚାଷ ଉପରେ ନିର୍ଭର କରିଥିବା ଚାଷୀ ଏବେ ଜଳ ଯୋଗାଣ ବନ୍ଦ ହେବା ଖବର ଶୁଣି ଚାଷୀଙ୍କୁ ଏକ ପ୍ରକାର ଆଘାତ ପହଞ୍ଚାଇଛି । ଚଳିତ ବର୍ଷ ଅପେକ୍ଷା ଗତ ବର୍ଷ କଳାହାଣ୍ଡିରେ ମରୁଡ଼ି ପରିସ୍ଥିତି ଉପୁଜି ଥିଲା । ବର୍ଷା ଅଭାବରେ ବି ଇନ୍ଦ୍ରାବତୀ ଜଳ ଭଣ୍ଡାରରୁ ପାଣି ଛଡ଼ା ଯାଇ ରବି ଚାଷ କରି ଚାଷୀ ଦ୍ୱି ଫସଲ ଲାଭବାନ ହୋଇଥିଲେ । ହେଲେ ଚଳିତ ବର୍ଷ ଠିକ୍ ପରିମାଣରେ ବର୍ଷା ହୋଇଥିଲେ ବି ବିଭାଗ ଜଳଭଣ୍ଡାରରେ ପାଣି ଅଭାବ ଦର୍ଶାଇବା, ରବି ଚାଷ ପାଇଁ ଜଳ ଯୋଗାଣ ବନ୍ଦ ରଖିବା କୋଉଠି ନା କୋଉଠି ସନ୍ଦେହ ପ୍ରକାଶ କରିଛି ଚାଷୀ । ବିଭାଗ ପୁନଃ ବିଚାର କରି ଜଳ ଯୋଗାଣ ବ୍ୟବସ୍ଥା କଲେ ଚାଷୀ ଉପକୃତ ହୋଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଏନେଇ ଧର୍ମଗଡ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ରୋକ ଠୋକ ଭାବେ ଜଳଭଣ୍ଡାରରେ ପାଣି ଅଭାବ କାରଣରୁ ଛଡ଼ା ଯିବ ନାହିଁ ବୋଲି ପ୍ରକାଶ କରିଥିଲେ ।

# ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା ପ୍ରସାର ପାଇଁ କର୍ମଶାଳା




ଭବାନୀପାଟଣା, (ଭାସ୍କର ନ୍ୟୁଜ): ରାଜ୍ୟରେ ଶିକ୍ଷାର ଉନ୍ନତିକରଣ ପାଇଁ କାମ କରିଆସୁଥିବା ଅଗ୍ରଣୀ ବେସରକାରୀ ସଂସ୍ଥା 'ଓଡ଼ିଶା ରାଇଜିଙ୍ଗ ଫାଉଣ୍ଡେସନ୍' ଏବଂ କଳାହାଣ୍ଡି ଜିଲ୍ଲା ଯୋଜନା ଓ ମନିଟରିଂ ବିଭାଗର ମିଳିତ ସହଯୋଗରେ ୧୩ତାରିଖ ବୁଧବାର ଦିନ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ସ୍ଥାନୀୟ ଜିଲ୍ଲା ଯୋଜନା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା । ଓଡ଼ିଶା ରାଇଜିଂ ଷ୍ଟାର ଫାଉଣ୍ଡେସନର ବରିଷ୍ଠ କାର୍ଯ୍ୟକ୍ରମ ପରିଚାଳକ ସାଗରିକା ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ଶିକ୍ଷା ସମ୍ବାଦ: ଏସ୍ ଡିଜି-୪ ମାଧ୍ୟମରେ ଷ୍ଟେମ ଶିକ୍ଷାକୁ ଶକ୍ତିଶାଳୀ କରିବା' ଶୀର୍ଷକ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଏଡିଏମ୍ ତନ୍ମୟ କୁମାର ଦରଓ୍ୱାନ୍ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଅନ୍ୟତମ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଡିପିଏମ୍ ୟୁର ଡେପୁଟି ଡାଇରେକ୍ଟର ଶ୍ରୀକାନ୍ତ ଦଳାଇ, ଡିପିଏମ୍ୟୁ କଳାହାଣ୍ଡିର ମନିଟରିଂ, ପ୍ଲାନିଂ ଏବଂ ଲର୍ଣ୍ଣିଂ ଏକ୍ସପର୍ଟ ଡ. କୁମୁଦିନୀ ମିଶ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡ଼ା. କୁମୁଦିନୀ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଓ ମ୍ୟାଥମେଟିକ୍ସ (ଷ୍ଟେମ) ଶିକ୍ଷାର ଉନ୍ନତି ନିମନ୍ତେ ଓଡ଼ିଶା ରାଇଜିଂ ଫାଉଣ୍ଡେସନ କଳାହାଣ୍ଡି ଜିଲ୍ଲା ଶିକ୍ଷାବିଭାଗ ସହଯୋଗରେ କାମ କରିବ ବୋଲି ପ୍ରକାଶ କରିଥିଲେ । ଓଡ଼ିଶା ରାଇଜିଂ ଫାଉଣ୍ଡେସନର ବରିଷ୍ଠ କର୍ମକର୍ତ୍ତା ସାଗରିକା ରାୟ ତାଙ୍କ 'କି ନୋଟ୍' ଭାଷଣରେ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟକ୍ରମ 'ଶିକ୍ଷାଗ୍ରହ' ସମ୍ପର୍କରେ ବିଶଦ୍ ଆଲୋଚନା କରିବା ସହ ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ କର୍ମକର୍ତ୍ତା ତଥା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ମଧ୍ୟ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଥିଲେ ଓ 'ଶିକ୍ଷାଗ୍ରହ' ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟଗୁଡିକ ସମ୍ବନ୍ଧରେ ବିଭିନ୍ନ ସୂଚନା ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଏଡିଏମ୍ ତନ୍ମୟ କୁମାର ଦରଓ୍ୱାନ୍ ଜିଲ୍ଲାରେ 'ଶିକ୍ଷାଗ୍ରହ' ପ୍ରକଳ୍ପର ଶୁଭାରମ୍ଭ କରିବା ସହ ଶିକ୍ଷାଦାନ ଓ ଶିକ୍ଷା ଲାଭ ପ୍ରତି ଆମ୍ଭମାନଙ୍କର ଥିବା ମାନସିକତାର ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । ଓଡ଼ିଶା ରାଇଜିଂ ଫାଉଣ୍ଡେସନର ଉଚ୍ଚ ପ୍ରଶଂସା କରି ଜିଲ୍ଲା ପ୍ରଶାସନର ସହଯୋଗ ରହିବ ବୋଲି କହିଥିଲେ । ବିଶେଷ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, 'ଷ୍ଟେମ' ଶିକ୍ଷାର ଅଭିନବ ପଦକ୍ଷେପ ଉପରେ ଗୁରୁତ୍ୱ ଆରୋପ କରି ଓଡ଼ିଶା ରାଇଜିଂ ଫାଉଣ୍ଡେସନ କଳାହାଣ୍ଡି ଜିଲ୍ଲା ଶିକ୍ଷା ବ୍ୟବସ୍ଥାରେ ଏକ ନୂତନ ଫର୍ଦ୍ଦ ଯୋଡିବ ବୋଲି ଆଶା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ, ଶ୍ରୀକାନ୍ତ ଦଳେଇ, ଡିପିଏମୟୁ ଉପନିର୍ଦ୍ଦେଶକ (ପ୍ଲାନିଂ ଏବଂ ଷ୍ଟାଟିସ୍ଟିକ୍ସ) ଏବଂ ଏଡିଓ ମିଶ୍ରିତ ଶିକ୍ଷାରେ ସରକାରୀ ଭୂମିକା ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ, ଓଡିଶା ରାଇଜିଙ୍ଗ ଫାଉଣ୍ଡେସନର ଆଦିତ୍ୟ ଆଚାର୍ଯ୍ୟ ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମରେ ବହୁ ଶିକ୍ଷକ ଶିକ୍ଷୟିତ୍ରୀ,ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ତଥା ସଦସ୍ୟମାନେ ଉପସ୍ଥିତ ଥିଲେ ।

# ସୌର ଶକ୍ତି ସମ୍ପର୍କିତ ଦକ୍ଷତା ବୃଦ୍ଧି କର୍ମଶାଳା




ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳରେ ସୌରଶକ୍ତି ଯୋଗାଣ ନିମନ୍ତେ କାମ କରୁଥିବା ବାଙ୍ଗାଲୋରର ସେଲକୋ ଫାଉଣ୍ଡେସନ୍ ଓ କଳାହାଣ୍ଡିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ଜଗତର ମିଳିତ ସହଯୋଗରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ 'ଜୀବନ ଜୀବିକା ବୃଦ୍ଧି ନିମନ୍ତେ ସୌରଶକ୍ତି ହିଁ ଏକ ମାତ୍ର ସ୍ଥାୟୀ ସମାଧାନ' ଶୀର୍ଷକ ଏକ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କଳାହାଣ୍ଡି ଜିଲ୍ଲାପାଳ ସଚିନ ପାଓ୍ୱାର, ଜିଲ୍ଲା ଗ୍ରାମ୍ୟଉନ୍ନୟନ ସଂସ୍ଥା କଳାହାଣ୍ଡିର ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ପାଢ଼ୀ, ଜିଲ୍ଲା ଓ ଏଲ୍ ଏମ୍ ପ୍ରକଳ୍ପ ପରିଚାଳକ ଚନ୍ଦନ ବେହେରା, ଜିଲ୍ଲା ପ୍ରକଳ୍ପ ସଂଯୋଜିକା ପ୍ରମୁଖ ଉପସ୍ଥିତ ରହି ଜୀବନ ଜୀବିକାର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସୌରଶକ୍ତିର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ୧୩ ଗୋଟି ବ୍ଲକର ସମସ୍ତ ଓଏଲ୍ଏମ୍ ପ୍ରୋଗ୍ରାମ ସଂଯୋଜକ, ଆର୍‌ପିଏମ୍‌ବିକେ, ମିଶନ ଶକ୍ତିର ଉଦ୍ୟୋଗୀ ତଥା ମିଶନ ଶକ୍ତିର ମା'ମାନେ ମିଶି ମୋଟ ୧୮୦ ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ କାରୀ ଉପସ୍ଥିତ ରହି ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗ ନେଇ ସୌରଶକ୍ତିର ବ୍ୟବହାର ଓ ଏହାର ମୂଲ୍ୟ ସମ୍ପର୍କରେ ପଚାରି ବୁଝିଥିଲେ । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାକୁ କିପରି ଆଗାମୀ ଦିନରେ ସୌରଶକ୍ତି ଆଧାରିତ ବିକଶିତ ଜିଲ୍ଲାରେ ପରିଣତ କରାଯାଇପାରିବ ସେ ସମ୍ପର୍କରେ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ସେଲକୋ ଫାଉଣ୍ଡେସନର ପ୍ରକଳ୍ପ ପରିଚାଳକ ଅନୁରଞ୍ଜନ ମିଞ୍ଜ ,ଜିଲ୍ଲା ପ୍ରକଳ୍ପ ସଂଯୋଜିକା ସୁଶ୍ରୀ ସ୍ୱାଗତିକା ନାୟକ, ସେବା ଜଗତର ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସହିତ କାର୍ଯ୍ୟକାରୀ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଶେଷରେ ଓଏଲଏମ୍ ଜିଲ୍ଲା ପ୍ରୋଗ୍ରାମ ପରିଚାଳକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପି ପକ୍ଷରୁ ସଦସ୍ୟତା ଅଭିଯାନ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ବ୍ଲକ ନୂଆଗାଁ ପଞ୍ଚାୟତର ଧାନମଣ୍ଡି ଠାରେ ବିଜେପି ପକ୍ଷରୁ ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ପ୍ରଭାରୀ ଜୟନ୍ତ ସିଂ, କେଗାଁ ମଣ୍ଡଳ ସଭାପତି ଲିଙ୍ଗରାଜ ଭୋଇ, ବ୍ଲକ ସଭାନେତ୍ରୀ ଚମ୍ପାବତୀ ସାହୁ, ପୂର୍ବତନ କେଗାଁ ମଣ୍ଡଳ ସଭାପତି ଦୁର୍ଦାକ୍ଷ ପୁଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କେଗାଁ ମଣ୍ଡଳରେ ଥିବା ଦଶଟି ପଞ୍ଚାୟତ ସମସ୍ତ ବିଜେପି କର୍ମୀ, ପଞ୍ଚାୟତ ପ୍ରମୁଖ, ବୁଥ୍ ଲେବୁଲ ସଭାପତିମାନଙ୍କୁ ଶ୍ରୀ ମେହେର ଏବଂ ଶ୍ରୀ ମହାନନ୍ଦ ଏକ୍ଟିଭ ସଦସ୍ୟ ହେବା ପାଇଁ ଗୁରୁମନ୍ତ୍ର ଦେଇଥିଲେ । ଗୋଟିଏ ବୁଥ୍‌ରେ ପ୍ରାୟ ଚାରିରୁ ପାଞ୍ଚଜଣ ଏକ୍ଟିଭ ସଦସ୍ୟ ହେବାକୁ ଆହ୍ୱାନ ଦେଇଥିବା ବେଳେ ସମସ୍ତ ପଞ୍ଚାୟତର ପ୍ରତି ବୁଥ୍‌ରେ ୧୧ଜଣ ସଦସ୍ୟକୁ ନେଇ ଏକ କମିଟି ଗଠନ କରିବାକୁ ମଧ୍ୟ କହିଥିଲେ । ଏହି ସଦସ୍ୟତା ଅଭିଯାନରେ ମନୋଜ କୁମାର ଅଗ୍ରଓ୍ୱାଲ, ରଜତ ପୁଟେଲ, ଜୟକୃଷ୍ଣ ସାହୁ, ନରେନ୍ଦ୍ର ସରାଫ, ପୃଥ୍ୱୀରାଜ ପ୍ରଧାନ, ବରୁଣ ବେମାଲ ସହ କେଗାଁ ମଣ୍ଡଳ ସମସ୍ତ ବିଜେପି କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ ।



# ଲୁହାରଡ୍ ଚୋରି କରି ୮ କୋର୍ଟଚାଲାଣ




କେସିଙ୍ଗା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧିନସ୍ଥ ଡୁମେର ମୁଣ୍ଡା ଗ୍ରାମସ୍ଥିତ କେସିଙ୍ଗା ଏନ୍ଏସିର ଆବର୍ଜନା ଗୃହଠାରୁ ଲୁହାରଡ୍ ଚୋରି ଘଟଣାରେ କେସିଙ୍ଗା ପୋଲିସ ୮ଜଣ ଚୋରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଗତ ୧୦ ତାରିଖରେ ଚୋରି ହୋଇଥିବା ନେଇ ଗତ ୧୧ ତାରିଖରେ କେସିଙ୍ଗା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ କେନ୍ଦ୍ର କରି କେସିଙ୍ଗା ଥାନାର ଏଏସ୍ଆଇ ଡି.ମୋହନ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଅଭିଯୋଗର ୨୪ ଘଣ୍ଟା ଭିତରେ ବୁଧବାର ଚୋରି ଘଟଣାରେ ସଂପୃକ୍ତ ଥିବା ୮ଜଣ ଯୁବକଙ୍କୁ ଗିରଫ କରାଯାଇଛି । ଗିରଫ ଯୁବକମାନେ ହେଲେ ଛବି ତାଣ୍ଡି(୨୯), କାମଦେବ ସୁନା(୨୦), ଲିଙ୍ଗ ସୁନା (୩୨), ସୁନ୍ଦର ସିଂ ହରିଜନ(୨୩), ଧର୍ମେନ୍ଦ୍ର ହରିଜନ (୩୦), ସୀତାକାନ୍ତ କରୁଆଁ(୨୦), ଜିତେନ୍ଦ୍ର ହରିଜନ(୨୭) ଓ ପ୍ରଫୁଲ୍ଲ ପାୟା ସିଂ (୩୬)। ଏମାନଙ୍କ ମଧ୍ୟରୁ ୭ଜଣ ଦୁମେରମୁଣ୍ଡା ଗ୍ରାମର ବାସିନ୍ଦା ହୋଇଥିବାବେଳେ ଜଣେ ସିରୋଲ ଗାଁର ବୋଲି ଜଣାପଡ଼ିଛି । ସେମାନଙ୍କ ନିକଟରୁ ଚୋରି ହୋଇଥିବା ୭ ବଣ୍ଡଲ ଲୁହାରଡ୍ ଓ ଗୋଟିଏ କଟର ମେଶିନ ଜବତ କରିଛି ପୋଲିସ । ୮ ଜଣ ଚୋରଙ୍କର ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି ।

# ଶ୍ରୀ ଅନ୍ନ ଅଭିଯାନ ପକ୍ଷରୁ କ୍ଷେତ୍ର ଦିବସ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଶ୍ରୀ ଅନ୍ନ ଅଭିଯାନର କାର୍ଯ୍ୟକାରୀ ସଂସ୍ଥା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଓ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ରେଗଡା ପଞ୍ଚାୟତ ରେଗଡା ଠାରେ ବୁଧବାର କ୍ଷେତ୍ର ଦିବସ ପାଳନ ହୋଇଯାଇଛି । ଏହି ଅବସରରେ କର୍ଲାମୁଣ୍ଡା ଖ ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ରେଗଡା ସରପଞ୍ଚ ଦୀପ୍ତିମୟୀ ସାହୁ, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ନାଏବ ସରପଞ୍ଚ ସନ୍ଧ୍ୟା ବାଗ, ଆଇସିଡ଼ିଏସ୍ କର୍ମୀ ସବିତା ମହାନନ୍ଦ, ସାମ୍ବାଦିକ ନବୀନ କିଶୋର ସାହୁ, ଗୋପବନ୍ଧୁ ସାହୁ, ବିପିସି ଜଗଦୀଶ ପ୍ରସାଦ ରଣା, ଏବିପିସି ପ୍ରଦୀପ ସାହୁ, ସିଇଓ ଟଙ୍କଧର ନାଏକ ପ୍ରମୁଖ ଯୋଗଦେଇ କ୍ଷୁଦ୍ର ଶସ୍ୟର ଚାହିଦା ଓ ତାକୁ ଖାଦ୍ୟ ରୂପେ ଗ୍ରହଣ




କରିବା, ଅମଳ ବୃଦ୍ଧି, ଚାଷର ବିଭିନ୍ନ ପଦ୍ଧତି, ମଣ୍ଡିର ବ୍ୟବସ୍ଥା ସହିତ ସରକାରୀ ସ୍ତରରେ ଏଥିପାଇଁ ଥିବା ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ । ଏଥିରେ ଚାଷୀମାନେ ନିଜ ନିଜର ଜମିରେ ମାଣ୍ଡିଆ ଚାଷ କରି ପାଇଥିବା ଲାଭ ଉପରେ ମତ ପ୍ରକାଶ କରିଥିଲେ । ପରେ ନିକଟସ୍ଥ ମାଣ୍ଡିଆ ଚାଷକୁ ଚାଷୀଙ୍କ ଦ୍ୱାରା ପରିଦର୍ଶନ କରାଯାଇଥିଲା । ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ସିଆର୍‌ପି ଜୀବର୍ଦ୍ଧନ ସାହୁ, ଧୁରାବନ ବାଗ, ବାଲ୍ମୀକି ଛତ୍ରିଆ, କମଳ ସୁନା, ପ୍ରବୀଣ ଭୋଇ, ଭାନୁମତି ପଧାନ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗାଁରୁ ଶତାଧିକ ମାଣ୍ଡିଆ ଚାଷୀ ଯୋଗ ଦେଇଥିଲେ ।

# ହାଇବ୍ରିଡ୍ ଫସଲ ପାଇଁ ଜୈବିକ ଚାଷ ପ୍ରଭାବିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାରେ ଜଳସେଚନ ବୃଦ୍ଧି ପାଇଥିବା ବେଳେ ଭଟାମୁଗଠାରୁ ଆରମ୍ଭ କରି ଲହବିରି ପର୍ଯ୍ୟନ୍ତ ପାରମ୍ପରିକ ଚାଷ ଲୋପ ପାଇବାକୁ ବସିଛି । ଜିଲ୍ଲାରେ ୪୨.୦୩ ପ୍ରତିଶତ ଚାଷଜମି ଜଳସେଚିତ ହେବା ପରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଦେଶୀଧାନ ବିଲୁପ୍ତ ହୋଇ ଏହା ବଦଳରେ ହାଇବ୍ରିଡ୍ ଧାନ ନିଜର ଆସ୍ଥାନ ଜମାଇ ସାରିଲାଣି । ଜିଲ୍ଲାରେ ୩ ଲକ୍ଷ ୯୧ ହଜାର ହେକ୍ଟର ଜମିରେ ଚାଷ ହେଉଥିବାବେଳେ ୨ ଲକ୍ଷ ୩୭ ହଜାର ୮୫୬ ହେକ୍ଟର ଭଟା ଜମି, ୮୫ ହଜାର ୨୭୯ ହେକ୍ଟର ବାଇଲି ଜମି ଓ ୭୬ ହଜାର ୮୬୫ ହେକ୍ଟର ବାହାଲ ଜମି ରହିଛି । ଇନ୍ଦ୍ରାବତୀ ପ୍ରକଳ୍ପ ହେବା ପରେ ଜିଲ୍ଲାରେ ଜଳସେଚନ ହାର ବୃଦ୍ଧି ପାଇ ବର୍ତ୍ତମାନ ୪୨.୦୩ ପ୍ରତିଶତରେ ପହଞ୍ଚିଛି । ଜିଲ୍ଲାରେ କୃଷି ଉତ୍ପାଦନ ଦିଗରେ ଜଳସେଚନ ଏକ ପ୍ରମୁଖ ଭୂମିକା ନେଇଛି, ଅନ୍ୟପକ୍ଷରେ ପାରମ୍ପରିକ ଚାଷଗୁଡ଼ିକ ହଜିବାରେ ଲାଗିଛି । ଜିଲ୍ଲାରେ ଭଟାମୁଗ, ଲହବିରି, କୋଳଥ, କାଙ୍ଗୋ, ଗୁର୍ଜି, କୋଶଲା, କାନ୍ଦୁଲ, ମାଣ୍ଡିଆ, କଳାମୁଗ, ଦେଶୀ ମକା, ଖେଡଜନା, ବନକ, ଲାଏଟକନ୍ଦା, ଟେଭା ଭଳି ଚାଷ ବିଲୁପ୍ତ ହେବାରେ ଲାଗିଛି । ଜଳସେଚନ ପରେ ଧାନ ଚାଷ ଉତ୍ପାଦନ ବୃଦ୍ଧି ପାଇଥିବାବେଳେ ଦେଶୀ ଧାନ କିନ୍ତୁ ଜମିରୁ ଗାଏବ ହୋଇଗଲାଣି । ପୂର୍ବରୁ ଜିଲ୍ଲାରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ଦେଶୀ ଧାନ ଚାଷ ହେଉଥିଲା । ବର୍ତ୍ତମାନ କେବଳ ହାଇବ୍ରିଡ୍ ଧାନ ଚାଷ ଯୋଗୁଁ ଅତ୍ୟଧିକ ସାର ଓ କୀଟନାଶକ ବ୍ୟବହାର ଫଳରେ ଜମିର ଉର୍ବରତା ହ୍ରାସ ପାଇବା ସହିତ ଜୈବିକ ଚାଷ ପ୍ରଭାବିତ ହୋଇଛି । ଏଥିଯୋଗୁଁ ଜମିରେ ଆଉ ଜିଆ ଦେଖିବାକୁ ମିଳୁନାହିଁ । ସେହିଭଳି ଦୁର୍ଗମ ଅଞ୍ଚଳରେ କାନ୍ଦୁଲ ଚାଷ ମଧ୍ୟ ପ୍ରଭାବିତ ହେବାରେ ଲାଗିଛି । ପୋଡୁ ଚାଷ ହେଉଥିବା ଅଞ୍ଚଳରେ ଲୋକେ କାନ୍ଦୁଲ ଚାଷ କରୁଥିବାବେଳେ ବର୍ତ୍ତମାନ ଏଥିରୁ ଦୂରେଇ ଗଲେଣି । କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍‌ର ବନ୍ଧାଗାଁ ଅଞ୍ଚଳ କଳା ମୁଗ ପାଇଁ ପରିଚିତ ଥିଲା । ଏବେ କିନ୍ତୁ ସେଠାରେ ଆଉ କଳାମୁଗ ଦେଖିବାକୁ ମିଳୁନାହିଁ । ସେହିଭଳି ପାହାଡ଼ି ଅଞ୍ଚଳରେ ଦେଶୀମକା ବଦଳରେ ଏବେ ହାଇବ୍ରିଡ୍ ମକା ଚାଷ କରାଯାଉଛି । ଡଙ୍ଗର୍ଲା ଅଞ୍ଚଳରେ କଳା କୋଳଥ ଚାଷ ମଧ୍ୟ ଲୋପ ପାଇସାରିଛି । ଏହି ବିଲୁପ୍ତ ପ୍ରଜାତିର ବିଭିନ୍ନ ଚାଷ ହଜି ଯାଉଥିବାବେଳେ ଏହାର ପୁନରୁଦ୍ଧାର ପାଇଁ କାହାର ଆଗ୍ରହ ପ୍ରକାଶ ପାଉନାହିଁ । ଭଟା ଜମିରେ ଲୋକେ ମକା ଓ କପା ଚାଷ କରୁଥିବାବେଳେ ଜଳସେଚିତ ଅଞ୍ଚଳରେ କେବଳ ଧାନଚାଷ କରି ଚାଷୀମାନେ ଅଧିକ ଉତ୍ପାଦନ କରୁଥିବାରୁ ପାରମ୍ପରିକ ଚାଷ ପ୍ରତି ବିମୁଖ ହେବାରେ ଲାଗିଛନ୍ତି । ଜିଲ୍ଲାରେ ଜୈବିକ ଚାଷ ପ୍ରତି ସଚେତନ ସୃଷ୍ଟି କରିବା ଓ ଧାନର ବିକଳ୍ପ ପାଇଁ କୃଷି ବିଭାଗ ପକ୍ଷରୁ ମଧ୍ୟ ଠୋସ୍ ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ କଳାହାଣ୍ଡିର ପାରମ୍ପରିକ ଚାଷ ନିଜର ପରିଚୟ ହଜାଇବାରେ ଲାଗିଛି ।

# ବାର୍ଷିକ ଶିଶୁ ଉତ୍ସବ ଓ 'କୋଟିଏ ହସ' କାର୍ଯ୍ୟକ୍ରମ



ଧର୍ମଗଡ଼, (ଭାସ୍କର ନ୍ୟୁଜ): ଧର୍ମଗଡ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ଜୟନ୍ତପୁର ପଞ୍ଚାୟତ ରଇନଗୁଡ଼ା ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଠାରେ ବାର୍ଷିକ ଶିଶୁ ଉତ୍ସବ ଓ କୋଟିଏ ହସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଙ୍ଗନଓ୍ୱାଡି କର୍ମୀ ଭବାନୀ ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବା ବେଳେ ମଣ୍ଡଳ ପରିଦର୍ଶୀକା ପୂର୍ଣ୍ଣମୀ ସେନାପତି, ଆଶାକର୍ମୀ ପରମା ଦୁରିଆ, ଓ୍ୱାର୍ଡମେମ୍ବର କବିତା ଦୁରିଆ ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମର ମହତ୍ୱ ଓ ତାର ଗୁରୁତ୍ୱ ବିଷୟରେ ଅଙ୍ଗନଓ୍ୱାଡି କର୍ମୀ ବିବରଣୀ ରଖିଥିଲେ । ତାଙ୍କ ଅଭିଭାଷଣରେ ଶିଶୁମାନଙ୍କୁ କିଭଳି ହସ ଫୁଟାଇବା, ମାନସିକ ଶାରୀରକ ସ୍ତରରେ କିଭଳି ସୁଦୃଢ଼ କରିବା ବିଶେଷ କରି ଶିଶୁର ଯତ୍ନ, ବୟସ ଅନୁପାତରେ ଶରୀର ବୃଦ୍ଧି, ସୁସ୍ଥ, ଶବଳ ଓ ଶରୀର ଅଭିବୃଦ୍ଧି ସହ ମାନସିକ ବୃଦ୍ଧି କରିବା ଦିଗରେ ମା'ଙ୍କ ଭୂମିକା ଉପରେ ବୁଝାଇଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତା ମା'ମାନଙ୍କୁ ଉତ୍ସାହ ଯୋଗାଇ ଦେବା ସହ ଶିଶୁମାନଙ୍କ ପ୍ରତି ଯତ୍ନବାନ ମନୋବୃତ୍ତି ଜାଗ୍ରତ ହେବା ମଧ୍ୟରେ ନିଜ ନିଜ ଭିତରେ ସାକାରାତ୍ମକ ପ୍ରତିଦ୍ୱନ୍ଦ ସୃଷ୍ଟି ହୋଇପାରିବ ବୋଲି ମଣ୍ଡଳ ପରିଦର୍ଶୀକା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅଙ୍ଗନଓ୍ୱାଡି କେନ୍ଦ୍ର ସମସ୍ତ ଶିଶୁ ପ୍ରସୂତି ମା', ଯାଞ୍ଚ କମିଟି ସଦସ୍ୟା, ଗାଁ ସାଧାରଣ ମହିଳା, ଅଭିଭାବକ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ରାଶିଫଳ

ଶୁକ୍ରବାର, ୧୫ ନଭେମ୍ବର ୨୦୨୪



**ମେଷ:** ଆଜି ଶୁଭ ଦିନ ହେବ । ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ । ଚାକିରିରେ ପଦୋନ୍ନତିର ସମ୍ଭାବନା । ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି ।



**ବୃଷ:** ଆଜି ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି ।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ । ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।



**ସିଂହ:** ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ ।



**କନ୍ୟା:** ଆଜି ଶୁଭ ଫଳପ୍ରଦ ଦିନ ହେବ । ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ପରିବାରରେ ଖୁସିର ପରିବେଶ ରହିବ ।



**ତୁଳା:** ଆଜି ମିଶ୍ରିତ ଦିନ ହେବ । ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ । କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ ।



**ବିଛା:** ଆଜି କ୍ୟାରିୟର ବିଷୟରେ ଚିନ୍ତିତ ହେବେ । କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ । ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ ।



**ଧନୁ:** ଆଜି ଏକ ସାଧାରଣ ଦିନ ହେବ । ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ ।



**ମକର:** ଆଜି ଏକ ଭଲ ଦିନ ହେବ । ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି । ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଓ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।



**କୁମ୍ଭ:** ଆଜି ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ପରିବାର ସହିତ ସମୟ ଭଲ ବ୍ୟବହାର ହେବ ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯